ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ଜୁଲାଇ ୨୭/୨୦୨୪ (୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, July 27/2024 Page 16 ₹ 7.00 | SAMBALPUR

୫୦ଶ ଭାଗ ୨୪୩ ସଂଖ୍ୟା www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul VOLUME 50 ISSUE 243 ମୂଲ୍ୟ ₹୭/-

ବଦଳିବ ରାହୁଲଙ୍କ ଠିକଣା

ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କୁ ଲୁଟିଏନ୍ସର ସୁନେହରି ବାଗ୍ ରୋଡ୍‌ସ୍ଥିତ ବଙ୍ଗଳା ନମ୍ବର ୫ରେ ରହିବା ପାଇଁ ହାଉସ୍ କମିଟି ପ୍ରସ୍ତାବ ଦେଇଛି।

୧୧

୧୬

ସ୍ମୃତି ମନ୍ଧାନାଙ୍କ ପ୍ରଭାବୀ ବ୍ୟାଟିଂ

ବାଂଲାଦେଶ ବିପକ୍ଷ ମହିଳା ଟି୨୦ ଏସିଆ କପ୍ ସେମିଫାଇନାଲ ବିଜୟ ମ୍ୟାଚରେ ପ୍ରଭାବୀ ଅର୍ଦ୍ଧଶତକ ହାସଲ କରିଛନ୍ତି ଭାରତର ସ୍ମୃତି ମନ୍ଧାନା।

ଫ୍ରାନ୍ସ ରେଳ ନେଟ୍‌ୱର୍କ ଉପରେ ଆକ୍ରମଣ

୨୦୨୪ ଅଲିମ୍ପିକ୍ ଗେମ୍ସ ପାଇଁ ପ୍ୟାରିସ୍ ପ୍ରସ୍ତୁତ ହେଉଥିବାବେଳେ ରାଜଧାନୀରେ ଅଭୂତପୂର୍ବ ସୁରକ୍ଷା ବନ୍ଦୋବସ୍ତ କରାଯାଇଛି। ଏହାସତ୍ତ୍ୱେ ସୁରକ୍ଷାରେ ବଡ଼ ଧରଣର ତ୍ରୁଟି ଦେଖିବାକୁ ମିଳିଛି। ଦୁର୍ବୃତ୍ତମାନେ ୩ଟି ଟ୍ରେନ୍‌ରେ ନିଆଁ ଲଗାଇଦେବା ସହ ରେଳ ନେଟ୍‌ୱର୍କର ତା'ର କାଟିଦେଇଛନ୍ତି। ଏଥିଯୋଗୁ ଟ୍ରେନ୍ ଚଳାଚଳ ବାଧାପ୍ରାପ୍ତ ହେବାରୁ ପ୍ରାୟ ୮ ଲକ୍ଷ ଯାତ୍ରୀ ପ୍ରଭାବିତ ହୋଇଥିବା କୁହାଯାଉଛି।

ପ୍ୟାରିସ୍, ୨୬।୭

ଶୁକ୍ରବାର ଭୋର ୫ଟା ୧୫ ମିନିଟ୍। ଫ୍ରାନ୍ସରେ ଅଲିମ୍ପିକ୍ ଗେମ୍ସ ଶୁଭାରମ୍ଭକୁ ୧୦ ଘଣ୍ଟା ବାକି ଥାଏ। ଦେଶବିଦେଶରୁ ବହୁ କ୍ରୀଡ଼ାବିତ୍ ଓ ଦର୍ଶକ ଭବ୍ୟ ସମାରୋହର ଉଦ୍‌ଘାଟନୀ ସ୍ଥଳରେ ପହଞ୍ଚିବାରେ ଲାଗିଥାନ୍ତି। ଦେଶର ଟ୍ରେନ୍ ନେଟ୍‌ୱର୍କ ଉପରେ ବଡ଼ ଆକ୍ରମଣ ହେଲା। ଉପଦ୍ରବୀମାନେ ଅନେକ ସ୍ଥାନରେ ରେଳପଥକୁ ଭାଙ୍ଗିଦେଲେ। କେତେକ ଟ୍ରେନ୍‌ରେ ଜଳାପୋଡ଼ା ଓ ଭଙ୍ଗାରୁଜା କରିବା ସହ ଟିଜିଭି ହାଇସ୍ପିଡ୍ ଟ୍ରେନ୍ ନେଟ୍‌ୱର୍କର ତାରଗୁଡ଼ିକରେ ନିଆଁ ଲଗାଇ ବିଚ୍ଛିନ୍ନ କରିଦେଲେ। ଫଳରେ ରାଜଧାନୀ ପ୍ୟାରିସ୍ ସହ ଫ୍ରାନ୍ସ ଏବଂ ପଡ଼ୋଶୀ ଦେଶଗୁଡ଼ିକୁ ଯୋଡୁଥିବା ରେଳ ପରିବହନ ବ୍ୟବସ୍ଥା ଅନେକ ଘଣ୍ଟା ଧରି ଠପ୍ ହୋଇଯାଇଥିଲା। ଉପଦ୍ରବୀଙ୍କ ଉଦ୍ଦେଶ୍ୟ ସମ୍ପର୍କରେ ବିସ୍ତୃତ ବିବରଣୀ ☞ପୃଷ୍ଠା–୪

ଆସି ନ ଥିଲେ ମଧ୍ୟ ଅଧିକାରୀମାନେ ଏହାକୁ 'ଆପରାଧିକ କାର୍ଯ୍ୟ' ବୋଲି ଅଭିହିତ କରିଛନ୍ତି। ଏହି କାଣ୍ଡ ଭିଆଇଥିବା ନେଇ କୌଣସି ଗୋଷ୍ଠୀ ନିଜକୁ ଦାୟୀ କରିନାହାନ୍ତି। ଏଥିରେ କେହି ମୃତାହତ ମଧ୍ୟ ହୋଇନାହାନ୍ତି। ଫ୍ରାନ୍ସ ପରିବହନ ମନ୍ତ୍ରୀ ପାଟ୍ରିସ୍ ଭେରଗ୍ରିଏଟେ କହିଛନ୍ତି, ପ୍ୟାରିସ୍‌ର ମୋଣ୍ଟପର୍ସନାସେ ଷ୍ଟେଶନ୍ ସମେତ ୩ଟି ସ୍ଥାନରେ ଟ୍ରେନ୍‌ରେ ନିଆଁ ଲଗାଇ ଦିଆଯାଇଥିଲା। ଅପରାଧୀମାନଙ୍କୁ ଧରିବା ପାଇଁ ଗୋଇନ୍ଦା ସଂସ୍ଥାଗୁଡ଼ିକ ଉଦ୍ୟମ ଚଳାଇଛନ୍ତି। ଏହି ଅପରାଧରେ ଦୋଷୀ ସାବ୍ୟସ୍ତ ହେଲେ ସମ୍ପୃକ୍ତ ବ୍ୟକ୍ତିମାନେ ୧୫ରୁ ୨୦ ବର୍ଷ ପର୍ଯ୍ୟନ୍ତ ଜେଲ ଦଣ୍ଡ ଭୋଗିବେ ବୋଲି ପ୍ରଧାନମନ୍ତ୍ରୀ ଗାବ୍ରିଏଲ୍ ଅଟ୍ଟଲ ସୂଚନା ଦେଇଛନ୍ତି। ଏସ୍‌ଏନ୍‌ସିଏଫ୍ ରେଳ କମ୍ପାନୀ ସିଇଓ ☞ପୃଷ୍ଠା–୪

ଫ୍ରାନ୍ସର ଗେର୍ ଡୁ ନର୍ଡ ଷ୍ଟେଶନରେ ଯାତ୍ରୀମାନେ ଫସି ରହିଛନ୍ତି।

ଆଳୁ ଅଭାବ: ଦର ବଢ଼ିଲା

ଅତ୍ୟାବଶ୍ୟକ ସାମଗ୍ରୀ ଆଳୁର ଦର ସପ୍ତାହକ ମଧ୍ୟରେ ୫୦ ଟଙ୍କା ଛୁଇଁଲାଣି। ଖାଉଟି ହନ୍ତସନ୍ତ ହେଲେଣି। ଦୋକାନୀଙ୍କୁ ପଚାରିବାରୁ ଉତ୍ତର ମିଳୁଛି 'ଆଳୁ ଅଭାବ'। ପଶ୍ଚିମବଙ୍ଗ ସରକାର ଯୋଗାଣ ବନ୍ଦ କରିଦେଇଥିବାରୁ ଦର ଆକାଶଛୁଆଁ ହୋଇଯାଇଛି। ଏପରିକି ଗୁରୁବାର ରାତିରୁ ଓଡ଼ିଶା ସୀମାନ୍ତ ମେଦିନୀପୁର ଦାନ୍ତୁନଠାରେ ଶତାଧିକ ଆଳୁ ଟ୍ରକ୍ ଓଡ଼ିଶାମୁହାଁ ହୋଇଥିବାବେଳେ ଶୁକ୍ରବାର ପଶ୍ଚିମବଙ୍ଗ ପ୍ରଶାସନ ପୋଲିସ ଲଗାଇ ସବୁ ଗାଡ଼ିକୁ ଫେରାଇନେଇଛି। ଏପଟେ ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି, ୩୨ ଟଙ୍କାରୁ ଅଧିକ ଦରରେ ଆଳୁ ବିକ୍ରି କରାଗଲେ ସମ୍ପୃକ୍ତ ଦୋକାନୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହେବ। ପଶ୍ଚିମବଙ୍ଗରେ ବ୍ୟବସାୟୀ ମହାସଂଘ କରିଥିବା ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିବାରୁ ଖୁବ୍ ଶୀଘ୍ର ସମସ୍ୟାର ସମାଧାନ ହେବ ବୋଲି ଆଶା କରାଯାଉଛି। ଆବଶ୍ୟକ ପଡ଼ିଲେ ଉତ୍ତରପ୍ରଦେଶରୁ ଆଳୁ ଆମଦାନୀ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି। ଅପରପକ୍ଷେ ଅଚଳାବସ୍ଥା ଦୂରକରି ତୁରନ୍ତ ଆଳୁ ଯୋଗାଇଦେବାକୁ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ଚିଠି ଲେଖିଛନ୍ତି।

ଭୁବନେଶ୍ୱର, ୨୬।୭(ସୁନିତ୍ ମିଶ୍ର)

ସପ୍ତାହକ ମଧ୍ୟରେ ଆଳୁ ଦର ୧୫ ଟଙ୍କାରୁ ଅଧିକ ବୃଦ୍ଧି ପାଇସାରିଲାଣି। ଆଳୁ ଏବେ କେଉଁଠି ୪୫ ଟଙ୍କା ତ ଆଉ କେଉଁଠାରେ ୫୦ ଟଙ୍କାରେ ଲୋକମାନଙ୍କୁ କିଣିବାକୁ ପଡୁଛି। କିଛି ସ୍ଥାନରେ ଖୁଚୁରାରେ ୫୫ ଟଙ୍କାରେ ମଧ୍ୟ ବିକ୍ରି ହେଉଥିବା ଖବର ମିଳୁଛି। ଏସବୁ ସ୍ଥିତି ଦେଖି ଗ୍ରାହକମାନଙ୍କ ମଧ୍ୟରେ ଛନକା ସୃଷ୍ଟି ହେଲାଣି। ଖୋଲା ବଜାରରେ ଆଳୁ ବିକ୍ରି କରୁଥିବା ବ୍ୟବସାୟୀମାନଙ୍କ କହିବା କଥା, ପାଇକାରୀ ବଜାରରେ ପର୍ଯ୍ୟାପ୍ତ ଆଳୁ ମିଳୁନାହିଁ। ତେଣୁ ଉଚ୍ଚା ଦରରେ ଆଳୁ କିଣିବାକୁ ପଡୁଛି। ମିଳୁଥିବା ଆଳୁ ପ୍ୟାକେଟରୁ ବହୁ ପରିମାଣର ପଚାଶଡ଼ା ବାହାରୁଛି। ତେଣୁ ବାଧ୍ୟହୋଇ ଅଧିକ ଦାମ୍‌ରେ ଆଳୁ କିଣିବାକୁ ପଡୁଛି। ଆଳୁ ଦର ବୃଦ୍ଧି ସମସ୍ୟା ଉପୁଜିବା ପରେ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଶୁକ୍ରବାର ଆଇଗିଣିଆ ଆଳୁ ଗୋଦାମକୁ ଯାଇ ସ୍ଥିତି ଯାଞ୍ଚ କରିଛନ୍ତି। ଏହା ପରେ ମନ୍ତ୍ରୀ କହିଛନ୍ତି, ଏବେ ଯେତିକି ଆଳୁ ମହଜୁଦ ରହିଛି, ତାହା ଆସନ୍ତା ୭ ଦିନ ପର୍ଯ୍ୟନ୍ତ ଚାଲିବ।

ଅନ୍ୟପଟେ ପଶ୍ଚିମବଙ୍ଗରୁ ପ୍ରତ୍ୟେକ ଦିନ ଶତାଧିକ ଆଳୁ ବୋଝେଇ ଟ୍ରକ୍ ଓଡ଼ିଶା ଆସୁଥିବା ବେଳେ ତାହା ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। ପଶ୍ଚିମବଙ୍ଗ–ଓଡ଼ିଶା ସୀମାନ୍ତ ଅଞ୍ଚଳରେ ଶତାଧିକ ଆଳୁ ବୋଝେଇ ଟ୍ରକ୍ ଅଟକାଇ ରଖି ଦିଆଯାଇଥିଲା। ଟ୍ରକ୍ ଧରି ଓଡ଼ିଶା ଆସିବାକୁ ☞ପୃଷ୍ଠା–୪

ଆଳୁ ଦର କେଉଁଠି କେତେ (ଟଙ୍କାରେ)

ଭୁବନେଶ୍ୱର ୧ନଂ ହାଟ	୪୨
କଟକ ଛତ୍ରବଜାର	୫୦
ବାଲେଶ୍ୱର	୫୫
ସମ୍ବଲପୁର	୪୫
ବ୍ରହ୍ମପୁର	୪୦
ବଲାଙ୍ଗୀର	୫୦
ଫୁଲବାଣୀ	୪୦
କେନ୍ଦ୍ରାପଡ଼ା	୪୦
ରାୟଗଡ଼ା	୪୦

ଓଡ଼ିଶା ସୀମାନ୍ତରୁ ଫେରିଗଲା ଶତାଧିକ ଆଳୁ ଟ୍ରକ୍

ଭୋଗରାଇ(ପ୍ରଦୀପ ଦାସ)/ଜଳେଶ୍ୱର (ରବିନାରାୟଣ ପାତ୍ର), ୨୬।୭

ବାହାର ରାଜ୍ୟକୁ ଆଳୁ ରପ୍ତାନୀ ଉପରେ ପଶ୍ଚିମବଙ୍ଗ ସରକାର କଟକଣା ଲଗାଇବା ଯୋଗୁ ଓଡ଼ିଶାରେ ଆଳୁ ଅଭାବ ଦେଖାଦେଇଛି। ସପ୍ତାହେ ପୂର୍ବରୁ ଓଡ଼ିଶାର ହାଟବଜାରରେ ଆଳୁ କେଜି ପ୍ରତି ୩୦ରୁ ୩୫ ଟଙ୍କାରେ ବିକ୍ରି ହେଉଥିବା ବେଳେ ହଠାତ୍ ମୂଲ୍ୟବୃଦ୍ଧି ଘଟି ୪୫ରୁ ୬୦ଟଙ୍କା ଊର୍ଦ୍ଧ୍ୱରେ ବିକ୍ରି ହେଉଛି। ଗୁରୁବାର ରାତିରୁ ଓଡ଼ିଶା ସୀମାନ୍ତ ପଶ୍ଚିମବଙ୍ଗ ☞ପୃଷ୍ଠା–୪

ଓଡ଼ିଶା ସୀମାନ୍ତରେ ଅଟକି ରହିଥିବା ଆଳୁ ବୋଝେଇ ଟ୍ରକ୍‌କୁ ପଶ୍ଚିମବଙ୍ଗ ପ୍ରଶାସନ ଫେରାଇ ନେଉଛି।

ନାଚ ଶିଖାଉଥିବାବେଳେ ଚଳିପଡ଼ିଲେ ନେପା ସାର୍

ପୀତବାସ ନାୟକ

ବନ୍ତ/ଯାଜପୁରରୋଡ୍, ୨୬।୭ (ହରିନାରାୟଣ ମହାନ୍ତି/ପବିତ୍ର ରଞ୍ଜନ ମହାନ୍ତି)

ଆଖଡ଼ାଶାଳାରେ ନାଚ ଶିଖାଉଥିବାବେଳେ ହଠାତ୍ ଚଳିପଡ଼ିଛନ୍ତି ନୃତ୍ୟ ନିର୍ଦ୍ଦେଶକ। ଅନ୍ୟ କଳାକାରମାନେ କିଛି ବୁଝି ନ ପାରି ଯନ୍ତ୍ରଣାରେ ଛଟପଟ ହେଉଥିବା ନିର୍ଦ୍ଦେଶକଙ୍କୁ ଡାକ୍ତରଖାନା ନେଇଥିବାବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ଉକ୍ତ ନୃତ୍ୟ ନିର୍ଦ୍ଦେଶକ ହେଲେ ଭଦ୍ରକ ଜିଲା ବନ୍ତ ବ୍ଲକ ଅଧୀନ ବନ୍ତ ପଞ୍ଚାୟତ ଗଭରପୁର ଗ୍ରାମର ପୀତବାସ ନାୟକ(୫୨)। ସେ ଯାତ୍ରା ଜଗତରେ ନେପା ସାର୍ ଭାବେ ପରିଚିତ। ନେପାସାର୍ ଶୁକ୍ରବାର ସକାଳେ ଯାଜପୁର ଜିଲାର ଷଠିପୁର ବ୍ରଜନଗରଠାରେ ଆଖଡ଼ାଶାଳାରେ ଯାତ୍ରା ଯାଜ୍ଞସେନୀରେ 'ଆଖିର ଦୋଷ ନାଁ ଲୁହର ଦୋଷ' ନାଟକରେ ନୃତ୍ୟ ନିର୍ଦ୍ଦେଶନା ଦେଉଥିବାବେଳେ ☞ପୃଷ୍ଠା–୪

କେନ୍ଦୁଝର, ସୋନପୁରରେ ହେବ ଇଏସ୍‌ଆଇ ହସ୍ପିଟାଲ

ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ

ଭୁବନେଶ୍ୱର, ୨୬।୭(ଅନିଲ ଦାସ)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁକ୍ରବାର ୨ଟି ନୂଆ ଇ.ଏସ୍.ଆଇ. ହସ୍ପିଟାଲ ସ୍ଥାପନ ପ୍ରସ୍ତାବକୁ ଅନୁମୋଦନ ଦେଇଛନ୍ତି। ଏହି ୨ ହସ୍ପିଟାଲ କେନ୍ଦୁଝର ଓ ସୋନପୁର ସହରରେ ପ୍ରତିଷ୍ଠା ହେବ। ଏହାଦ୍ୱାରା ସ୍ଥାନୀୟ ଅଞ୍ଚଳର ଶ୍ରମିକ ଶ୍ରେଣୀର ଲୋକ ଓ ସେମାନଙ୍କ ପରିବାର ଉତ୍ତମ ସ୍ୱାସ୍ଥ୍ୟସେବା ପାଇପାରିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଆଜିର ସମ୍ପାଦକୀୟ

ଇସ୍ତଫା ପଛର କାରଣ

ଅପମାନ ସହି ନ ପାରି ୯ମ ଶ୍ରେଣୀ ଛାତ୍ରଙ୍କ ଆତ୍ମହତ୍ୟା

ବଲ୍ ବାଜିବାରୁ ଏତଲା ଦେଇଥିଲେ ମହିଳା

ବେଲଗୁଣ୍ଡା/ ଭଞ୍ଜନଗର, ୨୬।୭ (କୃଷ୍ଣଚନ୍ଦ୍ର ପଟ୍ଟନାୟକ/ ବାବୁଲା ପ୍ରଧାନ)

ପିଲାଙ୍କ ଖେଳବେଳେ ଜଣେ ମହିଳାଙ୍କ ଦେହରେ ବଲ୍ ବାଜିଯିବା ଭଳି ସାମାନ୍ୟ ଘଟଣାକୁ ନେଇ ଥାନାରେ ଏତଲା ଦିଆଯିବା ଏବଂ ଏହାକୁ ନେଇ ଟାହିଟାପରା କରାଯିବା କୋମଳମତି ପିଲାଙ୍କ ଉପରେ ଗୁରୁତର ପ୍ରଭାବ ପକାଇଥାଏ। ଏଭଳି ଏକ ଘଟଣାରେ ମର୍ମାହତ ହୋଇଥିବା ଜଣେ ୯ମ ଶ୍ରେଣୀ ଛାତ୍ର ଲୋକଙ୍କ ଅପମାନକୁ ସହ୍ୟକରି ନ ପାରି ଶୁକ୍ରବାର ବିଷ ପିଇ ଆତ୍ମହତ୍ୟା କରିଛନ୍ତି। ଏହି ଘଟଣା ଘଟିଛି ଗଞ୍ଜାମ ଜିଲା ବେଲଗୁଣ୍ଡା ବ୍ଲକ ଗାଙ୍ଗପୁର ଥାନା ଅନ୍ତର୍ଗତ କେ. ନୂଆଁଗଡ଼ ଗ୍ରାମରେ। ଛାତ୍ର ଜଣକ ହେଲେ ନାରାୟଣ ପରିଡ଼ାଙ୍କ ପୁଅ ଚନ୍ଦନ ପରିଡ଼ା। ଚନ୍ଦନ ଗତ ୧୭ ତାରିଖରେ

ଚନ୍ଦନ ପରିଡ଼ା

ଗାଁ ଦାଣ୍ଡରେ ତାଙ୍କ ସାଙ୍ଗମାନଙ୍କ ସହିତ ମିଶି ବଲ୍ ଖେଳୁଥିଲେ। ଏହି ସମୟରେ ବଲ୍‌ଟି ଗ୍ରାମର ଜଣେ ମହିଳାଙ୍କ ଦେହରେ ବାଜିଥିଲା। ☞ପୃଷ୍ଠା–୪

ଅକ୍ସଫୋର୍ଡ ୟୁନିଭର୍ସିଟି ଚାନ୍ସେଲର ନିର୍ବାଚନ ଲଢ଼ିବେ ଇମ୍ରାନ୍

ଇସ୍‌ଲାମାବାଦ/ଲଣ୍ଡନ, ୨୬।୭

ଜେଲରେ ଥିବା ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ଏକଦା ବ୍ରିଟେନ୍‌ର ଅକ୍ସଫୋର୍ଡ ୟୁନିଭର୍ସିଟିରେ ପାଠ ପଢୁଥିଲେ। ଇମ୍ରାନ୍ ଏବେ ଏହି ଖ୍ୟାତିସମ୍ପନ୍ନ ବିଶ୍ୱବିଦ୍ୟାଳୟର ଚାନ୍ସେଲର ପଦ ପାଇଁ ନିର୍ବାଚନ ଲଢ଼ିବାକୁ ଯାଉଛନ୍ତି। ଅନ୍‌ଲାଇନ୍ ବାଲଟ୍ ଜରିଆରେ ଏହି ନିର୍ବାଚନ ହେବ ବୋଲି ତାଙ୍କର ଜଣେ ସହଯୋଗୀ ସୂଚନା ଦେଇଛନ୍ତି। ପାକିସ୍ତାନ ତେହରିକ୍–ଇ–ଇନ୍‌ସାଫ୍ (ପିଟିଆଇ) ପ୍ରତିଷ୍ଠାତା ଇମ୍ରାନ୍ ଖାନ୍ ୨୦୧୮ ଅଗଷ୍ଟରୁ ୨୦୨୨ ଏପ୍ରିଲ ପର୍ଯ୍ୟନ୍ତ ପାକିସ୍ତାନର ପ୍ରଧାନମନ୍ତ୍ରୀ ଥିଲେ। ସେ ଏକ ଦୁର୍ନୀତି ମାମଲାରେ ଦୋଷୀ ସାବ୍ୟସ୍ତ ହୋଇ ୧୦ ବର୍ଷ ଜେଲଦଣ୍ଡ ଭୋଗୁଛନ୍ତି।

ଇମ୍ରାନ୍ ଖାନ୍

କ୍ରିକେଟରରୁ ରାଜନେତା ସାଜିଥିବା ଇମ୍ରାନ୍ ବ୍ରିଟେନ୍‌ରେ ରହୁଥିବାବେଳେ ୧୯୭୧ରେ ଅକ୍ସଫୋର୍ଡ ୟୁନିଭର୍ସିଟି ଅଧୀନ କେବ୍‌ଲେ କଲେଜରେ ଅର୍ଥନୀତି ଓ ରାଜନୀତି ବିଜ୍ଞାନ ଅଧ୍ୟୟନ କରୁଥିଲେ। ସେହି ସମୟରେ ସେ ଅକ୍ସଫୋର୍ଡ ୟୁନିଭର୍ସିଟି କ୍ରିକେଟ ଟିମ୍‌ର କ୍ୟାପ୍‌ଟେନ୍ ଥିଲେ। ସେ ୨୦୦୫ରୁ ୨୦୧୪ ପର୍ଯ୍ୟନ୍ତ ବ୍ରାଡ୍‌ଫୋର୍ଡ ୟୁନିଭର୍ସିଟି କୁଳାଧିପତି ଦାୟିତ୍ୱ ତୁଲାଇ ସାରିଛନ୍ତି। ତେଣୁ ଅକ୍ସଫୋର୍ଡ ୟୁନିଭର୍ସିଟି ଚାନ୍ସେଲର ପଦ ପାଇଁ ଇମ୍ରାନ୍ ଜଣେ ଯୋଗ୍ୟ ପ୍ରାର୍ଥୀ ବୋଲି ତାଙ୍କ ରାଜନୈତିକ ବ୍ୟାପାର ପରାମର୍ଶଦାତା ସୟେଦ ଜୁଲ୍‌ଫି ବୁଖାରୀ ସୂଚନା ଦେଇଛନ୍ତି। ଏକ୍ସ'ରେ ବୁଖାରୀ କହିଛନ୍ତି, ଇମ୍ରାନ୍ ନିର୍ବାଚନ ଲଢ଼ନ୍ତୁ ବୋଲି ଲୋକେ ଚାହୁଁଛନ୍ତି। ତେବେ ବିଚାରବିମର୍ଶ କରି ଖୁବ୍‌ଶୀଘ୍ର ଏନେଇ ନିଷ୍ପତ୍ତି ନିଆଯିବ।

ପ୍ରକାଶ ଯେ, ଅକ୍ସଫୋର୍ଡ ୟୁନିଭର୍ସିଟି ଚାନ୍ସେଲର ପଦବୀ ଲାଗି ପ୍ରଥମ ଥର ପାଇଁ ପାରମ୍ପରିକ ପ୍ରକ୍ରିୟା ପରିବର୍ତ୍ତେ ଅନ୍‌ଲାଇନ୍ ଜରିଆରେ ନିର୍ବାଚନ ହେବାକୁ ଯାଉଛି। ଏଥିରେ ବିଶ୍ୱବିଦ୍ୟାଳୟର ୩,୫୦,୦୦୦ ଛାତ୍ରୀଛାତ୍ର ମତଦାନ କରିବେ। ଉକ୍ତ ବିଶ୍ୱବିଦ୍ୟାଳୟର ସ୍ନାତକ ବିଶେଷକରି ରାଜନେତାମାନେ ଏହି ସମ୍ମାନଜନକ ପଦ ଅଳଙ୍କୃତ କରିଥାନ୍ତି। ବ୍ରିଟେନ୍‌ର ପୂର୍ବତନ ପ୍ରଧାନମନ୍ତ୍ରୀ ଟୋନି ବ୍ଲେୟାର ଏବଂ ବୋରିସ୍ ଜନ୍‌ସନ ମଧ୍ୟ ଏହି ଦୌଡ଼ରେ ରହିଛନ୍ତି। ୮୦ ବର୍ଷୀୟ ଚାନ୍ସେଲର ଲର୍ଡ ପଟେନ୍ ୨୧ ବର୍ଷ କାର୍ଯ୍ୟ କରି ଇସ୍ତଫା ଦେବା ପରେ ଏହି ପଦବୀ ଖାଲିପଡ଼ିଛି।

ସଂକ୍ଷେପରେ

ଛତିଶଗଡ଼ରେ ଟ୍ରେନ୍ ଇଞ୍ଜିନ ଲାଇନଚ୍ୟୁତ

କଙ୍କେର, ୨୬।୭

ଛତିଶଗଡ଼ର କଙ୍କେର ଜିଲାରେ ଯାତ୍ରୀ ନ ଥିବା ଏକ ପାସେଞ୍ଜର ଟ୍ରେନ୍‌ର ଇଞ୍ଜିନ୍ ରେଳଲାଇନ୍‌ରେ ପଡ଼ିଥିବା ଏକ ବିଶାଳ ବରଗଛକୁ ଧକ୍କା ଦେବା ପରେ ଲାଇନଚ୍ୟୁତ ହୋଇଛି। ଏଥିରେ ଲୋକୋ ପାଇଲଟ ଆହତ ହୋଇଛନ୍ତି। ଦଲିରାଝରରୁ କଙ୍କେର ଜିଲାର ଅନ୍ତଗଡ଼ ଯାଉଥିବା ଡେମୁ ପାସେଞ୍ଜର ଟ୍ରେନ୍ ଶୁକ୍ରବାର ସକାଳେ ଭାନୁପ୍ରତାପପୁର ଏବଂ ଗୁଡୁମ ଗ୍ରାମ ମଧ୍ୟବର୍ତ୍ତୀ ସ୍ଥାନରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଲଗାଣ ବର୍ଷାରେ ବରଗଛ ଉପୁଡ଼ି ଟ୍ରାକ୍‌ରେ ପଡ଼ିଥିଲା।

ରାଜ୍ୟ ସରକାର-ରାଜ୍ୟପାଳ ବିବାଦ: କେନ୍ଦ୍ରକୁ ସୁପ୍ରିମକୋର୍ଟ ନୋଟିସ

ନୂଆଦିଲ୍ଲୀ, ୨୬।୭

ରାଜ୍ୟ ବିଧାନସଭାରେ ଗୃହୀତ ବିଲ୍‌କୁ ରାଜ୍ୟପାଳମାନେ ଅନୁମୋଦନ ନ କରି କିମ୍ବା ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ବିଚାର ପାଇଁ ନ ପଠାଇ ଦୀର୍ଘଦିନ ପକାଇ ରଖୁଥିବା ଆବେଦନର ଶୁଣାଣି କରି ସୁପ୍ରିମକୋର୍ଟ ଶୁକ୍ରବାର କେନ୍ଦ୍ର ସରକାର ଏବଂ ପଶ୍ଚିମବଙ୍ଗ ଓ କେରଳ ରାଜ୍ୟପାଳଙ୍କ ସଚିବଙ୍କୁ ନୋଟିସ ଜାରି କରିଛନ୍ତି। ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଖଣ୍ଡପୀଠ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଏବଂ କେରଳ ରାଜ୍ୟପାଳ ଅରିଫ୍ ଅହମଦ ଖାନ୍ ଓ ତାଙ୍କ ପଶ୍ଚିମବଙ୍ଗ ପ୍ରତିପକ୍ଷ ସି.ଭି. ଆନନ୍ଦ ବୋଷଙ୍କୁ ନୋଟିସ୍ ପଠାଇଛନ୍ତି। ବିଲ୍‌ଗୁଡ଼ିକୁ ୮ ମାସ ହେଲା ରାଜ୍ୟପାଳ ଚାପି ରଖିଛନ୍ତି। ସେଗୁଡ଼ିକୁ ରାଷ୍ଟ୍ରପତିଙ୍କ ବିଚାର ପାଇଁ ପଠାଯାଉ ନାହିଁ। ରାଜ୍ୟପାଳଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ରହିଛି। ଏହା ସମ୍ବିଧାନ ବିରୋଧୀ ବୋଲି କେରଳ ସରକାରଙ୍କ ତରଫରୁ ବରିଷ୍ଠ ଆଇନଜୀବୀ କେ.କେ. ବେଣୁଗୋପାଳ ଅଦାଲତଙ୍କୁ କହିଥିଲେ। ପଶ୍ଚିମବଙ୍ଗ ସରକାରଙ୍କ ତରଫରୁ ବରିଷ୍ଠ ଆଇନଜୀବୀ ଅଭିଷେକ ସିଙ୍ଘଭି ମଧ୍ୟ ଅନୁରୂପ ଅଭିଯୋଗ କରିଥିଲେ। ଉଭୟ ରାଜ୍ୟ ସରକାରଙ୍କ ଆବେଦନ ଉପରେ କେନ୍ଦ୍ର ଏବଂ ସମ୍ପୃକ୍ତ ରାଜ୍ୟପାଳମାନେ ୩ ସପ୍ତାହ ମଧ୍ୟରେ ଜବାବ ରଖିବାକୁ ଖଣ୍ଡପୀଠ କହିଛନ୍ତି।

ନାବାଳିକାଙ୍କୁ ବଳାତ୍କାର ପରେ ଛାତରୁ ଫିଙ୍ଗିଦେଲେ

ନୂଆଦିଲ୍ଲୀ, ୨୬।୭

ଦିଲ୍ଲୀର ଦ୍ୱାରକା ଅଞ୍ଚଳରେ ଜଣେ ୧୪ ବର୍ଷୀୟା ବାଳିକାଙ୍କୁ ସୋମବାର ବଳାତ୍କାର ପରେ ୫ ମହଲା ବିଲ୍ଡିଂ ଛାତରୁ ତଳକୁ ଫିଙ୍ଗିଦିଆଯାଇଥିବା ଅଭିଯୋଗ ହୋଇଛି। ତାଙ୍କ ଗୋଡ଼ରେ ଗୁରୁତର ଆଘାତ ଲାଗିଥିବାବେଳେ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ନାବାଳିକାଙ୍କ ବୟାନ ଆଧାରରେ ପୋଲିସ ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଛି। ବଳାତ୍କାରୀ ଜଣକ ନାବାଳିକାଙ୍କ ଜଣାଶୁଣା। ଗତ ଜାନୁଆରୀରେ ମଧ୍ୟ ଉକ୍ତ ନାବାଳିକାଙ୍କୁ କେତେଜଣ ପିଲା ତାଙ୍କ ସ୍କୁଲ୍ ନିକଟରୁ ଅପହରଣ କରିନେଇ ଯୌନ ନିର୍ଯାତନା ଦେବା ପରେ ରାସ୍ତାରେ ଛାଡ଼ିଦେଇ ପଳାଇଥିଲେ। ଫଳରେ ନାବାଳିକା ଦୀର୍ଘଦିନ ହେଲା ସ୍କୁଲ ଯାଉ ନ ଥିଲେ ବୋଲି ତାଙ୍କ ବାପା କହିଛନ୍ତି। ୨୦ ଦିନ ପୂର୍ବରୁ ସେ ସାମାନ୍ୟ ସୁସ୍ଥ ହେବା ପରେ ଏକ ମୁକ୍ତ ବିଦ୍ୟାଳୟରେ ନାମ ଲେଖାଇଥିଲେ।

ଅଲିମ୍ପିକ୍ସ ଭେନ୍ୟୁରୁ ଆଫ୍ରିକୀୟ ଶରଣାର୍ଥୀମାନଙ୍କୁ ଫ୍ରାନ୍ସ ପୋଲିସ ଘଉଡାଉଛି।

ଅଲିମ୍ପିକ୍ସ ପୂର୍ବରୁ ଶରଣାର୍ଥୀଙ୍କୁ ବିଦାକଲା ଫ୍ରାନ୍ସ ପୋଲିସ

ପ୍ୟାରିସ୍, ୨୬।୭

ଅନେକ ହଜାର ଶରଣାର୍ଥୀ ନିଜ ଆସବାବପତ୍ର ଓ ପିଲାଙ୍କୁ ଧରି ପ୍ୟାରିସ୍ ରାସ୍ତାକଡ଼ରେ ଶୋଇଥିଲେ। ଅଲିମ୍ପିକ୍ସ ଗେମ୍ସର ଉଦ୍‌ଘାଟନୀ ସମାରୋହ ପୂର୍ବରୁ ଫ୍ରାନ୍ସ ପୋଲିସ ସେମାନଙ୍କୁ ସମ୍ପୃକ୍ତ ଅଞ୍ଚଳରୁ ଘଉଡ଼ାଇଦେଇଛି। ତଡ଼ା ଖାଇଥିବା ଶରଣାର୍ଥୀଙ୍କ ମଧ୍ୟରୁ ଅଧିକାଂଶ ହେଉଛନ୍ତି ଆଫ୍ରିକୀୟ। ଫ୍ରାନ୍ସର ଇମାନ୍ୱେଲ ମାକ୍ରଁ ସରକାର ସେମାନଙ୍କୁ ବସ୍ ଭଡ଼ା ଦେଇ ଅନ୍ୟତ୍ର ପଠାଇଦେଇଛନ୍ତି। ଖେଳ ଶେଷ ହେବା ପର୍ଯ୍ୟନ୍ତ ସେଠାକୁ ନ ଆସିବା ପାଇଁ ବାରଣ କରାଯାଇଛି। ବାସହରା ହୋଇ ପ୍ୟାରିସ୍ ରାସ୍ତାକଡ଼ରେ ଜୀବନ ବିତାଉଥିବା ୪୭ ବର୍ଷୀୟା ନିକ୍କି କହିଛନ୍ତି, କୁଆଡ଼େ ଯିବ ଜାଣନାହିଁ। ସମ୍ଭବତଃ ଏଠାକୁ ଆଉ ଫେରିବାର ନାହିଁ। କାରଣ ପୋଲିସ ଫେରିବାକୁ ଦେବନାହିଁ। ଆକ୍ଟିଭିଷ୍ଟ ଗ୍ରୁପ୍ 'ୟୁଟୋପିଆ ୫୬'ର ନାଥନ୍ ଲେକ୍ୟୁ କହିଛନ୍ତି, ଏହି ଗ୍ଲୋବାଲ ଇଭେଣ୍ଟରେ ଯୋଗଦେବାକୁ ଥିବା ପର୍ଯ୍ୟଟକମାନଙ୍କ ପାଇଁ ସେମାନେ ପ୍ୟାରିସ୍‌କୁ ସଫା କରୁଛନ୍ତି। ତେବେ ବାସହୀନ ଶରଣାର୍ଥୀମାନଙ୍କ ପ୍ରତି ସେମାନଙ୍କ ଦୁର୍ବ୍ୟବହାର ଅତ୍ୟନ୍ତ ଯନ୍ତ୍ରଣାଦାୟକ।

ମୋଦିଙ୍କ 'ଅଗ୍ନିପଥ' ମନ୍ତବ୍ୟକୁ ବିରୋଧୀଙ୍କ ନିନ୍ଦା

ନୂଆଦିଲ୍ଲୀ, ୨୬।୭(ପି.ଟି.)

କାର୍‌ଗିଲ ଯୁଦ୍ଧ ବିଜୟର ୨୫ତମ ବାର୍ଷିକୀ ପାଳନ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ଦ୍ରାସ୍‌ଠାରେ ଶହୀଦମାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ଜାତୀୟ ସୁରକ୍ଷା ସମ୍ପର୍କିତ ସମ୍ବେଦନଶୀଳ ପ୍ରସଙ୍ଗ ଉପରେ କେତେଜଣ ରାଜନୀତି କରୁଥିବା ଅଭିଯୋଗ କରିଥିଲେ। ପେନ୍‌ସନ ଅର୍ଥ ବଞ୍ଚାଇବା ଲାଗି ଅଗ୍ନିପଥ ଯୋଜନା ଆରମ୍ଭ ହୋଇଛି ବୋଲି ବିରୋଧୀଙ୍କ ଅଭିଯୋଗକୁ ସେ ଖଣ୍ଡନ କରିଥିଲେ। ଯୁବବର୍ଗଙ୍କୁ କ୍ରମାଗତ ଭାବେ ଯୁଦ୍ଧ ପାଇଁ ଫିଟ୍ ରଖିବା ଅଗ୍ନିପଥ ଯୋଜନାର ଲକ୍ଷ୍ୟ ବୋଲି ସେ କହିଥିଲେ। ପ୍ରଧାନମନ୍ତ୍ରୀଙ୍କ ଏଭଳି ଅଭିଯୋଗକୁ ବିରୋଧୀ ଦଳଗୁଡ଼ିକ ନିନ୍ଦା କରିଛନ୍ତି। ଅଗ୍ନିପଥ ଯୋଜନାର ସମୀକ୍ଷା କରାଯିବାକୁ ସେମାନେ ଦାବି କରିଛନ୍ତି।

ଲଦାଖର ଦ୍ରାସ୍‌ରେ କାର୍‌ଗିଲ ଶହୀଦମାନଙ୍କୁ ଶ୍ରଦ୍ଧାଞ୍ଜଳି ଦେଉଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି।

ଅଗ୍ନିପଥ ପ୍ରସଙ୍ଗକୁ ନେଇ ପ୍ରଧାନମନ୍ତ୍ରୀ ଶସ୍ତା ରାଜନୀତି କରୁଥିବା କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖାର୍ଗେ ଓ ଅନ୍ୟ ନେତାମାନେ ଅଭିଯୋଗ କରିଛନ୍ତି। ସୈନ୍ୟବାହିନୀର ନିର୍ଦ୍ଦେଶରେ ସରକାର ଅଗ୍ନିପଥ ଯୋଜନା କାର୍ଯ୍ୟକାରୀ କରିଥିବା ନେଇ ପ୍ରଧାନମନ୍ତ୍ରୀଙ୍କ ମନ୍ତବ୍ୟ ତାହା ମିଛ ବୋଲି ବିରୋଧୀ କହିଛନ୍ତି। କାର୍ଗିଲ ବିଜୟ ଦିବସରେ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ଅବସରରେ ପ୍ରଧାନମନ୍ତ୍ରୀ ଶସ୍ତା ରାଜନୀତି କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଏବଂ ଦୁଃଖଦାୟକ। ପୂର୍ବରୁ କୌଣସି ପ୍ରଧାନମନ୍ତ୍ରୀ ଏପରି କରି ନ ଥିବା ଖାର୍ଗେ କହିଛନ୍ତି। ଅଧିକାଂଶ ଅବସରପ୍ରାପ୍ତ ସେନା ଅଧିକାରୀ ଅଗ୍ନିପଥ ଯୋଜନାକୁ ସମାଲୋଚନା କରିଛନ୍ତି। ଏହା ଜାତୀୟ ସୁରକ୍ଷାକୁ ବିପଦରେ ପକାଇବା ସହ ଗ୍ରାମାଞ୍ଚଳ ଯୁବବର୍ଗଙ୍କ ଆଶା ଆକାଂକ୍ଷାକୁ ବିପଦ ମଧ୍ୟକୁ ଠେଲିଦେଇଛି ବୋଲି କଂଗ୍ରେସ ଅଧ୍ୟକ୍ଷ କହିବା ସହ ଏହି ଯୋଜନାର ସମ୍ପୂର୍ଣ୍ଣ ଉଚ୍ଛେଦ ଦାବି କରିଛନ୍ତି। ତତ୍କାଳୀନ ସେନା ମୁଖ୍ୟ ଜେନେରାଲ ଏମ୍.ଏମ୍. ନରାଭନେ ଅଗ୍ନିପଥ ଯୋଜନା ସମ୍ପୂର୍ଣ୍ଣ ବିସ୍ମୟକର ଥିଲା ବୋଲି ଲେଖିଥିଲେ। ଅଥଚ ଏହା ସେନା ନିର୍ଦ୍ଦେଶରେ ହୋଇଥିଲା ବୋଲି ମୋଦି ମିଛ କହୁଥିବା କଂଗ୍ରେସ ନେତା ଜୟରାମ ରମେଶ ଅଭିଯୋଗ କରିଛନ୍ତି। ଏହି ଯୋଜନା ଅଗ୍ନିବୀରମାନଙ୍କୁ କୌଣସି ସାମାଜିକ ସୁରକ୍ଷା ଦେଉ ନ ଥିବାରୁ ଏହାର ସମୀକ୍ଷା ଆବଶ୍ୟକ ବୋଲି ଜେଏମ୍‌ଏମ୍ ଏମ୍‌ପି ମହୁଆ ମାଜି କହିଥିଲେ। ସେହିପରି ତୃଣମୂଳ କଂଗ୍ରେସ ରାଜ୍ୟ ସଭା ସଦସ୍ୟ ଡୋଲା ସେନ୍, ସମାଜବାଦୀ ପାର୍ଟି ନେତା ଧର୍ମେନ୍ଦ୍ର ଯାଦବ ପ୍ରମୁଖ ଅଗ୍ନିପଥ ଯୋଜନାକୁ ସମାଲୋଚନା କରିବା ସହ ପ୍ରଧାନମନ୍ତ୍ରୀଙ୍କ ମନ୍ତବ୍ୟକୁ ନିନ୍ଦା କରିଛନ୍ତି।

କର୍ନାଟକରେ ୧,୬୦୦ ଟନ୍‌ର ଲିଥିୟମ ଖଣି ଠାବ

ନୂଆଦିଲ୍ଲୀ, ୨୬।୭

କର୍ନାଟକର ମାଣ୍ଡ୍ୟା ଏବଂ ୟାଦଗିରି ଜିଲାରେ ଲିଥିୟମ୍ ଖଣିର ସନ୍ଧାନ ମିଳିଥିବା କେନ୍ଦ୍ର ଭୂବିଜ୍ଞାନ ରାଷ୍ଟ୍ରମନ୍ତ୍ରୀ ଜିତେନ୍ଦ୍ର ସିଂ ରାଜ୍ୟ ସଭାକୁ ସୂଚନା ଦେଇଛନ୍ତି। ଉପରୋକ୍ତ ୨ ଜିଲାର ଖଣିରେ ୧,୬୦୦ ଟନ୍ ଓଜନର ଲିଥିୟମ୍ ମହଜୁଦ ଥିବା ଆଟୋମିକ୍ ମିନେରାଲ୍ସ ଡାଇରେକ୍ଟୋରେଟ୍ ଫର୍ ଏକ୍ସପ୍ଲୋରେଶନ ଆଣ୍ଡ ରିସର୍ଚ୍ଚ (ଏଏମ୍‌ଡି) ଆକଳନ କରିଛି। ଉଭୟ ଖଣିର ପ୍ରାରମ୍ଭିକ ସର୍ଭେ ଓ ସୀମିତ ଅନ୍ୱେଷଣ କରାଯାଇଥିବା ମନ୍ତ୍ରୀ ଗୃହକୁ କହିଛନ୍ତି। ଛତିଶଗଡ଼ର କୋର୍ବା ଜିଲାରେ ମଧ୍ୟ ଲିଥିୟମ୍ ଥିବା ନେଇ ଅନୁସନ୍ଧାନ ଚାଲିଛି। ସେହିପରି ରାଜସ୍ଥାନ, ବିହାର, ଆନ୍ଧ୍ରପ୍ରଦେଶରେ ରହିଥିବା ମାଇକା ବେଲ୍ଟ ଏବଂ ଓଡ଼ିଶା, ଛତିଶଗଡ଼ ଓ କର୍ନାଟକରେ ରହିଥିବା ପେଗ୍‌ମାଟାଇଟ୍ ବେଲ୍ଟରେ ସମ୍ଭାବ୍ୟ ଲିଥିୟମ ସମ୍ପଦ ଥିବା ନେଇ ଭୂତତ୍ତ୍ୱ ବିଭାଗ ଅନ୍ୱେଷଣ ଚଳାଇଥିବା ମନ୍ତ୍ରୀ କହିଛନ୍ତି।

'ନୀତି ଆୟୋଗ ଉଚ୍ଛେଦ କରି ଯୋଜନା ଆୟୋଗ ଆଣ'

କୋଲକାତା, ୨୬।୭

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଶନିବାର ନୂଆଦିଲ୍ଲୀରେ ନୀତି ଆୟୋଗର ୯ମ ଗଭର୍ନିଂ କାଉନସିଲ୍ ବୈଠକ ବସିବାକୁ ଯାଉଛି। ୨୦୪୭ ସୁଦ୍ଧା ଭାରତକୁ ବିକଶିତ ରାଷ୍ଟ୍ରରେ ପରିଣତ କରିବା ଉପରେ ବୈଠକରେ ଗୁରୁତ୍ୱାରୋପ କରାଯିବ। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ

ମମତା ବାନାର୍ଜୀ

ଏହି ବୈଠକରେ ଯୋଗଦେବା ପାଇଁ ଶୁକ୍ରବାର ଦିଲ୍ଲୀରେ ପହଞ୍ଚିଛନ୍ତି। ନୀତି ଆୟୋଗକୁ ରଦ୍ଦ କରାଯାଇ ପୂର୍ବର ଯୋଜନା ଆୟୋଗକୁ ଫେରାଇ ଅଣାଯିବା ଆବଶ୍ୟକ ବୋଲି ମମତା କହିଛନ୍ତି। ଇଣ୍ଡିଆ ବ୍ଲକ୍‌ର କେତେଜଣ ମୁଖ୍ୟମନ୍ତ୍ରୀ ବୈଠକରେ ଯୋଗଦେଉ ନ ଥିବା ଜଣାପଡ଼ିଛି। ନୀତି ଆୟୋଗ ବୈଠକରେ ମମତା କେନ୍ଦ୍ର ବଜେଟରେ ହୋଇଥିବା ପାତରଅନ୍ତର ନୀତି ସମେତ ପଶ୍ଚିମବଙ୍ଗ ଓ ବିରୋଧୀ ଦଳ ଶାସିତ ଅନ୍ୟ ରାଜ୍ୟଗୁଡ଼ିକୁ ବିଭାଜନ ଷଡ଼ଯନ୍ତ୍ରର ପ୍ରତିବାଦ କରିବେ ବୋଲି କହିଥିଲେ।

ଅବସର ବୟସ ବଢ଼ାଇବାକୁ ଚାଇନାର ଯୋଜନା

ବେଜିଂ, ୨୬।୭(ପି.ଟି.)

ଚାଇନାରେ ବୟସ୍କଙ୍କ ସଂଖ୍ୟା ବଢୁଥିବାରୁ କର୍ମଚାରୀଙ୍କ ଅବସର ବୟସସୀମା ବଢ଼ାଇବାକୁ ଚାଇନିଜ୍ କମ୍ୟୁନିଷ୍ଟ ପାର୍ଟି ଯୋଜନା କରୁଥିବାରୁ ଏହାକୁ ନେଇ ସାଧାରଣରେ ଉତ୍ତେଜନା ପ୍ରକାଶ ପାଇଛି। ବର୍ତ୍ତମାନ ଚାଇନାର ସହରାଞ୍ଚଳରେ ପୁରୁଷ କର୍ମଚାରୀମାନଙ୍କ ଅବସର ବୟସସୀମା ୬୦ ବର୍ଷ ହୋଇଥିବାବେଳେ ମହିଳାମାନଙ୍କ ପାଇଁ ଏହି ସୀମା ବୃତ୍ତି ଅନୁଯାୟୀ ୫୦ କିମ୍ବା ୫୫ ବର୍ଷ ରହିଛି। ନିକଟରେ ଶେଷ ହୋଇଥିବା କମ୍ୟୁନିଷ୍ଟ ପାର୍ଟି ଅଫ୍ ଚାଇନାର ତୃତୀୟ ବୈଠକରେ କର୍ମଚାରୀଙ୍କ ବୟସସୀମା ବଢ଼ାଇବା ନେଇ ଆଲୋଚନା ହୋଇଥିଲା। ବର୍ତ୍ତମାନ ଚାଇନା ଜନସଂଖ୍ୟା ୧୪୧ କୋଟି ଥିବାବେଳେ ୨୦୫୪ ବେଳକୁ ୧୨୧ କୋଟିକୁ ହ୍ରାସ ପାଇବ ବୋଲି ଆକଳନ କରାଯାଇଛି।

ୟୁପି କୋର୍ଟରେ ହାଜର ହେଲେ ରାହୁଲ

ସୁଲ୍‌ତାନପୁର, ୨୬।୭ (ପି.ଟି.)

କଂଗ୍ରେସ ନେତା ରାହୁଲ ଗାନ୍ଧୀ ଏକ ମାନହାନି ମାମଲାରେ ଶୁକ୍ରବାର ଉତ୍ତରପ୍ରଦେଶର ଏମ୍‌ପି-ଏମ୍‌ଏଲ୍‌ଏ କୋର୍ଟରେ ହାଜର ହୋଇଛନ୍ତି। ଶସ୍ତା ପ୍ରଚାର ପାଇଁ ତାଙ୍କ ବିରୋଧରେ ମାମଲା ରୁଜୁ ହୋଇଥିବା ରାହୁଲ କହିଛନ୍ତି। ସ୍ୱତନ୍ତ୍ର ବିଚାରପତି ଶୁଭମ ବର୍ମାଙ୍କ ଅଦାଲତରେ ହାଜର ହୋଇ ରାହୁଲ କହିଥିଲେ, ସେ କାହା ବିରୋଧରେ କେବେ ମନ୍ତବ୍ୟ ଦେଇନାହାନ୍ତି ଯେଉଁଥିପାଇଁ ତାଙ୍କ ବିରୋଧରେ ମାନହାନି ମାମଲା କରାଯାଇପାରିବ। ସୂଚନାଯୋଗ୍ୟ, ୨୦୧୮ ମେ'ରେ କର୍ନାଟନ ନିର୍ବାଚନ ବେଳେ ରାହୁଲ ତତ୍କାଳୀନ ଭାଜପା ଅଧ୍ୟକ୍ଷ ଅମିତ୍ ଶାହାଙ୍କୁ ହତ୍ୟା ଅଭିଯୁକ୍ତ କହିଥିବାରୁ ସ୍ଥାନୀୟ ନେତା ବିଜୟ ମିଶ୍ରା ତାଙ୍କ ବିରୋଧରେ ମାନହାନି ଅଭିଯୋଗ ଦାଏର କରିଥିଲେ। ରାହୁଲଙ୍କ ମନ୍ତବ୍ୟର ୪ ବର୍ଷ ପୂର୍ବରୁ ମୁମ୍ବାଇର ସିବିଆଇ କୋର୍ଟ ୨୦୦୫ ଜାଲ୍ ଏନ୍‌କାଉଣ୍ଟର ମାମଲାରେ ଶାହାଙ୍କୁ ଦୋଷମୁକ୍ତ କରିଥିଲା। ମାମଲାର ପରବର୍ତ୍ତୀ ଶୁଣାଣି ଅଗଷ୍ଟ ୧୨କୁ ଧାର୍ଯ୍ୟ କରାଯାଇଛି।

ଏନ୍‌ଇଇଟି-ୟୁଜି ଟପ୍ପର ସଂଖ୍ୟା ୬୭ରୁ ୧୭କୁ ହ୍ରାସ

ନୂଆଦିଲ୍ଲୀ, ୨୬।୭

ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ) ଗୁରୁବାର ମେଡିକାଲ ପ୍ରବେଶିକା ପରୀକ୍ଷା ଏନ୍‌ଇଇଟି-ୟୁଜିର ସଂଶୋଧିତ ଫଳାଫଳ ପ୍ରକାଶ କରିଥିଲା। ଉକ୍ତ ଫଳାଫଳ ଅନୁଯାୟୀ ଏନ୍‌ଇଇଟି-ୟୁଜି ଟପ୍ପରଙ୍କ ସଂଖ୍ୟା ୬୧ରୁ ୧୭କୁ ହ୍ରାସ ପାଇଛି। ଜୁନ୍ ୪ରେ ପ୍ରକାଶିତ ରେଜଲ୍ଟ ଅନୁଯାୟୀ ୬୭ ଛାତ୍ରୀଛାତ୍ର ଅଲ୍ ଇଣ୍ଡିଆ ର୍ୟାଙ୍କ୍ ୱାନ୍‌ରେ ସ୍ଥାନ ପାଇଥିଲେ। ସେମାନଙ୍କ ମଧ୍ୟରୁ ପରୀକ୍ଷକଙ୍କ ତ୍ରୁଟିରୁ ଅଧିକ ଗ୍ରେସ୍ ମାର୍କ ପାଇଥିବା ୬ ଜଣଙ୍କୁ ବାଦ୍ ଦିଆଯିବା ପରେ ଟପ୍ପରଙ୍କ ସଂଖ୍ୟା ୬୧କୁ ଖସିଥିଲା। ପଦାର୍ଥବିଜ୍ଞାନର ଏକ ପ୍ରଶ୍ନ ପାଇଁ ୨ଟି ଉତ୍ତରକୁ ଠିକ୍ ଦର୍ଶାଯାଇ ଭୁଲ୍‌ବଶତଃ ନମ୍ବର ପାଇଥିବା ୪୪ ଜଣଙ୍କ ନାଁ କଟିବା ପରେ ଏବେ ଟପ୍ପର ସଂଖ୍ୟା ୧୭କୁ ହ୍ରାସ ପାଇଛି। ଏହି ୪୪ ଛାତ୍ରୀଛାତ୍ର ପୂର୍ବରୁ ୭୨୦ରୁ ୭୧୫ ନମ୍ବର ରଖିଥିଲେ। ପରୀକ୍ଷାରେ ପ୍ରଶ୍ନପତ୍ର ଲିକ୍ ସହ ଅନ୍ୟାନ୍ୟ ଅନିୟମିତତା ଅଭିଯୋଗ ହୋଇଥିବାବେଳେ ଏହାର ଯଥେଷ୍ଟ ପ୍ରମାଣ ନ ଥିବା ଦର୍ଶାଇ ସୁପ୍ରିମକୋର୍ଟ ସାନି ପରୀକ୍ଷା ପାଇଁ ନିର୍ଦ୍ଦେଶ ଦେବାକୁ ମନା କରିଦେଇଥିଲେ।

ଖାଦ୍ୟ ବିକ୍ରେତାଙ୍କୁ ସାଇନ୍‌ବୋର୍ଡରେ ନାଁ ଲେଖିବାକୁ ବାଧ କରାଯାଇପାରିବ ନାହିଁ

ନୂଆଦିଲ୍ଲୀ, ୨୬।୭

ବୋଲ୍‌ବମ୍ ଶ୍ରଦ୍ଧାଳୁମାନଙ୍କ ଯାତ୍ରାପଥରେ ରହିଥିବା ହୋଟେଲ, ଢାବା ଏବଂ ଠେଲାଗାଡ଼ିଗୁଡ଼ିକର ମାଲିକ ଏବଂ କର୍ମଚାରୀମାନଙ୍କୁ ସାଇନ୍‌ବୋର୍ଡରେ ନାଁ ଲେଖିବା ପାଇଁ ବାଧ କରାଯାଇପାରିବ ନାହିଁ ବୋଲି ଶୁକ୍ରବାର ସୁପ୍ରିମକୋର୍ଟ ତାଙ୍କ ରାୟରେ କହିଛନ୍ତି। ତେବେ କେହି ଯଦି ସ୍ୱେଚ୍ଛାକୃତ ଭାବେ ନାଁ ଲେଖିବାକୁ ଚାହାନ୍ତି, ତେବେ ସେ ତାହା କରିପାରିବେ। ବୋଲ୍‌ବମ୍ ଯାତ୍ରା ରୁଟ୍‌ରେ ଥିବା ସମସ୍ତ ହୋଟେଲ ଓ ଢାବାର ମାଲିକ ତାଙ୍କ ନାମ, ଠିକଣା ଓ କର୍ମଚାରୀଙ୍କ ନାଁ ସାଇନ୍‌ବୋର୍ଡରେ ଲେଖିବା ପାଇଁ ଉତ୍ତରପ୍ରଦେଶ, ଉତ୍ତରାଖଣ୍ଡ ଓ ମଧ୍ୟପ୍ରଦେଶ ସରକାର ପୂର୍ବରୁ ନିର୍ଦ୍ଦେଶନାମା ଜାରି କରିଥିଲେ। ଗତ ୨୨ ତାରିଖରେ ସର୍ବୋଚ୍ଚ ଅଦାଲତ ଏହା ଉପରେ ଅନ୍ତରୀଣ ସ୍ଥଗିତାଦେଶ ଲଗାଇଥିବାବେଳେ ଶୁକ୍ରବାର ଏହାର ସମୟସୀମା ବଢ଼ାଇ ଦେଇଛନ୍ତି। ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ଏହି ନିର୍ଦ୍ଦେଶନାମା ବଳବତ୍ତର ରହିବ ବୋଲି ଜଷ୍ଟିସ ହୃଷୀକେଶ ରାୟ ଏବଂ ଏସ୍.ଭି.ଏନ୍. ଭଟ୍ଟିଙ୍କ ଖଣ୍ଡପୀଠ କହିଛନ୍ତି। ସୂଚନାଯୋଗ୍ୟ, ୩ ରାଜ୍ୟ ସରକାରଙ୍କ ବିବାଦୀୟ ନିର୍ଦ୍ଦେଶନାମାକୁ ଚ୍ୟାଲେଞ୍ଜ କରି ଆସୋସିଏଶନ ଫର୍ ପ୍ରୋଟେକ୍ସନ ଅଫ୍ ସିଭିଲ୍ ରାଇଟ୍ସ ନାମକ ଏନ୍‌ଜିଓ ସମେତ ଟିଏମ୍‌ସି ନେତା ତଥା ପ୍ରଫେସର ଅପୂର୍ବାନନ୍ଦ ଏବଂ ଖବରଦାତା ଆକାର ପଟେଲ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

ଫୁରସତ୍

ମୋ ମୁହଁରେ ଭର୍ତ୍ତି କରିଥିଲେ ଏକେ-୪୭

ନୂଆଦିଲ୍ଲୀ: ଜୁଲାଇ ୨୫ରେ କାର୍ଗିଲ ବିଜୟ ଦିବସର ୨୫ବର୍ଷ ପୂରଣ ହୋଇଛି। ଏହି ଦିନ କାର୍ଗିଲ ଯୁଦ୍ଧରେ ଭାରତୀୟ ସେନା ପାକିସ୍ତାନକୁ ପରାସ୍ତ କରିଥିଲା। ଏହି ଅବସରରେ କାର୍ଗିଲ ଯୁଦ୍ଧ ସହ ଜଡ଼ିତ ଅନେକ କାହାଣୀ ସାମ୍ନାକୁ ଆସୁଛି, ଯାହା ଯେତିକି ରହସ୍ୟମୟ ସେତିକି ଶିହରଣ ଖେଳାଇ ଦେଇଛି।

ଜଣେ ଭାରତୀୟ ଯୁଦ୍ଧବିମାନ ପାଇଲଟ କେ. ନଚିକେତା ଯୁଦ୍ଧ ସମୟରେ ପାକିସ୍ତାନ ତାଙ୍କୁ କିପରି ଅଟକ ରଖିଥିଲା ତାହା ବଖାଣିଛନ୍ତି। ସେ କହିଛନ୍ତି, ତାଙ୍କୁ ପାକିସ୍ତାନରେ ଅନେକ ଦିନ ନିର୍ଯାତନା ଦିଆଯାଇଥିଲା। ପ୍ରାୟ ୮ ଦିନ ପରେ ତାଙ୍କୁ ଭାରତକୁ ହସ୍ତାନ୍ତର କରାଯାଇଥିଲା। ଏହି ସମୟରେ ପାକିସ୍ତାନରେ ତାଙ୍କ ସହ କ'ଣ ଘଟିଥିଲା ସେ କହିଛନ୍ତି। ନଚିକେତା ପ୍ରତିଦିନ ଏକ ମିଗ୍-୨୭ ଯୁଦ୍ଧବିମାନ ଉଡ଼ାଇ ଶତ୍ରୁମା

ଡିସେମ୍ବର ସୁଦ୍ଧା ଉତ୍କଳ ବିଶ୍ୱବିଦ୍ୟାଳୟ ଗ୍ରାମୀଣ କ୍ୟାମ୍ପସ ନିର୍ମାଣ ଶେଷ ହେବ

ଭୁବନେଶ୍ୱର,୨୬।୭(ଅନିଲ ଦାସ)

ଯାଜପୁର ଜିଲା ସିହ୍ନା ଗ୍ରାମ ନିକଟରେ ନିର୍ମାଣାଧୀନ ଉତ୍କଳ ବିଶ୍ୱବିଦ୍ୟାଳୟର ଗ୍ରାମୀଣ କ୍ୟାମ୍ପସ ନିର୍ମାଣ କାର୍ଯ୍ୟ ୨୦୨୪ ଡିସେମ୍ବର ସୁଦ୍ଧା ଶେଷ ହେବ। ସରକାର ଏହି କ୍ୟାମ୍ପସର ଭିତ୍ତିଭୂମି ବିକାଶ ପାଇଁ ୧୦୧.୦୪ କୋଟି ଟଙ୍କା ଅନୁମୋଦନ କରିଥିଲେ। ସେଥିରୁ ୭୦.୮୫ କୋଟି ଟଙ୍କା ପ୍ରଦାନ କରାଯାଇଛି। ବର୍ତ୍ତମାନ ସୁଦ୍ଧା ଛାତ୍ରୀ ନିବାସ, ଏକାଡେମିକ ବ୍ଲକ, ପ୍ରଶାସନିକ ଭବନ ନିର୍ମାଣ କାର୍ଯ୍ୟ ୭୦ ପ୍ରତିଶତ ଶେଷ ହୋଇଛି। ଗ୍ରାମୀଣ ଛାତ୍ରୀଛାତ୍ରଙ୍କୁ ବୈଷୟିକ ଶିକ୍ଷା ସୁବିଧାରେ ପହଞ୍ଚାଇବାକୁ ଏହି କ୍ୟାମ୍ପସ ପ୍ରତିଷ୍ଠା କରିବାକୁ ୨୦୧୫ରେ ଘୋଷଣା କରାଯାଇଥିଲା। ୨୦୧୭ ଜୁଲାଇ ୩୧ ତାରିଖରେ ସିହ୍ନା ଗ୍ରାମଠାରେ ୬୬.୩ ଏକର ଜମି ପ୍ରଦାନ କରାଯାଇଥିଲା। ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଶୁକ୍ରବାର ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ବେଳେ ଏହି ସୂଚନା ଦେଇଛନ୍ତି।

ପ୍ରଶ୍ନ ନମ୍ବର ୯୨ରେ ମୂଳ ପ୍ରଶ୍ନକର୍ତ୍ତା ଭାଜପା ସଭ୍ୟ ଅମର ନାୟକ ଉତ୍କଳ ବିଶ୍ୱ ବିଦ୍ୟାଳୟର ଗ୍ରାମୀଣ କ୍ୟାମ୍ପସ ନିର୍ମାଣ କାର୍ଯ୍ୟ କେଉଁ ସ୍ଥିତିରେ ରହିଛି। ଏହା କେବେ ସୁଦ୍ଧା ପୂର୍ଣ୍ଣାଙ୍ଗ ହେବ। ଏଥିରେ ନିମ୍ନମାନର କାର୍ଯ୍ୟ ହେଉଥିବା ଅଭିଯୋଗ ହେଉଛି। ଏହାର ତଦନ୍ତ କରିବେ କି ବୋଲି ପ୍ରଶ୍ନ କରିଥିଲେ।

ମନ୍ତ୍ରୀ କହିଛନ୍ତି ଯେ, ୨୦୧୮-୧୯ରୁ ଏଠାରେ ବିଏସ୍‌ସି ନର୍ସିଙ୍ଗ୍‌ର ତିନୋଟି ବିଷୟରେ ସ୍ନାତକୋତ୍ତର ପାଠ୍ୟକ୍ରମ ଚାଲିଛି। ୨୦୨୨ ଡିସେମ୍ବର ୧୫ରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ନିମ୍ନମାନର କାମ ନେଇ ସେ ସମୟର ସ୍ଥାନୀୟ ସରପଞ୍ଚ ଚିଠି ଲେଖିଥିଲେ। ସେଥିପାଇଁ ନିର୍ମାଣକାରୀ ସଂସ୍ଥାକୁ ତାଗିଦ୍ କରାଯାଇଥିଲା। ତା' ପରଠାରୁ ଆଉ ଅଭିଯୋଗ ଆସିନି। କାମ ଠିକ୍ ଭାବେ ଓ ଠିକ୍ ସମୟରେ ସାରିବାକୁ ବାରମ୍ବାର ତାଗିଦ୍ କରାଯାଉଛି। ଯଦି ନିମ୍ନମାନ କାମର ଅଭିଯୋଗ ପ୍ରମାଣିତ ହୁଏ, ତେବେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମନ୍ତ୍ରୀ କହିଛନ୍ତି।

ଖୁବ୍‌ଶୀଘ୍ର ପୂରଣ ହେବ ୧୬ ହଜାର ୫୧୯

ଖାଲିପଡ଼ିଛି ୧୭ ହଜାର ଶିକ୍ଷକ ପଦବୀ

ଭୁବନେଶ୍ୱର,୨୬।୭(ଅନିଲ ଦାସ)

ରାଜ୍ୟରେ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମୋଟ ୧୭ ହଜାର ୭୬୧ ଶିକ୍ଷକ ପଦବୀ ଖାଲି ପଡ଼ିଛି। ଖୁବ୍‌ଶୀଘ୍ର ୧୬ ହଜାର ୫୧୯ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ଶିକ୍ଷକ ପଦ ପୂରଣ କରିବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିଷ୍ପତ୍ତି ନେଇଛନ୍ତି। ଶୁକ୍ରବାର ବିଧାନସଭା ପ୍ରଶ୍ନକାଳରେ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଏହା କହିଛନ୍ତି।

ମୂଳ ପ୍ରଶ୍ନ ନଂ. ୯୧ରେ ପ୍ରଶ୍ନକର୍ତ୍ତା ଭାଜପା ସଭ୍ୟ ପଦ୍ମଲୋଚନ ପଣ୍ଡା ପଚାରିଥିଲେ ବାଲେଶ୍ୱର ଶିକ୍ଷାଜିଲା ଅଧୀନସ୍ଥ ସିମୁଳିଆ ଓ ଖଇରା ବ୍ଲକରେ କେତୋଟି ପ୍ରାଥମିକ ଓ କେତୋଟି ଉଚ୍ଚ ପ୍ରାଥମିକ ଅନୁଦାନପ୍ରାପ୍ତ ସ୍କୁଲ ଅଛି। ସେଠାରେ ସରକାରୀ ନିୟମ ଅନୁଯାୟୀ କେତେକ ଶିକ୍ଷକ ରହିବା କଥା। କେତେ ଅଛନ୍ତି।

ରାଜ୍ୟରେ ୬୧୦ ବର୍ଗର ହାଇସ୍କୁଲ ଅଛି, ସେଗୁଡ଼ିକ ଅନୁଦାନପ୍ରାପ୍ତ ସ୍କୁଲ। ପ୍ରତି ପଞ୍ଚାୟତରେ ଥିବା ସ୍କୁଲଗୁଡ଼ିକ ଶିକ୍ଷକ ଅଭାବରୁ ବନ୍ଦ ହୋଇଯାଉଛି। ସେଗୁଡ଼ିକ କିପରି ଅପଗ୍ରେଡ୍ କରି ବଞ୍ଚାଇ ରଖାଯାଇପାରିବ। ସେଥିପ୍ରତି ସରକାର କି ପଦକ୍ଷେପ ନେଉଛନ୍ତି ବୋଲି ବିଜେଡି ସଭ୍ୟ ବଦ୍ରି ପାତ୍ର ପଚାରିଥିଲେ। କଂଗ୍ରେସ ସଭ୍ୟ ସୋଫିଆ ଫିର୍ଦ୍ଦୋସ ନିଜ ନିର୍ବାଚନମଣ୍ଡଳୀରେ ଥିବା କେତେକ ସ୍କୁଲରେ ପିଲାଙ୍କ ବସିବା ପାଇଁ ବେଞ୍ଚ ଡେସ୍କ ଓ ଖେଳପଡ଼ିଆ ନ ଥିବା ନେଇ ଅତିରିକ୍ତ ପ୍ରଶ୍ନରେ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଭାଜପା ସଭ୍ୟ ମନୋରଞ୍ଜନ ଦ୍ୟାନ ସାମନ୍ତରାୟ, ସନାତନ ବିଜୁଳି, ବିଜେଡି ସଭ୍ୟ ସୁନୀଲ ମହାନ୍ତି, ଯୋଗେଶ ସିଂ, ଭାଜପା ସଭ୍ୟ ପ୍ରଶାନ୍ତ ଜଗଦ୍ଦେବ ଏବଂ କଂଗ୍ରେସ ସଭ୍ୟ ରାମଚନ୍ଦ୍ର କାଡାମ ନିଜ ନିଜ ନିର୍ବାଚନମଣ୍ଡଳୀରେ ଥିବା ସରକାରୀ ସ୍କୁଲଗୁଡ଼ିକର ବିଭିନ୍ନ ସମସ୍ୟା ନେଇ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ମନ୍ତ୍ରୀ ଉତ୍ତରରେ କହିଛନ୍ତି ଯେ, ବିଭିନ୍ନ ସ୍କୁଲର ନିଜସ୍ୱ ଜମି ନ ଥିବା କଥା ସରକାର ଅବଗତ ଅଛନ୍ତି। ମୁଖ୍ୟମନ୍ତ୍ରୀ ଓ ରାଜସ୍ୱ ମନ୍ତ୍ରୀ ଏ ଦିଗରେ ଆଲୋଚନା କରିଛନ୍ତି। ଆଗମୀ ଦିନରେ ଏ ନେଇ ପଦକ୍ଷେପ ନିଆଯିବ। ପୂର୍ଣ୍ଣ ଅନୁଦାନପ୍ରାପ୍ତ ସ୍କୁଲଗୁଡ଼ିକରେ ଶିକ୍ଷକ ଅଭାବ ପୂରଣ କରାଯିବ। ଯେଉଁଠି ଅଧିକ ଶିକ୍ଷକ ଅଛନ୍ତି ଅନ୍ୟ ସ୍କୁଲରେ ସେମାନଙ୍କୁ ଆଡ୍‌ଜଷ୍ଟ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି।

ମାଲବାହୀ ଟ୍ରେନ୍‌ର ୨ ୱାଗନ ଲାଇନଚ୍ୟୁତ

ଭୁବନେଶ୍ୱର,୨୬।୭(ଅନୁରାଧା ମହାରଣା)

ତଦନ୍ତ କରିବ ସ୍ୱତନ୍ତ୍ର କମିଟି

ଭୁବନେଶ୍ୱର ରେଳ ଷ୍ଟେଶନ ନିକଟରେ ଏକ ମାଲବାହୀ ଟ୍ରେନ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଟ୍ରେନଟି ଡାଉନ୍ ଲାଇନ୍ ଦେଇ ଅନୁଗୋଳ ଅଭିମୁଖେ ଯାଉଥିବାବେଳେ ବାଣୀବିହାର ଓ ମାଷ୍ଟରକ୍ୟାଣ୍ଟିନ ଷ୍ଟେଶନ ମଧ୍ୟବର୍ତ୍ତୀ ସ୍ଥାନରେ ଟ୍ରେନ୍‌ଟି ଲାଇନ୍‌ଚ୍ୟୁତ ହୋଇଥିଲା। ଟ୍ରେନ୍‌ର ୨ଟି ୱାଗନ ଟ୍ରାକ୍‌ରୁ ଖସି ଯିବା ସହ ଅନ୍ୟ ୱାଗନଠାରୁ ଅଲଗା ହୋଇଯାଇଥିଲା। ଗୋଟିଏ ୱାଗନ ଟ୍ରାକ୍‌ରୁ ଖସି ଯିବା ପରେ କିଛି ବାଟ ଘୋଷାରି ହୋଇ ଏକ ପୋଲ୍‌ରେ ଧକ୍କା ଲାଗିଥିଲା ଓ ଅନ୍ୟ ଏକ ୱାଗନ୍ ଅଲଗା ହୋଇ କିଛି ଦୂରକୁ ମାଡିଯାଇଥିବା ଦେଖିବାକୁ ମିଳିଛି। ସକାଳ ପ୍ରାୟ ୮ଟା ୪୦ରେ ଏହି ଦୁର୍ଘଟଣା ଘଟିଥିବାବେଳେ କେବଳ ଉକ୍ତ ଦୁଇ ୱାଗନ ଓ ବିଦ୍ୟୁତ୍ ଖୁଣ୍ଟ ଅଳ୍ପ କ୍ଷତିଗ୍ରସ୍ତ ହୋଇଥିବା ଜଣାପଡିଛି। ତେବେ ଷ୍ଟେଶନ ନିକଟ ହୋଇଥିବାରୁ ସେହି ରୁଟ୍‌ରେ ଯିବାକୁ ଥିବା ଅନ୍ୟ ଟ୍ରେନ୍‌କୁ ଅଟକାଯାଇଥିଲା। ଏଥିସହ ତୁରନ୍ତ ସେଠାରେ ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭ ହୋଇଥିଲା। ଏଥିଯୋଗୁ ଟ୍ରେନ୍ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଅପରାହ୍ନ ସାଢ଼େ ୧ଟା ପର୍ଯ୍ୟନ୍ତ ଏହି କାର୍ଯ୍ୟ ଜାରି ରହିଥିଲା। ପରେ ଟ୍ରେନ୍ ଚଳାଚଳ ଆରମ୍ଭ ହୋଇଥିଲେ ମଧ୍ୟ ଅପରାହ୍ନ ୪ଟା ସୁଦ୍ଧା ସ୍ଥିତି ସମ୍ପୂର୍ଣ୍ଣ ସ୍ୱାଭାବିକ ହୋଇଥିଲା। ତେବେ କେଉଁ କାରଣରୁ ଏହି ଦୁର୍ଘଟଣା ଘଟିଲା ସେନେଇ ରେଳପଥ ପକ୍ଷରୁ ତଦନ୍ତ କରାଯିବ। ଏଥିପାଇଁ ଏକ ସ୍ୱତନ୍ତ୍ର କମିଟି ଗଠନ କରାଯାଇ ଦୁର୍ଘଟଣାର ବିଭିନ୍ନ ଦିଗକୁ ଯାଞ୍ଚ କରାଯିବ। ଏହା ବୈଷୟିକ ତ୍ରୁଟି ନା ମାନବୀୟ ତ୍ରୁଟି ଜଣାପଡ଼ିବା ପରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପୂର୍ବତଟ ରେଳପଥ ପକ୍ଷରୁ କୁହାଯାଇଛି।

ପୂର୍ବତଟ ରେଳ ବିଭାଗର ଡିଭିଜନାଲ ରେଲ ପରିଚାଳକ ଏଚ୍‌ଏସ୍ ବଜୱା କହିଛନ୍ତି, ଏଥିରେ କୌଣସି ବ୍ୟକ୍ତି ମୃତାହତ ହୋଇ ନ ଥିବାବେଳେ ଉଭୟ ୱାଗନର ପୁନରୁଦ୍ଧାର କାର୍ଯ୍ୟ ତୁରନ୍ତ ଆରମ୍ଭ କରାଯାଇଥିଲା। ଟ୍ରେନ୍‌ର ବେଗ ଧୀର ଥିବାରୁ କୌଣସି କ୍ଷୟକ୍ଷତି ହୋଇ ନ ଥିଲା। ଭୁବନେଶ୍ୱର ଷ୍ଟେଶନ ନିକଟରେ ଏହି ଦୁର୍ଘଟଣା ଘଟିଥିବାରୁ ତୁରନ୍ତ ଟ୍ରାଫିକ ପରିଚାଳନା ସହ ଅନ୍ୟାନ୍ୟ କାର୍ଯ୍ୟ କରିବାରେ କର୍ମଚାରୀମାନେ ସକ୍ଷମ ହୋଇଥିଲେ।

ବଢ଼ିପାରେ ମଧ୍ୟାହ୍ନଭୋଜନ ମୁଣ୍ଡ ପିଛା ଖର୍ଚ୍ଚ

ଭୁବନେଶ୍ୱର,୨୬।୭(ଅନିଲ ଦାସ)

ସ୍କୁଲରେ ଛାତ୍ରୀଛାତ୍ରମାନଙ୍କୁ ଦିଆଯାଉଥିବା ମଧ୍ୟାହ୍ନଭୋଜନ ମୁଣ୍ଡପିଛା ମୂଲ୍ୟ ବଢ଼ିପାରେ। ଏ ନେଇ ରାଜ୍ୟ ସରକାର ଚିନ୍ତା କରୁଛନ୍ତି। ବିଜେଡି ସଭ୍ୟ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ଶୁକ୍ରବାର ବିଧାନସଭାରେ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଏହି ସୂଚନା ଦେଇଛନ୍ତି। ରଣେନ୍ଦ୍ର ପଚାରିଛନ୍ତି ଯେ, ବର୍ତ୍ତମାନ ମଧ୍ୟାହ୍ନଭୋଜନରେ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ପାଇଁ ୫ ଟଙ୍କା ୯୦ ପଇସା ଏବଂ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ପାଇଁ ୮ ଟଙ୍କା ୮୨ ପଇସା ଦିଆଯାଉଛି। ହେଲେ ଦର ଆକାଶ ଛୁଆଁ ହୋଇଥିବା ବେଳେ, ସରକାର ଏହାକୁ ବୃଦ୍ଧି କରିବାକୁ କିଛି ପଦକ୍ଷେପ ନେବେ କି। ମନ୍ତ୍ରୀ କହିଛନ୍ତି ଯେ, ବର୍ତ୍ତମାନ ବଜାରରେ ଖାଉଟି ସାମଗ୍ରୀର ମୂଲ୍ୟବୃଦ୍ଧି ଯୋଗୁ ମୁଣ୍ଡପିଛା ମୂଲ୍ୟ ବୃଦ୍ଧି ନିମନ୍ତେ ପ୍ରସ୍ତାବ ରାଜ୍ୟ ସରକାରଙ୍କ ନିକଟରେ ବିଚାରାଧୀନ ଅଛି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ୬୦:୪୦ ଅନୁପାତରେ ପରିଚାଳିତ ପ୍ରଧାନମନ୍ତ୍ରୀ ପୋଷଣ ଶକ୍ତି ନିର୍ମାଣ କାର୍ଯ୍ୟକ୍ରମ ଅଧୀନରେ ରାଜ୍ୟର ପ୍ରତ୍ୟେକ ସରକାରୀ ଓ ଅନୁଦାନପ୍ରାପ୍ତ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟରେ ଅଧ୍ୟୟନରତ ୪୪,୫୦,୦୦୦ ଛାତ୍ରୀଛାତ୍ରଙ୍କୁ ମଧ୍ୟାହ୍ନଭୋଜନ ପ୍ରଦାନ କରାଯାଉଅଛି। ଛାତ୍ରୀଛାତ୍ରଙ୍କୁ ଦିଆଯାଉଥିବା ମୁଣ୍ଡପିଛା ମୂଲ୍ୟ କେନ୍ଦ୍ର ସରକାର ନିର୍ଦ୍ଧାରଣ କରିଥାନ୍ତି। ଏଥିସହିତ ରାଜ୍ୟ ସରକାର ନିର୍ଦ୍ଧାରିତ ଅଂଶ ପ୍ରଦାନ କରିଥାନ୍ତି। ଏତଦ୍‌ବ୍ୟତୀତ ରାଜ୍ୟ ସରକାର ନିଜସ୍ୱ ଯୋଜନାରୁ ଅତିରିକ୍ତ ମୁଣ୍ଡପିଛା ଖର୍ଚ୍ଚ ଛାତ୍ରୀଛାତ୍ରମାନଙ୍କୁ ପ୍ରଦାନ କରିଥାନ୍ତି।

ବିଧାନସଭା ପରାମର୍ଶଦାତା କମିଟି ଗଠିତ

ବାଚସ୍ପତି ହେଲେ କମିଟିର ଅଧ୍ୟକ୍ଷ

ଭୁବନେଶ୍ୱର,୨୬।୭(ସୁନିତ୍ ମିଶ୍ର)

ବିଧାନସଭା ଗୃହ କାର୍ଯ୍ୟ ସୁରୁଖୁରୁରେ ଚଳାଇବା ଲାଗି ଗୃହ କାର୍ଯ୍ୟ ପରାମର୍ଶଦାତା କମିଟି ଶୁକ୍ରବାର ଗଠନ କରାଯାଇଛି। ଏହି କମିଟିରେ ବାଚସ୍ପତି ସୁରମା ପାଢ଼ୀ ଅଧ୍ୟକ୍ଷ ଅଛନ୍ତି। ସେହିପରି ଏହି କମିଟିରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ, ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ, ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ, ସରକାରୀ ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ, ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲିକ, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ, ପର୍ବତନ ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର ପ୍ରମୁଖ ସଦସ୍ୟ ଭାବେ ସ୍ଥାନ ପାଇଛନ୍ତି।

୫ ବର୍ଷରେ ୧୧,୮୫,୨୮୧. ୪୦ କୋଟିର ୫୧୨ ଶିଳ୍ପକୁ ଅନୁମୋଦନ

ଭୁବନେଶ୍ୱର,୨୬।୭(ଅନିଲ ଦାସ)

ରାଜ୍ୟରେ ଗତ ୫ ବର୍ଷ ମଧ୍ୟରେ ରାଜ୍ୟସ୍ତରୀୟ ସିଙ୍ଗଲ୍‌ୱିଣ୍ଡୋ ଅଥରିଟି ମାଧ୍ୟମରେ ଶିଳ୍ପର ବିଭିନ୍ନ କ୍ଷେତ୍ରରେ ୧୧,୮୫,୨୮୧. ୪୦ କୋଟିର ୫୧୨ଟି ବୃହତ୍ ଶିଳ୍ପ ପ୍ରକଳ୍ପକୁ ଅନୁମୋଦନ ଦିଆଯାଇଛି। ଏହି ଶିଳ୍ପ ଗୁଡ଼ିକରେ ୫ ଲକ୍ଷ ୭୧ ହଜାର ୩୦୩ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ଆକଳନ କରାଯାଉଛି। ଶୁକ୍ରବାର ବିଧାନସଭା ପ୍ରଶ୍ନକାଳରେ ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଏହି ସୂଚନା ଦେଇଛନ୍ତି। ଭାଜପା ବିଧାୟକ ଇରାଶିଷ ଆଚାର୍ଯ୍ୟ ପଚାରିଥିଲେ ଯେ, ଗତ ୫ ବର୍ଷ ଭିତରେ ଓଡ଼ିଶାକୁ କେତେ ଶିଳ୍ପ କାରଖାନା ଏବଂ କମ୍ପାନୀ ଆସିଛନ୍ତି। ସେମାନଙ୍କୁ କ'ଣ ସବୁ ପ୍ରୋତ୍ସାହନ ଏବଂ ଅନ୍ୟାନ୍ୟ ବ୍ୟବସ୍ଥା ଦିଆଯାଇଛି।

ଜବାବରେ ମନ୍ତ୍ରୀ କହିଛନ୍ତି ଯେ, ଅନୁମୋଦିତ ଶିଳ୍ପ ପ୍ରକଳ୍ପ ମଧ୍ୟରୁ ଅଦ୍ୟାବଧି ଶିଳ୍ପର ବିଭିନ୍ନ କ୍ଷେତ୍ରରେ ୩୦ଟି ବୃହତ୍ ପ୍ରକଳ୍ପ ସ୍ଥାପନ ହେଇ ଆଂଶିକ ତଥା ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇଛନ୍ତି। ଏହି ଶିଳ୍ପଗୁଡ଼ିକ ପୂର୍ଣ୍ଣ କାର୍ଯ୍ୟକ୍ଷମ ହେଲେ ୧୯,୫୨୮.୬୬ କୋଟି ଟଙ୍କାର ପୁଞ୍ଜିନିବେଶ ସହିତ ୨୦ ହଜାର ୨୫୧ଟି ନିଯୁକ୍ତି ସୃଷ୍ଟି ହୋଇପାରିବ। ଏହାଛଡ଼ା ୨୩୫ଟି ଶିଳ୍ପ ସଂସ୍ଥାକୁ ବିଭିନ୍ନ ଶିଳ୍ପ ପାଇଁ ବିଭିନ୍ନ ସୁବିଧାରେ ୬୮୪୭.୬୮୧ ଏକର ସରକାରୀ ଜମି ଓ ୧୮୦୪.୯୫୪ ଏକର ବେସରକାରୀ ଜମି ଆବଣ୍ଟନ କରାଯାଇଛି। କଂଗ୍ରେସ ସଭ୍ୟ ତାରା ପ୍ରସାଦ ବାହିନୀପତି, ଭାଜପା ସଭ୍ୟ ଆକାଶ ଦାସ ନାୟକ ଏବଂ କଂଗ୍ରେସ ସଭ୍ୟ ସି.ଏସ. ରାଜନ ଏକ୍କା ନିଜ ଅଞ୍ଚଳରେ ହୋଇଥିବା ଶିଳ୍ପରେ ଜମି ଆବଣ୍ଟନ ଓ ନିଯୁକ୍ତି କଥା ପଚାରିଥିଲେ।

ଅବସରର ୪ ବର୍ଷ ପରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଖାରଜ

କଟକ,୨୬।୭(କାର୍ତ୍ତିକ ସାହୁ)

ସରକାରଙ୍କ ପେନ୍‌ସନ୍ ନିୟମ ଅନୁସାରେ ଅବସର ନେବାର ୪ ବର୍ଷ ପରେ ସମ୍ପୃକ୍ତ କର୍ମଚାରୀଙ୍କ ନାମରେ କୌଣସି ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ ନାହିଁ। ବିଚାରପତି ବିରଜା ପ୍ରସନ୍ନ ଶତପଥୀ ଏଭଳି ଏକ ମାମଲାର ଶୁଣାଣି କରି ରାଜ୍ୟ ସରକାରଙ୍କ ବିଭାଗୀୟ କାର୍ଯ୍ୟାନୁଷ୍ଠାନକୁ ଖାରଜ କରିବାକୁ ଶୁକ୍ରବାର ଆଦେଶ ଦେଇଛନ୍ତି।

ମାମଲାର ବିବରଣୀ ଅନୁସାରେ, ଆବେଦନକାରୀ ନଳିନୀକାନ୍ତ ମହାପାତ୍ର ଚିତ୍ରକୋଣ୍ଡା ପ୍ରକଳ୍ପରେ ଜଳସମ୍ପଦ ବିଭାଗର ନିର୍ବାହୀ ଯନ୍ତ୍ରୀ ଥିଲେ। ୨୦୦୧ ଅକ୍ଟୋବର ୨୨ରୁ ୨୦୦୬ ମେ' ୨୫ ତାରିଖ ମଧ୍ୟରେ କରାଯାଇଥିବା ଉକ୍ତ ପ୍ରକଳ୍ପ କାର୍ଯ୍ୟରେ ଅନିୟମିତତା ହୋଇଥିବା ଦର୍ଶାଇ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା। ୨୦୧୮ ଜୁଲାଇ ୨୬ରେ ଏହି ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା। ଅପରପକ୍ଷରେ ମହାପାତ୍ର ୨୦୧୧ ମେ' ୩୧ରେ ଜଳ ସମ୍ପଦ ବିଭାଗର ମୁଖ୍ୟଯନ୍ତ୍ରୀ ଭାବେ ସରକାରୀ ଚାକିରିରୁ ଅବସର ଗ୍ରହଣ କରିସାରିଥିଲେ। ଏହାକୁ ଚ୍ୟାଲେଞ୍ଜ କରି ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ରାଜୀବ ରଥ ମାମଲା ପରିଚାଳନା କରୁଥିଲେ।

ମୁଖ୍ୟମନ୍ତ୍ରୀଙ୍କ ୪ ଦିନିଆ ଦିଲ୍ଲୀ ଗସ୍ତ

ଭୁବନେଶ୍ୱର,୨୬।୭ (ଅନିଲ ଦାସ)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁକ୍ରବାର ସନ୍ଧ୍ୟାରେ ୪ ଦିନିଆ ଦିଲ୍ଲୀ ଗସ୍ତରେ ଯାଇଛନ୍ତି। ମୁଖ୍ୟମନ୍ତ୍ରୀ ଶନିବାର ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ନୀତି ଆୟୋଗ ବୈଠକରେ ଯୋଗଦେବେ। ମୁଖ୍ୟମନ୍ତ୍ରୀଙ୍କ ସହ ମୁଖ୍ୟ ଶାସନ ସଚିବ ମଧ୍ୟ ନୀତି ଆୟୋଗ ବୈଠକରେ ଯୋଗଦେବେ। ଏଥିସହ ରାଜ୍ୟର ବିଭିନ୍ନ ପ୍ରସଙ୍ଗକୁ ନେଇ ମୁଖ୍ୟମନ୍ତ୍ରୀ କେନ୍ଦ୍ରମନ୍ତ୍ରୀଙ୍କୁ ସାକ୍ଷାତ କରିବା କାର୍ଯ୍ୟକ୍ରମ ରହିଛି। ଆସନ୍ତା ୨୯ ତାରିଖରେ ମୁଖ୍ୟମନ୍ତ୍ରୀ ନୂଆଦିଲ୍ଲୀରୁ ଫେରିବେ ବୋଲି ଜଣାପଡ଼ିଛି।

ମସ୍ୟ ଅଧିକାରୀଙ୍କ ଅଫିସ୍ ସିଲିଂ ଖସିଲା

ସୁବର୍ଣ୍ଣପୁର ଜିଲା ମସ୍ୟ ଅଧିକାରୀଙ୍କ ଅଫିସର ସିଲିଂ ଖସିପଡ଼ିଛି।

ସୋନପୁର,୨୬।୭(ମୃତ୍ୟୁଞ୍ଜୟ ଶତପଥୀ)

ଅଳ୍ପକେ ବଞ୍ଚିଲେ କର୍ମଚାରୀ

ସୁବର୍ଣ୍ଣପୁର ଜିଲା ମସ୍ୟ ଅଧିକାରୀଙ୍କ ଅଫିସର କମ୍ପ୍ୟୁଟର ରୁମ୍‌ରୁ ଶୁକ୍ରବାର ସିଲିଂ ଖସି ପଡ଼ିଥିଲା। ମଧ୍ୟାହ୍ନରେ ଏହି ଘଟଣା ଘଟିଥିଲା। ତେବେ ସିଲିଂ ଖସିବାର ଅଳ୍ପ କେଇ ମିନିଟ୍ ପୂର୍ବରୁ କାର୍ଯ୍ୟରତ କର୍ମଚାରୀମାନେ ବାହାରକୁ ଚାଲି ଯାଇଥିଲେ। ଫଳରେ କର୍ମଚାରୀମାନେ ଅଳ୍ପକେ ବଡ଼ ଦୁର୍ଘଟଣାରୁ ବର୍ତ୍ତି ଯାଇଛନ୍ତି।

ସୂଚନା ଅନୁଯାୟୀ ସୁବର୍ଣ୍ଣପୁର ସରକାରୀ ଫିଶ୍ ଫାର୍ମର ପ୍ରଶିକ୍ଷଣ କେନ୍ଦ୍ରରେ ଜିଲା ମସ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟ କାର୍ଯ୍ୟକ୍ଷମ ଅଛି। ଜିଲା ଗଠନ ହେବାର ୩୧ ବର୍ଷ ବିତି ଯାଇଥିଲେ ମଧ୍ୟ ମସ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟ ଓ ବାସଭବନ ନିର୍ମାଣ ହୋଇନି। ଏଭଳି ସ୍ଥିତିରେ ପ୍ରଶିକ୍ଷଣ କେନ୍

ଆଜି କ'ଣ କେଉଁଠି

ଭୁବନେଶ୍ୱର

- ସାଇ ଇଣ୍ଟରନ୍ୟାଶନାଲ ମଡେଲ ୟୁନାଇଟେଡ ନେଶନ୍‌ସ କନଫରେନ୍ସ, ସ୍ଥାନ: ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ ପରିସର, ସମୟ: ପୂର୍ବାହ୍ନ ୧୦ଟା ।
- ସିପିଆଇର ଖବରଦାତା ସମ୍ମିଳନୀ, ସ୍ଥାନ: ସିପିଆଇ ରାଜ୍ୟ କାର୍ଯ୍ୟାଳୟ ଭଗବତୀ ଭବନ, ସମୟ: ପୂର୍ବାହ୍ନ ୧୦ଟା ୩୦ ।
- ଇନକମ୍ ଟ୍ୟାକ୍ସ ଗ୍ୟାଜେଟେଡ୍ ଅଫିସରସ୍ ଆସୋସିଏଶନ ଓ ଇନକମ୍ ଟ୍ୟାକ୍ସ ଏମ୍ପ୍ଲୋଏମେଣ୍ଟ ଫେଡେରେଶନ ପକ୍ଷରୁ ସଂଯୁକ୍ତ ଦ୍ୱିବାର୍ଷିକ ସମ୍ମିଳନୀ, ସ୍ଥାନ: ଆକ୍ୱା ଲନ୍, କଟକ-ପୁରୀ ବାଇପାସ୍ ରୋଡ, ସମୟ: ପୂର୍ବାହ୍ନ ୧୧ଟା ।
- ଆଇସିସି ନିଯୁକ୍ତି ମେଳା ୨୦୨୪, ସ୍ଥାନ: ଗ୍ରାଣ୍ଡ ଲୁମ୍ବିନୀ କନ୍‌ଭେନଶନ, ସମୟ: ପୂର୍ବାହ୍ନ ୧୧ଟା ।
- ଶିଳ୍ପୀ ଶରତ କୁମାର ରଥ ସ୍ମୃତି ସମ୍ମାନ ପ୍ରଦାନ ଉତ୍ସବ, ସ୍ଥାନ: ଧଉଳି ଚାରିକଳା ମହାବିଦ୍ୟାଳୟ, ଧଉଳି ଶାନ୍ତିସ୍ତୁପ, ସମୟ: ପୂର୍ବାହ୍ନ ୧୧ଟା ।
- ଲୋଏଲା ସ୍କୁଲ ପକ୍ଷରୁ ଲୋଏଲା ସେନେର୍ଗି ୨୦୨୪, ସ୍ଥାନ: ସ୍କୁଲ ପରିସର, ସମୟ: ମଧ୍ୟାହ୍ନ ୧୨ଟା ।
- ପୁସ୍ତକ ଉନ୍ମୋଚନ, ସାରସ୍ୱତ ସଭା ଓ କବିତା ପାଠ, ସ୍ଥାନ: ଆଇ. ଟି. ପି. ଆଇ ଓ ଆର୍.ସି ସଭାଗୃହ, ସମୟ: ଅପରାହ୍ନ ୫ଟା ୩୦ ।
- ଭୁବନେଶ୍ୱର ସାହିତ୍ୟ ସମାଜ ଟ୍ରଷ୍ଟର 'ସାହିତ୍ୟ ମାସିକୀ', ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା ।
- ଶିକନ୍ଦର ଆଲାମଙ୍କ ୮୫ତମ ଜୟନ୍ତୀ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦ ।

ବାଲେଶ୍ୱର

- ବିଧାନସଭା ଉପମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସଙ୍କ କାର୍ଯ୍ୟସୂଚୀ
- ଭୁବନେଶ୍ୱରରୁ ଆସି ବାଲେଶ୍ୱରରେ ପହଞ୍ଚିବେ, ସ୍ଥାନ: କୁରୁଡ଼ା ଛକ, ସମୟ: ସକାଳ ୬ଟା ।
- ବାଇକ୍ ରାଲି, କୁରୁଡ଼ା ଛକରୁ ପୋଲିସ ଲାଇନ୍ ଛକ, ଫକୀରମୋହନ ଗୋଲେଇରୁ ରେମୁଣା ଗୋଲେଇ, ସମୟ: ସକାଳ ୯ଟା ୩୦ ।
- ରେମୁଣା ଗୋଲେଇରୁ ଆସି ଫାଣ୍ଡି ଛକରେ ପହଞ୍ଚିବେ, ସମୟ: ପୂର୍ବାହ୍ନ ୧୦ଟା ୩୦ ।
- ତ୍ରିରଙ୍ଗା ପଦଯାତ୍ରା, ଫାଣ୍ଡି ଛକରୁ କନଭେଣ୍ଟ ସ୍କୁଲ ଛକ ।
- କାର୍ଗିଲ ବିଜୟ ଦିବସ କାର୍ଯ୍ୟକ୍ରମରେ ଯୋଗଦେବେ, ସମୟ: ପୂର୍ବାହ୍ନ ୧୧ଟା ୧୫ ।
- ପୂର୍ବତନ ରାଷ୍ଟ୍ରପତି ଡ. ଏପିଜେ ଅବଦୁଲ କଲାମଙ୍କ ଶ୍ରାଦ୍ଧଦିବସ, ସ୍ଥାନ: ଷ୍ଟେଶନ ଛକ, ବାଲେଶ୍ୱର, ସମୟ: ସକାଳ ୮ଟା ।
- ବାର୍ଷିକ ଜ୍ଞାନବିଜ୍ଞାନ ମେଳା-୨୦୨୪, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ବୃନ୍ଦାବତୀ ବିହାର, ବାଲିଆ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା ।
- ଓଡିଶା ସାହିତ୍ୟ ଏକାଡେମୀ ଓ କହ୍ନେଇ ସ୍ମୃତି ସଂସଦ ପକ୍ଷରୁ ସାରସ୍ୱତ ସାଧକ କହ୍ନେଇ ଦାସଙ୍କ ସ୍ମୃତିଚାରଣ ସଭା, ସ୍ଥାନ: କର୍ମଦ୍ଧା ଜଗନ୍ନାଥ ଉଚ୍ଚ ବିଦ୍ୟାଳୟ, ଭୋଗରାଇ, ସମୟ: ପୂର୍ବାହ୍ନ ୧୦ଟା ।
- ସଦ୍‌ଗୁରୁ ଶ୍ରୀ ଶ୍ରୀ ୧୦୭ ଶ୍ରୀମତ୍ ସ୍ୱାମୀ ନିଗମାନନ୍ଦ ସରସ୍ୱତୀ ପରମହଂସଦେବଙ୍କ ପ୍ରବର୍ତ୍ତିତ ବାଲେଶ୍ୱର ଟାଉନ ସାରସ୍ୱତ ସଂଘର ୪୦୧ତମ ବାର୍ଷିକ ଉତ୍ସବ ଉପଲକ୍ଷେ ସନ୍ଧ୍ୟା ଶୁଭାଧିବାସ, ସ୍ଥାନ: ନିଗମାନନ୍ଦ ଆସନ ମନ୍ଦିର, ଜନତା ସରକାରୀ ଉଚ୍ଚ ବିଦ୍ୟାଳୟ ନିକଟ ଚନ୍ଦନ ପୋଖରୀ, କୁରୁଡ଼ା, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା ।

ଭଦ୍ରକ

- ଖବରଦାତା ସମ୍ମିଳନୀ, ସ୍ଥାନ: ଅବଦୁଲ କଲାମ ପାଠାଗାର, ଧାମନଗର, ସମୟ: ସକାଳ ୯ଟା ୩୦ ।

କେନ୍ଦୁଝର

- ଶନିଗ୍ରହଙ୍କ ମନ୍ଦିରରେ ମେଳା, ପୂଜା, ଭଜନ କୀର୍ତ୍ତନ, ସ୍ଥାନ: ମୋଟରାଗଡିଆ, ହାଟଡିହୀ, ସମୟ: ସକାଳ ୭ ଟା ଏବଂ ସନ୍ଧ୍ୟା ୬ ଟା ।
- ଶନି ଗ୍ରହଙ୍କ ମନ୍ଦିରରେ ପୂଜାର୍ଚ୍ଚନା, ସ୍ଥାନ:ଛେନାପଦୀ, ହାଟଡିହୀ, ସମୟ: ସକାଳ ୭ ଟା ୩୦ ।
- ଶ୍ରୀ ହନୁମାନଙ୍କ ମନ୍ଦିରରେ ଶିକ୍ଷାର୍ଥୀଙ୍କ ଦ୍ୱାରା ବେଦ ପାଠ, ସ୍ଥାନ: ହାବଳେଶ୍ୱର, ହାଟଡିହୀ, ସମୟ: ଅପରାହ୍ନ ୩ ଘଟିକା

ମୟୂରଭଞ୍ଜ

- ଜ୍ଞାନ ବିଜ୍ଞାନ ମେଳା, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ବେଲପାଳ, ବଡ଼ସାହି, ସମୟ: ପୂର୍ବାହ୍ନ ୧୦ଟା ।
- ତିରଙ୍ଗା ଶୋଭାଯାତ୍ରା, ସ୍ଥାନ:ଛଉ ପଡ଼ିଆ ବାରିପଦା,ସମୟ: ଅପରାହ୍ନ ୩ଟା ।

ବ୍ରହ୍ମପୁର

- ଏମ୍‌କେସିଜି ଡିଏମଇଟି ଏବଂ ଡିଏମଆରଟି ଛାତ୍ର ସଂସଦର ଆନୁଆଲ ମିଟ, ସ୍ଥାନ: ନ୍ୟୁ ଅଡିଟୋରିଅମ ହଲ, ଏମକେସିଜି କଲେଜ, ସମୟ: ଅପରାହ୍ନ ୧ଟା ।
- ରୋଟାରୀ ଡାଏଲିସିସ ସେଣ୍ଟର ଉଦଘାଟନ, ସ୍ଥାନ: ମିନାକ୍ଷୀ ହସ୍ପିଟାଲ, ଚର୍ଚ୍ଚ ରୋଡ, ସମୟ: ଅପରାହ୍ନ ୪ଟା ।
- ଯୁବ ମୋର୍ଚ୍ଚା ପକ୍ଷରୁ କାରଗିଲ ବିଜୟ ଦିବସ, ସ୍ଥାନ: ଡାଇମଣ୍ଡ ଜୁବୁଲି ଟାଉନ ହଲ, ସମୟ: ସନ୍ଧ୍ୟା ୬ଟା ।

ଗଞ୍ଜାମ

- ସାଧୁସଙ୍ଗେ ହରିକଥା ପ୍ରବଚନ, ସ୍ଥାନ: ଖଲ୍ଲିକୋଟ ଭେଜିପୁଟ ଇସ୍କନ,ସମୟ: ସକାଳ ୯ଟା ।
- ଅବଦୁଲ କଲାମଙ୍କ ତିରୋଧାନ ଦିବସ ପାଳନ, ସ୍ଥାନ: ଆସିକା କଲେଜ ଛକ ବାଲୁଙ୍କେଶ୍ୱର ବିହାର,ସମୟ: ପୂର୍ବାହ୍ନ ୧୦ଟା ୩୦ ।

ଢେଙ୍କାନାଳ

- ୬୪ତମ ଓଡ଼ିଶା ରାଜ୍ୟ ଚେସ୍ ଚାମ୍ପିୟନଶିପ୍, ସ୍ଥାନ: ଢେଙ୍କାନାଳ ମହିଷାପାଟସ୍ଥିତ ହୋଟେଲ ନିରୁପମା, ସମୟ: ସକାଳ ସାଢେ ୯ଟା ।

ଜଗତ୍‌ସିଂହପୁର

- କେନ୍ଦ୍ର ଜାହାଜ ଚଳାଚଳ ଓ ଜଳମାର୍ଗ ମନ୍ତ୍ରଣାଳୟ ସଚିବଙ୍କ ପାରାଦୀପ ବନ୍ଦର ଗସ୍ତ ଓ ସମୀକ୍ଷା ବୈଠକ, ସ୍ଥାନ: ପ୍ରଶାସନିକ ଭବନ, ପାରାଦୀପ ବନ୍ଦର, ସମୟ: ପୂର୍ବାହ୍ନ ୧୧ଟା ।

କେନ୍ଦ୍ରାପଡ଼ା

- ରଘୁନାରାୟଣ ବୋଲବମ ସଂଘ ପକ୍ଷରୁ ଶ୍ରାବଣୀ ପଦଯାତ୍ରା, ସ୍ଥାନ: ହାତିଆ, ମାର୍ଶାଘାଇ, ସମୟ: ସକାଳ ୭ଟା ।
- ସିରିଡି ସାଇ ମନ୍ଦିର ପ୍ରତିଷ୍ଠା ଦିବସ ଉପଲକ୍ଷେ ଗୁରୁପୂଜା, ସ୍ଥାନ: ମଧୁବନ, ଆଳି, ସମୟ: ସକାଳ ୮ଟା ।
- ବ୍ଲକସ୍ତରୀୟ ମିଶନ ଶକ୍ତି ଯୋଜନାର ସମୀକ୍ଷା ବୈଠକ, ସ୍ଥାନ: ବ୍ଲକ ପରିସର, ରାଜକନିକା, ସମୟ: ପୂର୍ବାହ୍ନ ୧୦ଟା ।
- ବିଦ୍ୟାଳୟସ୍ତରୀୟ ଶିକ୍ଷା ସପ୍ତାହ ପାଳନ ଅବସରରେ ସ୍କୁଲ ପୋଷଣ ଦିବସ ପାଳନ, ସ୍ଥାନ: ଲୋକନାଥପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ପଟ୍ଟାମୁଣ୍ଡାଇ, ସମୟ: ପୂର୍ବାହ୍ନ ୧୦ଟା ।

ନୟାଗଡ଼

- ଇକୋ କ୍ଲବର ପୋଷଣ ଦିବସ, ସ୍ଥାନ: କଣ୍ଟିଲୋ କୁଞ୍ଜ ବିହାରୀ ବାଳିକା ନୋଡାଲ ବିଦ୍ୟାଳୟ, ସମୟ: ସକାଳ ସାଢ଼େ ୭ଟା ।
- ଇକୋ କ୍ଲବର ପୋଷଣ ଦିବସ, ସ୍ଥାନ: ଖଣ୍ଡପଡ଼ା ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୮ଟା ।

ରାୟଗଡ଼ା

- କାର୍ଗିଲ ଦିବସ ଉପଲକ୍ଷେ ମଶାଲ ଶୋଭାଯାତ୍ରା, ସ୍ଥାନ: ମଝିଘରିଆଣି ମନ୍ଦିରରୁ ବିଜୁ ଅଡିଟୋରିମ ପର୍ଯ୍ୟନ୍ତ, ସମୟ: ସକାଳ ୯ ଟା ।
- ଭାଜପା ଯୁବ ମୋର୍ଚ୍ଚା ତରଫରୁ କାର୍ଗିଲ ବିଜୟ ଦିବସ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କାର୍ଯ୍ୟକ୍ରମ, ସ୍ଥାନ: ଭାଜପା କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ।
- ମଝି ଘରିଆଣି ମନ୍ଦିର ଟ୍ରଷ୍ଟି ବୋର୍ଡର ଜରୁରୀକାଳିନ ବୈଠକ, ସ୍ଥାନ: ମଝି ଘରିଆଣି ମନ୍ଦିର, ରାୟଗଡ଼ା, ସମୟ: ପୂର୍ବାହ୍ନ ୧୧ ଟା ।
- ମା' ମଝିଘରିଆଣି ଏଣ୍ଟରଟେନମେଣ୍ଟ ଟ୍ରଷ୍ଟ ପକ୍ଷରୁ ଟ୍ୟାଲେଣ୍ଟ ଶୋକୁ ନେଇ ପ୍ରସ୍ତୁତି ବୈଠକ, ସ୍ଥାନ: ସାଇପ୍ରିୟା ନଗର, ୨ ୟ ଲାଇନ, ରାୟଗଡ଼ା, ସମୟ: ସନ୍ଧ୍ୟା ୭ଟା ୩୦ ।

କୋରାପୁଟ

- ଜିଲା ପ୍ରଶାସନ ପକ୍ଷରୁ କୌଶଳ ରଥ ପରିକ୍ରମାର ଶୁଭାରମ୍ଭ, ସ୍ଥାନ : ଲକ୍ଷ୍ମୀପୁରସ୍ଥିତ ସରକାରୀ ଆଇ ଟି ଆଇ କଲେଜ, ସମୟ: ସକାଳ ୯ ଟା ।

ମାଲକାନଗିରି

- କାର୍‌ଗିଲ୍ ଦିବସ ଉପଲକ୍ଷେ ଶୋଭାଯାତ୍ରା, ସ୍ଥାନ: କାଲିମେଳା ଦଶହରା ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା

ସମ୍ବଲପୁର

- ଗଣ ସଫେଇ କାର୍ଯ୍ୟକ୍ରମ, ସ୍ଥାନ : ନନ୍ଦପଡା ଓ ଝାଡୁଆପଡା, ସମୟ : ସକାଳ ୮ଟା ।
- ଜନାର୍ଦ୍ଦନ ପୂଜାରୀ ଉଚ୍ଚ ବିଦ୍ୟାଳୟ ପକ୍ଷରୁ ବନମହୋତ୍ସବ କାର୍ଯ୍ୟକ୍ରମ, ସ୍ଥାନ : ସିନ୍ଦୁରପଙ୍କ ଛକ, ସମୟ : ପୂର୍ବାହ୍ନ ୧୦ଟା ୩୦ ।
- ଶିକ୍ଷା ସପ୍ତାହରେ ପରିବେଶ କ୍ଲବ ଗଠନ କାର୍ଯ୍ୟକ୍ରମ, ସ୍ଥାନ : ଜିଲାର ବିଭିନ୍ନ ସରକାରୀ ବିଦ୍ୟାଳୟର ସଭାକକ୍ଷ, ସମୟ : ପୂର୍ବାହ୍ନ ୧୦ଟା ୩୦ ।।
- ଲାଇଫ ଇଣ୍ଡିଆ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ସମ୍ବାଦିକ ଭବନ, ସମୟ: ପୂର୍ବାହ୍ନ ୧୧ଟା ।
- ୨୬ ତମ ହକି ଟୁର୍ନାମେଣ୍ଟ, ସ୍ଥାନ : ବାଣ୍ଡିଝରନ ଖେଳ ପଡିଆ, ସମୟ : ଅପରାହ୍ନ ୨ଟା ।
- ଜିଲାକ୍ରୀଡା ସଂଘ ଆୟୋଜିତ ଡାକ୍ତର ସନାତନ ବେହେରା ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟ ର ଉଦଘାଟନୀ ଉତ୍ସବ, ସ୍ଥାନ : ବୀର ସୁରେନ୍ଦ୍ର ଷ୍ଟାଡିୟମ, ସମୟ : ଅପରାହ୍ନ ୨ଟା ।
- ପୂର୍ବତନ ବିଧାୟିକା ସୈରେନ୍ଦ୍ରି ନାୟକ ଶ୍ରାଦ୍ଧ ବାର୍ଷିକୀ, ସ୍ଥାନ : ସମ୍ବାଦିକ ଭବନ, ସମୟ : ସନ୍ଧ୍ୟା ୬ଟା ।

ବଲାଙ୍ଗୀର

- ଜିଲା ବ୍ୟାଡମିଣ୍ଟନ ଚାମ୍ପିଅନଶିପ୍‌ର ତୃତୀୟ ଦିନ,ସ୍ଥାନ: ପୃଥ୍ୱିରାଜ ହାଇସ୍କୁଲ ଇନ୍‌ଡୋର ଷ୍ଟାଡିୟମ, ବଲାଙ୍ଗୀର, ସମୟ: ସକାଳ ୮ଟା ।
- ଗଗନ ସ୍ୱାଇଁ ସ୍ମାରକୀ ବକ୍ତୃତା, ସ୍ଥାନ: ପିପି ଏକାଡେମୀ ସଭାଗୃହ, ବଲାଙ୍ଗୀର, ସମୟ: ସନ୍ଧ୍ୟା ୬ଟା ।

ରାଉରକେଲା

- କୃଷ୍ଣକଥା ବିଷୟ ବସ୍ତୁ ଉପରେ ଆଲୋଚନା ସଭା ଉଦ୍‌ଯାପିତ,ସ୍ଥାନ: ଚିନ୍ମୟ ବିଦ୍ୟାଳୟ, ଛେଣ୍ଡ ସମୟ: ସନ୍ଧ୍ୟା ୬ଟା ୩୦ ।
- ଅବଦୁଲ କଲାମଙ୍କ ତିରୋଧନୀ ଦିବସ ଓ ହାଇକୋଟ ପ୍ରତିଷ୍ଠା ଦିବସ ପାଳିତ, ସ୍ଥାନ: ଉଦିତନଗର କୋର୍ଟ ପରିସର, ସମୟ: ପୂର୍ବାହ୍ନ ୧୧ଟା

ବରଗଡ଼

- ଯୌତୁକ ପ୍ରଥା ଉପରେ ଆଲୋଚନାଚକ୍ର, ସ୍ଥାନ: ଅଗ୍ରଗାମୀ ଯୁବକ ସଂଘ, ବରଗଡ଼, ସମୟ: ସକାଳ ୯ଟା ।
- ଜନକଲ୍ୟାଣ ସେବା ଟ୍ରଷ୍ଟର ସାଧାରଣଞ୍ଜନ ପ୍ରତିଯୋଗିତା, ସ୍ଥାନ: ସୂର୍ଯ୍ୟଶ୍ରୀ ଗ୍ରିନିଟି ସ୍କୁଲ, ମାଷ୍ଟରଟିକ୍ରା, ବରଗଡ଼, ସମୟ: ସକାଳ ୯ଟା ।
- ଶିଶୁ ଆଇନ ସୁରକ୍ଷା କର୍ମଶାଳା, ସ୍ଥାନ: ସୋହେଲା ମହାବିଦ୍ୟାଳୟ, ସୋହେଲା, ସମୟ: ପୂର୍ବାହ୍ନ ୧୦ଟା
- ଇକୋ କ୍ଲବ ଓ ସ୍କୁଲ ପୋଷଣ ଦିବସ, ସ୍ଥାନ: ରାଣାପ୍ରତାପ ହାଇସ୍କୁଲ, ବରଗଡ଼, ସରକାରୀ ଉଚ୍ଚ ପ୍ରାଥମିକ ବୈତାଳୀ ଝାରବନ୍ଧ, ଅମଠି ପ୍ରାଥମିକ ବିଦ୍ୟାଳୟ, ଝାରବନ୍ଧ, ଶାନ୍ତି ସରକାରୀ ଉଚ୍ଚ ବିଦ୍ୟାଳୟ, ଭଟଲି, ପୁରୁଷୋତ୍ତମ ସରକାରୀ ଉଚ୍ଚ ବିଦ୍ୟାଳୟ, ରୁଚିଦା, ଅମ୍ବାଭୋନା, ଜନତା ସରକାରୀ ଉଚ୍ଚ ବିଦ୍ୟାଳୟ, ଭୁକ୍ତା, ଅମ୍ବାଭୋନା, ସମୟ: ପୂର୍ବାହ୍ନ ୧୦ଟା ୩୦ ।

କଳାହାଣ୍ଡି

- ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଶହୀଦ ପରିବାରକୁ ସମ୍ବର୍ଦ୍ଧନା, ସ୍ଥାନ: ଭବାନୀପାଟଣା ଟାଉନହଲ, ସମୟ: ଅପରାହ୍ନ ୩ଟା ।
- ବ୍ୟାଡମିଣ୍ଟନ ଚାମ୍ପିୟନଶିପ୍ ଉଦ୍‌ଘାଟନ, ସ୍ଥାନ: ଜୁନାଗଡ ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମ୍, ସମୟ: ପୂର୍ବାହ୍ନ ୧୦ଟା ୩୦ ।

ବୌଦ୍ଧ

- ତାଲୁକ ଆଇନସେବା କମିଟି ହରଭଙ୍ଗା ପକ୍ଷରୁ ଆଇନ ସଚେତନତା ଶିବିର, ସ୍ଥାନ: ନାରାୟଣ ଉଚ୍ଚ ବିଦ୍ୟାଳୟ ଛତରଙ୍ଗ, ହରଭଙ୍ଗା ,ସମୟ: ସକାଳ ୮ଟା ।
- ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାଙ୍କ ଦକ୍ଷତା ବିକାଶ ଶିବିର, ସ୍ଥାନ: ପ୍ରାଣୀସମ୍ପଦ କାର୍ଯ୍ୟାଳୟ, ହରଭଙ୍ଗା, ସମୟ: ପୂର୍ବାହ୍ନ ୧୧ଟା ।

ଦେବଗଡ଼

- ଇକୋ କ୍ଲବ ତରଫରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ, ସ୍ଥାନ: ସରକାରୀ ଉ.ପ୍ରା. ବିଦ୍ୟାଳୟ, କାଲକାଠ, ସମୟ: ପୂର୍ବାହ୍ନ ୧୦ଟା ।
- ଅବସରକାଳୀନ ସମ୍ବର୍ଦ୍ଧନା ସଭା, ସ୍ଥାନ: ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, କୁଣ୍ଡାପିଠା, ସମୟ: ପୂର୍ବାହ୍ନ ୧୦ଟା ୩୦ ।
- ଇକୋ କ୍ଲବ ପକ୍ଷରୁ ପୋଷଣ ଦିବସ ପାଳନ, ସ୍ଥାନ: ସରକାରୀ ଉଚ୍ଚ ବିଦ୍ୟାଳୟ, କୁରଡ, ସମୟ: ପୂର୍ବାହ୍ନ ୧୧ଟା ।
- ଚାଷୀମାନଙ୍କୁ ନେଇ ୫ ଦିନିଆ ଦକ୍ଷତା ବୃଦ୍ଧି ତାଲିମ ଶିବିର, ସ୍ଥାନ: କୃଷି ବିଜ୍ଞାନ କେନ୍ଦ୍ର ପରିସର, ସମୟ: ପୂର୍ବାହ୍ନ ୧୧ଟା ।
- ଇକୋ କ୍ଲବ ପକ୍ଷରୁ ପୋଷଣ ଦିବସ ପାଳନ, ସ୍ଥାନ: ଅପୂର୍ବ ଉଚ୍ଚ ବିଦ୍ୟାଳୟ, ସୁଗୁଡା, ସମୟ: ଅପରାହ୍ନ ୨ଟା ।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆରତୀ, ସ୍ଥାନ: ମଠସାହି, କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା ।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଦେବଗଡ଼ ସହରର ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ପୁରୁଣାଗଡ଼ ମଞ୍ଚମୁଖୀ ହନୁମାନ ମନ୍ଦିର, ସମୟ: ସନ୍ଧ୍ୟା ୭ଟା ।

ସୁବର୍ଣ୍ଣପୁର

- ବିଦ୍ୟାଳୟସ୍ତରୀୟ ଶିକ୍ଷା ସପ୍ତାହ ପାଳନ, ସ୍ଥାନ: ବହଳପଦର ୟୁପି ସ୍କୁଲ, ବୀରମହାରାଜପୁର ବ୍ଲକ, ସମୟ: ସକାଳ ୯ଟା ।
- ଇକୋ କ୍ଲବ ପକ୍ଷରୁ ସ୍କୁଲ ପୋଷଣ ଦିବସ ପାଳନ, ସ୍ଥାନ: ବାଗବର ୟୁପି ସ୍କୁଲ, ବୀରମହାରାଜପୁର ବ୍ଲକ, ସମୟ: ସକାଳ ୯ଟା ୩୦ ।
- ତରଭା ଶନିଶ୍ଚର ମନ୍ଦିରରେ ମହାଆଳତୀ ଓ ଭଜନ କାର୍ଯ୍ୟକ୍ରମ, ସ୍ଥାନ: ଶନିଶ୍ଚର ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୬ଟା ୩୦ ।

ନୂଆପଡ଼ା

- ଭାଗବତ ମହାପାରାୟଣ, ସ୍ଥାନ: ବୋଡେନ ବ୍ଲକ କେରାପଦର ଗାଁ, ସମୟ: ସକାଳ ୬ଟା ଓ ସନ୍ଧ୍ୟା ୭ଟା ।
- ହେଲ୍‌ପିଂ ଫର ହେଲଥ୍‌ଲେସ ପିପୁଲ ଫାଉଣ୍ଡେଶନ ତରଫରୁ ବୃକ୍ଷ ରୋପଣ, ସ୍ଥାନ: ବୋଡେନ ଛକରୁ ଖଡିଆଳ ବ୍ଲକ ଛକ, ସମୟ: ସକାଳ ୯ଟା ।

ଝାରସୁଗୁଡ଼ା

- ସ୍ୱତନ୍ତ୍ର ପୂଜା ଅର୍ଚ୍ଚନା, ସ୍ଥାନ: ସହରସ୍ଥିତ ଧର୍ମଶାଳା ଛକ ଶନି ମନ୍ଦିର, ସମୟ: ସକାଳ ୭ଟା ।
- ଫୁଟବଲ ପ୍ରତିଯୋଗିତାର ପଞ୍ଚମ ମ୍ୟାଚ, ସ୍ଥାନ: ସହରସ୍ଥିତ ମନମୋହନ ସ୍କୁଲ ପଡ଼ିଆ, ସମୟ: ଅପରାହ୍ନ ୩ଟା ୩୦ ।
- ମଶାଲ ଶୋଭାଯାତ୍ରା, ସ୍ଥାନ: ସହରସ୍ଥିତ ପୁରୁଣା ବସଷ୍ଟାଣ୍ଡରୁ ସତସଙ୍ଗ ଭବନ, ସମୟ: ଅପରାହ୍ନ ୪ଟା ।
- ସ୍ୱତନ୍ତ୍ର ପୂଜା ସହ ମହାଆଳତି, ସ୍ଥାନ: ସହରସ୍ଥିତ ଝାଡେଶ୍ୱର ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୭ଟା ।

ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

ମେଷ

ସକାଳୁ ଜଣେ ବନ୍ଧୁ ଆସିବେ ଓ ବହୁତ କିଛି କହିବେ ମାତ୍ର ଫେରିବା ସମୟକୁ ମନଦୁଃଖ କରି ବିଦାୟ ନେଇପାରନ୍ତି । ବିଶେଷ ଭ୍ରମଣ କାରଣରୁ କ୍ଳାନ୍ତି ଓ ଅବସାଦ ଦେଖାଦେଇପାରେ । ଆନୁଷ୍ଠାନିକ କାମ ସକାଶେ ବନ୍ଧୁଙ୍କ ସାହାଯ୍ୟ ଲୋଡ଼ିପାରନ୍ତି । ଆବଶ୍ୟକତା ପୂରଣ ପାଇଁ ଧାର କରଜ କରି କାମ ଚଳାଇନେବେ ।

ବୃଷ

ବ୍ୟସ୍ତତାର ଗୁରୁତ୍ୱ ହୃଦୟଙ୍ଗମ ପୂର୍ବକ ବନ୍ଧୁଙ୍କ କୌଣସି ନିର୍ଭରଯୋଗ୍ୟ ପ୍ରତିଶ୍ରୁତି ପାଇ ଆଶ୍ୱସ୍ତି ଅନୁଭବ କରିପାରନ୍ତି । ପଡ଼ୋଶୀଙ୍କ ସହାୟତାରେ ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ସମସ୍ୟା ଦୂର ହେବ । କଳା, ସାହିତ୍ୟ, ସଙ୍ଗୀତ ଜଗତରୁ ସୁନାମ ପାଇବେ । ଆଜି ଦିନ ଭିତରେ କୌଣସି ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ ।

ମିଥୁନ

ବିଚାର ବୁଦ୍ଧି ପ୍ରୟୋଗକରି ଅସମ୍ପୂର୍ଣ୍ଣ କାମକୁ ସମ୍ପୂର୍ଣ୍ଣ କରିବେ । ମନର ଗୋପନକଥାକୁ କହିବାକୁ ଇଚ୍ଛା ଥିଲେ ମଧ୍ୟ ସଂକୋଚବଶତଃ ବନ୍ଧୁଙ୍କ ନିକଟରେ କହିପାରିବେ ନାହିଁ । ଜମିଜମା କାରବାର, ଚୁକ୍ତିପତ୍ର, ପ୍ରଶାସନ କ୍ଷେତ୍ରରେ ସମସ୍ୟାର ସମାଧାନ କରିପାରିବେ । ମାଲିମକଦ୍ଦମାରେ ବିଚାର ବିଳମ୍ବିତ ହେବାରୁ ସାମୟିକ ଅଶାନ୍ତ ରହିପାରନ୍ତି ।

କର୍କଟ

ଯୁକ୍ତିତର୍କଜନିତ ମତଭେଦ ହେତୁ ପରିବାରର କୌଣସି ବ୍ୟକ୍ତିଙ୍କ ମନରେ ସରସତା ରହିବ ନାହିଁ । ଅବଶ୍ୟ କୌଣସି ହିତୈଷୀ ବ୍ୟକ୍ତିଙ୍କ ଦ୍ୱାରା ସାୟାହ୍ନେ ମାନସିକ ଅବସାଦ ଦୂର ହେବ । ବ୍ୟବସାୟ ଓ ପରିବହନରେ କିଛି ସମସ୍ୟା ଦେଖାଦେବାର ସୂଚନା ରହିଛି । ଆର୍ଥିକ ସଂକଟ ଲାଗିରହିଥିବାରୁ ସାମୟିକ ବ୍ୟସ୍ତତା ଅନୁଭଭ କରିବେ ।

ସିଂହ

କର୍ମକ୍ଷେତ୍ରରେ ବିବାଦୀୟ ପରିସ୍ଥିତିର ମୁକାବିଲା କରି ଲକ୍ଷ୍ୟ ହାସଲ କରିପାରିବେ । ଆବଶ୍ୟକତା ପୂରଣ ସକାଶେ ଟଙ୍କା ଯୋଗାଡ଼ ପାଇଁ ବିଭିନ୍ନ ଫନ୍ଦି ଫିକର କରିପାରନ୍ତି । ବନ୍ଧୁଙ୍କ ପରାମର୍ଶରେ ନୂତନ କାର୍ଯ୍ୟରେ ହାତ ଦେବାକୁ ସ୍ଥିର କରିବେ । ବ୍ୟବସାୟିକସ୍ଥିତି ଭଲ ରହିବା ସହ ଆତ୍ମୀୟ



ହେନ୍ତାଳବଣ ସୃଷ୍ଟି ପାଇଁ ୧୦ହଜାର ଚାରା ଲଗାଯିବ

ଭୁବନେଶ୍ୱର,୨୬।୭ (ଅନୁରାଧା ମହାରଣା)

୩ ଜିଲାରେ କାର୍ଯ୍ୟକ୍ରମ ଆରମ୍ଭ କଲା ରିଲାଏନ୍ସ ଫାଉଣ୍ଡେଶନ

ଅନ୍ତର୍ଜାତୀୟ ଲୁଣାଜଙ୍ଗଲ ପରିବ୍ୟବସ୍ଥା ସଂରକ୍ଷଣ ଦିବସ ପାଳନ ଅବସରରେ ଶୁକ୍ରବାର ରିଲାଏନ୍ସ ଫାଉଣ୍ଡେଶନ ପକ୍ଷରୁ ଜଳବାୟୁ ସହନଶୀଳତା ପରିବ୍ୟବସ୍ଥା ନିର୍ମାଣ ଲାଗି ପ୍ରୟାସ କରାଯାଇଛି। ଏହି କ୍ରମରେ ଜଗତ୍‌ସିଂହପୁର ଜିଲାର ପଦ୍ମପୁର ଗ୍ରାମବାସୀଙ୍କ ସହଯୋଗରେ ଗ୍ରାମର ତଟୀୟ ଅଞ୍ଚଳରେ ପ୍ରାୟ ୧୦ହଜାର ହେନ୍ତାଳ ଚାରା ରୋପଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ସେହିପରି ବାଲେଶ୍ୱର ତାଳପଦା ବେଳାଭୂମି ନିକଟରେ ଗୋଷ୍ଠୀ ସ୍ୱେଚ୍ଛାସେବୀଙ୍କ ଦ୍ୱାରା ପ୍ରାୟ ୧ହଜାର ଲୁଣା ଜଙ୍ଗଲ ଚାରା ରୋପଣ କରାଯାଇଛି। ଏଥିସହ ବିପର୍ଯ୍ୟୟ ପରିଚାଳନା କାର୍ଯ୍ୟକ୍ରମ ଜରିଆରେ ରିଲାଏନ୍ସ ଫାଉଣ୍ଡେଶନ ବାଲେଶ୍ୱର, ଜଗତ୍‌ସିଂହପୁର, ଗଞ୍ଜାମ ଆଦି ବାତ୍ୟା ତଥା ଏଥିଜନିତ ଜଳପ୍ଳାବନ ବିପଦ ଥିବା ଅଞ୍ଚଳଗୁଡିକରେ ଲୁଣାଜଙ୍ଗଲ ସୃଷ୍ଟି ଲାଗି ହେନ୍ତାଳ ଚାରା ରୋପଣ କାର୍ଯ୍ୟକ୍ରମ ହାତକୁ ନେଇଛି। ଫାଉଣ୍ଡେଶନ ପକ୍ଷରୁ ଗତବର୍ଷ ଓଡ଼ିଶା ଓ ପଶ୍ଚିମବଙ୍ଗରେ ପ୍ରାୟ ୬୦ହଜାର ହେନ୍ତାଳ ଚାରା ରୋପଣକୁପ୍ରୋତ୍ସାହିତ କରାଯାଇଥିବା ସୂଚନା ଦିଆଯାଇଛି।

ସୂଚନା ଥାଉକି, ୧୯୯୯ର ମହାବାତ୍ୟା, ଫାଇଲିନ ଭଳି ବିଭିନ୍ନ ବାତ୍ୟା ବା ସାମୁଦ୍ରିକ ଝଡ଼ ଯୋଗୁ ଓଡ଼ିଶା ସମେତ ଭାରତର ପୂର୍ବତଟସ୍ଥ ଗ୍ରାମଗୁଡିକ ଧ୍ୱସ୍ତ ବିଧ୍ୱସ୍ତ ହୋଇଯାଉଛି। ଏଥିସହ ଉପକୂଳ ଅବକ୍ଷୟ ତଥା ସମୁଦ୍ର ଜଳ ଭୂପୃଷ୍ଠକୁ ମାଡିଆସି ବ୍ୟାପକ କ୍ଷୟକ୍ଷତି ଘଟାଉଛି। ରିଲାଏନ୍ସ ଫାଉଣ୍ଡେଶନ ବିଭିନ୍ନ ଗୋଷ୍ଠୀ, ଯୁବବର୍ଗ ଏବଂ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଲୁଣାଜଙ୍ଗଲର ଉପକାରିତା ତଥା ସଂରକ୍ଷଣ ସମ୍ପର୍କରେ ସଚେତନତା ବୃଦ୍ଧି ଲକ୍ଷ୍ୟ ରଖିଛି। ଛାତ୍ରୀଛାତ୍ରଙ୍କୁ ସେମାନଙ୍କ ଅଞ୍ଚଳ ସମ୍ମୁଖୀନ ହେଉଥିବା ଜଳବାୟୁ ପରିବର୍ତ୍ତନଜନିତ ବିପଦ ସମ୍ପର୍କରେ ଅବଗତ କରାଇବାକୁ ଜୁଲାଇ ୨୫ ଓ ୨୬ରେ ଭଦ୍ରକ, ବାଲେଶ୍ୱର ଏବଂ ଜଗତ୍‌ସିଂହପୁର ଏବଂ ପଶ୍ଚିମବଙ୍ଗର ପ୍ରଗଣା ଜିଲାରେ ଚିତ୍ରାଙ୍କନ ଓ କୁଇଜ ପ୍ରତିଯୋଗିତା କରାଯାଇଥିଲା। ଲୁଣାଜଙ୍ଗଲର ସଂରକ୍ଷଣ ଏବଂ ପରିସୀମା ବୃଦ୍ଧି ନେଇ ବିଭିନ୍ନ କାର୍ଯ୍ୟକ୍ରମ ତ୍ୱରାନ୍ୱିତ କରାଯାଇଥିଲା। ବାଲେଶ୍ୱରର ଚାରା ରୋପଣ ସ୍ଥଳ ଖରାସାହାପୁର ଅଞ୍ଚଳବାସୀ ଗତବର୍ଷକ ମଧ୍ୟରେ ଏକ ଲୁଣାଜଙ୍ଗଲ ଚାରାର ନର୍ସରୀ ସୃଷ୍ଟି କରିପାରିଛନ୍ତି। ରେମୁଣାରେ ଦ୍ୱିତୀୟ ଚାରାରୋପଣ ସ୍ଥଳ ତାଳପଦା ବେଳାଭୂମି ନିକଟରେ ଚିହ୍ନଟ କରାଯାଇଛି। ଅନ୍ୟପଟେ ବିପର୍ଯ୍ୟୟ ସମୟରେ ଆଗୁଆ ସତର୍କ ସୂଚନା ପ୍ରଦାନ କରାଯାଉଛି। ଏଭଳି ପରିସ୍ଥିତିର ମୁକାବିଲା ନିମନ୍ତେ ନିୟମିତ ନିୟୋଜନ ଏବଂ ତାଲିମ ଜରିଆରେ ଜନସାଧାରଣଙ୍କ ସାମର୍ଥ୍ୟ ବୃଦ୍ଧି କରାଯାଉଛି। ଦେଶରେ ଗତ ୧୦ ବର୍ଷ ମଧ୍ୟରେ ବନ୍ୟା, ବାତ୍ୟା, ଭୂସ୍ଖଳନ ଏବଂ ଭୂକମ୍ପ ଭଳି ପ୍ରାୟ ୫୦ରୁ ଅଧିକ ବିପର୍ଯ୍ୟୟ ମୁକାବିଲା କ୍ଷେତ୍ରରେ ସାମିଲ ହୋଇଥିବାବେଳେ ୨.୪୪ କୋଟିରୁ ଅଧିକ ଚାରା ରୋପଣ କରିଥିବା ଥିବା ଫାଉଣ୍ଡେଶନ ପକ୍ଷରୁ ସୂଚନା ଦିଆଯାଇଛି।

ସରକାର ନିଜ ଦୋଷ ଲୁଚାଉଛନ୍ତି: ବିରୋଧୀ

ଭୁବନେଶ୍ୱର,୨୬।୭(ଅନିଲ ଦାସ)

ମୁଲତବୀ ଆଲୋଚନା

- **ଜଗନ୍ନାଥଙ୍କୁ ନେଇ ରାଜନୀତି କରୁଛନ୍ତି ବିରୋଧୀ: ଶାସକ**
- **ବିରୋଧୀଙ୍କ ଆରୋପ କପୋଳକଳ୍ପିତ: ଆଇନମନ୍ତ୍ରୀ**
- **ଦଳାଚକଟା ନୁହେଁ, ହୃଦ୍‌ଘାତରେ ଜଣଙ୍କର ମୃତ୍ୟୁ ହୋଇଛି**

ରଥ ଉପରୁ ବଡ଼ ଠାକୁର ଖସିପଡ଼ିବା, ଦଳାଚକଟାରେ ଜଣଙ୍କ ମୃତ୍ୟୁ ହେବା, ଟ୍ରାଫିକ ଅବ୍ୟବସ୍ଥା, ଅଣ ସେବାୟତ ରଥ ଉପରେ ଚଢ଼ିବା ପ୍ରସଙ୍ଗକୁ ନେଇ ବିରୋଧୀ ଓ ଶାସକ ଦଳ ମୁହାଁମୁହିଁ ହୋଇଛନ୍ତି। ରାଜ୍ୟ ସରକାର ଶ୍ରୀଜୀଉଙ୍କ ନୀତିରେ ହୋଇଥିବା ବିଭ୍ରାଟ ମାନୁ ନ ଥିବା ଅଭିଯୋଗ କରି ବିରୋଧୀ ସଦସ୍ୟମାନେ ଶୁକ୍ରବାର ମୁଲତବୀ ଆଲୋଚନା ଅଧାରୁ ବିଧାନସଭା କକ୍ଷଛାଡ଼ି ବାହାରକୁ ଚାଲି ଯାଇଥିଲେ।

'ଚଳିତ ୨୦୨୪ ପୁରୀ ରଥଯାତ୍ରାରେ ନୀତିରେ ମହା ବିଭ୍ରାଟ, ସରକାର ନୀରବଦ୍ରଷ୍ଟା' ମୁଲତବୀ ପ୍ରସ୍ତାବ ଆଣି ବିରୋଧୀ ବିଜେଡି ଓ କଂଗ୍ରେସ ଶାସକ ଦଳକୁ ଘେରିଥିଲେ। ମୁଲତବୀ ପ୍ରସ୍ତାବ ଆଲୋଚନା ଆରମ୍ଭ କରି କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ କହିଥିଲେ, ରଥଯାତ୍ରା ସଫଳ ହୋଇନାହିଁ। ମହାପ୍ରଭୁଙ୍କ ନୀତିରେ ମହାବିଭ୍ରାଟ ଘଟିଛି। ବଡ଼ ଅଘଟଣ ଘଟିଛି। କେବେ ବି ଏଭଳି ଦେଖିବାକୁ ମିଳି ନ ଥିଲା। ମହାପ୍ରଭୁ ବଳଭଦ୍ର ତଳେ ପଡ଼ିଲେ, ମହାବିଭ୍ରାଟ ହେଲା। ସରକାର ଭଗବାନଙ୍କ ନାମ ନେଇ ଆସିଛନ୍ତି। ମହାବିଭ୍ରାଟ ପରେ କହୁଛନ୍ତି ଅଭିଯୋଗ ନିରାଧାର। ରାଜ୍ୟବାସୀ ଯାହା ଦେଖିଛନ୍ତି ତାହା ନିରାଧାର। ସରକାର ନିଜର ଦୋଷ ଲୁଚାଉଛନ୍ତି। ସତ ମାନିବାରେ ଅସୁବିଧା କ'ଣ। ସମସ୍ୟା ଲୁଚାଇବା ଦୁଃଖ ଓ ପରିତାପର ବିଷୟ ବୋଲି କାଡାମ କହିଛନ୍ତି। କଂଗ୍ରେସ ସଭ୍ୟ ଅଶୋକ କୁମାର ଦାସ କହିଛନ୍ତି, ମହାପ୍ରଭୁଙ୍କ ନୀତିରେ ଯେଉଁ ବିଭ୍ରାଟ ହୋଇଛି ତାହାର ତଦନ୍ତ କରାଯାଉ। ବଡ଼ଦାଣ୍ଡରେ ରଥଯାତ୍ରା ସମୟରେ ଭେଣ୍ଟିଜୋନ କରିବାକୁ କିଏ ଅନୁମତି ଦେଇଥିଲେ। ସରକାର ସେ ଅଧିକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ। ଆଗାମୀ ଦିନରେ ଯେପରି ଏଭଳି ଘଟଣା ନ ହେବ ସେଥିପ୍ରତି ସରକାର ସଚେତନ ହେବା ଦରକାର।

ବିଜେଡି ସଭ୍ୟ ବ୍ୟୋମକେଶ ରାୟ କହିଥିଲେ, ପହଣ୍ଡି ବେଳେ ସେଠାରେ ମନ୍ତ୍ରୀ କିମ୍ବା ପ୍ରଶାସକ କେହି ନ ଥିଲେ। ଜଗନ୍ନାଥଙ୍କ ଉପରେ ଛାଡ଼ି ବସିଗଲେ। ରଥ ଉପରକୁ ଯେଉଁମାନେ ଚଢ଼ିଥିଲେ ସେମାନଙ୍କ ବିରୋଧରେ କି କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଦଳାଚକଟାରେ ଜଣେ ମହିଳାଙ୍କର ମୃତ୍ୟୁ ହେଲା। ପୋଲିସ ଲାଠି ଚାର୍ଯ୍ୟ କଲା। ଟ୍ରାଫିକ ବ୍ୟବସ୍ଥା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡିଥିଲା। ବଡ଼ ଠାକୁର ପଡ଼ିଯିବା ରାଜ୍ୟବାସୀଙ୍କୁ ବ୍ୟଥିତ କରିଛି। ଆଇନମନ୍ତ୍ରୀ ବିଭ୍ରାଟ କଥା ମାନିବା ସହ କ'ଣ ପଦକ୍ଷେପ ନେଇଛନ୍ତି ଜଣାଇବାକୁ ସେ ଦାବି କରିଛନ୍ତି।

ବିଜେଡି ସଭ୍ୟ ଦେବୀ ରଞ୍ଜନ ତ୍ରିପାଠୀ, ଧ୍ରୁବ ସାହୁ କହିଛନ୍ତି, ଓଡ଼ିଆ ଅସ୍ମିତା କଥା କହି ଭାଜପା ସରକାରକୁ ଆସିବା ପରେ ଏଭଳି ଅଘଟଣ ଘଟିଛି। ବଡ଼ ଠାକୁର ପଡ଼ିଯିବା ସମଗ୍ର ବିଶ୍ୱର ଜଗନ୍ନାଥପ୍ରେମୀଙ୍କୁ ବହୁତ ବାଧିଛି। ଜଗନ୍ନାଥ ମହାପ୍ରଭୁଙ୍କୁ ନେଇ ରାଜନୀତି କରା ନ ଯାଉ। ଆଗାମୀ ଦିନରେ ଯେପରି ଏଭଳି ଅଘଟଣ ନ ଘଟିବ ସରକାର ସେ ଦିଗରେ ସଚେତନ ହେବା ଦରକାର ବୋଲି କହିଛନ୍ତି।

ବିରୋଧୀଙ୍କ ଦ୍ୱାରା ଆଗତ ମୁଲତବୀ ପ୍ରସ୍ତାବକୁ ବିରୋଧ କରି ଭାଜପା ସଭ୍ୟ ଟଙ୍କଧର ତ୍ରିପାଠୀ କହିଛନ୍ତି, ରଥଯାତ୍ରା ଶୃଙ୍ଖଳିତ ହୋଇଛି। ୨୦୧୫ରେ ବିଜେଡି ସରକାର ଥିବା ବେଳେ ବ୍ରହ୍ମ ବିଭ୍ରାଟଠାରୁ ଆରମ୍ଭ କରି ରତ୍ନଭଣ୍ଡାର ଚାବି ହଜାଇବା ଭଳି ଅନେକ ଘଟଣା ହୋଇଛି। ୨୪ ବର୍ଷ ଧରି ଜଗନ୍ନାଥଙ୍କୁ ନେଇ ରାଜନୀତି କଲେ। ତା'ର ପରିଣାମ ଏବେ ଭୋଗୁଛନ୍ତି। ଆମ ସରକାର ଶପଥ ନେବାର ଅଧଘଣ୍ଟା ମଧ୍ୟରେ ଶ୍ରୀମନ୍ଦିରର ୪ ଦ୍ୱାରା ଖୋଲି ଗଲା। ସେହି ମହାପ୍ରଭୁଙ୍କ ଇଚ୍ଛାରେ ଆମେ ସମସ୍ତେ ଏଠି ବସିଛେ ବୋଲି ସେ କହିଛନ୍ତି। ଭାଜପା ସଭ୍ୟ ଆଶ୍ରିତ ପଟ୍ଟନାୟକ, ଓମପ୍ରକାଶ ମିଶ୍ର ଏବଂ ସନାତନ ବିଜୁଳି ମହାପ୍ରଭୁଙ୍କୁ ନେଇ ରାଜନୀତି କରିବାରୁ ବିଜେଡି ଶାସନ ଗାଦିରୁ ହଟିଯାଇଛି ବୋଲି କହିଥିଲେ।

ବିରୋଧୀଙ୍କ ଦ୍ୱାରା ଆଗତ ମୁଲତବୀର ଜବାବରେ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ବିରୋଧୀଙ୍କ ଆରୋପ କପୋଳକଳ୍ପିତ। ଚଳିତ ରଥଯାତ୍ରାରେ ଗୋଟିଏ ଦିନରେ ମହାପ୍ରଭୁଙ୍କର ନବଯୌବନ ବେଶ, ନେତ୍ରୋତ୍ସବ ଏବଂ ଶ୍ରୀଗୁଣ୍ଡିଚା ଯାତ୍ରା ସମସ୍ତ ନୀତି ଗୋଟିଏ ଦିନରେ କରିବା ଓ ଏହା ପରେ ଶ୍ରୀଜୀଉମାନଙ୍କର ପହଣ୍ଡି ବିଜେ କରାଇବା ତଥା ରଥ ଟାଣିବା ଏକ ଅସମ୍ଭବ କାର୍ଯ୍ୟ ମନେହେଉଥିଲା। ୧୯୭୧ରେ ସମାନ ତିଥି ଥିବା ଯୋଗୁ ପହଣ୍ଡି ସନ୍ଧ୍ୟାରେ ହୋଇଥିଲା। ମହାପ୍ରଭୁଙ୍କର କରୁଣାରୁ ରଥଯାତ୍ରା ଶୃଙ୍ଖଳିତ ଭାବେ ଅନୁଷ୍ଠିତ ହୋଇଛି। ଦଳାଚକଟାରେ କେହି ମରିନାହାନ୍ତି। ହୃଦ୍‌ଘାତରେ ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ହୋଇଛି। ଜଗନ୍ନାଥ ସଂସ୍କୃତିର ସୁରକ୍ଷା ଆମ ପାଇଁ ସର୍ବୋଚ୍ଚ ବୋଲି ମନ୍ତ୍ରୀ କହିଛନ୍ତି। ମନ୍ତ୍ରୀଙ୍କ ଉତ୍ତରରେ ଅସନ୍ତୁଷ୍ଟ ହୋଇ ବିରୋଧୀ ବିଜେଡି ଓ କଂଗ୍ରେସ ବିଧାନସଭା କକ୍ଷ ଛାଡ଼ି ବାହାରକୁ ଚାଲି ଯାଇଥିଲେ। ବିରୋଧୀଙ୍କ ଦ୍ୱାରା ଆଗତ ମୁଲତବୀ ପ୍ରସ୍ତାବକୁ ଉପବାଚସ୍ପତି ଭବାନୀ ଶଙ୍କର ଭୋଇ ଅଗ୍ରାହ୍ୟ କରି ଦେଇଥିଲେ।

ଚତୁର୍ଥ ଲଘୁଚାପରୁ ବନ୍ୟା ଆଶଙ୍କା

ଭୁବନେଶ୍ୱର,୨୬।୭(ଅନୁରାଧା ମହାରଣା)

ଲଘୁଚାପ ପ୍ରଭାବରେ ଓଡ଼ିଶାରେ ତୁହାକୁ ତୁହା ବର୍ଷା ଲାଗିରହିଥିବାବେଳେ ପ୍ରାୟ ସବୁ ଜିଲାରେ ସ୍ଥିତି ବିଗଡ଼ିବାରେ ଲାଗିଛି। ବର୍ଷା ଯୋଗୁ ବିଲବାଡ଼ି ଜଳାର୍ଣ୍ଣବ ହେବା ସହ ନଦୀନାଳରେ ଜଳସ୍ତର ବଢୁଛି। ଏପରି ସ୍ଥିତିରେ ଶୁକ୍ରବାର ବର୍ଷା ହେଉଛି। ଉପରମୁଣ୍ଡରେ ପ୍ରବଳ ବର୍ଷା ଜାରି ରହିଥିବାରୁ ରାଜ୍ୟର ଜଳଭଣ୍ଡାରଗୁଡିକ ଉଛୁଳିବାରେ ଲାଗିଛି। ଆସନ୍ତା ୨୮ ତାରିଖରେ ହୀରାକୁଦ ଜଳଭଣ୍ଡାରରୁ ପ୍ରଥମ ବନ୍ୟାଜଳ ନିଷ୍କାସନ ହେବ। ଏଥିସହ ରାଜ୍ୟରେ ଆହୁରି ୫ଦିନ ବର୍ଷା ହେବାକୁ ଥିବାରୁ ମହାନଦୀ ସମେତ ବିଭିନ୍ନ ନଦୀରେ ବନ୍ୟା ଆସିବା ଆଶଙ୍କା ସୃଷ୍ଟି ହୋଇଛି।

ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ସୂଚନାନୁସାରେ, ଶୁକ୍ରବାର ବାଂଲାଦେଶ ନିକଟବର୍ତ୍ତୀ ଉତ୍ତର ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ କ୍ରମେ ପଶ୍ଚିମ-ଉତ୍ତର ଓ ପଶ୍ଚିମ ଦିଗରେ ଗତି କରୁଛି। ଆସନ୍ତା ୨ ଦିନ ମଧ୍ୟରେ ଲଘୁଚାପ ପଶ୍ଚିମବଙ୍ଗ ଓ ଝାଡ଼ଖଣ୍ଡ ଅତିକ୍ରମ କରିବ। ଲଘୁଚାପ ପ୍ରଭାବରେ ରାଜ୍ୟରେ ପ୍ରବଳ ବର୍ଷା ସମ୍ଭାବନା ରହିଛି। ବିଶେଷକରି ଉତ୍ତର ଓଡ଼ିଶାରେ ପ୍ରବଳ ବର୍ଷା ହେବ। ଏବେ ନଦୀଗୁଡକ ଫୁଲୁଥିବା ବେଳେ ଆଗାମୀ ଦିନରେ ବନ୍ୟା ଆଶଙ୍କାକୁ ଏଡାଇ ଦିଆଯାଇ ନ ପାରେ। ପ୍ରଥମେ ନଦୀକୂଳିଆ ଅଞ୍ଚଳରେ ବନ୍ୟା ଆଶଙ୍କା ରହିଛି। ସେହିପରି ଉପକୂଳବର୍ତ୍ତୀ ଜିଲାଗୁଡିକରେ ମଧ୍ୟ ପ୍ରବଳ ବର୍ଷାର ସମ୍ଭାବନା ରହିଥିବାରୁ ସେଠାକାର ନଦୀରେ ମଧ୍ୟ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇପାରେ ବୋଲି ପାଣିପାଗ କେନ୍ଦ୍ର ଆଶଙ୍କା କରିଛି।

ଶନିବାର ରାଜ୍ୟର ଅଧିକାଂଶ ଜିଲାରେ ବର୍ଷା ହେବାକୁ ଥିବାବେଳେ କେତେକ ଜିଲାରେ ୭ରୁ ୨୦ ସେ.ମି. ପର୍ଯ୍ୟନ୍ତ ବର୍ଷା ହୋଇପାରେ। କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର ସମେତ ବିଭିନ୍ନ ଜିଲାକୁ ସତର୍କ କରିଛି ପାଣିପାଗ କେନ୍ଦ୍ର।

DIRECT ADMISSION SPOT ADMISSION
IMPERIAL PRESIDENCY HIGHER SECONDARY (+2) COLLEGE
Shanti Nagar, Khariar, Dist-Nuapada
ARTS & SCIENCE
Admission 24th to 30th July
100% Result
For Arts: 15,000/- only (Including Books & Uniform)
For Science : 20,000/- only (Books & Uniform)
Hostel Facilities for (Boys & Girls)
Contact: 8249908311, 9556711974

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

ସିକ୍ୟୁରିଟି ଗାର୍ଡ ଆବଶ୍ୟକ
SECURITY GUARD REQUIRED
ଭୁବନେଶ୍ୱର ପାଇଁ ।
ରହିବା, ଖାଇବା ସୁବିଧା ଅଛି ।
Contact: 8917662664 7008723791

ସ୍ୱାରେ କାମ କରିବା ପାଇଁ ଝିଅ ଓ ସ୍ତ୍ରୀଲୋକ ଆବଶ୍ୟକ
ରହିବା, ଖାଇବାର ସୁବିଧା ଅଛି ।
ଦରମା- ୧୫,୦୦୦/-।
ଯୋଗାଯୋଗ:
7077262523
8598937906

Requirement for Gas Plants Male/ Female, 8th to Graduate, ITI. Diploma, Accountant, Supervisor, Fireman, Junior Technician, Diesel Planning Officer, Data-entry, Electrician, Wireman, Fitter, Welder, Plumber, Driver, Guard. Salary 27k to 74k + all facility send c.v :- requermentongc11@gmail.com
9821890984 / 9654766802 (Whats app)

ସ୍ୱଚ୍ ସାମ୍ବାଦିକ ନିଯୁକ୍ତି କର୍ମଶାଳା
"ଓଡ଼ିଶା ମିରର୍" ସମ୍ବାଦପତ୍ର ଓ ଡିଜିଟାଲ ଟିଭି ପାଇଁ ଜିଲା ପ୍ରତିନିଧି, ବ୍ଲକ୍ ପ୍ରତିନିଧି, ଫୋରାଞ୍ଜକ ପ୍ରତିନିଧି, ବ୍ୟୁରୋ ଚିଫ୍ ଆବଶ୍ୟକ। କର୍ମଶାଳାରେ ଯୋଗଦେବା ପାଇଁ ନିମ୍ନଲିଖିତ ଇମେଲ କିମ୍ବା ହ୍ୱାଟ୍ସଆପ ନମ୍ବରରେ ସବିଶେଷ ତଥ୍ୟ ପଠାନ୍ତୁ।
odishamirror@gmail.com
or 8458099707 (whatsapp)

ଭୁବନେଶ୍ୱରରେ ଘର କାମ ଓ ରୋଷେଇ ଜାଣିଥିବା ମହିଳା ସହାୟିକା ଆବଶ୍ୟକ।
ଯୋଗାଯୋଗ - 9078563251

WANTED
ଭୁବନେଶ୍ୱରରେ ଘରୋଇ Car ଚଳାଇବା ପାଇଁ ଶୃଙ୍ଖଳିତ ଡ୍ରାଇଭର ଏବଂ ମାଳି କାମ ପାଇଁ ଅଭିଜ୍ଞ ଲୋକ ଆବଶ୍ୟକ।
Contact - 9861326975

WALK-IN-INTERVIEW
We are hiring Technicians and Riggers for Telecom Tower Operation under Technocon Services
Dated: - 27th July to 3rd Aug 2024
❖at Reliance Jio Centre Gandhi chowk, *Jeypore, Koraput
❖at Reliance Jio office Angan Complex, Khaliguda, *Rayagada.
Qualification for Technician:- ITI/ Diploma with min. 2yrs. of experience/ Freshers may applied.
For Rigger: - 10+2/ ITI
Salary: - As per company standards and Negotiable
Contacts:- 7381020291 / 6289500133

ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

ଏକା ଗାଈର ଗୋବର
ଏକା ଗୋଠର ଗାଈ
ଏକା ଭାଡ଼ିର ପାରା।

ଗୋଟେ ଗାଈର ଗୋବରରେ ଭିନ୍ନତା ନଥାଏ । ସେହିପରି ଗୋଟିଏ ଗୋଠରେ ଥିବା ଗାଈ ଏବଂ ଭାଡ଼ିରେ ରହୁଥିବା ପାରାମାନେ ସମାନ ପ୍ରକୃତିର ହୋଇଥାନ୍ତି। ସମ ପରିବେଶରେ ବାସ କରୁଥିବା ବ୍ୟକ୍ତିଙ୍କ ଚାଲିଚଳନ, ରଙ୍ଗଢଙ୍ଗ ତଥା ସଭା ସବୁ ସମାନ ହେଉଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

ଏଇ ମନ ଯେବେ ହୁଅଇ ପ୍ରସନ୍ନ
ଦିଅଇ ଅଭୟ ବର
ଏଇ ମନ ଯେବେ ନ ହେଲା ପ୍ରସନ୍ନ
କରି କରେ ଛାରଖାର।

ମନର ବିଭିନ୍ନ ଭୂମିକା। ସୁଖ ଦୁଃଖ, ହସ କାନ୍ଦ ମନ ଉପରେ ଗଭୀର ରେଖାପାତ ସୃଷ୍ଟି କରିଥାଏ। ମନ ଶାନ୍ତ ଥିଲେ ସବୁ ସୁଖକର ଲାଗେ। ଅଶାନ୍ତ ବା ବିରସ ହେଲେ ସବୁ ଖୁସି ନିମିଷକେ ଉଭେଇଯାଏ। ମନ ହିଁ ଆନନ୍ଦର ନିୟନ୍ତ୍ରଣକାରୀ। ମନ ଖରାପ ହେଲେ ସବୁ କିଛି ପୋଡ଼ିଜଳି ପାଉଁଶ ହୋଇଯାଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ

SBI
ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ,
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427
ଆବେଦନ କରିବା ପାଇଁ QR କୋଡ୍ କରନ୍ତୁ

ବିଶେଷଜ୍ଞ କ୍ୟାଡର୍ ଅଧିକାରୀମାନଙ୍କର ନିଯୁକ୍ତି ଚୁକ୍ତିନାମା ଆଧାରରେ

ନିମ୍ନଲିଖିତ ପୋଷ୍ଟଗୁଡିକ ପାଇଁ ଚୁକ୍ତିନାମା ଆଧାରରେ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନ ଗୁଡିକ ଗ୍ରହଣ କରାଯାଉଛି:

କ୍ର. ସଂ.	ପଦବୀ	ଖାଲି ପଦବୀ
	ବିଜ୍ଞାପନ ସଂ.: CRPD/SCO/2024-25/09	
1	ରିସର୍ଚ ଟିମ୍ (ପ୍ରଡକ୍ଟ ଲିଡ୍)	2
2	କେନ୍ଦ୍ରୀୟ ଅନୁସନ୍ଧାନ ଦଳ (ସହାୟତା)	2
3	ପ୍ରକଳ୍ପ ବିକାଶ ପରିଚାଳକ (ପ୍ରଯୁକ୍ତିବିଦ୍ୟା)	1
4	ପ୍ରକଳ୍ପ ବିକାଶ ପରିଚାଳକ (ବ୍ୟବସାୟ)	2
5	ସମ୍ପର୍କ ପରିଚାଳକ	273
6	ଭିପି-ଓ୍ୱେଲଥ	643
7	ସମ୍ପର୍କ ପରିଚାଳକ - ଟିମ୍ ଲିଡ୍	32
8	ଆଞ୍ଚଳିକ ମୁଖ୍ୟ	6
9	ବିନିଯୋଗ ବିଶେଷଜ୍ଞ	30
10	ବିନିଯ

ଅନ୍ୟମାନଙ୍କଠାରୁ ଯାହା ଆସେ –ତାହାଦ୍ୱାରା ବିକ୍ଷୁବ୍ଧ ନ ହୋଇ– ଯେତେବେଳେ ଆମ୍ଭେମାନେ କେବଳ ଭଗବାନଙ୍କ କୋଳରେ ସ୍ଥିର ହୋଇ ରହୁ– ସେତେବେଳେ ଆଗେ ତାଙ୍କର ଅଦ୍ଭୁତ କ୍ଷମତାକୁ ଦେଖିପାରୁ। ଅନୁଭବ ମଧ୍ୟ କରିପାରୁ। ତାଙ୍କ ପ୍ରତି ଆମର ପ୍ରେମରେ ହିଁ ରହିଛି ଆମର ନିରାପତ୍ତା। –ଶ୍ରୀମା

ଇସ୍ତଫା ପଛର କାରଣ

ଦିଲ୍ଲୀକା ବାବୁ
ଦିଲୀପ ଚେରିଏନ୍

ଜଣେ ଆଇଏଏସ୍ ପ୍ରୋବେସନରଙ୍କ ନକଲି ସାର୍ଟିଫିକେଟ୍‌କୁ ନେଇ ହୋଇଥିବା ଘୋଟାଲା ପରେ ୟୁପିଏସ୍‌ସି ଅଧ୍ୟକ୍ଷ ଡ. ମନୋଜ ସୋନି ତାଙ୍କ ପଦରୁ ଇସ୍ତଫା ଦେଇଛନ୍ତି ବୋଲି ଗୁଜବ ସୃଷ୍ଟି ହୋଇଛି। କିନ୍ତୁ ସୋନି ପ୍ରାୟ ୧ମାସ ପୂର୍ବରୁ ଇସ୍ତଫା ଦେଇଥିବା ବିଷୟ ସାଧାରଣରେ ଏବଂ ବାବୁ କରିଡରରେ ଆଲୋଚନା ହେଉଛି। ଏହା ଯଦି ସତ, ତେବେ ବୁଝିବାକୁ ହେବ ଯେ, ପୂଜା ଖେଡ୍‌କର ଏବଂ ଅନ୍ୟମାନଙ୍କ ନକଲି ସାର୍ଟିଫିକେଟ୍ ହେରଫେର ସହ ସୋନିଙ୍କ ପଦତ୍ୟାଗର ସିଧା ସମ୍ପର୍କ ନ ଥିଲା। ତେବେ ଏହା ପଛରେ ଆଉ କିଛି କାରଣ ଅଛି କି? ସେ ଯାହା ହେଉ, ସୋନିଙ୍କ ଘର ଗୁଜରାଟରେ ଏବଂ ସେ ପ୍ରଧାନମନ୍ତ୍ରୀ ଓ ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ଅତି ନିକଟତର ବୋଲି କୁହାଯାଉଛି। ତାଙ୍କ ବିଭାଗରେ ଥିବା ବ୍ୟକ୍ତିମାନେ କହନ୍ତି, ସେ ପ୍ରାୟତଃ ତାଙ୍କ ନିଷ୍ପତ୍ତି ଓ ମନ୍ତବ୍ୟରେ ଦୃଢ଼ ରହନ୍ତି, ଏପରିକି ସରକାରଙ୍କ ବିରୋଧରେ ତାହା ଯାଉଥିଲେ ବି ପରିବର୍ତ୍ତନ କରନ୍ତି ନାହିଁ। ଆଶ୍ଚର୍ଯ୍ୟର କଥା ଯେ, ଇସ୍ତଫା ଦେବା ଭଳି ପ୍ରମୁଖ ଖବର ବାହାରକୁ ଆସିବାକୁ ଅଧିକ ସମୟ ଲାଗିଗଲା । ବୋଧହୁଏ ପ୍ରଶାସନ ବିଷୟଗୁଡ଼ିକ ଉପରେ କଡ଼ା ନିୟନ୍ତ୍ରଣ ରଖିଥିବାରୁ ଏଭଳି ହେଲା କିମ୍ବା ସରକାର ଗଠନ ଏବଂ ସଂସଦ ଅଧିବେଶନରେ ଗଣମାଧ୍ୟମ ଅତ୍ୟଧିକ ବ୍ୟସ୍ତତା କାରଣରୁ ଏହା ହୋଇଥାଇପାରେ। ସେ ପଦରୁ ଇସ୍ତଫା ଦେବା ପଛର କାରଣ ଯାହା ହେଉନା କାହିଁକି, ଏହି ପୂରା ଅଧ୍ୟାୟ ଏକ ବଡ଼ଧରଣ ଦୁର୍ନୀତିର ସଙ୍କେତ ଦେଉଛି। ସୋନିଙ୍କ ଇସ୍ତଫାକୁ ନେଇ ଅଧିକ ଘଟଣା ସାମ୍ନାକୁ ଆସୁଛି, ଯାହା ହୁଏତ ବ୍ୟବସ୍ଥାରେ କିଛି ବଡ଼ ସ୍ୱଚ୍ଛତା ଆଣିବାକୁ ପ୍ରେରିତ କରିପାରେ।

ପ୍ରଭାବଶାଳୀ କୂଟନୀତିଜ୍ଞ

ଭାରତର ପୂର୍ବତନ ବୈଦେଶିକ ସଚିବ ବିନୟ ମୋହନ କ୍ୱାତ୍ରା ବର୍ତ୍ତମାନ ଆମେରିକାରେ ଭାରତୀୟ ରାଷ୍ଟ୍ରଦୂତ ଭାବରେ ନୂଆ ଦାୟିତ୍ୱ ଗ୍ରହଣ କରିଛନ୍ତି। ଜାନୁଆରୀରୁ ତାରନଜିତ୍ ସାନ୍ଧୁ ଅବସର ନେବା ପରେ ଏହି ପଦବୀ ଖାଲି ଥିଲା। ତେଣୁ ଭାରତ–ଆମେରିକା ସମ୍ପର୍କକୁ ଏକ ସ୍ଥିର ପଥରେ ରଖିବା ପାଇଁ କ୍ୱାତ୍ରାଙ୍କ ନିଯୁକ୍ତି ଏକ ସମୟ ଉପଯୋଗୀ ପଦକ୍ଷେପ। ଅନ୍ତର୍ଜାତୀୟ ସମ୍ପର୍କ ବିଷୟରେ କ୍ୱାତ୍ରାଙ୍କ ଗଭୀର ଜ୍ଞାନ ଏବଂ ତାଙ୍କର ପ୍ରଭାବୀ କୂଟନୈତିକ କାର୍ଯ୍ୟ ପାଇଁ ସେ ଏହି ପଦବୀ ନିମନ୍ତେ ଉପଯୁକ୍ତ ବୋଲି ପର୍ଯ୍ୟବେକ୍ଷକମାନେ କହନ୍ତି। ସେ ଚାଇନା, ଆମେରିକା, ଫ୍ରାନ୍ସ ଏବଂ ମୋଦିଙ୍କ କାର୍ଯ୍ୟାଳୟରେ କାମ କରି ଅନେକ କିଛି ଦେଖିଛନ୍ତ ଓ ଅନୁଭବ କରିଛନ୍ତି। ବିଶ୍ୱ ରାଜନୀତିର ଜଟିଳତାକୁ ପରିଚାଳନା କରିବା ଏବଂ ଦୁଇ ଗଣତାନ୍ତ୍ରିକ ରାଷ୍ଟ୍ର ମଧ୍ୟରେ ସମ୍ପର୍କ ଦୃଢ଼ କରିବାରେ ତାଙ୍କର ପୃଷ୍ଠଭୂମି ତାଙ୍କୁ ଭଲ ଭାବରେ ପ୍ରସ୍ତୁତ କରିଛି। ଆମେରିକାରେ ନିର୍ବାଚନ ହେବାକୁ ଯାଉଥିବାରୁ କ୍ୱାତ୍ରାଙ୍କ ଦାୟିତ୍ୱ ଆହୁରି ଗୁରୁତ୍ୱପୂର୍ଣ୍ଣ ହୋଇଯାଇଛି। ତାଙ୍କର ଲକ୍ଷ୍ୟ ହେଉଛି ଆମେରିକା ପ୍ରଶାସନର କୌଣସି ପରିବର୍ତ୍ତନକୁ ଖାତିର ନ କରି ଭାରତ–ଆମେରିକା ସମ୍ପର୍କରେ ସ୍ଥିରତା ଏବଂ ନିଶ୍ଚିତତା ପ୍ରଦାନ କରିବା। ତାଙ୍କର ପ୍ରାଥମିକତା ହେଉଛି ପରବର୍ତ୍ତୀ ପ୍ରଶାସନରେ ଭାରତ ସମ୍ବନ୍ଧୀୟ ନୀତି ଗଠନ କରିପାରୁଥିବା ପ୍ରମୁଖ ଅଧିକାରୀଙ୍କ ସହ ଯୋଗାଯୋଗ କରିବା । ମୋଟ ଉପରେ ୱାଶିଂଟନ ଡିସିରେ ତାଙ୍କର ଉପସ୍ଥିତି, ଏବକାର ଭାରତ–ଆମେରିକା ସମ୍ପର୍କର ଏକ ଗୁରୁତ୍ୱପୂର୍ଣ୍ଣ ଅଧ୍ୟାୟକୁ ଚିହ୍ନିତ କରିବାକୁ ଯାଉଛି।

ଭିନ୍ନ ପଦକ୍ଷେପ

ଏକ ଆଶ୍ଚର୍ଯ୍ୟଜନକ ପଦକ୍ଷେପ କ୍ରମେ କେରଳ ସରକାର ତାଙ୍କର ବୈଦେଶିକ ସଚିବ ଭାବେ କାର୍ଯ୍ୟରତ ଶ୍ରମ ଏବଂ ଦକ୍ଷତା ସଚିବ ତଥା ବରିଷ୍ଠ ଆଇଏଏସ୍ ଅଧିକାରୀ କେ. ବାସୁକିଙ୍କୁ ନିଯୁକ୍ତ କରିଛନ୍ତି। ପଦବୀର ଔପଚାରିକ ଟାଇଟଲ ସେକ୍ରେଟାରି ଇନ୍ ଚାର୍ଜ ଅଫ୍ ମ୍ୟାଟର୍ସ କନସର୍ନିଂ ଏକ୍ସଟର୍ନାଲ କୋଅପରେଶନ ରଖାଯାଇଛି। ଏହି ପଦକ୍ଷେପକୁ ନେଇ ଅନେକେ ଆଶ୍ଚର୍ଯ୍ୟ ହୋଇଛନ୍ତି ଓ ଏହା ଉପରେ ତୀବ୍ର ସମାଲୋଚନା ପ୍ରକାଶ ପାଇଛି। ବୈଦେଶିକ ବ୍ୟାପାର ସାଧାରଣତଃ କେନ୍ଦ୍ର ସରକାରଙ୍କ ଅଧୀନ ହୋଇଥିବାରୁ ଭାଜପା ଏହି ନିଯୁକ୍ତିକୁ ମୁଖ୍ୟମନ୍ତ୍ରୀ ପିନାରାୟୀ ବିଜୟନ ପ୍ରଶାସନର 'ଏକ ସମ୍ପୂର୍ଣ୍ଣ ମାତ୍ରାଧିକ କାର୍ଯ୍ୟ' ବୋଲି କହିଛି। ସରକାରୀ ଆଦେଶ ଅନୁଯାୟୀ, ବାସୁକି ବର୍ତ୍ତମାନ ବୈଦେଶିକ ସହଯୋଗ ସହ ଜଡ଼ିତ ସମସ୍ତ କାର୍ଯ୍ୟର ତଦାରଖ କରିବେ ଏବଂ ଯେପର୍ଯ୍ୟନ୍ତ ଅନ୍ୟ ବ୍ୟବସ୍ଥା ନ ହୋଇଛି ସେ ପର୍ଯ୍ୟନ୍ତ ସାଧାରଣ ପ୍ରଶାସନ (ରାଜନୈତିକ) ବିଭାଗ ସହ ମିଶି କାର୍ଯ୍ୟ କରିବେ। ଏହାସହ ନୂଆଦିଲ୍ଲୀର କେରଳ ହାଉସ୍‌ର ରେସିଡେଣ୍ଟ କମିଶନର ତାଙ୍କୁ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ(ଏମ୍‌ଇଏ) ଏବଂ ବିଦେଶରେ ଥିବା ଭାରତୀୟ ଦୂତାବାସ ସହ ଯୋଗାଯୋଗ କରିବାରେ ସହାୟତା କରିବେ। ସମାଲୋଚକମାନେ ବାସୁକିଙ୍କ ନୂତନ ଦାୟିତ୍ୱର ବୈଧତା ଉପରେ ପ୍ରଶ୍ନ କରିଛନ୍ତି, ଏହା ଏମ୍‌ଇଏର ଅଧିକାର କ୍ଷେତ୍ରରେ ହସ୍ତକ୍ଷେପ କରୁଛି ବୋଲି ମତ ଦେଇଛନ୍ତି। କେହି କେହି ଏହି ନିଯୁକ୍ତିକୁ ଅସାମ୍ବିଧାନିକ ବୋଲି କହିବାକୁ ପଛାଇନାହାନ୍ତି। ଏପରିକି ସେମାନେ ସୂଚାଇ ଦେଇଛନ୍ତି ଯେ ବିଜୟନ କେରଳ ମଧ୍ୟରେ ଏକ ପୃଥକ୍ ରାଷ୍ଟ୍ର ଗଠନ କରିବାକୁ ଚେଷ୍ଟା କରୁଛନ୍ତି। ତେବେ କେତେଜଣ ପର୍ଯ୍ୟବେକ୍ଷକ ଏକମତ ହୋଇଛନ୍ତି ଯେ ଏହି ପଦକ୍ଷେପ ସମ୍ପୂର୍ଣ୍ଣ ଭିନ୍ନ। ବିବାଦ ସତ୍ତ୍ୱେ କେରଳ ସରକାର ଏହି ଅସାମ୍ବିଧାନିକ ନିଷ୍ପତ୍ତି ସହିତ ଆଗକୁ ବଢୁଥିବା ଜଣାପଡ଼ିଛି। ଏହି ପଦକ୍ଷେପ ରାଜ୍ୟର ବୈଦେଶିକ ସମ୍ପର୍କକୁ ମଜଭୁତ କରିବ ନା କେବଳ ରାଜନୈତିକ ଉତ୍ତେଜନାକୁ ବୃଦ୍ଧି କରିବ ତାହା ସମୟ ହିଁ କହିବ।

Email: dilipcherian@gmail.com

ବଜେଟରେ ସାଧାରଣ ଜନତା

ଭାଲଚନ୍ଦ୍ର ଷଡ଼ଙ୍ଗୀ

ଜୁଲାଇ ୨୩ ତାରିଖରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ବଜେଟ ଉପସ୍ଥାପନ କରିଥିଲେ। ପୂର୍ବଥର ଭଳି ବଜେଟ ଏଥର ଦେଶର ସାଧାରଣ ଜନତା ବିଶେଷ କରି କୃଷକ, ଶ୍ରମିକ, ଯୁବକ, ମହିଳା ଏପରିକି ମଧ୍ୟବିତ୍ତ ଶ୍ରେଣୀକୁ ନିରାଶ କରିଛି। ବଜେଟରେ ଦେଶର ଅର୍ଥନୈତିକ ବିକାଶ କିମ୍ବା ରୋଜଗାର ସୃଷ୍ଟି ନେଇ ସରକାରଙ୍କ ରାଜନୈତିକ ଇଚ୍ଛାଶକ୍ତିର କୌଣସି ଝଲକ ଦେଖିବାକୁ ମିଳିଲାନି। ଏଥିରେ କୃଷକମାନଙ୍କ ପାଇଁ ନା କିଛି ଘୋଷଣା ରହିଛି ନା ଯୁବତୀଯୁବକମାନଙ୍କ ପାଇଁ ରହିଛି କିଛି ଆଶା । ସରକାର ସାଧାରଣ ଜନତାଙ୍କ ବିଭିନ୍ନ କଲ୍ୟାଣକାରୀ ଯୋଜନା ବାବଦରେ ବ୍ୟୟବରାଦ ବୃଦ୍ଧି କରି ନଥିବା ବେଳେ କୃଷକ ଓ ଗରିବ ଲୋକଙ୍କ ପାଇଁ ଦିଆଯାଉଥିବା ସାର ଓ ଖାଦ୍ୟ ସବ୍‌ସିଡିକୁ ହ୍ରାସ କରିଛନ୍ତି। ପରିତାପର ବିଷୟ, ଦେଶର ରାଜକୋଷୀୟ ନିଅଣ୍ଟକୁ କମାଇବା ପାଇଁ ସରକାର ବଜେଟରେ ସୁପର ମୁନାଫା କମାଇଥିବା କର୍ପୋରେଟ୍‌ମାନଙ୍କ ଉପରେ କୌଣସି ଅତିରିକ୍ତ ଟିକସ ପକାଇ ନାହାନ୍ତି। ବରଂ ଓଲଟା ରୋଜଗାର ବୃଦ୍ଧିକୁ ପ୍ରୋତ୍ସାହନ ଦେବା ନାଁରେ କର୍ପୋରେଟଙ୍କ ପାଇଁ ବିପୁଳ ପରିମାଣର ଆର୍ଥିକ ରିହାତି ଘୋଷଣା କରି ସେମାନଙ୍କ ମୁନାଫାକୁ ବଢ଼ାଇବାକୁ ଚେଷ୍ଟା କରିଛନ୍ତି।

କୃଷିରେ ବର୍ଦ୍ଧିତ ଉତ୍ପାଦନ ଖର୍ଚ୍ଚ, ଫସଲର ଉପଯୁକ୍ତ ମୂଲ୍ୟ ନ ମିଳିବା ଏବଂ ସର୍ବୋପରି ବର୍ଦ୍ଧିତ ଋଣଭାର ଲାଗି କୃଷକମାନଙ୍କ ଆୟ କମିବାରେ ଲାଗିଛି। ସରକାର ପୂର୍ବରୁ କୃଷକଙ୍କ ଆୟକୁ ଦୁଇ ଗୁଣ କରିବାକୁ ଘୋଷଣା କରିଥିଲେ ମଧ୍ୟ ତାହା ଏଯାଏ ଦେଖିବାକୁ ମିଳିଲାନି। ଚଳିତ ବଜେଟରେ ସରକାର ଦେଶର କୃଷି ଓ କୃଷକଙ୍କ ସଙ୍କଟକୁ ଦୂର କରିବା ଦିଗରେ କୌଣସି ଆର୍ଥିକ ସହାୟତା ଘୋଷଣା କରିବା ଦେଖାଗଲାନି। ଏପରିକି କୃଷି ସହାୟତା ନାଁରେ ଛଅ ବର୍ଷ ତଳେ ଆରମ୍ଭ ହୋଇଥିବା ପିଏମ୍ କିଷାନ୍ ଯୋଜନାରେ ଦିଆଯାଉଥିବା ବାର୍ଷିକ ୬ ହଜାର ଟଙ୍କାକୁ ବୃଦ୍ଧି କରାଗଲାନି। କୃଷକମାନଙ୍କ ଦାବି ମୁତାବକ ଏମ୍‌ଏସ୍‌ପିକୁ ଆଇନଗତ ମାନ୍ୟତା ଦେବାକୁ ସରକାର ଚାହିଁନାହାନ୍ତି। ଉତ୍ପାଦନ ଖର୍ଚ୍ଚକୁ କମାଇବାକୁ କୃଷି ଯନ୍ତ୍ରପାତି ଓ ଅନ୍ୟାନ୍ୟ ଆନୁଷଙ୍ଗିକ ଜିନିଷରେ କୃଷକମାନେ ଦେଉଥିବା ଅତ୍ୟଧିକ ଜିଏସ୍‌ଟି (୧۸–୨۸%)କୁ ହ୍ରାସ କରିବାକୁ ତ ବଜେଟରେ ସରକାର ଘୋଷଣା କରିନାହାନ୍ତି, ଓଲଟା ସାର ଓ ଖାଦ୍ୟରେ ଦିଆଯାଉଥିବା ସବ୍‌ସିଡି କମାଇବା ଫଳରେ କୃଷିକାର୍ଯ୍ୟକୁ ଅଧିକ ଖର୍ଚ୍ଚବହୁଳ କରିଛନ୍ତି।

ଗତ ଦଶବର୍ଷ ମଧ୍ୟରେ ଋଣଭାର ସମେତ ବିଭିନ୍ନ କାରଣରୁ ଦୈନିକ ହାରାହାରି ୩୦ରୁ ଊର୍ଦ୍ଧ୍ୱ କୃଷକ ଆତ୍ମହତ୍ୟା କରୁଥିବା ବେଳେ ସରକାର ବଜେଟରେ ସେମାନଙ୍କ ଋଣଛାଡ଼ ନେଇ ନୀରବ ରହିଛନ୍ତି। ଅଥଚ ଗତ ଦଶବର୍ଷ ମଧ୍ୟରେ ଦେଶର

ବଡ଼ କର୍ପୋରେଟ୍‌ମାନଙ୍କ ୧୬ ଲକ୍ଷ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ଋଣକୁ ଛାଡ଼ କରି ଦିଆଯାଇଛି। କୃଷି ପାଇଁ ସରକାରଙ୍କ ବଡ଼ ବଡ଼ ପ୍ରତିଶ୍ରୁତି ସତ୍ତ୍ୱେ ଚଳିତ ବଜେଟରେ ସେ ବାବଦରେ ବ୍ୟୟବରାଦ ଦୁର୍ଭାଗ୍ୟଜନକ। ଦେଶର ଜନସଂଖ୍ୟାର ୪୫%ରୁ ଅଧିକ କୃଷି ଉପରେ ନିର୍ଭରଶୀଳ ଥିବା ବେଳେ ସରକାର ବଜେଟର ମାତ୍ର ୩.୫% କୃଷି ବାବଦରେ ବରାଦ କରିଛନ୍ତି। ଏପରିକି ୨୦୧୯–୨୦ର ବଜେଟ ତୁଳନାରେ ଚଳିତ ବଜେଟରେ କୃଷିରେ ୫.୪୪% କମ୍ ବରାଦ ହୋଇଛି। ୨୦୨୩–୨୪ରେ ୧,୧୬,୭୮୮ କୋଟି ବ୍ୟୟବରାଦ ହୋଇଥିବା ବେଳେ ଚଳିତ ବଜେଟରେ ୧,୨୨,୫୨୮ କୋଟି ବରାଦ ହୋଇଛି। କେବଳ ସେତିକି ହିଁ ନୁହେଁ ବିଭିନ୍ନ କାରଣରୁ ୨୦୨୨–୨୩ ତୁଳନାରେ ୨୦୨୩–୨୪ରେ କୃଷିରେ ବୃଦ୍ଧିର ହାର ୪.୭% ରୁ ୧.୪% କୁ କମିଥିବା ବେଳେ ବଜେଟରେ କିନ୍ତୁ ବ୍ୟୟବରାଦ ବଢ଼ିନି। ବଜେଟରେ କୃଷକମାନଙ୍କୁ ଦିଆଯାଉଥିବା ସାରରେ ସବ୍‌ସିଡିର ପରିମାଣକୁ ହ୍ରାସ କରାଯାଇଛି। ସାର ସବ୍‌ସିଡି ବାବଦରେ ବ୍ୟୟ ଗତବର୍ଷ ୧,୮୮,୯୪୯ କୋଟି ଥିବା ବେଳେ ଚଳିତ ବର୍ଷ ତାହା ୧,୬୪,୧୮୦ କୋଟିକୁ ହ୍ରାସ ପାଇଛି। ସାର ସବ୍‌ସିଡିରେ ଏହି ୨୪,୮୯୪ କୋଟି ଟଙ୍କା ହ୍ରାସର ପ୍ରଭାବ ସିଧାସଳଖ ଦେଶର କୃଷକମାନଙ୍କ ଉପରେ ପଡ଼ିବ। ସେମାନଙ୍କ ଫସଲର ଉତ୍ପାଦନ ଖର୍ଚ୍ଚକୁ ଅକାରଣରେ ବଢ଼ାଇବ।

ବଜେଟରେ ଖାଦ୍ୟ ବାବଦରେ ଦିଆଯାଉଥିବା ସବ୍‌ସିଡିରେ ୭୦୮୨ କୋଟି ହ୍ରାସ କରି ସରକାର ଦେଶର କୋଟି କୋଟି ଗରିବ ଲୋକଙ୍କ ଖାଦ୍ୟ ସୁରକ୍ଷା ଉପରେ ସିଧାସଳଖ ପ୍ରହାର କରିଛନ୍ତି। ଗତ ବଜେଟରେ ତାହା ୨,୨୧,୯୨୪ କୋଟି ଥିବା ବେଳେ ଚଳିତ ବଜେଟରେ ତାକୁ ୨,୧୭,୦୧୯ କୋଟି ଟଙ୍କାକୁ ହ୍ରାସ କରାଯାଇଛି। ଖାଦ୍ୟ ସବ୍‌ସିଡିରେ ଏହି ହ୍ରାସର ପ୍ରଭାବ ଉଭୟ କୃଷି ଓ ଖାଦ୍ୟ ସୁରକ୍ଷା ଉପରେ ପଡ଼ିବାକୁ ଯାଉଛି। ଦେଶର ଅଧିକରୁ ଅଧିକ ଗରିବ ଲୋକ ଖାଦ୍ୟ ସୁରକ୍ଷାରୁ ବଞ୍ଚିତ ହେବେ ଏବଂ ସରକାର କୃଷକମାନଙ୍କ ଉତ୍ପାଦିତ ଫସଲକୁ କମ୍ କିଣିବେ। ଦେଶରେ କ୍ଷୁଧାର ସ୍ଥିତି କେତେ ଉଦ୍‌ବେଗଜନକ ତାହା ବିଶ୍ୱ କ୍ଷୁଧା ସୂଚକାଙ୍କର ରିପୋର୍ଟରେ ବାରମ୍ବାର ପ୍ରତିଫଳିତ ହୋଇଛି। ଏହା ବ୍ୟତୀତ ଦେଶର ଅଶୀ କୋଟିରୁ ଅଧିକ ଲୋକ ମାସିକ ପାଞ୍ଚ କିଲୋ ମାଗଣା ଚାଉଳରେ ବଞ୍ଚି ରହିବା ଦେଶର ଖାଦ୍ୟ ସୁରକ୍ଷାର ସ୍ଥିତିକୁ ପ୍ରମାଣିତ କରୁଛି। ଏଭଳି ପରିସ୍ଥିତିରେ ସରକାର ଖାଦ୍ୟ ସୁରକ୍ଷା ବାବଦରେ ଅଧିକ ବ୍ୟୟବରାଦ କରିବା ପରିବର୍ତ୍ତେ ଖାଦ୍ୟ ସବ୍‌ସିଡିକୁ ହ୍ରାସ କରି ଦେଶର କୋଟି କୋଟି ଗରିବ ଲୋକଙ୍କୁ ଯେ କ୍ଷୁଧା ଭିତରକୁ ଠେଲି ଦେଉଛନ୍ତି, ଏହା ବଜେଟରୁ ସ୍ପଷ୍ଟ ହୋଇଯାଇଛି।

ବଜେଟରେ କୃଷି ଓ ଗ୍ରାମ୍ୟ ଉନ୍ନୟନ ବାବଦରେ ବ୍ୟୟବରାଦ ଜିଡିପିର ଶତାଂଶ ହିସାବରେ ସ୍ଥିର ରହିଛି। ଗ୍ରାମାଞ୍ଚଳରେ ଲୋକଙ୍କୁ ରୋଜଗାର ଦେଉଥିବା ଏକମାତ୍ର ସରକାରୀ ଯୋଜନା ମନରେଗା ପୁଣିଥରେ ସରକାରୀ ଅବହେଳାର ଶିକାର ହୋଇଛି। ଗତବର୍ଷ ତୁଳନାରେ ମନରେଗା ବାବଦରେ ସରକାର କମ୍ ବ୍ୟୟବରାଦ କରିଛନ୍ତି।

୧୪୦ କୋଟି ଜନସଂଖ୍ୟାର ଦେଶରେ ସରକାର ବଜେଟରେ ସ୍ୱାସ୍ଥ୍ୟସେବା ବାବଦରେ ମାତ୍ର ୮୯,୦୦୦ କୋଟି ବ୍ୟୟବରାଦ କରିଥିବା ବେଳେ ଶିକ୍ଷା ବାବଦରେ ମାତ୍ର ୧.୨୬ ଲକ୍ଷ କୋଟି ବ୍ୟୟବରାଦ କରିଛନ୍ତି। ଭାରତକୁ ବିକଶିତ ଦେଶରେ ପରିଣତ କରିବାକୁ ଲକ୍ଷ୍ୟ ରଖିଥିବା ସରକାର ସ୍ୱାସ୍ଥ୍ୟସେବା ଓ ଶିକ୍ଷା କ୍ଷେତ୍ରରେ ବ୍ୟୟ କରିବାରେ ବିଶ୍ୱର ସମସ୍ତ ବିକଶିତ ଦେଶଠାରୁ ଯେ ଅନେକ ପଛରେ ରହିଛନ୍ତି, ଚଳିତ ବଜେଟରୁ ଏହା ପ୍ରମାଣିତ ହୋଇଛି।

ଦେଶରେ ବେକାରି ହାର ଗତ ଚାରି ଦଶନ୍ଧି ମଧ୍ୟରେ ସର୍ବୋଚ୍ଚ ସ୍ତରରେ ପହଞ୍ଚିଛି। ବାର୍ଷିକ ଦୁଇ କୋଟି ରୋଜଗାରର ପ୍ରତିଶ୍ରୁତି ଦେଇ କ୍ଷମତାକୁ ଆସିଥିବା ସରକାର ଗତ ଦଶବର୍ଷ ଶାସନକାଳରେ ଏ ଦିଗରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ଚଳିତ ବଜେଟରେ ଦେଶରେ ରୋଜଗାର ସୃଷ୍ଟି ଦିଗରେ କୌଣସି ଠୋସ୍ ଘୋଷଣା ନକରି ସରକାର ଦେଶର ଯୁବତୀ ଯୁବକଙ୍କୁ ନିରାଶ କରିଛନ୍ତି। ଅର୍ଥନୀତିରେ ଚାହିଦା ତିଆରି କରିବାକୁ ପଦକ୍ଷେପ ନିଆଯିବା ବଦଳରେ କେବଳ ଯୋଗାଣ ବଢ଼େଇବାକୁ ପଦକ୍ଷେପ ନିଆଯାଇଛି। କାରଣ ଚାହିଦା ନ ବଢ଼ିଲେ ଉତ୍ପାଦନରେ ବୃଦ୍ଧି ଘଟିବନି ଏବଂ ଉତ୍ପାଦନରେ ବୃଦ୍ଧି ନ ଘଟିଲେ ନୂତନ ରୋଜଗାର ସୃଷ୍ଟି ହେବନି। ବରଂ ଏହାର ବିପରୀତ ସରକାର କମ୍ପାନୀମାନଙ୍କୁ ଇନ୍‌ସେଣ୍ଟିଭ୍ ନାଁରେ ଆର୍ଥିକ ସହାୟତା ଦେଇ ରୋଜଗାର ବଢ଼େଇବାକୁ ଲକ୍ଷ୍ୟ ରଖିଛନ୍ତି।

ସରକାର ନୂଆ ରୋଜଗାର ଦେବା କଥା ତ କହିନାହାନ୍ତି ବରଂ ଯୋଜନାରେ ସରକାର ନୂଆରେ ଚାକିରି ପାଉଥିବା ପ୍ରତ୍ୟେକ ବ୍ୟକ୍ତିର ଇପିଏଫ୍ ବାବଦରେ ତା'ର ନିଯୁକ୍ତିଦାତା କମ୍ପାନୀକୁ ମାସିକ ୩ହଜାର ଟଙ୍କା ଲେଖାଏଁ ଦୁଇ ବର୍ଷରେ ୭୨ ହଜାର ଟଙ୍କା ପ୍ରଦାନ କରିବେ। ଏହାଦ୍ୱାରା କେତେ ନୂଆ ରୋଜଗାର ସୃଷ୍ଟି ହେବ ତାହା ଦୂରର କଥା କିନ୍ତୁ ରୋଜଗାର ସୃଷ୍ଟି ନାଁରେ ଏହାଦ୍ୱାରା ବଡ଼ କମ୍ପାନୀଙ୍କୁ ସବ୍‌ସିଡି ଦେଇ ସରକାର ସେମାନଙ୍କ ମୁନାଫାକୁ ଆହୁରି ବଢ଼ାଇବାକୁ ଚାହୁଁଛନ୍ତି, ଏଥିରେ ସନ୍ଦେହ ନାହିଁ।

ଦେଶର ବୃଦ୍ଧ, ବୃଦ୍ଧା, ବିଧବା ଓ ଭିନ୍ନକ୍ଷମ ଲୋକଙ୍କୁ ମିଳୁଥିବା ମାସିକ ସାମାଜିକ ସୁରକ୍ଷା ପେନସନ୍‌ରେ ଏଥର କୌଣସି ବୃଦ୍ଧି ହୋଇନାହିଁ। ଦେଶରେ ସାଂସଦ, ବିଧାୟକ ଓ ସରକାରୀ କର୍ମଚାରୀଙ୍କ ଦରମାରେ ବହୁଗୁଣ ବୃଦ୍ଧି ହୋଇଥିବା ବେଳେ ତଥା ନିତ୍ୟ ବ୍ୟବହାର୍ଯ୍ୟ ଜିନିଷର ଦରଦାମ୍ ଅନେକ ଗୁଣ ବଢ଼ିଥିବା ସତ୍ତ୍ୱେ ସରକାର ଉପରୋକ୍ତ ପେନସନ୍ ରାଶିରେ ଟଙ୍କାଟିଏ ବୃଦ୍ଧି କରିନାହାନ୍ତି।

ମୋ: ୯୪୩୭୧୬୬୩୯୧

ବିଷମିଶା ରଙ୍ଗିନ ଖାଦ୍ୟ



ଡା. ପ୍ରଫୁଲ୍ଲ କୁମାର ଦାସ

ବର୍ଷାଦିନେ ଲଗାଣ ବର୍ଷା ଭିତରେ ଗରମ କୋବି ମାଞ୍ଚୁରିଆନ, ରଙ୍ଗିନ ମିଠା, କଟନକ୍ୟାଣ୍ଡି ଆଉ ସ୍କୁଲ ଯାଉଥିବା ପିଲାଙ୍କ ପାଇଁ ବରଫ ଗୋଲା ହେଉ ବା ରଙ୍ଗିନ ଚୁଇକି, ଏହା ସବୁ ନିଶ୍ଚିନ୍ତ ଲୋଭନୀୟ, ଆକର୍ଷଣୀୟ ଓ ପାଗ ଦେଖା ପାଟି ଟକଳା ଜିନିଷ। ଗୋଟିଏ କଥା ଚିନ୍ତା କରନ୍ତୁ ଆଉ ମନେପକାନ୍ତୁ, ଆମ୍ଭେମାନେ ପ୍ରଥମେ ଆଖିରେ ଖାଇଥାଉ ପରେ ଏହା ପାଟିକୁ ଯାଇଥାଏ। ଖାଦ୍ୟଟି ରୁଚିକର, ସ୍ୱାଦିଷ୍ଟ ଓ ସ୍ୱାସ୍ଥ୍ୟପ୍ରଦ ହୋଇଥାଏ କି ନ ହୋଇଥାଏ ଏହା ତ ପରର କଥା, କିନ୍ତୁ ଦେଖିବାକୁ ଆକର୍ଷଣୀୟ ହୋଇଥିଲେ ନଜର ଛାଁ ଟାଣିହୋଇଯାଏ। ବଜାରରେ ବୁଲିଲା ବେଳେ ଲକ୍ଷ୍ୟ ରଖିଥିବେ ଚିକିମିକିଆ ଆଲୁଅ ତଳେ ସଜାହୋଇ ଯେଉଁ ଖାଇବା ଜିନିଷଗୁଡ଼ିକ ଥାଏ ତାହା କେବଳ ପିଲାମାନଙ୍କୁ ନୁହେଁ ବୟସ୍କ ଲୋକଙ୍କ ଆଖିରୁ ନଜର ଖସାଇପାରି ନ ଥାଏ ଏବଂ ସ୍ୱତଃ ଆମେ ଦୋକାନ ପାଖକୁ ଚାଲିଯାଇଥାଉ। ଆମ ନିତିଦିନିଆ ଖାଦ୍ୟ ତାଲିକାରେ ଲାଲ୍ ଲାଲ୍ ଚିକେନ ତରକାରି ହେଉ ବା ବିଭିନ୍ନ ରଙ୍ଗର ଜିଲାପି, କେକ୍ ହେଉ ବା ଚିକେନ କବାକ୍ ଦେଖିବାକୁ ତ ଅତ୍ୟନ୍ତ ଆକର୍ଷଣୀୟ। ଏହା ପାଟିକୁ ବଢ଼ିଆ ତୃପ୍ତିର ମଜା ଦେଇଥାଏ। କିନ୍ତୁ

ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

smbselfie@gmail.com

@ ନିବେଦନ

@ ଉମାକାନ୍ତ

@ ଉର୍ବସୀ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

ଅଗଷ୍ଟ ୧ରୁ ନୋ ହେଲ୍‌ମେଟ, ନୋ ପେଟ୍ରୋଲ

ଭବାନୀପାଟଣା,୨୬।୭(ଉତ୍ତମ କୁମାର ବାଶ)

କଳାହାଣ୍ଡି ଜିଲାରେ ଆସନ୍ତା ଅଗଷ୍ଟ ୧ରୁ ପୁଣିଥରେ ଲାଗୁ ହେବାକୁ ଯାଉଛି ନୋ ହେଲମେଟ, ନୋ ପେଟ୍ରୋଲ ନିୟମ। ଏ ନେଇ କଳାହାଣ୍ଡି ଜିଲାପାଳ ପି ଅନ୍ୱେଷା ରେଡ୍ଡୀ ଏକ ପତ୍ର ମାଧ୍ୟମରେ ନିର୍ଦ୍ଦେଶନାମା ଜାରି କରିଛନ୍ତି। ନିର୍ଦ୍ଦେଶକୁ ଜିଲାର ସବୁ ପେଟ୍ରୋଲ ପମ୍ପରେ କାର୍ଯ୍ୟକାରୀ କରାଇବାକୁ ଜିଲା ଯୋଗାଣ ବିଭାଗକୁ ଚିଠି ଲେଖାଯାଇଛି। ପେଟ୍ରୋଲ ପମ୍ପରେ ଏହାର କାର୍ଯ୍ୟକାରିତାକୁ ତଦାରଖ କରିବାକୁ ଓ ହେଲମେଟ ପିନ୍ଧି ନ ଥିବା ବାଇକ ଚଳକଙ୍କ ଉପରେ ନଜର ରଖିବାକୁ ଜିଲା ପୋଲିସ ଓ ଆଞ୍ଚଳିକ ପରିବହନ ବିଭାଗକୁ ଚିଠିରେ କୁହାଯାଇଛି। ଗୁରୁବାର ସନ୍ଧ୍ୟାରେ ଜାରି ହୋଇଥିବା ଚିଠିରେ ଉଲ୍ଲେଖ ରହିଛି, ଦୁଇଚକିଆ ଗାଡିରେ ପେଟ୍ରୋଲ ଭରିବା ସମୟରେ ଚାଳକ ଜଣକ ହେଲମେଟ ପିନ୍ଧିଛନ୍ତି କି ନାହିଁ ପେଟ୍ରୋଲ ପମ୍ପ ମାଲିକମାନେ ନଜର ରଖିବେ। ଯଦି କୌଣସି ଚାଳକ ହେଲମେଟ ପିନ୍ଧି ନାହାନ୍ତି ତେବେ ତାଙ୍କୁ ପେଟ୍ରୋଲ ଦିଆଯିବ ନାହିଁ। କଳାହାଣ୍ଡି ଜିଲାରେ ବଢୁଥିବା ସଡ଼କ ଦୁର୍ଘଟଣା ଓ ଏହି କାରଣରୁ ଘଟୁଥିବା ମୃତ୍ୟୁର ନିୟନ୍ତ୍ରଣ ପାଇଁ ଜିଲା ପ୍ରଶାସନ ପକ୍ଷରୁ ବିଭିନ୍ନ ସମୟରେ ପଦକ୍ଷେପ ନିଆଯାଉଛି। ସୁରକ୍ଷିତ ଗାଡ଼ି ଚାଳନା ଦିଗରେ ଲୋକଙ୍କୁ ସଚେତନ କରିବା ଏହାର ମୂଳ ଲକ୍ଷ୍ୟ। ହେଲମେଟ ପିନ୍ଧିବା ବାଧ୍ୟତାମୂଳକ କରାଯାଇଥିଲେ ବି ଏହାକୁ ଚାଳକମାନେ ମାନିବାକୁ ନାରାଜ। ଏଥିପାଇଁ ଲୋକେ କିଭଳି ହେଲମେଟ ପିନ୍ଧି ନିଜକୁ ସୁରକ୍ଷିତ ରଖିପାରିବେ ସେଥିପାଇଁ ନିୟମକୁ କଡାକଡି କାର୍ଯ୍ୟକାରୀ କରାଯିବ। ନିୟମ ଖିଲପ ହେଲେ ପେଟ୍ରୋଲ ପମ୍ପ ବିରୋଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ନେବାକୁକୁହାଯାଇଛି।

ମୁହାଣ ନାଳରେ ୬ ଫୁଟ ଉଚ୍ଚର ବନ୍ୟାଜଳ ପ୍ରବାହିତ: ଯୋଗାଯୋଗ ବିଚ୍ଛିନ୍ନ

ବାଉଁଶୁଣୀ,୨୬।୭(ଦେବାଶିଷ ନେପାକ)

ଶୁକ୍ରବାର ମଧ୍ୟାହ୍ନରେ ବୌଦ୍ଧ ବ୍ଲକ ମନୁପାଲି ଗ୍ରାମ ପଞ୍ଚାୟତର ଜମଟାଙ୍ଗୀଠାରୁ ଡିଗୀ ଗ୍ରାମ ଆଡକୁ ଯାଇଥିବା ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତାର ମୁହାଣ ନାଳରେ ୬ ଫୁଟ ଉଚ୍ଚର ବନ୍ୟା ଜଳ ପ୍ରବାହିତ ହେଉଥିବା ଦେଖିବାକୁ ମିଳିଛି। ଫଳରେ ଅନେକ ଗ୍ରାମକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି। ଏହାସହିତ ଡିଗୀ ଗ୍ରାମରେ ଥିବା ପ୍ରାଥମିକ ବିଦ୍ୟାଳୟକୁ ଛାତ୍ରୀଛାତ୍ରମାନେ ଯିବା ଆସିବାରେ ବାଧା ସୃଷ୍ଟି ହୋଇଛି। ଶିକ୍ଷକମାନେ ମଧ୍ୟ ସ୍କୁଲ ଯାଇପାରି ନାହାନ୍ତି। ଯାହା ଫଳରେ ପାଠପଢା ଦୁଇ ଦିନ ହେବ ବନ୍ଦ ହୋଇଯାଇଛି। ସ୍ଥାନୀୟ ଅଞ୍ଚଳରେ ଦୁଇ ଦିନ ଧରି ପ୍ରବଳ ବର୍ଷା ଯୋଗୁ ମୁହାଣ ନାଳରେ ବନ୍ୟା ଜଳ ଆସିଥିବା ସୁଚନା ମିଳିଛି।

OFFICE OF THE DISTRICT PROJECT CO-ORDINATOR
SAMAGRA SHIKSHA, KALAHANDI, BHAWANIPATNA
Jail Chowk, Ph. No.: 06670-232083, 233114
e-mail: dpckalassa.opepa@nic.in
Letter No. 1314 Date: 26.07.2024
Expression of Interest (EoI) for Selection of MSE Manufacturing Units/WSHG units for Procurement and Supply of School Uniforms for Students from Class-I to VIII (2024-25)
Expression of Interest are invited from the interested MSE Manufacturing Units/WSHG Units having willingness and aptitude for supply of School Uniforms for Class-I to VIII students of Govt. and Govt. Aided Elementary Schools of Kalahandi District. The detailed terms and conditions and format of application can be downloaded from the official websites i.e. **https://kalahandi.odisha.gov.in** and **https://osepa.odisha.gov.in**.
By order of Collector-cum-Chairman
Sd./- District Education Officer-cum-DPC
Samagra Sikshya, Kalahandi

DISTRICT ATHLETIC ASSOCIATION, SUNDARGARH
SUNDARGARH STADIUM-770001
SPACE FOR RENT
Hereby DAA, Sundargarh invites Tender for one (01) number of shop in DAA Complex, Sundargarh. Application for the same will be available in the DAA Office, Sundargarh from dated 30.07.2024 to 04.08.2024 by paying a non refundable amount of Rs.3000/- (Rupees Three Thousand) only. Details of the same is mentioned in the Application Form.
Sd./- Hony Gen. Secretary
Dist. Athletic Association, Sundargarh

ଯୁବକଙ୍କ ଆତ୍ମହତ୍ୟା

ମୁରିବାହାଲ,୨୬।୭(ଶ୍ରୀବତ୍ସ ବେହେରା)

ଶୁକ୍ରବାର ପୂର୍ବାହ୍ନରେ ବଲାଙ୍ଗୀର ଜିଲା ମୁରିବାହାଲ ଥାନା ବାନ୍ଧୁପଳା ପଞ୍ଚାୟତ ସନ୍ଧିବାହାଲି ଗ୍ରାମର ଜଗବନ୍ଧୁ ତାଣ୍ଡିଙ୍କ ପୁଅ ଧନୁ ତାଣ୍ଡି(୨୨) ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ପାରିବାରିକ ସମସ୍ୟାରୁ ସେ ଘରେ ଆତ୍ମହତ୍ୟା କରିଥିବା ଜଣାପଡିଛି। ଖବର ପାଇ ମୁରିବାହାଲ ଥାନା ଏଏସଆଇ ଜଗଦୀଶ ମହାନନ୍ଦ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଡାକ୍ତରଖାନା ପଠାଇଥିଲେ। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

ଓଡ଼ିଶା ସରକାର No.T-44
ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ
ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା
ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ସପ୍ତଦଶ ବିଧାନସଭାର ପ୍ରଥମ ଅଧିବେଶନ ଜାରି ରହିଛି। ଏଥି ନିମନ୍ତେ, ତାରିଖ ୨୯।୦୭।୨୦୨୪ (ସୋମବାର)ରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ବନ୍ଦ ରହିବ।
ଅତିରିକ୍ତ ମୁଖ୍ୟ ଶାସନ ସଚିବ
ସାଧାରଣ ପ୍ରଶାସନ ଓ
ସାଧାରଣ ଅଭିଯୋଗ ବିଭାଗ
OIPR-09014/11/0012/2425

ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟ
(କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଅଧିନିୟମ 2009 କେ ଅନ୍ତର୍ଗତ ସ୍ଥାପିତ)
CENTRAL UNIVERSITY OF ODISHA, KORAPUT
(Established Under the Central Universities Act, 2009)
NAD Post Office, Sunabeda, Dist. - Koraput, Odisha - 763 004
Advertisement For Admission in PG Programmes
Advertisement No. 02/2024 Date : 25.07.2024
The Central University of Odisha inviting online application for admission into PG Programmes **(M.Sc. in Botany and M.Sc. in Zoology)** for the Academic Year 2024-25.
The starting date of receiving online application : **29.07.2024**
The end date of receiving online application : **16.08.2024**
For more details, please visit our website: **www.cuo.ac.in**
Sd/-
Controller of Examinations

ଜୀବିକା ଦେଇଛି ବାଉଁଶ କାରିଗରି

କୋକସରା,୨୬।୭
(ଦୁଷ୍ମନ୍ତ କୁମାର ପାଙ୍ଗଯୋଷୀ)

କଳାହାଣ୍ଡି ଜିଲା କୋକସରା ବ୍ଲକ ବରାଡଙ୍ଗା ପଞ୍ଚାୟତର ଏକ ଆଦିବାସୀ ବହୁଳ ଗ୍ରାମ ଝୁଲେନବର। ଜଙ୍ଗଲ ପରିବେଷ୍ଟିତ ଗାଁରେ ପ୍ରାୟ ୫୦ ଆଦିବାସୀ ପରିବାର ବସବାସ କରନ୍ତି। କନ୍ଧ ଜନଜାତିର କିଛି ପରିବାର ସଦସ୍ୟଙ୍କୁ ବାଉଁଶ କାରିଗରୀ ଜୀବିକା ଦେଇଛି। ଏମାନେ ନିକଟ ଜଙ୍ଗଲରୁ ବାଉଁଶ ସଂଗ୍ରହ କରି ସେଥିରେ ବିଭିନ୍ନ ପ୍ରକାର ଘରକରଣା ସାମଗ୍ରୀ ତିଆରି କରୁଛନ୍ତି। ପରେ ଏହାକୁ ନିକଟସ୍ଥ ଆମପାଣି ଓ ପୂଜାରିଗୁଡା ସାପ୍ତାହିକ ହାଟରେ ବିକ୍ରି କରି ପରିବାର ପ୍ରତିପୋଷଣ କରୁଛନ୍ତି। ସପ୍ତାହରେ ୮ଶହରୁ ୧ ହଜାର ଟଙ୍କା ରୋଜଗାର କରୁଥିବା କହିଛନ୍ତି ବାଉଁଶ କାରିଗର ସୀତା ମାଝି, କୁନି ମାଝି, ଆଶା ମାଝି, ଚାଉଳ ମାଝି, ନୂଆ ମାଝି, ରଏବାରି ମାଝି, ପ୍ରଭୁ ମାଝି, କାଉରୁ ମାଝି ପ୍ରମୁଖ। ପ୍ରତିଦିନ ସକାଳୁ ଆଦିବାସୀ ପରିବାରର ପୁରୁଷମାନେ ଜଙ୍ଗଲରୁ ବାଉଁଶ କାଟି ଘରକୁ ଆଣିଥାନ୍ତି। ପରେ ମହିଳାମାନେ ବାଉଁଶ ପାତିଆ ବାହାର କରି କୁଲା, ଟୋପା, ଡଲା, ଝାଡୁ, ବାଉଁଶ ତୋଳା ଆଦି ସାମଗ୍ରୀ ତିଆରି କରନ୍ତି। ଏହି କାର୍ଯ୍ୟରେ ପିଲା ଛୁଆ ସମସ୍ତେ ଲାଗିପଡନ୍ତି। ସରକାରଙ୍କ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଶ୍ରମିକମାନଙ୍କୁ ବର୍ଷକୁ ଶହେଦିନର କାର୍ଯ୍ୟ ଦିବସ ଯୋଗାଇଦେବା ବ୍ୟବସ୍ଥା ରହିଥିଲେ ମଧ୍ୟ ଏହି ଗାଁରେ ପହଞ୍ଚିପାରି ନାହିଁ। ଅନ୍ୟପଟେ ଏହି ଯୋଜନାରେ କାମ ଆସୁଥିଲେ ମଧ୍ୟ ମଜୁରି ମିଳିବାରେ ଡେରି ହେଉଥିବା ଯୋଗୁ ଏମାନେ କାମ କରିବା ପାଇଁ ଇଚ୍ଛା ପ୍ରକାଶ କରନ୍ତି ନାହିଁ ବୋଲି ସ୍ଥାନୀୟ ଜନପ୍ରତିନିଧି ପ୍ରକାଶ କରିଛନ୍ତି। ବାଉଁଶ କାରିଗରଙ୍କ ହାତ ତିଆରି ସାମଗ୍ରୀ ଯଦି ବ୍ଲକ ପ୍ରଶାସନ ସ୍ୱୟଂସହାୟକ ଗୋଷ୍ଠୀ ଜରିଆରେ କ୍ରୟ କରି ପ୍ରୋତ୍ସାହିତ କରାଯାଆନ୍ତା ତା'ହେଲେ ଆଦିବାସୀ ପରିବାର ଉପଯୁକ୍ତ ବଜାର ମୂଲ୍ୟ ପାଇବା ସହ ଆତ୍ମନିର୍ଭର ଶୀଳ ହୋଇ ପାରନ୍ତେ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

ବାଉଁଶ ପାତିଆରେ ସାମଗ୍ରୀ ତିଆରି କରୁଛନ୍ତି ଜଣେ ମହିଳା।

IN THE DEBTS RECOVERY TRIBUNAL: CUTTACK
C-71, SECTOR-7, CDA, CUTTACK-753014
O.A. No. 633/2023
Utkal Grameen Bank ...Applicant
Vs.
Smt. Santoshini Pradhan & others ...Defendants
1. **Smt. Santoshini Pradhan,** aged about 33 yrs., W/o- Late Kashinath Pradhan,
2. **Miss Sujata Pradhan,** aged about 15 yrs.,
3. **Miss Suruchi Pradhan,** aged about 11 yrs., Both D/o- Late Kashinath Pradhan, but being minors are represented by their next friend mother guardian Santoshini Pradhan.
4. **Smt. Jamini Pradhan,** aged about 65 yrs., W/o- Late Narayan Pradhan, Deft Nos. 1 to 4 residing At/PO: Tora, Dist.: Bargarh-768040.
5. **Sri Kirtichandra Pradhan,** aged about 71 yrs., S/o- Late Lokanath Pradhan, At: Talapadar, Via: Bijipur, PO/PS: Bijipur, Dist.: Bargarh-768034.
6. **Sri Premraj Pradhan,** age not known but major, S/o- Late Lokanath Pradhan, At: Talapadar, Via: Bijipur, PO/PS: Bijipur, Dist.: Bargarh-768034.
7. **Sri Biswamitra Pradhan,** age not known but major, S/o- Late Lokanath Pradhan, At: Talapadar, Via: Bijipur, PO/PS: Bijipur, Dist.: Bargarh-768034.
8. **Smt. Draupadi Pradhan,** age not known but major, W/o- Premananda Pradhan, At: Chhabira, PO: Chhuapalli, PS/Dist.: Mahasamund, Chhatisgarh.
9. **Smt. Arghyabati Sahu,** age not known but major, W/o- Niranjan Sahu, At/PO: Bharsuja, Dist.: Bolangir-767061.
10. **Sri Thakura Nanda,** age not known but major, S/o- Khirodra Nanda, At/PO: Tora, PS/Dist.: Bargarh-768040.
11. **Sri Ratnakar Sahu,** age not known but major, S/o- Raseswar Sahu, At/PO: Talpadar, PS: Bijepur, Dist.: Bargarh-768034.
12. **Sri Sumanta Kumar Sahu,** age not known but major, S/o- Raseswar Sahu, At/PO: Talpadar, PS: Bijepur, Dist.: Bargarh-768034.
SUMMONS BY PAPER PUBLICATION FOR SHOWING CAUSE AS TO WHY RELIEFS PRAYED FOR SHOULD NOT BE GRANTED
Take notice that the applicant has instituted **OA No. 633/23** in the Debts Recovery Tribunal, Cuttack for recovery of **Rs.26,47,184.00** only pendentiliete and future interest thereon at the agreement rate till recover from the defendants with costs and for other reliefs. The above named defendants are hereby directed to appear before this Tribunal in person or through advocates or authorized agents and show cause on **03.09.2024 at 10.30 AM** positively as to why the reliefs prayed for should not be granted.
Take notice that in case of your default the original application shall be heard and disposed off exparte in your absence.
Given under hand and seal of this Tribunal on this **05th day of month July of 2024.**
By orders of this Tribunal
Sd/- (NIKHILA RANJAN PATI)
Registrar
Debts Recovery Tribunal

ଭାରତୀୟ ମାନକ ବ୍ୟୁରୋ
ଉପଭୋକ୍ତା ବ୍ୟାପାର, ଖାଦ୍ୟ ଏବଂ ସାଧାରଣ ବଣ୍ଟନ ମନ୍ତ୍ରଣାଳୟ
(ଉପଭୋକ୍ତା ବ୍ୟାପାର ବିଭାଗ), ଭାରତ ସରକାର
ମାନକ ଭବନ, ୯ ବାହାଦୁର ଶାହ ଜାଫର ମାର୍ଗ,
ନୂଆଦିଲ୍ଲୀ-୧୧୦୦୦୨
ସାଙ୍କେତିକ ବିଜ୍ଞାପନ
ବୈଜ୍ଞାନିକ-ବି ପଦବୀ ପାଇଁ ନିଯୁକ୍ତି
ବିଜ୍ଞାପନ ନଂ.-୦୨ (ଏସ୍‌ସିବି)/୨୦୨୪/ଏଚ୍‌ଆର୍‌ଡି
ଭାରତୀୟ ମାନକ ବ୍ୟୁରୋ (ବିଆଇଏସ୍), ଉପଭୋକ୍ତା ବ୍ୟାପାର, ଖାଦ୍ୟ ଏବଂ ସାଧାରଣ ବଣ୍ଟନ ମନ୍ତ୍ରଣାଳୟ, ଭାରତ ସରକାରଙ୍କ ପ୍ରଶାସନିକ ନିୟନ୍ତ୍ରଣ ଅଧୀନସ୍ଥ ଏକ ବୈଧାନିକ ନିକାୟ, ଭାରତର ଜାତୀୟ ମାନକ ନିକାୟ ଅଟେ ଏବଂ ଏହା ଦେଶରେ ମାନକୀକରଣ, ଉତ୍ପାଦ ଏବଂ ପ୍ରଣାଳୀ ପ୍ରମାଣୀକରଣ, ସୁନା/ରୁପା ଗହଣାର ହଲମାର୍କିଂ, ଲାବୋରୋଟୋରୀ ପରୀକ୍ଷଣ ଇତ୍ୟାଦି କାର୍ଯ୍ୟ ପାଇଁ ଦାୟୀ ଅଟେ। ଅନ୍ତର୍ଜାତୀୟ ସ୍ତରରେ ମଧ୍ୟ ମାନକୀକରଣ ଏବଂ ପ୍ରମାଣନ କରିବା ବିଆଇଏସ୍‌ର ଦାୟିତ୍ୱ ଅଟେ।
ବିଆଇଏସ୍ ବିନିର୍ଦ୍ଦିଷ୍ଟ ଶୃଙ୍ଖଳା ଏବଂ ବର୍ଗରେ ବୈଜ୍ଞାନିକ-'ବି' ପଦବୀ ପାଇଁ ମେଧାବୀ, ଯୁବ ତଥା କର୍ମଚଞ୍ଚଳ ବ୍ୟକ୍ତିବିଶେଷଙ୍କ ପାଇଁ ଉତ୍କୃଷ୍ଟ କ୍ୟାରିୟର୍ ସୁଯୋଗ ଯୋଗାଇଥାଏ। ଏହି ପଦବୀଗୁଡ଼ିକ ସପ୍ତମ କେନ୍ଦ୍ରୀୟ ବେତନ ଆୟୋଗ ଅନୁଯାୟୀ ବେତନ ସ୍ତର ୧୦ର ପରିସରଭୁକ୍ତ । ତା' ସହିତ ପ୍ରଯୁଜ୍ୟ ହୋଇଥିବା ଅନୁଯାୟୀ ଭତ୍ତା ମଧ୍ୟ ପ୍ରଦାନ କରାଯାଇଥାଏ। ସମ୍ପ୍ରତି, ଯୋଗ ଦେବା ସମୟରେ ଦିଲ୍ଲୀରେ ସର୍ବମୋଟ ପାରିଶ୍ରମିକର ପରିମାଣ ହେଉଛି ପ୍ରାୟ ₹୧,୧୧,୭୮୦/-।
୧. **ପଦବୀଗୁଡ଼ିକର ସଂଖ୍ୟା:** ବିଭିନ୍ନ ଶୃଙ୍ଖଳାରେ ମୋଟ ଖାଲି ପଦବୀଗୁଡ଼ିକର ସଂଖ୍ୟା ହେଉଛି **୧୫**, ଯାହାର ବିବରଣୀ ତଳେ ଦିଆଗଲା:

ଶୃଙ୍ଖଳା	ଖାଲି ପଦବୀଗୁଡ଼ିକ ସଂଖ୍ୟା (ବ୍ୟାକଲଗ୍ ଖାଲିପଦବୀ ସମେତ)						ମାନଦଣ୍ଡ ଭିନ୍ନକ୍ଷମତାଧାରୀ ବ୍ୟକ୍ତିଙ୍କ ପାଇଁ ସମାନ୍ତରାଳ ସଂରକ୍ଷଣ (ବ୍ୟାକ୍‌ଲଗ୍ ଖାଲିପଦବୀ ସମେତ)
	ମୋଟ	ୟୁଆର୍	ଓବିସି	ଏସ୍‌ସି	ଏସ୍‌ଟି	ଇଡବ୍ଲ୍ୟୁଏସ୍	
କେମିଷ୍ଟ୍ରି	୦୨	୦୧	୦୧	-	-	-	-
ସିଭିଲ ଇଞ୍ଜିନିୟରିଂ	୦୬	୦୨	୦୨	୦୧	-	୦୧	୦୧ ଆଇଡି ଏବଂ ଏମ୍‌ଆଇ/ଏମ୍‌ଡି*
ଇଲେକ୍ଟ୍ରିକାଲ ଇଞ୍ଜିନିୟରିଂ	୦୭	୦୨	୦୨	୦୨	-	୦୧	୦୧ ଆଇଡି ଏବଂ ଏମ୍‌ଆଇ/ଏମ୍‌ଡି
ମୋଟ	୧୫	୦୫	୦୫	୦୩	-	୦୨	୦୨

*ଆଇଡି ଏବଂ ଏମ୍‌ଆଇ/ଏମ୍‌ଡି ବର୍ଗ ପାଇଁ ସମାନ୍ତରାଳ ସଂରକ୍ଷଣ ସ୍ଥିର କରାଯାଇଛି। ହେଲେ, ଯଦି ଆଇଡି ଏବଂ ଏମ୍‌ଆଇ/ଏମ୍‌ଡି ବର୍ଗରେ ଉପଯୁକ୍ତ ପ୍ରାର୍ଥୀ ଉପଲବ୍ଧ ନ ହୁଅନ୍ତି, ତେବେ ଭିନ୍ନକ୍ଷମତାର ଭିଆଇ/ଏଚ୍‌ଆଇ ବର୍ଗ ମଧ୍ୟରେ ପ୍ରତିବଦଳ କରାଯାଇ ସିଟ୍‌ଗୁଡ଼ିକୁ ପୂରଣ କରାଯିବ।
ସଂକ୍ଷେପଣ: ୟୁଆର୍ – *ଅସଂରକ୍ଷିତ;* **ଓବିସି** – *ଅନ୍ୟାନ୍ୟ ପଛୁଆ ବର୍ଗ;* **ଏସ୍‌ସି** – *ଅନୁସୂଚିତ ଜାତି;* **ଏସ୍‌ଟି** – *ଅନୁସୂଚିତ ଜନଜାତି;* **ଇଡବ୍ଲ୍ୟୁଏସ୍** – *ଆର୍ଥିକ ଭାବେ ଦୁର୍ବଳ ବର୍ଗ;* **ପିଡବ୍ଲ୍ୟୁବିଡି** – *ମାନଦଣ୍ଡ ଭିନ୍ନକ୍ଷମତାଧାରୀ ବ୍ୟକ୍ତି;* **ଆଇଡି ଏବଂ ଏମ୍‌ଆଇ** – *ଅଟିଜମ୍/ବୌଦ୍ଧିକ ଭିନ୍ନକ୍ଷମତା/ନିର୍ଦ୍ଦିଷ୍ଟ ଶିକ୍ଷଣଗତ ଭିନ୍ନକ୍ଷମତା/ମାନସିକ ଅସୁସ୍ଥତା;* **ଏମ୍‌ଡି** – *ଏକାଧିକ ଭିନ୍ନକ୍ଷମତା;* **ଭିଆଇ** – *ଦୃଷ୍ଟି ଅକ୍ଷମତା;* **ଏଚ୍‌ଆଇ** – *ଶ୍ରବଣ ଅକ୍ଷମତା*
୨. **ଅତ୍ୟାବଶ୍ୟକ ଯୋଗ୍ୟତା:**

ଶୃଙ୍ଖଳା	ଅତ୍ୟାବଶ୍ୟକ ଯୋଗ୍ୟତା	ପ୍ରାସଙ୍ଗିକ ଗେଟ୍ ପେପର୍ ଏବଂ ତାହାର କୋଡ୍
ସିଭିଲ ଇଞ୍ଜିନିୟରିଂ	୧) ଇଞ୍ଜିନିୟରିଂ କିମ୍ବା ଟେକ୍ନୋଲୋଜିରେ ସ୍ନାତକ ଡିଗ୍ରୀ କିମ୍ବା ସମତୁଲ୍ୟ; ସର୍ବମୋଟ ମାର୍କ ଷାଠିଏ ପ୍ରତିଶତରୁ କମ୍ ହୋଇ ନ ଥିବା ଆବଶ୍ୟକ [ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତି ପାଇଁ ପଚାଶ ପ୍ରତିଶତ] ୨) ୨୦୨୨/୨୦୨୩/୨୦୨୪ର ବୈଧ ଗେଟ୍* ସ୍କୋର୍ ରହିଥିବା। ଗେଟ୍ ସ୍କୋର୍ **ତା୧୬।୦୮।୨୦୨୪ରିଖ** (ଆବେଦନର ଶେଷ ତାରିଖ)ରେ ବୈଧ ହୋଇଥିବା ଜରୁରୀ ।	ସିଭିଲ ଇଞ୍ଜିନିୟରିଂ (ସିଇ)
ଇଲେକ୍ଟ୍ରିକାଲ ଇଞ୍ଜିନିୟରିଂ		ଇଲେକ୍ଟ୍ରିକାଲ ଇଞ୍ଜିନିୟରିଂ (ଇଇ)
କେମିଷ୍ଟ୍ରି	୧) ପ୍ରାକୃତିକ ବିଜ୍ଞାନରେ ସ୍ନାତକୋତ୍ତର ଡିଗ୍ରୀ କିମ୍ବା ସମତୁଲ୍ୟ [କେବଳ କେମିଷ୍ଟ୍ରି ଶୃଙ୍ଖଳାରେ]; ସର୍ବମୋଟ ମାର୍କ ଷାଠିଏ ପ୍ରତିଶତରୁ କମ୍ ହୋଇ ନ ଥିବା ଆବଶ୍ୟକ [ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତି ପାଇଁ ପଚାଶ ପ୍ରତିଶତ] ୨) ୨୦୨୨/୨୦୨୩/୨୦୨୪ର ବୈଧ ଗେଟ୍* ସ୍କୋର୍ ରହିଥିବା। ଗେଟ୍ ସ୍କୋର୍ **ତା୧୬।୦୮।୨୦୨୪ରିଖ** (ଆବେଦନର ଶେଷ ତାରିଖ)ରେ ବୈଧ ହୋଇଥିବା ଜରୁରୀ ।	କେମିଷ୍ଟ୍ରି (ସିୱାଇ)

*ଗେଟ୍ - ଗ୍ରାଜୁଏଟ୍ ଆପ୍ଟିଚ୍ୟୁଡ୍ ଟେଷ୍ଟ ଇନ୍ ଇଞ୍ଜିନିୟରିଂ
୩. **ବୟସ ସୀମା:** ପ୍ରାର୍ଥୀମାନଙ୍କ ଯୋଗ୍ୟତା ପାଇଁ ସର୍ବାଧିକ ବୟସ ସୀମା ହେଉଛି ଆବେଦନ ସମାପ୍ତି ତାରିଖରେ ୩୦ ବର୍ଷ। ଏସ୍‌ସି, ଏସ୍‌ଟି, ଓବିସି, ମାନଦଣ୍ଡ ଭିନ୍ନକ୍ଷମତାଧାରୀ ପ୍ରାର୍ଥୀ, ପୂର୍ବତନ ସୈନିକ ଏବଂ ବିଆଇଏସ୍‌ର ବିଭାଗୀୟ ପ୍ରାର୍ଥୀମାନଙ୍କ ପାଇଁ ପ୍ରଯୁଜ୍ୟ ନିୟମାବଳୀ ଅନୁଯାୟୀ ବୟସ ସୀମାରେ କୋହଳ କରାଯିବ।
୪. ସବିଶେଷ ବିଜ୍ଞାପନ ବିଆଇଏସ୍ ୱେବ୍‌ସାଇଟ୍: **www.bis.gov.in** ରେ ଉପଲବ୍ଧ। ପ୍ରାର୍ଥୀମାନଙ୍କୁ **ତା୨୭।୦୭।୨୦୨୪ରିଖ** ପରଠାରୁ **ତା୧୬।୦୮।୨୦୨୪ରିଖ** (ଶେଷ ତାରିଖ) ପର୍ଯ୍ୟନ୍ତ ବିଆଇଏସ୍ ୱେବ୍‌ସାଇଟ୍ ମାଧ୍ୟମରେ **ଅନ୍‌ଲାଇନ୍‌ରେ** ଆବେଦନ କରିବାକୁ ହେବ। ଆବେଦନ ଦାଖଲ ପାଇଁ ଅନ୍ୟ କୌଣସି ମାଧ୍ୟମ/ପଦ୍ଧତିକୁ କୌଣସି ପରିସ୍ଥିତିରେ ମଧ୍ୟ ଗ୍ରହଣ କରାଯିବ ନାହିଁ।
୫. **ଆବେଦନ ଦେୟ:** ଶୂନ୍ୟ।
କୌଣସି କାରଣ ନ ଦର୍ଶାଇ ପ୍ରକ୍ରିୟାକୁ ସଂଶୋଧନ/ପୁନଃ ନିର୍ଦ୍ଧାରିତ/ବାତିଲ/ମୁଲତବୀ କରିବାର ଅଧିକାର ବିଆଇଏସ୍ ନିକଟରେ ସଂରକ୍ଷିତ। ବିଆଇଏସ୍‌ର ନିଷ୍ପତ୍ତି ଚୂଡ଼ାନ୍ତ ହେବ ଏବଂ ଏ ସଂକ୍ରାନ୍ତରେ କୌଣସି ଅପିଲକୁ ପ୍ରଶ୍ରୟ ଦିଆଯିବ ନାହିଁ।
ତାରିଖ: ୨୭।୦୭।୨୦୨୪
ସ୍ଥାନ: ନୂଆଦିଲ୍ଲୀ
ସ୍ୱା./- ମୁଖ୍ୟ (ଏଚ୍‌ଆର୍‌ଡି)
ଭାରତୀୟ ମାନକ ବ୍ୟୁରୋ
CBC 08103/12/0007/2425

କୁଲତାଯୋର ପୋଲ ଉପରେ ୪ ଫୁଟ ବନ୍ୟାପାଣି

କୁଲତାଯୋର ପୋଲ ଉପରେ ବନ୍ୟାପାଣି ପ୍ରବାହିତ ହେଉଛି।

ସୋନପୁର,୨୬।୭(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲାରେ ଲାଗି ରହିଛି ଲଗାଣ ବର୍ଷା। ଏଥିଯୋଗୁ ସୋନପୁର ବ୍ଲକ ମଝୁରଉଡାନ ନିକଟସ୍ଥ କୁଲତାଯ

ସଂକ୍ଷେପରେ

ଆଦର୍ଶ ବିଦ୍ୟାଳୟରେ ହଷ୍ଟେଲ ଖୋଲିବା ବିଳମ୍ବ ନେଇ ଅସନ୍ତୋଷ

ଖଡ଼ିଆଳ,୨୬।୭ (ସୁଜିତ କୁମାର ପ୍ରଧାନ): ନୂଆପଡ଼ା ଜିଲା ଖରିଆର ବ୍ଲକ୍‌ର ବାଦୀଠାରେ ଆଦର୍ଶ ବିଦ୍ୟାଳୟ ୨୦୧୬ରୁ ସ୍ଥାପନ କରାଯାଇଛି। ଉକ୍ତ ବିଦ୍ୟାଳୟରେ ୬ଷ୍ଠରୁ ଯୁକ୍ତ୨ ପର୍ଯ୍ୟନ୍ତ ଗ୍ରାମାଞ୍ଚଳ ଓ ସହରାଞ୍ଚଳର ମେଧାବୀ ଛାତ୍ରୀଛାତ୍ର ଇଂରାଜୀ ମାଧ୍ୟମରେ ପାଠ ପଢ଼ାଇବା ବ୍ୟବସ୍ଥା ରହିଛି । ପ୍ରତିବର୍ଷ ୬ଷ୍ଠ ଶ୍ରେଣୀରେ ୮୦ଜଣ ଛାତ୍ରୀଛାତ୍ର ନାମ ଲେଖା ହେଉଥିବାବେଳେ ବ୍ଲକ୍‌ର କୋଣ ଅନୁକୋଣରୁ ପିଲା ପାଠପଢିବାକୁ ଆସୁଛନ୍ତି। ୧୦୦ ସିଟ୍ ବିଶିଷ୍ଟ ଛାତ୍ରୀନିବାସ ଚଳିତ ଶିକ୍ଷାବର୍ଷ ଅର୍ଥାତ୍ ଜୁଲାଇ ୧୦ରୁ କାର୍ଯ୍ୟକାରୀ ହେବା କଥା। କିନ୍ତୁ ହଷ୍ଟେଲ ଖୋଲିବାରେ ବିଳମ୍ବ ହେତୁ ଦୂରଦୂରାନ୍ତରୁ ଆସୁଥିବା ଛାତ୍ରୀମାନେ ବର୍ଷାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଣୁ ଅଭିଭାବକମାନେ ହଷ୍ଟେଲ ଶୀଘ୍ର ଖୋଲିବା ପାଇଁ ଦୃଷ୍ଟିଦେବାକୁ ଜିଲାପାଳଙ୍କୁ ଅନୁରୋଧ କରିଛନ୍ତି। ଏ ସମ୍ପର୍କରେ ଜିଲା ଶିକ୍ଷା ଅଧିକାରୀ କରୁଣାକର ଭୋଏଙ୍କୁ ପଚାରିବାରୁ ବର୍ତ୍ତମାନ ଟେଣ୍ଡର ପ୍ରକ୍ରିୟା ସରିଛି, ଅଳ୍ପ କିଛିଦିନ ମଧ୍ୟରେ ହଷ୍ଟେଲ ଆରମ୍ଭ ହେବ ବୋଲି ପ୍ରକାଶ କରିଛନ୍ତି।

ଗାଡ଼ିମୋଟର ଯାଞ୍ଚ, ଜରିମାନା ଆଦାୟ

ଖଡ଼ିଆଳ,୨୬।୭ (ସୁଜିତ କୁମାର ପ୍ରଧାନ): ନୂଆପଡ଼ା ଜିଲା ଖଡ଼ିଆଳ ସହରରେ ଶୁକ୍ରବାର ପରିବହନ ବିଭାଗ ପକ୍ଷରୁ ଗାଡ଼ିମୋଟର ଯାଞ୍ଚ ଓ ଜରିମାନା ଆଦାୟ କରାଯାଇଛି। ସହରର ରାଜା ଆର୍ତ୍ତତ୍ରାଣ ଉଚ୍ଚ ବିଦ୍ୟାଳୟ ସମ୍ମୁଖରେ ହେଲମେଟ ଯାଞ୍ଚ, ଅତିରିକ୍ତ ପରିବହନ ଓ ବସ୍‌ରେ ଲୋକଙ୍କଠାରୁ ଟିକେଟ ବାବଦକୁ ଅଧିକ ସଂଗ୍ରହ କରିବା ନେଇ ବିଭାଗ ପକ୍ଷରୁ ଯାଞ୍ଚ କରି ଗୋଟିଏ ବସ୍‌ର ପର୍‌ମିଟ ବାତିଲ କରାଯାଇଛି। ୨୦ ଗୋଟି ମୋଟରସାଇକେଲ ଚାଳକଙ୍କଠାରୁ ହେଲମେଟ ଓ ଅନ୍ୟାନ୍ୟ କାଗଜାତ ବାବଦକୁ ୧,୭୬,୧୨୫ଟଙ୍କା ଜରିମାନା ଆଦାୟ କରାଯାଇଛି। ନୂଆପଡ଼ା ଏମ୍‌ଭିଆଇ ବିଜୟ କୁମାର ବେଉରିଆ, ଖଡ଼ିଆଳ ଏସ୍‌ଆଇ ରାଜେଶ ଅଗସ୍ତି ଓ ଅନ୍ୟ ପୋଲିସ କର୍ମୀ ସହଯୋଗ କରିଥିଲେ। ଆଗାମୀ ଦିନରେ ଗାଡି ମୋଟର ଯାଞ୍ଚ ଆହୁରି କଡାକଡି କରାଯିବ ବୋଲି ଏମ୍‌ଭିଆଇ ପ୍ରକାଶ କରିଥିଲେ।

ଧର୍ମଗଡ଼ ସହରରେ ଡ୍ରେନେଜ୍ ବ୍ୟବସ୍ଥା ବିପର୍ଯ୍ୟସ୍ତ

ବେହେରା, ୨୬।୭(ଭୂପେଶ ତିୱାରୀ): ଧର୍ମଗଡ଼ ସହରରେ ଡ୍ରେନେଜ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଛି। ଏହାକୁ ନେଇ ଜଗନ୍ନାଥ ସେବା ସମିତି ପକ୍ଷରୁ କଳାହାଣ୍ଡି ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ଗତ କିଛିଦିନ ଧରି ଲଗାଣ ବର୍ଷା ଯୋଗୁ ସହର ମଧ୍ୟରେ ଥିବା କେତେକ ଡ୍ରେନ୍‌ରେ ଜଳ ନିଷ୍କାସନ ହୋଇ ପାରୁ ନ ଥିଲା। ମୁଖ୍ୟତଃ ଏସ୍‌ଟି ସ୍କୁଲ ଛକଠାରେ ପାଣି ଜମିରହିବା ସହ ନିକଟସ୍ଥ ଘର ଓ ବ୍ୟବସାୟ ପ୍ରତିଷ୍ଠାନରେ ବର୍ଷାଜଳ ପଶିଥିଲା। ପୁଣି କେତେକ ସ୍ଥାନରେ ଢାଙ୍କୁଣି ନ ଥିବାରୁ ଜଳ ଜମି ରହି ପୂତି ଗନ୍ଧମୟ ପରିବେଶ ସୃଷ୍ଟି ହେଉଛି। ଫଳରେ ଏହା ଡେଙ୍ଗୁ, ମ୍ୟାଲେରିଆ ଭଳି ରୋଗକୁ ଆମନ୍ତ୍ରଣ କରୁଛି। ମୁକୁଳା ଡ୍ରେନ ଯୋଗୁ ବିଭିନ୍ନ ସମୟରେ ଦୁର୍ଘଟଣା ଘଟୁଛି। ଏ ସମ୍ପର୍କରେ ଏନ୍‌ଏସି କର୍ତ୍ତୃପକ୍ଷଙ୍କୁ ଅଭିଯୋଗ ସତ୍ତ୍ୱେ କୌଣସି ପ୍ରତିକାର କରାଯାଉନାହିଁ। ଏ ଦିଗରେ ପଦକ୍ଷେପ ନେବା ପାଇଁ ଜଗନ୍ନାଥ ସେବା ସମିତି ଅଧ୍ୟକ୍ଷ ବିଷ୍ଣୁ ପ୍ରସାଦ ଅଗ୍ରୱାଲ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

୧ରେ ଜୁନାଗଡ଼ ଏନ୍‌ଏସିରେ ସ୍ୱତନ୍ତ୍ର ବୈଠକ

ଅଧ୍ୟକ୍ଷଙ୍କ ନାଁରେ ଅନାସ୍ଥା ପ୍ରସ୍ତାବ ଅଣାଯିବା ଘଟଣା

ଭବାନୀପାଟଣା,୨୬।୭(ଉତ୍ତମ କୁମାର ଦାଶ): କଳାହାଣ୍ଡି ଜିଲା ଜୁନାଗଡ ଏନ୍‌ଏସିର ୯ ଜଣ ବିଜେଡି କାଉନସିଲର ଓ ଉପାଧ୍ୟକ୍ଷା ଗତ ୧୬ ତାରିଖରେ ଅଧ୍ୟକ୍ଷକଙ୍କ ନାମରେ ଅନାସ୍ଥା ପ୍ରସ୍ତାବ ଆଣି ଜିଲାପାଳଙ୍କୁ ଲିଖିତ ଅଭିଯୋଗ କରିଥିଲେ। ଜିଲାପାଳ ଏହା ଉପରେ ବିଚାର ବିମର୍ଷ କରି ପତ୍ର ସଂଖ୍ୟା ୧୩୨୭ ତାରିଖ ୨୫।୭।୨୦୨୪ ଅନୁଯାୟୀ ଆସନ୍ତା ଅଗଷ୍ଟ ୧ ତାରିଖରେ ଜୁନାଗଡ ଏନ୍‌ଏସିରେ ଏକ ସ୍ୱତନ୍ତ୍ର ବୈଠକ ସ୍ଥିର କରିଥିବା ଜଣାପଡିଛି।

ଖାଲିପଡିଛି ୨୧୭ କଳା ଶିକ୍ଷକ ପଦବୀ

ଭବାନୀପାଟଣା,୨୬।୭ (ଉତ୍ତମ କୁମାର ଦାଶ)

ମୁଖ୍ୟମନ୍ତ୍ରୀଙ୍କ ପ୍ରକୋଷ୍ଠକୁ ଯାଇଥିବା କଳା ଶିକ୍ଷକ।

- ୧୦ ବର୍ଷ ହେଲା ନିଯୁକ୍ତି ନାହିଁ
- ମୁଖ୍ୟମନ୍ତ୍ରୀଙ୍କୁ ଜଣାଇଲା ସଂଘ

କଳାହାଣ୍ଡି ଜିଲାରେ ୨୧୭ କଳା ଶିକ୍ଷକ ପଦବୀ ଖାଲିପଡିଥିଲେ ସୁଦ୍ଧା ଶିକ୍ଷା ବିଭାଗର ଉଦାସୀନତା ଯୋଗୁ ଗତ ୧୦ବର୍ଷ ହେଲା ନିଯୁକ୍ତି ହୋଇପାରି ନାହିଁ। ଜିଲାର ବହୁ ସଂଖ୍ୟାରେ ଯୁବତୀଯୁବକ ଏହି ପଦବୀ ପାଇଁ ଯୋଗ୍ୟତା ହାସଲ ହାସଲ କରି ଭୋକ ଉପାସରେ ଦିନ କାଟୁଥିଲେ ମଧ୍ୟ ସେମାନଙ୍କୁ ନିଯୁକ୍ତି ମିଳି ପାରୁନାହିଁ। ପଡ଼ୋଶୀ ଜିଲାମାନଙ୍କରେ କଳା ଶିକ୍ଷକମାନେ ବହୁଦିନ ହେଲା ନିଯୁକ୍ତି ପାଇସାରିଥିଲେ ମଧ୍ୟ କଳାହାଣ୍ଡି ଜିଲାରେ ଏ ପର୍ଯ୍ୟନ୍ତ ଏହା କାର୍ଯ୍ୟକାରୀ ହୋଇପାରୁନାହିଁ। ଏ ନେଇ ଜିଲା କଳା ଶିକ୍ଷକ ସଂଘ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ପହଞ୍ଚିଛି।

ଚାକିରୀ ନ ପାଇ ମନସ୍ତାପରେ ଥିବା ଶିକ୍ଷକମାନଙ୍କ କହିବା ଅନୁଯାୟୀ, ୨୦୧୪ ମସିହାରେ କଳାହାଣ୍ଡି ଜିଲାରେ ଶେଷଥର ପାଇଁ କଳାଶିକ୍ଷକ ଚାକିରୀ ପାଇଁ ବିଜ୍ଞାପନ ପ୍ରକାଶ ପାଇଥିଲା। ବର୍ତ୍ତମାନ ପର୍ଯ୍ୟନ୍ତ ୧୦ବର୍ଷ ବିତିଯାଇଥିଲେ ମଧ୍ୟ ପଦବୀ ପୂରଣ ହେଉନାହିଁ। ଜିଲାର କଳା ଶିକ୍ଷକମାନେ ୨୦୧୯ ମସହାଠାରୁ ବିଭିନ୍ନ ସମୟରେ ଏ ନେଇ ଜିଲା ଶିକ୍ଷା ଅଧିକାରୀଙ୍କୁ ଭେଟି ଦାବି ଜଣାଇଥିଲେ ମଧ୍ୟ ସୁଫଳ ମିଳିପାରି ନାହିଁ। ଅନ୍ୟପକ୍ଷରେ କଳାହାଣ୍ଡି ଭିଜୁଆଲ ଆର୍ଟସ ଡିଗ୍ରୀଧାରୀ ସଂଘ ପକ୍ଷରୁ ଭୁବନେଶ୍ୱରଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ତାଙ୍କ ଅଭିଯୋଗ ପ୍ରକୋଷ୍ଠରେ ଭେଟି ଲିଖିତ ଅଭିଯୋଗ କରିଛନ୍ତି। ଏତେଦିନ ଧରି କଳାଶିକ୍ଷକ ନିଯୁକ୍ତି ପାଇଁ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରୁ ବିଜ୍ଞପ୍ତି ପ୍ରକାଶ ନ ପାଇବା ଓ ୧୦ ବର୍ଷ ହେଲା ନିଯୁକ୍ତି ପାଇଁ ରାଜ୍ୟ ସରକାର ଜିଲା ଶିକ୍ଷା ବିଭାଗକୁ ନିର୍ଦ୍ଦେଶ ନ ଦେବା ବିଭାଗୀୟ ସ୍ୱଚ୍ଛତା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ଏ ସମ୍ପର୍କରେ ଜିଲା ଶିକ୍ଷାଧିକାରୀ ସୁଶାନ୍ତ କୁମାର ଚୋପଦାରଙ୍କୁ ପଚାରିବାରୁ ନିଯୁକ୍ତି ବାବଦରେ ହାଇକୋର୍ଟରେ ମାମଲା ରୁଜୁ ହୋଇଛି ଓ ଏହାର ସ୍ୱଷ୍ଟୀକରଣ ନିମନ୍ତେ ରାଜ୍ୟ ଶିକ୍ଷା ବିଭାଗ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରାଯାଇଥିବା କହିଛନ୍ତି। ମୁଖ୍ୟମନ୍ତ୍ରୀଙ୍କୁ ଭେଟିଥିବା ପ୍ରତିନିଧି ଦଳରେ ଭିଜୁଆଲ ଆର୍ଟସ ଡିଗ୍ରୀଧାରୀ ଥବିର ପ୍ରସାଦ ଯାଦବ, ଚିଣ୍ଟୁ ପ୍ରସାଦ ନାୟକ, ସମ୍ମତା ପଟେଲ, ଗରଧାରୀ ବାଗ, ତପନ କୁମାର ଛତ୍ରିଆ, ବିଭୂତି ଭୂଷଣ ସାହୁ, ଶ୍ୱେତଲିନା ପାଢୀ, ଜ୍ୟୋତିର୍ମୟୀ ସାମଲ ପ୍ରମୁଖ ସାମିଲ ଥିଲେ।

ଡେଙ୍ଗୁ, ମ୍ୟାଲେରିଆ ନିରାକରଣ ସଚେତନତା

ସଚେତନତା ବୈଠକରେ ଉପସ୍ଥିତ ଅଧିକାରୀମାନେ।

କୋକସରା,୨୬।୭ (ଦୁଷ୍ମନ୍ତ କୁମାର ପାଙ୍ଗଯୋଷୀ)

କଳାହାଣ୍ଡି ଜିଲା କୋକସରା ବ୍ଲକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆନୁକୂଲ୍ୟରେ ଶୁକ୍ରବାର କୋକସରା ପଞ୍ଚାୟତ ସମିତି ସଭାଗୃହରେ ଡେଙ୍ଗୁ, ମ୍ୟାଲେରିଆ ନିରାକରଣ ନେଇ ବ୍ଲକର ସ୍ୱାସ୍ଥ୍ୟ, ଶିକ୍ଷା, କୃଷି, ଗ୍ରାମ୍ୟ ପରିମଳ ବିଭାଗୀୟ ଅଧିକାରୀ, କର୍ମଚାରୀଙ୍କୁ ନେଇ ଏକ ସଚେତନତା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ତତ୍ତ୍ୱଦର୍ଶୀ ଦାସ ଅଧ୍ୟକ୍ଷତା କରିଥିଲେ। କୋକସରା ବିଡ଼ିଓ ସ୍ନେହାପ୍ରଭା ମାଝି, ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଶର୍ମିଳା ଛତ୍ରିଆ, ବିଆର୍‌ସିସି ତୋଫାନ ମାଝି, ସିଆର୍‌ସିସି ବୈକୁଣ୍ଠ ଜାଲ, ବିଏସ୍‌ଏସ୍‌ଓ ଦୀପକ କୁମାର ବେହେରା, ସହକାରୀ ଯନ୍ତ୍ରୀ ଗ୍ରାମ୍ୟ ପରିମଳ ବିଭାଗ ଯଶୋବନ୍ତି ଭୋଇ, ବିପିଏମ୍ ସୁରଜିତ କୁମାର ସିଂ ଉପସ୍ଥିତ ଥିଲେ। ବ୍ଲକରେ ଡେଙ୍ଗୁ ଓ ମ୍ୟାଲେରିଆ ଉପରେ ନିୟନ୍ତ୍ରଣ ପାଇଁ ପ୍ରଶାସନିକ ସ୍ତରରେ ଲୋକଙ୍କୁ ସଚେତନତା ସୃଷ୍ଟି କରିବା ପାଇଁ ଆଲୋଚନା ହୋଇଥିଲା।

ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନରେ ଶିକ୍ଷା ସପ୍ତାହ

କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

ନୂଆପଡ଼ା,୨୬।୭ (ମକାରୁ ବେମାଲ)

ନୂଆପଡ଼ା ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନରେ ଶିକ୍ଷା ସପ୍ତାହ ପାଳିତ ହୋଇଯାଇଛି। ପ୍ରତିଷ୍ଠାନର ଅଧ୍ୟକ୍ଷ ନରୋତ୍ତମ ଭୋଇଙ୍କ ସଭାପତିତ୍ୱରେ ଶିକ୍ଷଣ ସାମଗ୍ରୀ ପ୍ରଦର୍ଶନୀରେ ଜିଲା ଶିକ୍ଷା ଅଧିକାରୀ କରୁଣାକର ଭୁଏ ମୁଖ୍ୟ ଅତିଥି, କୋମନା ମହାବିଦ୍ୟାଳୟର ଶିକ୍ଷା ବିଭାଗ ଅଧ୍ୟାପକ ବଚନ ଭୋଇ ମୁଖ୍ୟବକ୍ତା, ନୂଆପଡ଼ା ବିଇଓ ହେମ ସାଗର ମହାନନ୍ଦ, କୋମନା ବିଇଓ ଅନିତା ପଣ୍ଡା, ଖଡ଼ିଆଳ ବିଇଓ କାହ୍ନୁ ଚରଣ ନାଏକ, ବୋଡ଼େନ ବିଇଓ ରୁଦ୍ରେଶ୍ୱର ମେହେର, ସିନାପାଲି ବିଇଓ ଯତୀନ କୁମାର ସେଠ, ମୁଖ୍ୟମନ୍ତ୍ରୀ ପୁରସ୍କୃତ ଆଦର୍ଶ ଶିକ୍ଷକ ପ୍ରମୋଦ ମିଶ୍ର ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ଅତିଥି ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି ଉପରେ ଗଠନ ମୂଳକ ପ୍ରସ୍ତାବ ରଖିଥିଲେ। ଦିତୀୟ ଦିବସରେ ମୌଳିକ ସାକ୍ଷରତା ଓ ସଂଖ୍ୟା ଜ୍ଞାନ ଦିବସ ପାଳନରେ ପ୍ରୟୋଗଶାଳା ବିଦ୍ୟାର୍ଥୀମାନଙ୍କୁ ପ୍ରଶିକ୍ଷକ ରୀନା ବାଗ ଓ ବବିତା ଶବର ଗଣିତ କଳିକା ସାମଗ୍ରୀ ପ୍ରଦର୍ଶନ କରିଥିଲେ। ପ୍ରଶିକ୍ଷକ ଶଙ୍କର ସାହୁଙ୍କ ନିର୍ଦ୍ଦେଶିତ ଆସ ଆମେ ପଢ଼ିବା ଶୀର୍ଷକ ଏକ ଡ୍ରାମା ଛାତ୍ରୀଛାତ୍ରଙ୍କ ଦ୍ୱାରା ପରିବେଷଣ ହୋଇଥିଲା।

ଅସହାୟ ପିଲାଙ୍କ ଶିକ୍ଷା ପାଇଁ ସହାୟତା କଲେ

କେସିଙ୍ଗା,୨୬।୭(ତୁମେଶ୍ୱର ସାହୁ)

ପରିବାରକୁ ଆର୍ଥିକ ସହାୟତା ପ୍ରଦାନ କରୁଛନ୍ତି।

ଏକ ଗରିବ ଅସହାୟ ପରିବାରର ପିଲାଙ୍କ ଶିକ୍ଷା ପାଇଁ ସହାୟତାର ହାତ ବଢାଇ ପ୍ରଶଂସା ସାଉଁଟିଛନ୍ତି କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ କାଣ୍ଡେଲ ଗ୍ରାମର ସାମାଜିକ କର୍ମୀ ବୈଦ୍ୟରାଜ ଡା. ସଦାନନ୍ଦ ପୁଟେଲ। ଏହି ଗ୍ରାମର ପୂର୍ଣ୍ଣଚନ୍ଦ୍ର ହରିଜନ ୪ବର୍ଷ ପୂର୍ବେ କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରିବା ପରେ ତାଙ୍କ ସ୍ତ୍ରୀ, ମା', ଦୁଇପୁଅ ଓ ୧୭ ବର୍ଷୀୟ ଝିଅ କୁମ ଅସହାୟ ହୋଇପଡିଛନ୍ତି। ବାପାଙ୍କ ମୃତ୍ୟୁ ପରେ ପରିବାରର ଦୁଃଖ କିଛିମାତ୍ରାରେ ଲାଘବ କରିବା ପାଇଁ ମାଟ୍ରିକ ପଢା ସାରିଥିବା କୁମ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଚାଲିଗଲେ। ନିଜେ ଉଚ୍ଚଶିକ୍ଷାରୁ ବଞ୍ଚିତ ହୋଇ ଦୁଇ ଭାଇଙ୍କ ଶିକ୍ଷା ପାଇଁ ଦାୟିତ୍ୱ ବହନ କରୁଛନ୍ତି କୁମ। ଏହି ଖବର ଶୁଣିବା ପରେ କାଣ୍ଡେଲ ଗ୍ରାମସ୍ଥିତ ଆୟୁର୍ବେଦିକ ସେବା ସଦନର ବୈଦ୍ୟରାଜ ତଥା ସାମାଜିକ କର୍ମୀ ଡା. ସଦାନନ୍ଦ ପୁଟେଲ ପ୍ରତିଙ୍କ ପରିବାରକୁ ସହାୟତାର ହାତ ବଢାଇଛନ୍ତି। ସେ ପ୍ରତିଙ୍କ ଘରକୁ ଯାଇ ୧୦ହଜାର ଟଙ୍କାର ଏକ ଚେକ୍ ପ୍ରଦାନ କରିଛନ୍ତି। ଏହି ଅର୍ଥ ଦୁଇ ପୁଅଙ୍କ ପାଠ ପଢା ଖର୍ଚ୍ଚରେ ଲଗାଇବାକୁ କହିଥିବା ଡା. ପୁଟେଲ ପ୍ରକାଶ କରିଛନ୍ତି। ତାଙ୍କର ଏଭଳି ମହତ କାର୍ଯ୍ୟକୁ ପ୍ରଶଂସା କରାଯାଇଛି। ଡା. ପୁଟେଲ ଗରିବ ରୋଗୀଙ୍କୁ ତାଙ୍କ ସେବା ସଦନରେ ମଧ୍ୟ ମାଗଣାରେ ସେବା କରିଆସୁଛନ୍ତି। ଆଗକୁ ଅସହାୟମାନଙ୍କୁ ଯଥାସାଧ୍ୟ ସହାୟତା କରିବେ ବୋଲି ସେ କହିଛନ୍ତି।

ରୋଷେଇ ଘରେ ଚାଲିଛି ପାଠପଢ଼ା

ବିପଦସଙ୍କୁଳ ଅବସ୍ଥାରେ ବିଦ୍ୟାଳୟ ଶ୍ରେଣୀଗୃହ

ଥୁଆମୂଳ ରାମପୁର,୨୬।୭ (ଦୁର୍ଗା କୀର୍ତ୍ତି)

ରୋଷେଇଘରେ ପିଲାମାନେ ବସି ପାଠ ପଢୁଛନ୍ତି।

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକର ଗୋଦ୍ରାମସ୍କା ଗ୍ରାମରେ ଥିବା ପ୍ରାଥମିକ ବିଦ୍ୟାଳୟ ଶ୍ରେଣୀଗୃହ ବିପଦସଙ୍କୁଳ ଅବସ୍ଥାରେ ରହିଛି। ଏହି ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ଯାଏ ୩୩ଜଣ ଛାତ୍ରୀଛାତ୍ର ପାଠ ପଢୁଥିବା ବେଳେ ୨ ଜଣ ଶିକ୍ଷକ ଶିକ୍ଷାଦାନ କରୁଛନ୍ତି। ବିଦ୍ୟାଳୟରେ ଶ୍ରେଣୀଗୃହ ଅନେକ ଦିନରୁ ବିପଦ ସଙ୍କୁଳ ଅବସ୍ଥାରେ ରହିଥିବାରୁ ଛାତ୍ରୀଛାତ୍ର ରୋଷେଇ ଘରେ ବସି ପାଠ ପଢୁଛନ୍ତି। ବ୍ଲକ ମହକୁମାରୁ ମାତ୍ର ୮କିମି ଦୂରରେ ବିଦ୍ୟାଳୟ ଥିଲେ ମଧ୍ୟ ବିଭାଗୀୟ ଅଧିକାରୀଙ୍କ ପାଦ ପଡେ ନାହିଁ। ଫଳରେ ବିଦ୍ୟାଳୟ ଅବ୍ୟବସ୍ଥା ଘେରରେ ରହିଥିବା ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି। ବିଭାଗୀୟ ଅଧିକାରୀ ତୁରନ୍ତ ବିଦ୍ୟାଳୟରେ ନୂତନ କୋଠା ନିର୍ମାଣ ଦିଗରେ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ କୋଷାବରା କ୍ଲଷ୍ଟର ସିଆର୍‌ସିସି ଅଜିତ କୁମାର ଦୁର୍ଗାଙ୍କୁ ପଚାରିବାରୁ ସେ ଶ୍ରେଣୀଗୃହ ଦୁଇଟି ଖରାପ ଥିବାରୁ ରୋଷେଇ ଘରେ ପାଠପଢା ଚାଲିଛି ଏବଂ ଏ ନେଇ ଆମେ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଅବଗତ କରିଛୁ ବୋଲି କହିଛନ୍ତି।

ନୂଆଁଖାଇ ପର୍ବ ପାଇଁ ୩ଦିନ ଛୁଟି ଦାବି
ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ବିଧାୟକ

ଭବାନୀପାଟଣା,୨୬।୭ (ଉତ୍ତମ କୁମାର ଦାଶ)

ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ। ଆସନ୍ତା ସେପ୍ଟେମ୍ବର ୮ରେ ଏହି ପର୍ବ ପାଳନ ହେବ। ଏହି ପର୍ବକୁ ପଶ୍ଚିମଓଡିଶାର ୧୦ ଜିଲାର ଲୋକେ ପାଳନ କରିଥାନ୍ତି। ଏହି କୃଷିଭିତ୍ତିକ ନୂଆଁଖାଇ ପର୍ବ ପାଇଁ ୩ ଦିନ ଛୁଟି କରିବାକୁ ପତ୍ର ଲେଖି ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି ଭବାନୀପାଟଣା ବିଧାୟକ ସାଗର ଚରଣ ଦାସ।

ଘର ଭିତରେ ପାଣି, ରାସ୍ତାରେ ୨ ପରିବାର

ନୂଆପଡ଼ା,୨୬।୭ (ମକାରୁ ବେମାଲ)

ଏକସପ୍ତାହ ହେବ ଲଘୁଚାପ ଜନିତ ଲଗାଣ ବର୍ଷାରେ କୋମନା ବ୍ଲକ ଚିକ୍ରାପଡା ଗାଁ ଜଗନ୍ନାଥ ମନ୍ଦିର ପାଖ ସତନାମୀ ପଡାର ପ୍ରେମ ସାଗର ସତନାମୀ ଓ ଭମର ସତନାମୀଙ୍କ ଘରେ ବର୍ଷା ପାଣି ଭର୍ତ୍ତି ହୋଇଛି । ଫଳରେ ପରିବାର ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାସ୍ତା କଡରେ ଏକ ଛୋଟ କୁଡିଆରେ ଦୁଇ ପରିବାରର ୯ ଜଣ ସଦସ୍ୟ ଆଶ୍ରୟ ନେଉଛନ୍ତି । ଗାଁ ଉପର ମୁଣ୍ଡରେ ଚାନ୍ଦେଲ ପାହାଡ ରହିଛି । ପାହାଡ ଉପରୁ ବର୍ଷା ପାଣି ପଡା ଭିତରକୁ ପ୍ରବେଶ କରୁଛି । ତଳମୁଣ୍ଡ ଦେଇ ବର୍ଷା ପାଣି ନିଷ୍କାସନ ହେବାର କଥା । କେତେଜଣ ବ୍ୟକ୍ତି ରାସ୍ତା ଅବରୋଧ କରିଥିବାରୁ ତାହା ନିଷ୍କାସିତ ହୋଇ ନ ପାରି ଘର ଭିତରକୁ ପ୍ରବେଶ କରୁଛି । ବର୍ତ୍ତମାନ ଦୁଇ ପରିବାର ଏକ ଦୟନୀୟ ଅବସ୍ଥାରେ ଦିନ କାଟୁଛନ୍ତି । ଏ ବିଷୟରେ ବ୍ଲକ ପ୍ରଶାସନଠାରେ ଜଣାଇଲା ପରେ ଖୋଦ ବିଡିଓ ହିତାଂଶୁ ଶେଖର ସାମଲ ଓ ଅନ୍ୟ ଅଧିକାରୀ ଗାଁକୁ ଯାଇ ସ୍ଥିତି ଅନୁଧ୍ୟାନ କରିଥିଲେ। ଏ ସଂକ୍ରାନ୍ତରେ ବିଡିଓ ସାମଲଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସମ୍ଭବ ହୋଇପାରି ନାହିଁ ।

ଗୋତୋମୁଣ୍ଡାରୁ ଦାହିମାଲ ରାସ୍ତା କାର୍ଯ୍ୟରେ ମନ୍ଥରତା

ଅଧାପନ୍ତରିଆ ରାସ୍ତା।

କୋକସରା,୨୬।୭ (ଦୁଷ୍ମନ୍ତ କୁମାର ପାଙ୍ଗଯୋଷୀ)

କଳାହାଣ୍ଡି ଓ ନବରଙ୍ଗପୁର ଜିଲା ମଧ୍ୟରେ ଗମନାଗମନକୁ ଦୃଷ୍ଟିରେ ରଖି ପୂର୍ବତନ ରାଜ୍ୟ ସରକାରଙ୍କ ଦ୍ୱାରା ଗୋତୋମୁଣ୍ଡାଠାରୁ ଦାହିମାଲ ରାସ୍ତା ପାଇଁ ଅର୍ଥ ମଞ୍ଜୁର ହୋଇଥିଲା। ନବରଙ୍ଗପୁର ଜିଲା ଗ୍ରାମ୍ୟ ଉନ୍ନୟନ ବିଭାଗକୁ ରାସ୍ତା ନିର୍ମାଣ ଦାୟିତ୍ୱ ମିଳିଥିଲା। ୭ କୋଟି ୫୧ ଲକ୍ଷ ୩୨ ହଜାର ୮୨୧ ଟଙ୍କା ବ୍ୟୟ ବରାଦରେ ଗତ କିଛିମାସ ତଳେ କାର୍ଯ୍ୟ ଆରମ୍ଭ ହୋଇଥିଲା। ତେବେ ଠିକାସଂସ୍ଥା ପକ୍ଷରୁ ଅହେତୁକ ବିଳମ୍ବ ଯୋଗୁ ଅଞ୍ଚଳବାସୀଙ

ସ୍କୁଲରେ ସାଂସ୍କୃତିକ ଦିବସ ପାଳନ

ବରଗଡ଼,(ପ୍ରେମାନନ୍ଦ ଖମାରୀ): ବରଗଡ଼ ଜିଲା ଅମ୍ବାଭୋନା ବ୍ଲକ ରୁଦିଦାସ୍ଥିତ ପୁରୁଷୋତ୍ତମ ସରକାରୀ ଉଚ୍ଚ ବିଦ୍ୟାଳୟରେ ଶିକ୍ଷା ସପ୍ତାହ ପାଳନ ଅବସରରେ ସାଂସ୍କୃତିକ ଦିବସ ପାଳିତ ହୋଇଛି। ପ୍ରଧାନ ଶିକ୍ଷକ ଅଜୟ କୁମାର ମେହେରଙ୍କ ତତ୍ତ୍ୱାବଧାନରେ ମନୀଷା ମେହେର, ତ୍ରିବେଣୀ ଭୋଇ, ଧରିତ୍ରୀ ଭୋଇ, ମନ୍ଦାକିନୀ ଭୁଏ, ଭୋପେଶ ସାହୁ, ଅର୍ପିତା ମେହେର, ଜିତେଶ୍ୱରୀ ସୁନା ପ୍ରମୁଖଙ୍କ ନୃତ୍ୟଗୀତ ପ୍ରଦର୍ଶନ ଆକର୍ଷଣୀୟ ହୋଇଥିଲା।

ସଂକ୍ଷେପରେ

ଲୋକ ସଭା ବାଚସ୍ପତି ଓମ୍ ବିର୍ଲାଙ୍କୁ ବରଗଡ଼ ଏମ୍‌ପିଙ୍କ ସୌଜନ୍ୟମୂଳକ ସାକ୍ଷାତ

ଏମ୍‌ପି ପ୍ରଦୀପ ପୁରୋହିତ ଲୋକ ସଭା ବାଚସ୍ପତିଙ୍କୁ ନୃସିଂହନାଥଙ୍କ ଫଟୋ ପ୍ରଦାନ କରୁଛନ୍ତି।

ପଦ୍ମପୁର,୨୬।୭(ପ୍ରଦୀପ୍ତ ଦାଶ): ପାର୍ଲାମେଣ୍ଟ ଭବନରେ ଲୋକ ସଭା ବାଚସ୍ପତି ଓମ ବିର୍ଲାଙ୍କୁ ବରଗଡ ଏମ୍‌ପି ପ୍ରଦୀପ ପୁରୋହିତ ସୌଜନ୍ୟ ମୂଳକ ସାକ୍ଷାତ କରିଛନ୍ତି। ଏହି ଅବସରରେ ବରଗଡ ସଂସଦୀୟ କ୍ଷେତ୍ରର ଅନେକ ଜନ ସମସ୍ୟା ବିଷୟରେ ଏମ୍‌ପି ପ୍ରଦୀପ ବାଚସ୍ପତିଙ୍କୁ ଅବଗତ କରିଥିଲେ। ଗତ ଲୋକ ସଭା ନିର୍ବାଚନ ସମୟରେ ପୂର୍ବତନ ଓମ ବିର୍ଲା ବରଗଡ ମଣ୍ଡଳନିର୍ବାଚନଣ ପ୍ରଚାର ପାଇଁ ଆସିଥିବାରୁ ତାଙ୍କୁ ଧନ୍ୟବାଦ ଜଣାଇଥିଲେ। ଏହି ଅବସରରେ ବାଚସ୍ପତିଙ୍କୁ ପ୍ରଭୁ ନୃସିଂହନାଥ ମହାପ୍ରଭୁଙ୍କ ଏକ ଫଟୋଚିତ୍ର ଉପହାର ଦେଇଥିଲେ।

କନଗାଁ କ୍ଲଷ୍ଟରରେ ସାଂସ୍କୃତିକ ଦିବସ ପାଳିତ

ସୋହେଲା,୨୬।୭(ଅଶ୍ୱିନୀ କୁମାର ପାତ୍ର): ବରଗଡ଼ ଜିଲା ସୋହେଲା ବ୍ଲକ କନଗାଁ କ୍ଲଷ୍ଟରର ସମସ୍ତ ବିଦ୍ୟାଳୟରେ ଶିକ୍ଷା ସପ୍ତାହ ପାଳନ ଅବସରରେ ଗୁରୁବାର ସାଂସ୍କୃତିକ ଦିବସ ପାଳିତ ହୋଇଯାଇଛି। ବୁଢ଼ାମାଲ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ଛାତ୍ରୀଛାତ୍ରମାନେ ମନୋମୁଗ୍ଧକର ନୃତ୍ୟ ଗୀତ ସହ କୀର୍ତ୍ତନ କରି ସାଂସ୍କୃତିକ ଦିବସ ପାଳନ କରିଥିଲେ। ଅପରାହ୍ନରେ ପ୍ରଧାନଶିକ୍ଷକ ବୁଦ୍ଧଦେବ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ କଳାକାର ପଞ୍ଚମ ବେହେରା, ସମ୍ମାନିତ ଅତିଥି ଭାବେ ଜୋଗୀତା ସାହୁ, ପରିଚାଳନା କମିଟି ସଭାପତି ଶେଷଦେବ ବେହେରା, ମୁଖ୍ୟବକ୍ତା ଭାବେ ସିଆରସିସି କେଦାରନାଥ ସାହୁ ଯୋଗଦେଇ ଶିକ୍ଷା ସପ୍ତାହ ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହାପରେ ଛାତ୍ରୀଛାତ୍ରମାନେ କୀର୍ତ୍ତନ, ସମ୍ବଲପୁରୀ ନୃତ୍ୟ, ଗୀତ ପରିବେଷଣ କରିଥିଲେ। ବରିଷ୍ଠ ଶିକ୍ଷକ ତୁଷାରକାନ୍ତ ସାହୁ ଅତିଥି ପରିଚୟ ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ବାଳମୁକୁନ୍ଦ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ତୁଳସୀରାମ ପାଣୀ, ରୁକ୍ମିଣୀ ପଧାନ ତଥା ପରିଚାଳନା କମିଟି ସମସ୍ତ ସଦସ୍ୟା ସଦସ୍ୟ ସହଯୋଗ କରିଥିଲେ।

ଦକ୍ଷତା, ଡିଜିଟାଲ ପ୍ରୋତ୍ସାହନ ଦିବସ

ପଦ୍ମପୁର,୨୬।୭(ପ୍ରଦୀପ୍ତ ଦାଶ): ଶିକ୍ଷା ସପ୍ତାହ ପାଳନ ଅବସରରେ ପଞ୍ଚାୟତ ଉଚ୍ଚବିଦ୍ୟାଳୟ ପୁରେନାରେ ଦକ୍ଷତା ଓ ଡିଜିଟାଲ ପ୍ରୋତ୍ସାହନ ଦିବସ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ ରେଣୁଧର ସାହୁଙ୍କ ସଭାପତିତ୍ୱରେ କୌଶଳୀ ପ୍ରଶିକ୍ଷଣ ପ୍ରାପ୍ତ ବରିଷ୍ଠ ଶିକ୍ଷକ ପ୍ରମୋଦ ନାଥ ଏହି ଦିବସ ପାଳନର ମହତ୍ତ୍ୱ ସମ୍ବନ୍ଧରେ ଆଲୋଚନା କରିଥିଲେ। ପୂର୍ବତନ ଶିକ୍ଷକ ଟିକେଲାଲ ସାହୁ, ଅତିଥି ଶିକ୍ଷକ ଅକ୍ଷୟ ବେହେରା, ନନ୍ଦିନୀ ମିଶ୍ର, ଲେକୁ ବାରିକ ଓ ଚନ୍ଦ୍ରଭାନୁ ବଡଗୁଛିଆ ଉପସ୍ଥିତ ଥିଲେ। ସୁରେଶ ପଟେଲ ସମସ୍ତ କାର୍ଯ୍ୟରେ ସହଯୋଗ କରିଥିଲେ।

ବର୍ଷା ପୀଡ଼ିତଙ୍କୁ ଶୁଖିଲା ଖାଦ୍ୟ ପ୍ରଦାନ

ପଦ୍ମପୁର,୨୬।୭(ପ୍ରଦୀପ୍ତ ଦାଶ): ପଦ୍ମପୁରରେ ଲଗାଣ ବର୍ଷା ଯୋଗୁ ଘର ଭିତରକୁ ପାଣିପଶି ଯାଇଥିଲା। ଗରିବ ଲୋକମାନେ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଲୋକଙ୍କୁ ପଦ୍ମପୁର ଏନଏସି ଦ୍ୱାରା ସମ୍ବେଶର କଲ୍ୟାଣ ମଣ୍ଡପରେ ଅସ୍ଥାୟୀ ଭାବେ ରଖାଯାଇଥିଲା। ବର୍ଷା ପୀଡ଼ିତ ଲୋକଙ୍କୁ ପଦ୍ମପୁର ନଗର ବଭାଜପାର ଏକ ପ୍ରତିନିଧି ମଣ୍ଡଳୀ ଶୁଖିଲା ଖାଦ୍ୟ ବଣ୍ଟନ କରିଥିଲେ। ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଉନ୍ନତ ମାନର ଖାଦ୍ୟ ଯୋଗାଇ ଦେବା ପାଇଁଅନୁରୋଧ କରିଥିଲେ। ପ୍ରତିନିଧି ମଣ୍ଡଳରେ ସୁନୀଲ ଅଗ୍ରୱାଲ, ଆଇନଜୀବୀ ହରିଶଙ୍କର ସିଂହ, ଡ଼.ନାରାୟଣ ପୁରୋହିତ, ଆଇନଜୀବୀ ଆଦିତ୍ୟ ରଥ, ଦୀନେଶ ବାରିକ, ଅମିତ ଗର୍ଗ, ୱାରୀଶ ଖାନ, ଅଶୋକ ମିଶ୍ର ଜ୍ୟୋତ୍ସ୍ନା କର, ରଞ୍ଜୁ ସେଠ, ରୋହିତ ସେଠ ସାମିଲ ଥିଲେ।

ଦେଶ ସେବା ପାଇଁ ଛାତ୍ରୀଛାତ୍ର ଆଗେଇ ଆସନ୍ତୁ

ବରଗଡ଼.୨୬।୭(ପ୍ରେମାନନ୍ଦ ଖମାରୀ)

ବରଗଡ଼ ରାଣାପ୍ରତାପ ସ୍କୁଲରେ ଅତିଥି ବକ୍ତବ୍ୟ ରଖୁଛନ୍ତି।

ବରଗଡ଼ ବିକାଶ ଆବାସିକ ସ୍କୁଲରେ କାର୍‌ଗିଲ ବିଜୟ ଦିବସ ପାଳନ।

ବରଗଡ଼ ଜିଲାର ବିଭିନ୍ନ ସ୍ଥାନରେ ଶୁକ୍ରବାର କାରଗିଲ ବିଜୟ ଦିବସ ପାଳିତ ହୋଇଛି। ବରଗଡ଼ ରାଣାପ୍ରତାପ ସ୍କୁଲରେ ସେବା ନିବୃତ୍ତ ସୈନିକ ଅମରେନ୍ଦ୍ର ଗୁପ୍ତା ଗୁପ୍ତା ଏବଂ ଖିତିଶ ଚନ୍ଦ୍ର ଗୁପ୍ତା ଅତିଥିଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉଦବୋଧନ ଦେଇଥିଲେ। ଦେଶସେବା ପାଇଁ ଅନୁପ୍ରାଣୀତ ହେବାକୁ କହି ଜୀବନରେ ପ୍ରତିକ୍ଷେତ୍ରରେ ଏଭଳି ଲଢ଼େଇ କର, ଯାହାକି ଇତିହାସ ପାଲଟି ଯାଉ ବୋଲି ସେମାନେ ଆହ୍ୱାନ କରିଥିଲେ। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସୁଦୀପ କୁମାର ରଥଙ୍କ ଅଧ୍ୟକ୍ଷତା ଏବଂ ଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନା ତ୍ରିପାଠୀଙ୍କ ସଂଯୋଜନାରେ କାରଗିଲ ବିଜୟ ଦିବସର ଗାଥା ସ୍ମୃତିଚାରଣ କରାଯାଇଥିଲା। ଏହା ସହିତ ଦେଶ ମାତୃକାର ସେବା ପାଇଁ ଆଗେଇ ଆସିବାକୁ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ରାଣାପ୍ରତାପ ସ୍କୁଲର ପୂର୍ବତନ ଛାତ୍ର ଶହୀଦ ପଦ୍ମଲୋଚନ ମାଝି ଏବଂ ଖଣ୍ଡହଥା ଗ୍ରାମର ଶହୀଦ ରଞ୍ଜନ ଦାଶଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। କାରଗିଲ ଯୁଦ୍ଧରେ ଶହୀଦ ବୀର ଯବାନମାନଙ୍କୁ ମଧ୍ୟ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା। କାର୍ଯ୍ୟକ୍ରମରେ ସାମୂହିକ ଜାତୀୟ ସଙ୍ଗୀତ ଗାନ କରାଯାଇଥିଲା। ଶିକ୍ଷୟିତ୍ରୀ ସୁନୀତା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

ବରଗଡ଼ ସହର ଉପକଣ୍ଠ ହଲଦୀପାଲି ବୀରଛକସ୍ଥିତ ଶହୀଦ ସ୍ତମ୍ଭ ପରିସରରେ ଭାଜପା ଯୁବମୋର୍ଚ୍ଚା ପକ୍ଷରୁ କାରଗିଲ ବିଜୟ ଦିବସ ପାଳିତ ହୋଇଥିଲା। ଶହୀଦଙ୍କ ସ୍ମୃତିରେ ଦୀପ ପ୍ରଜ୍ୱଳନ କରାଯାଇଥିଲା। ଭାଜପା ଯୁବମୋର୍ଚ୍ଚା ଜିଲା ସାଧାରଣ ସମ୍ପାଦକ ଟିକୁ ବେହେରାଙ୍କ ତତ୍ତ୍ୱାବଧାନରେ ଜିଲା ସମ୍ପାଦକ ଘନଶ୍ୟାମ ସାହୁ, ନଗର ସଭାପତି ସୁଜିତ ସରାଫ, ବ୍ରଜମୋହନ ନାୟକ, କୁଶ ସାହୁ, ହରିଶ ବିଶି, ଡୋଲାମଣି ମେହେର, ରୋହିତ ସାହୁ, ନେହେରୁ ବାରିକ, ବିଶ୍ୱନାଥ ଭୋଇ, ଶାଳିନୀ ଅଗ୍ରୱାଲ, ଗୀତା ମେହେର, ଦୀପେଶ ଶର୍ମା, ଅନ୍ୱେଷ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

ସେହିପରି ବରଗଡ଼ ମହିଳା ସମିତି ପକ୍ଷରୁ କାରଗିଲ ବିଜୟ ଦିବସରେ ଭାରତୀୟ ସେନାମାନଙ୍କ ସ୍ମୃତିଚାରଣ ପୂର୍ବକ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ସଭାପତି ହରଜିନ୍ଦର କୌର ସଭାପତିତ୍ୱ କରିଥିଲେ। ଲୋମ ଟାଙ୍କୁରା କାରଗିଲ ଯୁଦ୍ଧ ବିଭୀଷିକାର ତଥ୍ୟ ମମତା ମିଶ୍ର ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସମ୍ପାଦିକା ଇନ୍ଦ୍ରାଣୀ ଶତପଥୀ, ଉପସଭାପତି ମନ୍ଦାକିନୀ ପତି ଏବଂ ଅନ୍ୟ ସଦସ୍ୟାବୃନ୍ଦ ଉପସ୍ଥିତ ଥିଲେ।

ବରଗଡର କ୍ରୀଷ୍ଣା ବିକାଶ ଗ୍ରୁପ ଅନ୍ତର୍ଗତ ବିକାଶ ଆବାସିକ ସ୍କୁଲରେ ମଧ୍ୟ କାରଗିଲ ବିଜୟ ଦିବସ ପାଳିତ ହୋଇଥିଲା। କାରଗିଲ ଯୁଦ୍ଧର ଶହୀଦମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଏହି ଅବସରରେ ଛାତ୍ରୀଛାତ୍ରମାନେ କବିତା ପାଠ, ପ୍ରବନ୍ଧ ଉପସ୍ଥାପନା, ଦେଶାତ୍ମବୋଧକ ସଙ୍ଗୀତ ପରିବେଷଣ କରିଥିଲେ। ବିଦ୍ୟାଳୟର କାର୍ଯ୍ୟକାରୀ ଅଧ୍ୟକ୍ଷ ଶିଶିର ପ୍ରସାଦ ରାଉଳ କାରଗିଲ ଶହୀଦମାନଙ୍କର ବୀରଗାଥା ଆଲୋକପାତ କରିଥିଲେ। ଉପାଧ୍ୟକ୍ଷ ପ୍ରଦୀପ କୁମାର ସାହୁଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ସଂସ୍କୃତି ମନ୍ତ୍ରୀଙ୍କୁ ଭେଟିଲା କଳାକାର ସଂଘ

ବରଗଡ଼,୨୬।୭(ପ୍ରେମାନନ୍ଦ ଖମାରୀ)

ପଶ୍ଚିମ ଓଡ଼ିଶା କଳାକାର ସଂଘର ଏକ ପ୍ରତିନିଧି ଦଳ ରାଜ୍ୟ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କୁ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ସ୍ମାରକପତ୍ରରେ କଳାକାରଙ୍କ ବିଭିନ୍ନ ସମସ୍ୟା ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇ ଥିବାବେଳେ ତାର ସମାଧାନ ପାଇଁ ନିବେଦନ କରାଯାଇଛି। ପଶ୍ଚିମ ଓଡ଼ିଶା କଳାକାର ମହାସଂଘକୁ ମିଳିଥିବା ସରକାରୀ ଜମିର ଆବଶ୍ୟକ ପ୍ରିମିୟମ ଛାଡ଼ କରାଯିବା, କଳାକାର ସହାୟତା ରାଶି ୬ ହଜାର ଟଙ୍କାକୁ ବୃଦ୍ଧି, ମୁଖ୍ୟମନ୍ତ୍ରୀ କଳାକାର କାର୍ଡ଼ ପ୍ରଚଳନ, ମୁଖ୍ୟମନ୍ତ୍ରୀ ବସ୍‌ରେ ପଞ୍ଜୀକୃତ କଳାକାରଙ୍କୁ ମାଗଣା ବସ୍‌ସେବା, ପ୍ରତି ଜିଲାର ସଦର ମହକୁମାରେ କଳାକାର ଭବନ ନିର୍ମାଣ ପାଇଁ ସରକାରୀ ଜମି, ଅନୁଦାନ ଯୋଗାଇବା, ରାଜ୍ୟର ଆହୁରି ୧ଲକ୍ଷ କଳାକାରଙ୍କୁ ମୁଖ୍ୟମନ୍ତ୍ରୀ କଳାକାର ପେନସନ ଯୋଜନାରେ ସାମିଲ କରିବା ଆଦି ଦାବି ମନ୍ତ୍ରୀଙ୍କଠାରେ କରାଯାଇଛି। ସେହିପରି ଆସନ୍ତା ସେପ୍ଟେମ୍ବରରେ ବରଗଡ଼ରେ ହେବାକୁ ଥିବା ପଶ୍ଚିମାଞ୍ଚଳ କଳାକାର ମହୋତ୍ସବରେ ଯୋଗଦେବା ପାଇଁ ମନ୍ତ୍ରୀଙ୍କୁ ଅନୁରୋଧ କରାଯାଇଥିଲା। କଳାକାର ମହାସଂଘର ଅଧ୍ୟକ୍ଷ ଚୈତନ୍ୟ ପାଇକଙ୍କ ତତ୍ତ୍ୱାବଧାନରେ ସଂଯୋଜକ ପ୍ରମୋଦ ଦାଶ, ସନ୍ତୋଷ ସାହୁ, ଖଗେଶ୍ୱର ସାହୁ, ନରେନ୍ଦ୍ର କଣ୍ଟା, ଗଣେଶ୍ୱର ସାହୁ, ମମତା ଅଗ୍ରୱାଲ, ଅନନ୍ତ ସୁରଜାଲ, ମାନଭଞ୍ଜନ ଜାଲ, ବିପିନ ଗଣ୍ଡକି, ନିଳାଚଳ କୁମ୍ଭାର ପ୍ରମୁଖ ଏହି ପ୍ରତିନିଧି ଦଳରେ ଉପସ୍ଥିତ ଥିଲେ।

ସଂସ୍କୃତି ମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ କରୁଛନ୍ତି।

ସ୍ୱାଧୀନତା ଦିବସ ପ୍ରସ୍ତୁତି ବୈଠକ

ସୋହେଲାରେ ସ୍ୱାଧୀନତା ଦିବସ ପାଳନ ପ୍ରସ୍ତୁତି ବୈଠକ।

ସୋହେଲା,୨୬।୭(ଅଶ୍ୱିନୀ କୁମାର ପାତ୍ର)

ବରଗଡ ଜିଲା ସୋହେଲା ବ୍ଲକର ଜାତୀୟ ଦିବସ ପାଳନ କମିଟି ପକ୍ଷରୁ ଶୁକ୍ରବାର ବ୍ଲକ ଅଫିସ ସଭା ଗୃହରେ ସ୍ୱାଧୀନତା ଦିବସ ପାଳନ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କମିଟି ଅଧ୍ୟକ୍ଷ ତଥା ବିଡିଓ ସୁରେନ୍ଦ୍ର ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ହରେକୃଷ୍ଣ ମହାପାତ୍ର ସ୍ୱାଗତ କରିବା ସହ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସ୍ୱାଧୀନତା ଦିବସକୁ ସୁଚାରୁ ରୂପେ ପାଳନ କରିବା ପାଇଁ ଆଲୋଚନା ହୋଇଥିଲା। ମିଷ୍ଟାନ୍ନ ତିଆରି ଓ ବଣ୍ଟନ ପାଇଁ ଜୟ ଦୁର୍ଗା ଆସୋସିଏଶନ ଏବଂ ରାଇଜ ଅଫ ଲାୟନ୍ସ କର୍ମକର୍ତ୍ତାଙ୍କୁ ଦାୟିତ୍ୱ ଦିଆଯାଇଥିଲା। ପ୍ରଭାତ ଫେରି, ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା, ପ୍ରଶ୍ନପତ୍ର ତିଆରି, ପରେଡ, ମିଷ୍ଟାନ୍ନ ତିଆରି ଓ ବଣ୍ଟନ ଆଦି ଅନେକ ପ୍ରସ୍ତାବ ଉପରେ ଆଲୋଚନା ହୋଇ ପ୍ରସ୍ତାବ ଗୃହୀତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ତହସିଲଦାର ଶୁଭ ରଞ୍ଜନ ନାୟକ, ଅବସରପ୍ରାପ୍ତ ମେଡିକାଲ ଅଫିସର ଡାକ୍ତର ଶିଶିର କୁମାର ସାହୁ, ଥାନା ଅଧିକାରୀ ପ୍ରଣୟ ମୁର୍ମୁ, ଏବିଡିଓ ଭିର୍ଜିଲ ଲାକ୍ରା ଓ ଅବସରପ୍ରାପ୍ତ ଶିକ୍ଷକ ଗିରିଜା ଶଙ୍କର ଆଚାର୍ଯ୍ୟ ମଞ୍ଚାସୀନ ଥିଲେ। ସ୍ଥାନୀୟ ମିନିଷ୍ଟାଡିୟମରେ ଅନୁଷ୍ଠିତ ଜାତୀୟ ଦିବସରେ ମୁଖ୍ୟ ଅତିଥି ଭାବେ ଭଟଲି ବିଧାୟକ ଇରାଶିଷ୍ ଆଚାର୍ଯ୍ୟ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବେ ବୋଲି ପ୍ରସ୍ତାବ ଆଗତ ହୋଇଥିଲା। ବୈଠକରେ ଏବିଇଓ ମୋତିଲାଲ ନନ୍ଦ, ସବଜେଲ ସୁପରିନଣ୍ଟେଣ୍ଡେଣ୍ଟ ସସ୍ମିତା ଅଞ୍ଜନା ଲାକ୍ରା, ଅବକାରୀ ଉପ ନିରୀକ୍ଷକ ଗୀତାଞ୍ଜଳି କୁମ୍ଭାର, ସୋହେଲା ପିଇଓ ଲକ୍ଷ୍ମୀ ନାରାୟଣ ମିର୍ଦ୍ଧା, ଆଡଭୋକେଟ ଅଶୋକ ବାରିକ, ଅଶ୍ୱିନୀ କୁମାର ପାତ୍ର, ଅନିଲ ପ୍ରଧାନ, ଅଧ୍ୟାପକ ପ୍ରେମ ଚାନ୍ଦ ଦୁଆନ, ଜୟ ଦୁର୍ଗା ଆସୋସିଏଶନ ଉପସଭାପତି କୁଳମଣି ଭଞ୍ଜ, ସମ୍ପାଦକ ରୁଦ୍ର ପ୍ରତାପ ସାହୁ ତଥା ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ଯୋଗଦେଇଥିଲେ। ଏବିଡିଓ ଭିର୍ଜିଲ ଲାକ୍ରା ଧନ୍ୟବାଦ ଦେଇଥିଲେ।

ସ୍କୁଲରେ ସାଧାରଣ ଜ୍ଞାନ ପ୍ରତିଯୋଗିତା

ବରଗଡ଼,୨୬।୭(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ଭଟଲି ବ୍ଲକ ଅନ୍ତର୍ଗତ ତେଜାଗୋଲା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସାଧାରଣ ଜ୍ଞାନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଜନ କଲ୍ୟାଣ ସେବା ଟ୍ରଷ୍ଟ ପକ୍ଷରୁ ଅନୁଷ୍ଠିତ ଉକ୍ତ ପ୍ରତିଯୋଗିତାରେ ୫୨ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ରେଶ୍ମା ଦୋରା ମୁଖ୍ୟ ଅତିଥି, ଦିଲୀପ ଦାଶ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଜନ କଲ୍ୟାଣ ସେବା ଟ୍ରଷ୍ଟର ମୁଖ୍ୟ ମୁକୁନ୍ଦ ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ସହଯୋଗ କରିଥିଲେ। ୫ଟି ବିଦ୍ୟାଳୟରେ ଏଭଳି କାର୍ଯ୍ୟକ୍ରମ ହେବ ଏବଂ କୃତୀ ୧୫ଜଣ ଛାତ୍ରୀଛାତ୍ରଙ୍କୁ ଆସନ୍ତା ସ୍ୱାଧୀନତା ଦିବସରେ ପୁରସ୍କୃତ କରାଯିବ ବୋଲି ଜନ କଲ୍ୟାଣ ସେବା ଟ୍ରଷ୍ଟର ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଡ. ଅଜିତ କୁମାର ନାଥ ସୂଚନା ଦେଇଛନ୍ତି। ଶେଷରେ ଚନ୍ଦ୍ରକାନ୍ତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

ସାର୍ବଜନୀନ ଦୁର୍ଗାପୂଜା ପାଇଁ କାର୍ଯ୍ୟକାରୀ କମିଟିର ବୈଠକ

ସୋହେଲା,୨୬।୭(ଅଶ୍ୱିନୀ କୁମାର ପାତ୍ର): ବରଗଡ଼ ଜିଲା ସୋହେଲା ସାର୍ବଜନୀନ ଦୁର୍ଗାପୂଜା ପାଇଁ କାର୍ଯ୍ୟକାରୀ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ମା' ଗୋରୀ ଦେବୀ ଟ୍ରଷ୍ଟ କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକରେ ପୂର୍ବତନ ମନ୍ତ୍ରୀ ପ୍ରକାଶ ଚନ୍ଦ୍ର ଦେବତା ସଭାପତିତ୍ୱ କରିଥିଲେ। ଆଲୋଚନାରେ ଗତ ବର୍ଷର ହିସାବ ଅନୁମୋଦିତ ହୋଇଥିଲା। ଚଳିତ ବର୍ଷର ଦୁର୍ଗାପୂଜା ସୁଚାରୁ ଭାବେ ଆୟୋଜନ ପାଇଁ ପ୍ରସ୍ତୁତି ଆରମ୍ଭ କରିବାକୁ ପ୍ରସ୍ତାବ ନିଆଯାଇଥିଲା। କାର୍ଯ୍ୟକାରୀ ସଭାପତି ପୂର୍ବତନ ବିଧାୟକ ସୁଶାନ୍ତ ସିଂ, ଉପ ସଭାପତି ମହମ୍ମଦ ରଫିକ, ଯୁଗ୍ମ ସମ୍ପାଦକ ଦିଲୀପ ଖମାରୀ, ମନୋହର ମାଝି, ଯୁଗ୍ମ ସହ ସମ୍ପାଦକ ସଞ୍ଜୀବ ଝାଙ୍କର, ମୁକେଶ ଅଗ୍ରୱାଲ, କୋଷାଧ୍ୟକ୍ଷ ଲଳିତ ଅଗ୍ରୱାଲ, ବରିଷ୍ଠ ସଦସ୍ୟ ଡାକ୍ତର ଶିଶିର କୁମାର ସାହୁ, ନଥୁରାମ ଅଗ୍ରୱାଲ, ଟଙ୍କଧର ଝାଙ୍କର, ପ୍ରମୋଦ ଦେବତା, ପ୍ରମୋଦ ସାହୁ, ରମାକାନ୍ତ ସାହୁ ଆଲୋଚନାରେ ଭାଗ ନେଇଥିଲେ। ମୁକେଶ ଅଗ୍ରୱାଲ ଧନ୍ୟବାଦ ଅର୍ପଣ କରିଥିଲେ।

ସରକାର ବିଚାର କରିବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

ଗ୍ରାମରକ୍ଷୀଙ୍କ ଗ୍ରହଣୀୟ ପ୍ରାପ୍ୟ ପ୍ରସଙ୍ଗ

ସରଣ୍ଡା,୨୬।୭(ଯୁଧିଷ୍ଠିର ମହାପାତ୍ର)

ଗ୍ରାମରକ୍ଷୀଙ୍କୁ ଉପଯୁକ୍ତ ପ୍ରାପ୍ୟ ପ୍ରଦାନ କରାଯାଉ ନ ଥିବା ପ୍ରସଙ୍ଗରେ ରୁଜୁ ଆବେଦନର ଶୁଣାଣିରେ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି ହାଇକୋର୍ଟ। ଗ୍ରାମରକ୍ଷୀଙ୍କୁ ଗ୍ରହଣୀୟ ପ୍ରାପ୍ୟ ପ୍ରଦାନ ପ୍ରସଙ୍ଗରେ ବିଚାର କରିବାକୁ ରାଜ୍ୟ ସରକାରଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏହି ପ୍ରସଙ୍ଗରେ ନିଖିଳ ଉତ୍କଳ ଗ୍ରାମରକ୍ଷୀ ମହାସଂଘ, ପଶ୍ଚିମ ଓଡ଼ିଶା ସରକାରଙ୍କ ନିକଟରେ ଦାବିପତ୍ର ଉପସ୍ଥାପନ କରିବାର ୩ ମାସ ଭିତରେ ଉପଯୁକ୍ତ ପ୍ରାପ୍ୟ ପ୍ରଦାନ ପ୍ରସଙ୍ଗରେ ସରକାର ନିଷ୍ପତ୍ତି ଗ୍ରହଣ କରିବେ ବୋଲି ହାଇକୋର୍

ସଂକ୍ଷେପରେ

ବେକରେ ଚୁନି ଲଗାଇ ଯୁବତୀଙ୍କ ଆତ୍ମହତ୍ୟା

ରାଉରକେଲା,୨୬।୭(ସଙ୍ଗୀତା ଜେନା): ସେକ୍ଟର-୧୫ ଥାନା ଅନ୍ତର୍ଗତ ସେକ୍ଟର-୧୬ ଝୁଗ୍ଗୁଡ଼ି ବସ୍ତିରେ ଶୁକ୍ରବାର ଜଣେ ଯୁବତୀ ବେକରେ ଚୁନି ଲଗାଇ ଆତ୍ମହତ୍ୟା କରିଥିବା ସୂଚନା ମିଳିଛି। ସେ ହେଉଛନ୍ତି ଇତିଶ୍ରୀ ସାହୁ(୨୧)। ଆତ୍ମହତ୍ୟାର କାରଣ ଅସ୍ପଷ୍ଟ ରହିଛି। ଏନେଇ ବାସୁଦେବ ପୋଲିସ ଅପମୃତ୍ୟୁ ମାମଲା ନଂ.୧୨/୨୪ ରୁଜୁ କରି ତଦନ୍ତ କରୁଛି। ସୂଚନାଯୋଗ୍ୟ, କୌଣସି କାରଣରୁ ଶୁକ୍ରବାର ପୂର୍ବାହ୍ନ ୧୦ଟାରେ ଇତିଶ୍ରୀ ଫ୍ୟାନରେ ଚୁନି ଲଗାଇ ଆତ୍ମହତ୍ୟା କରିଥିଲେ। ତାଙ୍କ ମା' ତୁରନ୍ତ ତାଙ୍କୁ ଆର୍‌ଜଏଚ୍‌କୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

ଇଲେକ୍ଟ୍ରିକ ବାଇକ୍ ଚାର୍ଜ ବେଳେ ଜଳିଗଲା

ରାଉରକେଲା,୨୬।୭(ସଙ୍ଗୀତା ଜେନା): ସେକ୍ଟର-୧୫ କ୍ୱାର୍ଟର ନଂ.ଇ/୪୧୬ରେ ଜଣଙ୍କ ଘରେ ଇଲେକ୍ଟ୍ରିକ ବାଇକ ଚାର୍ଜରେ ଲାଗିଥିଲା ବେଳେ ଅଗ୍ନିକାଣ୍ଡ ଘଟିଥିଲା। ନିଆଁରେ ବାଇକ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ସ୍ଥାନୀୟ ଲୋକେ ନିଆଁ ଲିଭାଇକୁ ଚେଷ୍ଟା କରିଥିଲେ ମଧ୍ୟ ବିଫଳ ହୋଇଥିଲେ।

କାରଗିଲ ବିଜୟ ଦିବସରେ ବୃକ୍ଷରୋପଣ

ରାଉରକେଲା,୨୬।୭(ବିପ୍ଳବ ରଞ୍ଜନ ଦାଶ) କେନ୍ଦ୍ରୀୟ ମାନବ ଅଧିକାର ସୁରକ୍ଷା ସଂଗଠନ ରାଉରକେଲା ଜଗନ୍ନାଥ ସେନା ଓ ପଶ୍ଚିମ ଓଡିଶା ବିକାଶ ସେନା ତରଫରୁ କାରଗିଲ ବିଜୟ ଦିବସ ଉପଲକ୍ଷେ ଶହୀଦଙ୍କ ସ୍ମୃତିରେ ବୃକ୍ଷରୋପଣ ହୋଇଯାଇଛି। ଏଥିସହ ବନ୍ଧମୁଣ୍ଡା ଏବଂ ଜେଲ କଲୋନୀ ସ୍ଥିତ ଶହୀଦ ସ୍ତମ୍ଭରେ ବରାଜିତ ଥିବା ଶହୀଦଙ୍କ ପଙ୍ଗଚିତ୍ର ଉପରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କେନ୍ଦ୍ରୀୟ ମାନବ ଅଧିକାର ସୁରକ୍ଷା ସଂଗଠନ କେନ୍ଦ୍ରୀୟ ସମ୍ପାଦକ ପ୍ରଫୁଲ୍ଲ ଲାକ୍ରା, ରାଉରକେଲା ଜଗନ୍ନାଥ ମୁକ୍ତିକାନ୍ତ ବିଶ୍ୱାଳ,ଗୋପାଳ ଜେନା, ପବନ କଳାସ ,ବିନଦ ସୁନା, ସମାଜସେବୀ ଶ୍ରଦ୍ଧା ଷଡଙ୍ଗୀ, ବିନୋଦ ଚନ୍ଦ୍ର ରାଉତ,ସୁବୋଧ ଦାଶ ପ୍ରମୁଖ ସାମିଲ ଥିଲେ। ଶେଷରେ ପୂର୍ବତନ ସୈନିକ ଚନ୍ଦ୍ରକାନ୍ତ ଜେନା ଧନ୍ୟବାଦ ଜ୍ଞାପନ କରିଥିଲେ।

ଶହୀଦଙ୍କ ନାମରେ ଗଛଟିଏ କାର୍ଯ୍ୟକ୍ରମ

ରାଉରକେଲା,୨୬।୭(ଦିନେଶ ମିଶ୍ର): କେନ୍ଦ୍ରୀୟ ମାନବ ଅଧିକାରୀ ସୁରକ୍ଷା ସଙ୍ଗଠନ ରାଉରକେଲା ଜଗନ୍ନାଥ ସେନା ଓ ପଶ୍ଚିମ ଓଡିଶା ବିକାଶ ସେନା ପକ୍ଷରୁ କାରିଗିଲ ବିଜୟ ଦିବସ ଉପଲକ୍ଷେ ବନ୍ଧମୁଣ୍ଡା ଡିଜେଲ କଲୋନୀ ସ୍ଥିତ ଶହିଦ ସ୍ତମ୍ଭ ଯବାନଙ୍କୁ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ଶହୀଦଙ୍କ ପାଇଁ ବୃକ୍ଷଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଅନୁଷ୍ଠାନର ବହୁ କର୍ମକର୍ତ୍ତା ଉପସ୍ଥିତ ରହି ସହରରେ ବିଭିନ୍ନ ସ୍ଥାନରେ ବୃକ୍ଷରୋପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ କେନ୍ଦ୍ରମାନବ ସୁରକ୍ଷା ସଙ୍ଗଠନର କେନ୍ଦ୍ରୀୟ ସମ୍ପାଦକ ପ୍ରଫୁଲ୍ଲ ଲାକ୍ରା, ମୁକ୍ତିକାନ୍ତ ବିଶ୍ୱାଳ, ଗୋପାଳ ଜେନା, ପବନ କଳାସ, ଶ୍ରଦ୍ଧା ଷଡଙ୍ଗୀ, ବିନୋଦ ଚନ୍ଦ୍ର ରାଉତ, ପ୍ରବୋଧ ଦାଶ, ଚକ୍ରାନ୍ତ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

ସହରମୁହାଁ ଜଙ୍ଗଲୀ ହାତୀ

ଉଜୁଡ଼ିଯାଉଛି ଧନଜୀବନ

- ୫ ବର୍ଷରେ ୩୮ ବ୍ୟକ୍ତି, ୧୨ ହାତୀଙ୍କ ମୃତ୍ୟୁ
- ଖାଦ୍ୟ ଅଭାବ,ଜଙ୍ଗଲ ସୀମାଞ୍ଚଳ ଜବରଦଖଲ ସାଜୁଛି ମୁଖ୍ୟ କାରଣ

ରାଉରକେଲା,୨୬।୭(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ବନଖଣ୍ଡ ଅଧୀନ ମୋଟ ୮୬ଟି ସଂରକ୍ଷିତ ଜଙ୍ଗଲ ରହିଛି। ସଂରକ୍ଷିତ ଜଙ୍ଗଲ ସୀମାଞ୍ଚଳରେ ଅବୈଧ ଜବରଦଖଲ ଯୋଗୁ ଜଙ୍ଗଲ ସଙ୍କୁଚିତ ହୋଇଚାଲିଛି। ଖାଦ୍ୟ ଅଭାବରୁ ଜଙ୍ଗଲରେ ରହୁଥିବା ବନ୍ୟପ୍ରାଣୀ ଗାଁ ମୁହାଁ ହେଉଛନ୍ତି। ବାସ ଓ ଧାନଫସଲକୁ ସୁରକ୍ଷା ଦେବାକୁ ଯାଇ ମଣିଷ ହାତୀ ମୁହାଁମୁହିଁ ହେବା ଏଠିକାର ନିତିଦିନିଆ ଘଟଣା ହୋଇଯାଇଛି। କେତେବେଳେ ହାତୀର ଜୀବନ ଯାଉଛି ତ କେବେ ମଣିଷର। ସବୁଠାରୁ ବଡ଼ କଥା ହେଲା ହାତୀ ଓ ମଣିଷ ଲଢ଼େଇରେ ଯେଉଁ ଅମୂଲ୍ୟ ଜୀବନ ନଷ୍ଟ ହେଉଛି ତାହାର ପୂରଣ ସରକାର ନା ବିଭାଗ କେହି ମଧ୍ୟ କରିପାରିବେ ନାହିଁ। ଏହି ଲଢ଼େଇର ଅନ୍ତ ପାଇଁ ସରକାର ଓ ବିଭାଗ ପକ୍ଷରୁ ବିହିତ ପଦକ୍ଷେପ ଗ୍ରହଣ ହେବା ଅତି ଜରୁରୀ ହୋଇ ପଡ଼ିଛି ବୋଲି ସହରର ପ୍ରକୃତିପ୍ରେମୀ ମହଲରେ ପ୍ରକାଶ ପାଉଛି। ତେବେ ରାଉରକେଲା ବନଖଣ୍ଡ ବିଭାଗ ସୂଚନା ଅନୁଯାୟୀ, ୨୦୧୯-୨୦ରେ ମଣିଷ ଏବଂ ହାତୀ ଲଢ଼େଇରେ ୨୪୬ଟି ଗ୍ରାମର ୭୯୧ ବ୍ୟକ୍ତିବିଶେଷ ପ୍ରଭାବିତ ହୋଇଥିଲେ। ୨୭୪.୩୩୫ ଏକର ପରିବ୍ୟାପ୍ତ ଧାନ ଏବଂ ପନିପରିବା ଫସଲ ଉଜୁଡ଼ି ଯାଇଥିଲା। ଏନେଇ ବିଭାଗ ପକ୍ଷରୁ ୨କୋଟି ୮୦ଲକ୍ଷ ଟଙ୍କା ହାତୀ ଉପଦ୍ରବଜନିତ ଫସଲ କ୍ଷୟକ୍ଷତି ଅନୁକମ୍ପା ରାଶି ପ୍ରଦାନ କରାଯାଇଥିଲା। ୬୩ଟି ଗ୍ରାମର ୧୦୫ଜଣ ବ୍ୟକ୍ତିଙ୍କୁ ଘରଭଙ୍ଗା ପାଇଁ ୪ଲକ୍ଷ ୬୬ହଜାର ଟଙ୍କା ପ୍ରଦାନ ହୋଇଥିଲା। ହାତୀ ଆକ୍ରମଣରେ ୪ଜଣଙ୍କ ମୃତ୍ୟୁ ଘଟିଛି। ମୃତକ ପରିବାରକୁ ୧କୋଟି ୬ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ୨ଜଣ ବ୍ୟକ୍ତି ଆହତ ହୋଇଥିବା ବେଳେ ସେମାନଙ୍କୁ ୧୦ହଜାର ଟଙ୍କା ଅନୁକମ୍ପା ମିଳିଥିଲା। ୨୦୨୦-୨୧ରେ ହାତୀ ଉପଦ୍ରବ ଯୋଗୁ ୩୫୪.୦୩ ଏକର ପରିମିତ ଧାନ ଓ ପନିପରିବା ନଷ୍ଟ, ୯୦ଜଣ ବ୍ୟକ୍ତିଙ୍କ ଘର ଭାଙ୍ଗିଲା, ୮ ବ୍ୟକ୍ତିଙ୍କ ମୃତ୍ୟୁ ଓ ୨ଜଣ ଆହତ ହୋଇଥିଲେ। ଏଥିପାଇଁ ୭କୋଟି ୧ଲକ୍ଷ ୭୩ହଜାର ଟଙ୍କା ଅନୁକମ୍ପା ରାଶି ବ୍ୟୟବରାଦ ହୋଇଥିଲା। ୨୦୨୧-୨୨ରେ ହାତୀ ଉପଦ୍ରବ ଯୋଗୁ ୩୦୮.୧୯୭ ଏକର ଧାନ ଏବଂ ପନିପରିବା ଚାଷ ନଷ୍ଟ, ୧୭୨ଟି ଘର ଭାଙ୍ଗିଲା, ୬ଜଣଙ୍କର ମୃତ୍ୟୁ ଓ ୪ଜଣ ଆହତ ହୋଇଥିଲେ। ଏଥିପାଇଁ ମୋଟ ୬କୋଟି ୪ଲକ୍ଷ ୧୭ହଜାର ୫୫୮ଟଙ୍କା ଅନୁକମ୍ପା ରାଶି ବରାଦ ହୋଇଥିଲା। ୨୦୨୨-୨୩ରେ ହାତୀ ଉପଦ୍ରବରେ ୩୮୫.୫୬୨ ଏକର ପରିମିତ ଧାନ ସହ ପରିବା ନଷ୍ଟ ହେଲା, ୧୦୫ଜଣଙ୍କର ଘର ଭାଙ୍ଗିଲା, ୧୦ଜଣଙ୍କ ମୃତ୍ୟୁ ଓ ୫ଜଣ ଆହତ ହେଲେ। ଏସବୁ ବାବଦରେ ମୋଟ ୯କୋଟି ୨ହଜାର ୩୯୪ଟଙ୍କା ସରକାରୀ ଅନୁକମ୍ପା ରାଶି ପ୍ରଦାନ କରାଗଲା। ୨୦୨୩-୨୪ରେ ୪୦୧.୦୫୭ ଏକର ପରିମିତ ଧାନ ଓ ପରିବା ଚାଷ ନଷ୍ଟ ହେଲା, ୮ଜଣଙ୍କ ମୃତ୍ୟୁ ଓ ୧୧ଜଣ ଆହତ ହୋଇଥିଲେ। ଏଥିପାଇଁ ସମୁଦାୟ ୧କୋଟି ୪୯ଲକ୍ଷ ୪୨ହଜାର ଟଙ୍କା ପ୍ରଭାବିତ ବ୍ୟକ୍ତିଙ୍କୁ ପ୍ରଦାନ କରାଗଲା। ସେହିଭଳି ୨୦୨୪-୨୫ ବର୍ଷରେ ୨୨.୬୪ଏକର ଧାନ ଓ ପରିବା ଫସଲ ନଷ୍ଟ ହୋଇସାରିଛି। ୭୫ଜଣ ବ୍ୟକ୍ତିଙ୍କ ଘରଭଙ୍ଗା, ୨ଜଣଙ୍କ ମୃତ୍ୟୁ ଓ ଜଣେ ଆହତ ହୋଇଛନ୍ତି। ବର୍ତ୍ତମାନ ସୁଦ୍ଧା ଏବାବଦରେ ୨କୋଟି ୨୬ହଜାର ୧୯୫ଟଙ୍କା ଅନୁକମ୍ପା ରାଶି ପ୍ରଦାନ ହୋଇଛି। ଅନ୍ୟପଟେ ହାତୀ ଓ ମଣିଷ ଲଢ଼େଇରେ ୨୦୧୯ରେ ୪ଟି ହାତୀଙ୍କ ମୃତ୍ୟୁ, ୨୦୨୦ରେ ୨, ୨୦୨୧ରେ ୨, ୨୦୨୨ରେ ୩, ୨୦୨୩ରେ ହାତୀ ମୃତ୍ୟୁ ସଂଖ୍ୟା ଶୂନ ଓ ୨୦୨୪ରେ ଗୋଟିଏ ହାତୀର ମୃତ୍ୟୁ ହୋଇଛି। ତେବେ ୫ବର୍ଷ ମଧ୍ୟରେ ମୋଟ ୧୨ଟି ହାତୀର ମୃତ୍ୟୁ ହୋଇସାରିଛି। ଏନେଇ ରାଉରକେଲା ବନଖଣ୍ଡ ବିଭାଗର ରୋହିତ କୁମାର ମହାନନ୍ଦଙ୍କୁ ପଚାରିବାରୁ, ବନ୍ୟଜନ୍ତୁ ତଥା ହାତୀ ଉପଦ୍ରବଜନିତ ଅନୁକମ୍ପା ରାଶି ପ୍ରଭାବିତ ବ୍ୟକ୍ତିଙ୍କୁ ପ୍ରଦାନ କରାଯାଉଛି। କୌଣସି ବ୍ୟକ୍ତି ଯେଭଳି ଅନୁକମ୍ପା ରାଶିଜନିତ ତାଙ୍କ ହକରୁ ବଞ୍ଚିତ ନ ହେବେ ସେଥିପ୍ରତି ଯତ୍ନଶୀଳ ସହକାରେ କାର୍ଯ୍ୟ ହେଉଛି। ହାତୀ ଏବଂ ମଣିଷ ଲଢ଼େଇର ଅନ୍ତ ପାଇଁ ଲୋକମାନେ ମଧ୍ୟ ସଚେତନ ହେବାର ଆବଶ୍ୟକ ରହିଛି। ଆଗକୁ ଏଥିପାଇଁ କ'ଣ ସବୁ ପଦକ୍ଷେପ ଗ୍ରହଣ ହେବ ସେ ବିଷୟରେ କହିବା ମୋ କ୍ଷମତାରେ ନାହିଁ ବୋଲି ସେ କହିଥିଲେ।

ଦିବସ ପାଳନ ଅବସରରେ ଉପସ୍ଥିତ ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀଛାତ୍ର।

କାର୍‌ଗିଲ ବିଜୟୀ ଦିବସ ପାଳିତ

ରାଉରକେଲା,୨୬।୭(ଦିନେଶ ମିଶ୍ର)

ସେକ୍ଟର-୭ ସ୍ଥିତ ମୁକବଧିର ବିଦ୍ୟାଳୟ ପରିସରରେ କାରଗିଲ ବିଜୟ ଦିବସ ଅଧକ୍ଷା କଳ୍ପନା ମହାନ୍ତଙ୍କ ସଭାପତିତ୍ୱରେ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଶାସକ ସାମାଜିକ କର୍ମୀ ସରୋଜ କୁମାର ମହାନ୍ତିଙ୍କ ସଂଯୋଜନାରେ ଆୟୋଜିତ ଏହି ଦିବସରେ ଦନ୍ତ ଚିକିତ୍ସକ ଡା. ଐଶ୍ୱର୍ଯ୍ୟା ମହାନ୍ତି ମୁଖ୍ୟ ଅତିଥିଭାବେ ଯୋଗଦେଇ କାରିଗିଲ ଯୁଦ୍ଧ ଓ ସେଥିରେ ଭାରତୀୟ ସେନାଙ୍କ ବିଜୟୀ ଗାରିମା କଥାକୁ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥିଭାବେ କ୍ଲିନ ଆଣ୍ଡ ଗ୍ରୀନ ଅନୁଷ୍ଠାନର ସମ୍ପାଦକ ପ୍ରଦୀପ କୁମାର ଦାସ, ମନୋଜ କୁମାର ନାୟକ, ବୀଣାପାଣି ପଟ୍ଟନାୟକ, ଅନିତା ମହାନ୍ତି, ନମିତା ପଟ୍ଟନାୟକ ପ୍ରମୁଖ ଯୋଗଦେଇ ଥିଲେ। ସଭା ଆରମ୍ଭରେ କାରିଗଲ ଯୁଦ୍ଧରେ ଶହିଦ୍ ବୀର ଯବାନମାନଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ପରେ ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ରମାନଙ୍କୁ ସୁଷମ ଖାଦ୍ୟ ବିତରଣ କରାଯାଇଥିଲା। ଶିକ୍ଷୟିତ୍ରୀ ବନାନୀ ମୁଖାର୍ଜୀ, ସନ୍ଧ୍ୟାରାଣୀ ପଟ୍ଟନାୟକ, ଶୟନୀ ପଟ୍ଟନାୟକ, ଶୁଭେନ୍ଦୁ ପଟ୍ଟନାୟକ, କୀର୍ତ୍ତି ସ୍ୱାଇଁ, ଅଭିଷ୍ମା ପଟ୍ଟନାୟକ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଶିକ୍ଷୟିତ୍ରୀ ରୀଜଶ୍ରୀ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

ଓଡ଼ିଶା ପ୍ରତି କେନ୍ଦ୍ର ଆଭିମୁଖ୍ୟ ନେଇ ସଚେତନ ନାଗରିକ ମଞ୍ଚର ଉଦ୍‌ବେଗ

ରାଉରକେଲା,୨୬।୭(ଦିନେଶ ମିଶ୍ର)

ଚଳିତ ବଜେଟରେ ଓଡ଼ିଶା ପ୍ରତି କେନ୍ଦ୍ରର ଆଭିମୁଖ୍ୟକୁ ନେଇ ରାଉରକେଲା ସଚେତନ ନାଗରିକ ମଞ୍ଚ ପକ୍ଷରୁ ଉଦ୍‌ବେଗ ପ୍ରକାଶ ପାଇଛି। ଏନେଇ ମଞ୍ଚ ପକ୍ଷରୁ କୁହାଯାଇଛି ଯେ, ଏନଡିଏର ସହଯୋଗୀ ବିହାର ରାଜ୍ୟରୁ ୧୨ ଜଣ ଏମ୍‌ପି ମେଣ୍ଟରେ ଥିବାବେଳେ ୨୬ ହଜାର କୋଟି ଓ ଆନ୍ଧ୍ରପ୍ରଦେଶରେ ୧୬ ଜଣ ଏମ୍‌ପି ଥିବାବେଳେ ୧୫ ହଜାର କୋଟି ସ୍ୱତନ୍ତ୍ର ଅନୁଦାନ କରାଯାଇଛି। ମାତ୍ର ଓଡ଼ିଶାରେ ଏକାକୀ ୨୦ ଜଣ ଏମ୍‌ପି ଚଳିତ ନିର୍ବାଚନରେ ଲୋକସଭାକୁ ଯାଇଥିବାବେଳେ ଓଡ଼ିଶା ପାଇଁ ସ୍ୱତନ୍ତ୍ର ଅନୁଦାନ ମିଳିନାହିଁ। ସେହିପରି ପୋଲାଭରମ ପ୍ରସଙ୍ଗରେ ନ୍ୟାୟ ପାଇଁ ଓଡ଼ିଶା ଲଢୁଥିବାବେଳେ କେନ୍ଦ୍ର ପୋଲାଭରମ ପ୍ରକଳ୍ପ ପାଇଁ ଅଧିକ ପାଣ୍ଠି ବଣ୍ଟନ କରିବା ଓ ଓଡ଼ିଶା ବିରୋଧରେ ଷଡଯନ୍ତ୍ର ବୋଲି କୁହାଯାଇଛି। ମୁଦ୍ରାସ୍ଫିତି ମୂଲ୍ୟବୃଦ୍ଧି, ବେକାରୀ ସମାଧାନ ପାଇଁ ଚଳିତ ବର୍ଷ କୌଣସି ବଜେଟ ନାହିଁ। ବନ୍ୟା, ବାତ୍ୟା ପରି ପ୍ରାକୃତିକ ବିପର୍ଯ୍ୟୟ ପାଇଁ ସ୍ୱତନ୍ତ୍ର ପ୍ୟାକେଜ ଅନ୍ୟ ରାଜ୍ୟକୁ ପ୍ରଦାନ କରାଯାଇଛି । ହେଲେ ଓଡିଶାରେ ଚଳିତ ବର୍ଷ ବଜେଟ୍‌ରେ ପ୍ରାକୃତିକ ବିପର୍ଯ୍ୟୟ ପାଇଁ ସେହିଭଳିଆ ଆଖି ଦୃଷ୍ଟିଆ କୌଣସି ପ୍ୟାକେଜ୍ ନାହିଁ। ସେହିଭଳି କେନ୍ଦ୍ର ସରକାରଙ୍କ ନିକଟରେ ବର୍ଷ ବର୍ଷ ଧରି ବିଚାରଧୀନ ଥିବା ଓଡିଶାର କୋଇଲା ରୟାଲିଟିର ସଂଶୋଧନ ଦାବିକୁ ମଧ୍ୟ ପ୍ରତ୍ୟାଖ୍ୟାନ କରାଯାଇଛି। ଚଳିତ ବର୍ଷ ନିର୍ବାଚନରେ କେନ୍ଦ୍ର ଓ ରାଜ୍ୟରେ ଡବଲ ଇଞ୍ଜିନ ସରକାର ଥାଇ ମଧ୍ୟ ଓଡିଶାକୁ ଅବହେଳା ନେଇ ସଚେତନ ନାଗରିକ ମଞ୍ଚ ପକ୍ଷରୁ କ୍ଷୋଭ ସହ ଉଦବେଗ୍ ପ୍ରକାଶ ପପାଇଛି। ଏ ଦିଗରେ ରାଜ୍ୟ ସରକାର କେନ୍ଦ୍ର ଉପରେ ଚାପ ପ୍ରୟୋଗ କରି ଓଡିଶା ପାଇଁ ଅଧିକ ପାଣ୍ଠି ଯୋଗାଡ କରିବା ପାଇଁ ମଞ୍ଚର ସଭାପତି ଇଞ୍ଜିନିୟର ବିମଳ ବିଶି, ଜଗବନ୍ଧୁ ଜେନା, ପି.ପି ରାୟ, ଚିତ୍ତରଞ୍ଜନ ଦାସ, ଉପନ୍ଦ୍ରେ କୁମାର ନାୟକ, ଜଟାଧାରୀ ମାଝୀ, ଜଗନ୍ନାଥ ରାଉତ, ଶଶଧର ପାତ୍ର, କୁଞ୍ଜବିହାରୀ ରାଉତ, ରମେଶ ଚନ୍ଦ୍ର ସେଠୀ ପ୍ରମୁଖ ଦାବି କରିଛନ୍ତି।

ଏନ୍‌ଆଇଟି ରାଉରକେଲାରେ କାରଗିଲ୍ ଦିବସ ପାଳିତ

ରାଉରକେଲା,୧୬।୭(ସଙ୍ଗୀତା ଜେନା)

ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ(ଏନ୍‌ଆଇଟି) ରାଉରକେଲାରେ ଶୁକ୍ରବାର କାରଗିଲ୍ ଦିବସ ପାଳିତ ହୋଇଯାଇଛି। ଷ୍ଟୁଡେଣ୍ଟ ଆକ୍ଟିଭିଟି ସେଣ୍ଟର(ସାକ୍) ପକ୍ଷରୁ କାରଗିଲ ବିଜୟ ଦିବସ ପାଳନ ଅବସରରେ ନିର୍ଦ୍ଦେଶକ ପ୍ରଫେସର କେ ଉମାମହେଶ୍ୱର ରାଓ କହିଥିଲେ, ଟାଇଗର ହିଲ୍‌ରେ ଦେଶ ମାତୃକା ପାଇଁ ଲଢ଼ିଥିବା ସୁବେଦାର ଯୋଗେନ୍ଦ୍ର ସିଂହ ଯାଦବ ଓ କ୍ୟାପଟେନ୍ ବିକ୍ରମ ବତ୍ରା ଆମର ହୃଦୟରେ ବିରାଜମାନ ରହିବେ। ସେହିପରି ଡିନ୍ ପ୍ରଫେସର ନିରଞ୍ଜନ ପଣ୍ଡା(ଷ୍ଟୁଡେଣ୍ଟ ଆଫେୟାର) କହିଥିଲେ, ଦେଶର ସୁରକ୍ଷା ପାଇଁ ଏହି ଭଳି ଉଜ୍ଜ୍ୱଳ କାହାଣୀ ଭବିଷ୍ୟତ ଦିଗରେ କାର୍ଯ୍ୟ କରିବାକୁ ପ୍ରେରଣାର ସ୍ରୋତ ହେବ। ସାକ୍ ସଭାପତି ପ୍ରଫେସର ରାଜୀବ ପଣ୍ଡା ଭାରତ ଗଠନ ଦିଗରେ କାର୍ଯ୍ୟକରିବାକୁ ପ୍ରତିଶ୍ରୁତିବଦ୍ଧ ହେବା ଦରକାର ବୋଲି କହିଥିଲେ। ଏନ୍‌ଆଇଟିଆର୍ କେନ୍ଦ୍ରୀୟ ବିଦ୍ୟାଳୟ ଅଧକ୍ଷା ପି ନୀରଜା ସମେତ ଶତାଧିକ ଛାତ୍ରୀଛାତ୍ର, ସୁରକ୍ଷା କର୍ମୀ, ଅଧ୍ୟାପକ ଓ ଅନ୍ୟମାନେ କାରଗିଲ୍ ହିରୋମାନଙ୍କୁ ସମ୍ମାନ ଜଣାଇଥିଲେ।

ଚାକିରିରୁ ବହିଷ୍କୃତ ହେଲେ ଆର୍‌ଜିଏଚ୍ ମ୍ୟାନେଜର ମୋହିତ ଶ୍ରୀବାସ୍ତବ

ଦୁର୍ନୀତି ଅଭିଯୋଗ

ରାଉରକେଲା,୨୬।୭(ଦିନେଶ ମିଶ୍ର)

ରାଉରକେଲା ସରକାରୀ ଡାକ୍ତରଖାନା(ଆର୍‌ଜିଏଚ୍)ରେ ବିଭିନ୍ନ ଦୁର୍ନୀତିରେ ଲିପ୍ତ ଥିବା ଅଭିଯୋଗରେ ମ୍ୟାନେଜର ମୋହିତ ଶ୍ରୀବାସ୍ତବଙ୍କୁ ଚାକିରିରୁ ବହିଷ୍କୃତ କରାଯାଇଛି। ଏନେଇ ଜାତୀୟ ସ୍ୱାସ୍ଥ୍ୟ ମିଶନ ମ୍ୟାନେଜିଙ୍ଗ ଡାଇରେକ୍ଟର ଶୁକ୍ରବାର ସନ୍ଧ୍ୟାରେ ଆର୍‌ଜିଏଚ୍ ନିର୍ଦ୍ଦେଶକ ଗଣେଶ ପ୍ରସାଦ ଦାଶଙ୍କୁ ଏକ ଚିଠି ଯୋଗେ ବିଜ୍ଞପ୍ତି ପ୍ରଦାନ କରିଛନ୍ତି। ସୂଚନାଯୋଗ୍ୟ, ଆର୍‌ଜିଏଚର ଠିକ ପରିଚାଳନା ପାଇଁ ମ୍ୟାନେଜର ଭାବେ ଶ୍ରୀବାସ୍ତବଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ଡାକ୍ତରଖାନାର ନିର୍ଦ୍ଦେଶକଙ୍କ ବିନା ପରାମର୍ଶରେ ମର୍ଗ ହାଉସ୍‌ରେ ଫ୍ରିଜ୍‌ର ବିକ୍ରି ଦୁର୍ନୀତି, ଆରଜିଏଚ୍‌ରେ ଗୋଟିଏ ସିକ୍ୟୁରିଟି ସଂସ୍ଥାକୁ ପିସିନେଇ ଟେଣ୍ଡର ଦେବା, ଲଣ୍ଡ୍ରିର ଦୁର୍ନୀତ ଭଳି ବିଭିନ୍ନ ଘଟଣାରେ ମୋହିତ ସମ୍ପୃକ୍ତ ଥିଲେ, ଯାହାକୁ ନେଇ ଚଳିତ ମାସରେ ଜାତୀୟ ସ୍ୱାସ୍ଥ୍ୟ ମିଶନ ପକ୍ଷରୁ ଏକ ୫ ଜଣିଆ ଟିମ୍ ଉକ୍ତ ଘଟଣାର

ତଦନ୍ତ ପାଇଁ ଆର୍‌ଜିଏଚ୍‌କୁ ଆସିଥିଲା। ପରେ ଉକ୍ତ ଘଟଣାରେ ସମ୍ପୃକ୍ତ ଥିବା ଡାକ୍ତରଖାନା ମ୍ୟାନେଜର ମୋହିତଙ୍କୁ ଜେରା କରାଯାଇଥିଲା। ହେଲେ ମୋହିତ ପ୍ରକୃତ ତଥ୍ୟ ଉପସ୍ଥାପନା କରିପାରି ନ ଥିଲେ। ଫଳରେ ମୋହିତଙ୍କ ଉପରେ ସନ୍ଦେହ ଘନୀଭୂତ ହୋଇଥିଲା। ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ତାଙ୍କୁ ଚାକିରିରୁ ବହିଷ୍କାର କରିବା ପାଇଁ ଦାବି କରାଯାଇଥିଲା। ଏନେଇ ଆର୍‌ଜିଏଚ୍‌ର ନିର୍ଦ୍ଦେଶକ ଗଣେଶ ପ୍ରସାଦ ଦାଶଙ୍କୁ ପଚାରିବାରୁ, ଆର୍‌ଜିଏଚ୍‌ର ବିଭିନ୍ନ ଦୁର୍ନୀତି କାମରେ ମୋହିତ ଲିପ୍ତ ଥିବାରୁ ତାଙ୍କ ବିପକ୍ଷରେ ଜାତୀୟ ସ୍ୱାସ୍ଥ୍ୟ ମିଶନ ମ୍ୟାନେଜିଙ୍ଗ ନିର୍ଦ୍ଦେଶକ ବିଜ୍ଞପ୍ତି ଜାରି କରିଥିଲେ।

ରାଞ୍ଚି, ଦୁର୍ଗରୁ ଆସିଲା ଆଳୁ

ରାଉରକେଲା,୨୬।୭(ସଙ୍ଗୀତା ଜେନା)

ରାଉରକେଲାରେ ଆଳୁର ଅଭାବୀ ପରିସ୍ଥିତି

ରାଉରକେଲା ସମେତ ରାଜ୍ୟରେ ଆଳୁ ସଙ୍କଟ ଦେଖାଦେଇଛି। ପଡୋଶୀ ରାଜ୍ୟ ପଶ୍ଚିମବଙ୍ଗରୁ ଆଳୁ ଆମଦାନୀ ନେଇ ବିବାଦ ପରେ ଏପରି ପରିସ୍ଥିତି ଉପୁଜିଥିବା କୁହାଯାଉଛି। ପ୍ରତ୍ୟେକ ଦିନ ପଶ୍ଚିମବଙ୍ଗରୁ ପ୍ରାୟ ୩ରୁ ୪ ଟ୍ରକ ଆଳୁ ଆସିଥାଏ। ହେଲେ ଏହା ବନ୍ଦ ରହିଛି। ଫଳରେ ଆଳୁର ଅଭାବ ଦେଖାଯାଇଛି। ଅଭାବୀ ପରିସ୍ଥିତିକୁ ଦୃଷ୍ଟିରେ ରଖି ଟ୍ରେଡର୍ସ ମାନେ ଝାଡଖଣ୍ଡ ରାଞ୍ଚି ଏବଂ ଛତିଶଗଡ଼ ଦୁର୍ଗର

ଷ୍ଟ୍ରିଟ୍ ଲାଇଟ ଲଗାଇବାରେ ଦୁର୍ନୀତି

ପରୁଆଭାଡି ଗ୍ରାମ ପଞ୍ଚାୟତ

- ■ପଞ୍ଚାୟତର ୧୦ଫାଇଲ ଜବତ କଲା ଭିଜିଲାନ୍ସ
- ■ପିଇଓଙ୍କ ଦସ୍ତଖତ ଜାଲ୍ ହୋଇଥିବା ସନ୍ଦେହ

କୁଚିଣ୍ଡା,୨୬।୭(ବିରଞ୍ଚି ଦର୍କା)

ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକ ପାରୁଆଭାଡ଼ି ଗ୍ରାମ ପଞ୍ଚାୟତରେ ହୋଇଥିବା ବିଦ୍ୟୁତୀକରଣ (ଷ୍ଟ୍ରିଟ ଲାଇଟ)କାମରେ ଅନିୟମିତତା ହୋଇଛି। ଅଭିଯୋଗ ପରେ ସମ୍ବଲପୁର ଭିଜିଲାନ୍ସ ବିଭାଗ ଏହାର ତଦନ୍ତ ଆରମ୍ଭ କରିଛି। ଭିଜିଲାନ୍ସ ବିଭାଗର ଏକ ୪ଜଣିଆ ଟିମ ପାରୁଆଭାଡି ପଞ୍ଚାୟତର କ୍ଷେତ୍ର ପରିଦର୍ଶନ କରିବା ସହ ଏ ସଂକ୍ରାନ୍ତୀୟ ୧୦ଟି ଫାଇଲ ଜବତ କରିଛି। ଏହାଛଡା ତତ୍କାଳୀନ ପିଇଓଙ୍କ ଦସ୍ତଖତ ଜାଲିଆତି କରି ବିଲ୍ ଉଠାଣ ହୋଇଥିବା ସନ୍ଦେହ କରି ଭିଜିଲାନ୍ସ ବିଭାଗ ଦସ୍ତଖତ ଯାଞ୍ଚ ପାଇଁ ଭୁବନେଶ୍ୱର ଏକ୍ସପର୍ଟଙ୍କ ପାଖକୁ ପଠାଇଛି।

୨୦୨୦ରୁ ୨୦୨୪ବର୍ଷ ମଧ୍ୟରେ ପାରୁଆଭାଡି ପଞ୍ଚାୟତର ପାରୁଆଭାଡି, ରାମତିଲେଇମାଲ, ପତ୍ରାପାଲି, ସାହାଜବାହାଲ, ସାନଜଟିଆପାଲି ଓ ପଣ୍ଡରିକଟା ଆଦି ଗ୍ରାମର ୧୩ଟି ୱାର୍ଡରେ ୧୬୩ଟି ଷ୍ଟ୍ରିଟ ଲାଇଟ ପଞ୍ଚାୟତ, କୁଚିଣ୍ଡା ପଞ୍ଚାୟତ ସମିତି ଓ ସମ୍ବଲପୁର ଜିଲା ପରିଷଦ ପକ୍ଷରୁ ପୃଥକଭାବେ ଲଗାଯାଇଛି। ତେବେ ନିମ୍ନମାନର ସାମଗ୍ରୀ ବ୍ୟବହାର କରାଯାଇଥିବା ନେଇ ଜଗଦୀଶ ଖଣ୍ଡେଲୱାଲ ନାମକ ଜଣେ ବ୍ୟକ୍ତି କୁଚିଣ୍ଡା ବିଡ଼ିଓ, କୁଚିଣ୍ଡା ଉପଜିଲାପାଳ, ସମ୍ବଲପୁର ଜିଲାପାଳ ଓ ସମ୍ବଲପୁର ଭିଜିଲାନ୍ସ ଆରକ୍ଷୀ ଅଧିକ୍ଷକଙ୍କଠାରେ ଲିଖିତ ଅଭିଯୋଗ କରିଥିଲେ। ସେ ଅଭିଯୋଗ କରିଥିଲେ ଯେ, ଗୋଟିଏ ଷ୍ଟ୍ରିଟ ଲାଇଟକୁ ଦେଖାଇ ପଞ୍ଚାୟତ, ବ୍ଲକ ଓ ଜିଲା ପରିଷଦ ଏପରି ତିନିଟି ବିଭାଗରୁ ବିଲ୍ କରାଯାଇଛି। ସେହିପରି ଲାଇଟ ସଂଯୋଗ ପାଇଁ କେବୁଲ ତାର, ଆଙ୍ଗଲ, ସିଟ, ଟାଇମର ଓ ସର୍କିଟ ଇତ୍ୟାଦି କୌଣସି ସାମଗ୍ରୀ ବ୍ୟବହାର କରାଯାଇନାହିଁ। ଲାଇଟକୁ କେବଳ ବିଦ୍ୟୁତ୍ ଖୁଣ୍ଟ ତାରରେ ହୁକିଂ କରି ସଂଯୋଗ କରାଯାଇଛି। ଏହି ସବୁ ସାମଗ୍ରୀର ବିଲ୍ କରି ଟଙ୍କା ଆତ୍ମସାତ କରାଯାଇଛି। ଏହାଛଡା ବିଲରେ କଂପଟ୍ରନ ଗ୍ରିଭସ ଲାଇଟ ଓ ମାରୁତି ଇଲେକ୍ଟ୍ରିକାଲ ବିଲ୍ ଦେଇ ଟଙ୍କା ଉଠା ଯାଇଥିବା ବେଳେ ପ୍ରକୃତରେ ଲୋକାଲ କମ୍ପାନୀର ଲାଇଟ ଲଗାଯାଇଛି। ଏଥିଯୋଗୁ ଲଗାଇବାର ମାସେ ଦୁଇମାସରେ ଖରାପ ହୋଇ ଯାଇଛି। ଏପରିକି ରାମତିଲେଇମାଲ ପରି ଗାଁରେ ଗୋଟିଏ ବି ଷ୍ଟ୍ରିଟଲାଇଟ ଜଳୁ ନ ଥିବା ଅଭିଯୋଗ ହୋଇଛି।

ହୁକିଂରେ ସଂଯୋଗ ହୋଇଥିବା ଷ୍ଟ୍ରିଟ୍ ଲାଇଟ।

ଗୁରୁତ୍ୱପୂର୍ଣ୍ଣ କଥା ହେଲା ଏହି ବିଲ୍ ମାନଙ୍କରେ ଜିଏସ୍‌ଟି ମଧ୍ୟ କଟା ଯାଇନାହିଁ। ଫଳରେ ବିଲ୍‌ର ସତ୍ୟତା ନେଇ ସନ୍ଦେହ ସୃଷ୍ଟି ହୋଇଛି। ଅଭିଯୋଗ ପାଇ ଭିଜିଲାନ୍ସ ବିଭାଗ ଏହାର ତଦନ୍ତ ଆରମ୍ଭ କରି ବିଡ଼ିଓଙ୍କ ମାଧ୍ୟମରେ ପଞ୍ଚାୟତର ପୂର୍ବତନ ପିଇଓଙ୍କଠାରୁ ୧୦ଟି ଫାଇଲର ଜେରକ୍ସ କପି ନେଇଛନ୍ତି। ସେହିପରି ଗତ ନିର୍ବାଚନ ପୂର୍ବରୁ ଭିଜିଲାନ୍ସର ଏକ ୪ ଜଣିଆ ଟିମ ଆସି ଲାଇଟ ଲାଗିଥିବା ସ୍ଥାନମାନଙ୍କର କ୍ଷେତ୍ର ପରିଦର୍ଶନ କରିଥିଲେ। ଏପରିକି ଲାଇଟ ସଂଯୋଗ ସମୟରେ ଏହି ପଞ୍ଚାୟତର ପିଇଓ ଥିବା ଅଶ୍ୱିନୀ ବିଶ୍ୱାଳଙ୍କ ଦସ୍ତଖତକୁ ଜାଲ କରାଯାଇଥିବା ଭିଜିଲାନ୍ସ ସନ୍ଦେହ କରିଛି। ତେବେ ଭିଜିଲାନ୍ସର ଏହି ତଦନ୍ତ ଖବର ପାଇ ଅନ୍ୟ ପଞ୍ଚାୟତ ମାନଙ୍କରେ ବିଦ୍ୟୁତୀକରଣ କାମ କରିଥିବା ଠିକାଦାରଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଛି।

ପାରୁଆଭାଡି ପଞ୍ଚାୟତର ବର୍ତ୍ତମାନ ପିଇଓ ଥିବା ଆଶା ପ୍ରଧାନଙ୍କୁ ପଚାରିବାରୁ ତାଙ୍କ ପୂର୍ବରୁ ଥିବା ପିଇଓଙ୍କଠାରୁ ଭିଜିଲାନ୍ସ କେତେକ ଫାଇଲର କାଗଜପତ୍ର ନେଇଛି। କୁଚିଣ୍ଡା ବିଡ଼ିଓ ନିରଞ୍ଜନ ସାଙ୍କ ସହ ଯୋଗଯୋଗ କରିବାରୁ ଭିଜିଲାନ୍ସ ପାରୁଆଭାଡି ପଞ୍ଚାୟତର ଆବଶ୍ୟକ କରୁଥିବା କେତେକ ଫାଇଲର ଜେରକ୍ସ ନକଲ ସେମାନଙ୍କୁ ପ୍ରଦାନ କରିବାକୁ ତତ୍କାଳୀନ ପିଇଓ ବିଜୟ କୁମାର ଭୁଏଙ୍କୁ କହିଥିବା ସେ କହିଛନ୍ତି। ତେଣୁ ଭିଜିଲାନ୍ସ କ'ଣ ତଦନ୍ତ କରୁଛି ସେ ବାବଦରେ ସେ ଜାଣି ନ ଥିବା କହିଛନ୍ତି।

ଗଛରେ ପିଟିହେଲା ଚୋରା କେନ୍ଦୁପତ୍ର ବୋଝେଇ ପିକ୍‌ଅପ୍

ଓଲଟି ପଡିଥିବା କେନ୍ଦୁପତ୍ର ବୋଝେଇ ଟ୍ରକ।

ନାକଟୀଦେଉଳ,୨୬।୭(ବୈକୁଣ୍ଠନାଥ ସାହୁ)

ଚାଳକଙ୍କ ସମେତ ୨ ଗୁରୁତର

ଦ୍ରୁତ ଗତିରେ ଯାଉଥିବା ଏକ ଚୋରା କେନ୍ଦୁପତ୍ର ବୋଝେଇ ଏକ ପିକ୍‌ଅପ ସମ୍ବଲପୁର ଜିଲା ନାକଟୀଦେଉଳଠାରେ ରାସ୍ତାପାର୍ଶ୍ୱ ଗଛରେ ପିଟି ହୋଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ଚାଳକଙ୍କ ସମେତ ୨ଜଣ ଗୁରୁତର ଆହତ ହୋଇଛନ୍ତି। ଆହତ ୨ ଚୋରା କେନ୍ଦୁପତ୍ର ବେପାରୀ ହେଲେ ପଶ୍ଚିମବଙ୍ଗ ହୁଗୁଲିର ଅଗ୍ନି ମଜୁମଦାର(୨୯) ଏବଂ ସୁମନ ଘୋଷ(୨୨)। ସେମାନଙ୍କୁ ଚିକିତ୍ସା ପାଇଁ ବୁର୍ଲା ପଠାଯାଇଛି । କେନ୍ଦୁପତ୍ର ବୋଝେଇ କରି ଗୁରୁବାର ବିଳମ୍ବିତ ରାତିରେ ପିକ୍‌ଅପ୍ (ନଂ. ଓଡ଼ି-୧୫ବି-ଏଚଏକ୍ସ-୦୯୦୨) ରେ ଚୋରା ଚାଲାଣ କରାଯାଉଥିବା ଖବର ପାଇ ରେଢାଖୋଲ ବନ ବିଭାଗ କର୍ମଚାରୀ ପିଛା କରିଥିଲା। ଏହା ଜାଣି ପାରି ଚାଳକ ଦ୍ରୁତଗତିରେ ଗାଡିକୁ ନେଇ ପଳାଉଥିବା ବେଳେ ଗାଡି ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ଗାଡ଼ିକୁ ପିଛା କରୁଥିବା ବନ ବିଭାଗ କର୍ମଚାରୀ ଦୁର୍ଘଟଣାଗ୍ରସ୍ତ ଗାଡ଼ିରୁ ଆହତମାନଙ୍କୁ ଉଦ୍ଧାର କରି ନାକଟୀଦେଉଳ ଡ଼ାକ୍ତରଖାନା ପଠାଇଥିଲେ। ନାକଟୀଦେଉଳ ବନ ବିଭାଗ ଦୁର୍ଘଟଣାଗ୍ରସ୍ତ ଗାଡ଼ି ସହ ସମସ୍ତ ଚୋରା କେନ୍ଦୁପତ୍ର ଜବତ କରିଛି। ଏହି କେନ୍ଦୁପତ୍ର ପଶ୍ଚିମବଙ୍ଗକୁ ଚୋରା ଚାଲାଣ କରାଯାଉଥିଲା।

ଗରିବ ମେଧା ଛାତ୍ରୀ ବିଜୟାଙ୍କୁ ଉଚ୍ଚଶିକ୍ଷା ପାଇଁ ସହାୟତା

ବ୍ରହ୍ମପୁର ପାରଳା ଇଞ୍ଜିନିୟରିଂ କଲେଜରେ ନାମ ଲେଖାଇବେ

ସମ୍ବଲପୁର,୨୬।୭(ବି.ଶଙ୍କର)

ବରଗଡ଼ ଜିଲା ଗୋଡ଼ଭଗା ପଞ୍ଚାୟତ ଅନ୍ତର୍ଗତ ଗଡ଼ତିଆପାଲି ଗ୍ରାମର ଗରିବ ଅନୁସୂଚିତ ଜାତିର ମେଧାବୀ ଛାତ୍ରୀ କୁମାରୀ ବିଜୟା ମହାନନ୍ଦଙ୍କୁ ଉଚ୍ଚଶିକ୍ଷା ସକାଶେ ଗୁରୁବାର ସନ୍ଧ୍ୟାରେ ଆର୍ଥିକ ସହାୟତ ପ୍ରଦାନ କରାଯାଇଛି । ଚଳିତ ବର୍ଷ ଓଜେଇ ପରୀକ୍ଷାରେ ବିଜୟା ଭଲ ନମ୍ବର ରଖି ବ୍ରହ୍ମପୁର ପାରଳା ଇଞ୍ଜିନିୟରିଙ୍ଗ କଲେଜରେ ନାମ ଲେଖାଇବା ପାଇଁ ସେ ମନୋନୀତ ହୋଇଛନ୍ତି । କିନ୍ତୁ ତାଙ୍କ ବାପା ସଜବନ୍ତ ମହାନନ୍ଦ ଜଣେ ଦିନ ମଜୁରିଆ ହୋଇଥିବାରୁ ଅର୍ଥ ଯୋଗାଡ଼ କରି ନାମ ଲେଖାଇବା ପାଇଁ ଅସମର୍ଥ ଥିଲେ। ସମାଜିକା କର୍ମୀ ଏମ.ଡି.କାଲୋଙ୍କଠାରୁ ଖବର ପାଇ ସମ୍ବଲପୁର ଜିଲା ଧନକଉଡା ବ୍ଲକ ଅର୍ନ୍ତଗତ କଳାମାଟି ସରପଞ୍ଚ ଡ. ସୁଷମା ସାହୁ ଓ ସ୍ପନ୍ଦନ ଆଞ୍ଚଳିକ ଯୁବକ ସଂଘ ସଭାପତି ବାଳକୃଷ୍ଣ ସାହୁ ଓ କେତେକ ବଦାନ୍ୟ ବ୍ୟକ୍ତି ୩୦ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ସ୍ପନ୍ଦନ ଆଞ୍ଚଳିକ ଯୁବକ ସଂଘର ବରିଷ୍ଠ ସଭ୍ୟ ଅକ୍ଷୟ କର୍ଣ୍ଣ ଅର୍ଥ ପ୍ରଦାନ ସମୟରେ ଉପସ୍ଥିତ ଥିଲେ।

ମେଧାବୀ ଛାତ୍ରୀ ବିଜୟା ମହାନନ୍ଦଙ୍କୁ ଆର୍ଥିକ ସହାୟତ ପ୍ରଦାନ କରାଯାଇଛି ।

୩ଦିନ ମଧ୍ୟରେ ରିପୋର୍ଟ ଦେବାକୁ ନିର୍ଦ୍ଦେଶ

ବୈଠକରେ ଉପସ୍ଥିତ ଜନ ପ୍ରତିନିଧି, କୃଷକ ସଙ୍ଗଠନ ସଦସ୍ୟ ଓ ଅଧିକାରୀ।

ମରୁଡ଼ି ସ୍ଥିତି ସମୀକ୍ଷାକଲେ ପଞ୍ଚାୟତ ସମିତି ଅଧ୍ୟକ୍ଷା

କୁଚିଣ୍ଡା,୨୬।୭(ବିରଞ୍ଚି ଦର୍କା)

ସମ୍ବଲପୁର ଜିଲା ବାମରା ବ୍ଲକରେ ଶୁକ୍ରବାର ଗଜା ମରୁଡି ସ୍ଥିତିର ସମୀକ୍ଷା କରିଛନ୍ତି ପଞ୍ଚାୟତ ସମିତି ଅଧ୍ୟକ୍ଷା ପିଙ୍କି ଧୁରୁଆ। ୩ ଦିନ ଭିତରେ ରିପୋର୍ଟ ଦେବାକୁ ବିଭାଗୀୟ ଅଧିକାରୀଙ୍କୁ ସେ ନିର୍ଦ୍ଦେଶ ଦେଇଛନ୍ତି।

ବାମରା କୃଷକ ସଙ୍ଗଠନ ଆହ୍ୱାନକ୍ରମେ ସମିତି ଅଧ୍ୟକ୍ଷା ପିଙ୍କି ଧରୁଆ ବ୍ଲକ ମିଟିଂ ହଲରେ ସମୀକ୍ଷା ବୈଠକ କରିଥିଲେ। ବ୍ଲକ କୃଷି ଅଧିକାରୀ ବୈଠକ ସଞ୍ଚାଳନ କରିଥିଲେ। ବିଡ଼ିଓ ପୁଷ୍ପକ ପ୍ରଧାନ, ତହସିଲଦାର ଦିଲୀପ ପ୍ରଧାନ, ଭାଇସ ଚେୟାରମ୍ୟାନ ସଞ୍ଜୟ ଦାସ, ଜିଲା ପରିଷଦ ସଭ୍ୟ କୃଷ୍ଣଚନ୍ଦ୍ର ଟପୋ କୃଷି ବିଭାଗ ଓ ଲାଇନ ଡିପାଟମେଣ୍ଟ ଅଧିକାରୀମାନେ ନିଜ ବିଭାଗ ରିପୋର୍ଟ ପ୍ରଦାନ କରିଥିଲେ। ୧୧୮ଟି ଉଠା ଜଳସେଚନ, ୯ ଟିମାଇନର ଇରିଗେସନ ପ୍ରୋଜେକ୍ଟରେ ପ୍ରାୟ ସମସ୍ତ ପ୍ରକଳ୍ପ କାର୍ଯ୍ୟକ୍ଷମ ନ ଥିବା ଚାଷୀ ପ୍ରତିନିଧିମାନେ ଅଭିଯୋଗ କରିଥିଲେ। ମଞ୍ଜି ଅଙ୍କୁରିତ ନ ହେବା, ବଜାରରୁ କିଣା ଯାଇଥିବା ହାଇବ୍ରିଡ ଧାନ ମଞ୍ଜି ମଧ୍ୟ ଅଙ୍କୁରିତ ନ ହେବା, ସାରର ଅଭାବୀ ବିକ୍ରି ନେଇ ମଧ୍ୟ ଅଭିଯୋଗ କରିଥିଲେ। ଲାଇନ ଡିପାର୍ଟମେଣ୍ଟ ଅଧିକାରୀଙ୍କ ଉଦାସୀନ ମନୋଭାବକୁ ନେଇ ଅଧ୍ୟକ୍ଷା ଧରୁଆ, ବିଡ଼ିଓ ଓ ତହସିଲଦାର ଅସନ୍ତୋଷ ପ୍ରକାଶ କରିଥିଲେ। ସମସ୍ତ ଅଧିକାରୀ ପ୍ରତି ପଞ୍ଚାୟତକୁ ଯାଇ ସରଜମିନ ତଦନ୍ତ କରି ୩ ଦିନ ଭିତରେ ଠିକ୍ ରିପୋର୍ଟ ଦେବା ପାଇଁ ତାଗିଦ୍ କରାଯାଇଥିଲା। ବାମରା କୃଷକ ସଙ୍ଗଠନ ଆବାହକ ଯୋଗବିହାରି ପରିଡ଼ା କହିଥିଲେ, ସମୀକ୍ଷା ବୈଠକରେ ଏହା ପ୍ରମାଣିତ ହେଲା ଯେ ଜଳସେଚନ କୌଣସି ସୁବିଧା ଚାଷୀଙ୍କୁ ମଳୁ ନ ଥିବାରୁ ଚାଷୀ ଗଜା ମରୁଡିର ସମ୍ମୁଖୀନ ହୋଇଛନ୍ତି। ପଞ୍ଚାୟତ ସମିତି ଅଧ୍ୟକ୍ଷା ଧରୁଆ କହିଥିଲେ ଅଧିକାରୀଙ୍କ ରିପୋର୍ଟ ମିଳିବା ପରେ ପ୍ରକୃତ ସ୍ଥିତି ଆକଳନ ହୋଇପାରିବ ଏବଂ ପରବର୍ତ୍ତୀ ପଦକ୍ଷେପ ନିଆଯିବ। ବୈଠକରେ ସୁଦୀପ୍ତ ପଟେଲ, ସଞ୍ଜିତ ନାୟକ, ପ୍ରକାଶ ପଟେଲ, ଭିରୁ ସିଂହ, ବୀରବଲ ପଟେଲ, ଜ୍ୟୋତି କୁମାର ଲାଠ, ଭାଜପା ନେତା ସୁନୀଲ ଦାସ, ପାପୁନ ସିଂହ, ବିଷ୍ଣୁ ଅଗ୍ରୱାଲ ସମେତ ପ୍ରତି ପଞ୍ଚାୟତ ରୁ ଆସିଥିବା ଅଗ୍ରଣୀ ଚାଷୀ ପ୍ରତିନିଧି,ସରପଞ୍ଚ ସମିତି ମେମ୍ବର ପ୍ରମୁଖ ବୈଠକରେ ସାମିଲ ହୋଇଥିଲେ। ସମ୍ବଲପୁରର ଚାଷୀ ନେତା ଦେବେନ୍ଦ୍ର ପ୍ରଧାନ କହିଥିଲେ ଚାଷୀଙ୍କ ସମସ୍ୟା ଦୂରୀଭୂତ ନ ହେଲେ ଚାଷୀ ସଙ୍ଗଠନ ଆନ୍ଦୋଳନ ପାଇଁ ବାଧ୍ୟ ହେବ।

ଦ୍ୱିତୀୟ ସିଲେଇ ପ୍ରଶିକ୍ଷଣ କେନ୍ଦ୍ର ଉଦ୍‌ଘାଟିତ

ହୀରାକୁଦ ହିଣ୍ଡାଲ୍‌କୋ ପକ୍ଷରୁ ନୂଆଯାମଡ଼ା ଜଙ୍ଘାଲିଙ୍ଗା ମନ୍ଦିର ପ୍ରାଙ୍ଗଣରେ ସିଲେଇ ପ୍ରଶିକ୍ଷଣ କେନ୍ଦ୍ର ଉଦ୍‌ଘାଟନ ଉତ୍ସବରେ ଅତିଥି ଓ ପ୍ରଶିକ୍ଷାର୍ଥୀମାନେ ।

ସମ୍ବଲପୁର,୨୬।୭(ବି.ଶଙ୍କର)

ସହଯୋଗ କରିବ ହୀରାକୁଦ ହିଣ୍ଡାଲ୍‌କୋ ପାରିପାର୍ଶିକ ଉନ୍ନୟନ ବିଭାଗ

ହୀରାକୁଦ ହିଣ୍ଡାଲକୋ ପାରିପାର୍ଶିକ ଉନ୍ନୟନ ବିଭାଗ ପକ୍ଷରୁ ସ୍ଥାନୀୟ ନୂଆଯାମଡ଼ା ଗ୍ରାମ ଜଙ୍ଘାଲିଙ୍ଗା ମନ୍ଦିର ପ୍ରାଙ୍ଗଣରେ ଦ୍ୱିତୀୟ ସିଲେଇ ପ୍ରଶିକ୍ଷଣ କେନ୍ଦ୍ର ଶୁକ୍ରବାର ଉଦ୍‌ଘାଟିତ ହୋଇଛି। ସ୍ଥାନୀୟ ଅଞ୍ଚଳର ମହିଳା ଏବଂ ଯୁବତୀମାନଙ୍କ ଦକ୍ଷତା ବିକାଶ କରି ସ୍ୱରୋଜଗାରକ୍ଷମ ସହ ଆତ୍ମନିର୍ଭର କରିବା ପାଇଁ ହିଣ୍ଡାଲକୋ ଲକ୍ଷ୍ୟ ରଖିଛି। ଏହାକୁ ଦୃଷ୍ଟିରେ କମ୍ପେକ୍ସ ୟୁନିଟ ହେଡ ଦେବାଶିଷ ମଲ୍ଲିକଙ୍କ ପରାମର୍ଶକ୍ରମେ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ହାତକୁ ନିଆଯାଇଛି। ହିଣ୍ଡାଲକୋ ଏମସିଓଇ ସାଧାରଣ ପରିଚାଳକ ମୌସୁମୀ ପାଢ଼ୀ କେନ୍ଦ୍ରର ଉଦ୍‌ଘାଟନ କରିଥିଲେ । ସମ୍ମାନୀତ ଅତିଥି ଭାବେ ପାରିପାର୍ଶିକ ଉନ୍ନୟନ ବିଭାଗର ମୁଖ୍ୟ ସୁକାନ୍ତ କୁମାର ମହାପାତ୍ର, ସହ ସାଧାରଣ ପରିଚାଳକ ପ୍ରଶାସନ ରାଜ ସିଂ, ପାରିପାର୍ଶିକ ଉନ୍ନୟନ ବିଭାଗ ପ୍ରବନ୍ଧକ ଆନନ୍ଦ ଚକ୍ରବର୍ତ୍ତୀ ଉପସ୍ଥିତ ଥିଲେ । ଏମସିଓଇ ସାଧାରଣ ପରିଚାଳକ ପାଢ଼ୀ ନୂତନ ଶିକ୍ଷାର୍ଥୀମାନଙ୍କୁ ତାଲିମପ୍ରାପ୍ତ କାର୍ଯ୍ୟକୁ ଜାରି ରଖି ଆତ୍ମନିର୍ଭର ହେବାପାଇଁ ପରାମର୍ଶ ଦେଇଥିଲେ। ଶୈଳସୂତା ଭୋଇ, ଶାନ୍ତିପ୍ରିୟା ବେହେରା, ସାବିତ୍ରୀ ବଗାର, ଗୀତାଞ୍ଜଳି ପାଣିଗ୍ରାହୀଙ୍କ ସମତେ ନୂଆ ଗୁଜାତଲ, ନୂଆ ଜାମୁଡ଼ା, ଗୁଣ୍ଡରୁପଡା ଗ୍ରାମବାସୀ ହିଣ୍ଡାଲକୋ ଦ୍ୱାରା ପ୍ରଦାନ କରାଯାଉଥିବା କୌଶଳ ଶିକ୍ଷାକୁ ପ୍ରଶଂସା କରିଥିଲେ। ଜୀତେଶ କୁମାର ରଥ, ସରୋଜ କୁମାର ଆଚାର୍ଯ୍ୟ, ଜୟଶ୍ରୀ ରାଓ, ସନ୍ତୋଷ କୁମାର ତ୍ରିପାଠୀ ଏବଂ ମିଳନ କୁମାର ସାହୁ ସହଯୋଗ କରିଥିଲେ ।

କର୍ଦ୍ଦମାକ୍ତ ହୋଇଛି ଲୁହାପଙ୍କ ଗ୍ରାମ୍ୟ ରାସ୍ତା

ରେଢାଖୋଲ,୨୬।୭(ଅଚ୍ୟୁତାନନ୍ଦ ପୁରୋହିତ)

ସମ୍ବଲପୁର ଜିଲା ରେଢାଖୋଲ ବ୍ଲକ ଲୁହାପଙ୍କ ପଞ୍ଚାୟତ ଏନଏଚ ୫୫ରୁ ଲୁହାପଙ୍କ ଗ୍ରାମକୁ ଯାଇଥିବା ରାସ୍ତା ଶେରଚନୀ ହୋଇପଡିଛି। ଫଳରେ ଗ୍ରାମବାସୀ ଯିବା ଆସିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପଞ୍ଚାୟତ ଅଧିନରେ ଥିବା ଏହି ରାସ୍ତାରେ ଗତ ମେ ମାସରେ ପ୍ରାୟ ୧ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇ ମାଟି ଓ ମୋରମ ପକାଯାଇଥଲା। ସାମାନ୍ୟ ବର୍ଷାରେ ଏହି ରାସ୍ତା କାଦୁଅ ପଚପଚ ହୋଇଯାଉଛି। ଛାତ୍ରୀଛାତ୍ରମାନେ କାଦୁଅ ସରସର ହୋଇ ସ୍କୁଲ କଲେଜ ଯାଉଛନ୍ତି। ଏହି ରାସ୍ତାର ଆବଶ୍ୟକ ମରାମତି କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

ଏନଏଚ ୫୫ରୁ ଲୁହାପଙ୍କକୁ ଯାଇଥିବା ରାସ୍ତା କର୍ଦ୍ଦମାକ୍ତ ହୋଇଯାଇଛି।

ଯୁଯୋମୁରା ସରକାରୀ ହାଇସ୍କୁଲରେ ଦକ୍ଷତା ଦିବସ ପାଳିତ

ସମ୍ବଲପୁର,୨୬।୭(ଭବାନୀ ଶଙ୍କର ଭୋଇ)

ଶିକ୍ଷା ସପ୍ତାହର ପଞ୍ଚମ ଦିବସ ଶୁକ୍ରବାର ସମ୍ବଲପୁର ଜିଲା ଯୁଯୋମୁରା ସରକାରୀ ହାଇସ୍କୁଲରେ ଦକ୍ଷତା ଦିବସ ପାଳିତ ହୋଇଯାଇଛି। ଏହି ଦିବସରେ ଛାତ୍ରୀଛାତ୍ରମାନଙ୍କର ଦକ୍ଷତା ବିକାଶ ପାଇଁ ଉଭୟ ଧନ୍ଦାମୂଳକ ରିଟେଲ ଓ ପ୍ଲମ୍ବିଂ ଟ୍ରେଡ୍ ପାଇଁ ତାଲିମ ପ୍ରଦାନ କରାଯାଇଥିଲା। ପ୍ରଧାନଶିକ୍ଷକ ଜିତେନ୍ଦ୍ର କୁମାର ମେଣ୍ଡଳୀଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ପାଇପ କାମ ପାଇଁ ଟ୍ରେନର ସୌମ୍ୟରଞ୍ଜନ ଭୁତିଆ, ପ୍ରମୋଦ କୁମାର ପ୍ରଧାନ ଏବଂ ରିଟେଲ ବିଭାଗ ପାଇଁ ଟ୍ରେନର ନେତ୍ରାନନ୍ଦ ଭୋଇ ଏବଂ ବ୍ୟବସାୟୀ ସୂର୍ଯ୍ୟକାନ୍ତ ପାଣିଗ୍ରାହୀ ଉପସ୍ଥିତ ଛାତ୍ରୀଛାତ୍ରମାନଙ୍କୁ ଖୁଚୁରା ବ୍ୟବସାୟ ଉପରେ ମାର୍ଗଦର୍ଶନ କରିଥିଲେ। ଏହା ପୂର୍ବରୁ ଖୁଚୁରା ବ୍ୟବସାୟ ବିଷୟରେ ଜାଣିବା ପାଇଁ ଛାତ୍ରୀଛାତ୍ରମାନେ ଦିସା କଲେକ୍ସନ କ୍ଷେତ୍ର ପରିଦର୍ଶନ କରି ଅଭିନୟ ମାଧ୍ୟମରେ ବ୍ୟବସାୟ ପରିଚାଳନା ବିଷୟରେ ଆବଶ୍ୟକ ଧାରଣା ସଂଗ୍ରହ କରିଥିଲେ। ଏହା ସହିତ ବିଦ୍ୟାଳୟରେ ଦକ୍ଷତା ଆଧାରିତ ଛାତ୍ରୀଛାତ୍ରଙ୍କ ଦ୍ୱାରା ଏକ ପ୍ରଦର୍ଶନୀ ତଥା ଶିକ୍ଷୟତ୍ରୀ ସୀମା ମେହେର ଏବଂ ସମୀକ୍ଷା ପଣ୍ଡା ଓ ପରାଶକ୍ତି ସୁଭଦ୍ରିକାଙ୍କ ସଂଯୋଜନାରେ ଛାତ୍ରୀଛାତ୍ରମାନେ ପ୍ରସ୍ତୁତ କରିଥିବା ସ୍କେଚ ଭିଡିଓ ପ୍ରଦର୍ଶିତ ହୋଇଥିଲା। ଅନୁଷ୍ଠିତ କାର୍ଯ୍ୟକ୍ରମରେ ସୁଶାନ୍ତ କୁମାର ସାହୁ, ଦମୟନ୍ତୀ ସାହୁ, ଉପାସନା ଡନସନା, ତରଙ୍ଗିଣୀ ରଞ୍ଜିତ, ଅନୁପ ମଣ୍ଡଳୀ, ଅଂଶୁମାନ ପାଣିଗ୍ରାହୀ, ନବୀନ ଚନ୍ଦ୍ର ପ୍ରଧାନ, ମିତ୍ରଭାନୁ ମହାପାତ୍ର ଏବଂ ମନୋଜ କୁମାର ପଧାନ ସହଯୋଗ କରିଥିଲେ।

ଶୁକ୍ରବାର ଦକ୍ଷତା ଦିବସ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରମାନେ ଦୋକାନ ପରିଦର୍ଶନ କରୁଛନ୍ତି।

ବର୍ଷେ ହେଲା ଦୃଷ୍ଟିହୀନ ବୃଦ୍ଧଙ୍କୁ ମିଳୁନି ଚାଉଳ

ସମ୍ବଲପୁର,୨୬।୭(ଭବାନୀ ଶଙ୍କର ଭୋଇ)

ବୟସ ୭୩ ରୁ ଅଧିକ। ଆଖିକୁ ଠିକ ଭାବେ ଦେଖାଯାଉନାହିଁ। ବୃଦ୍ଧା ସ୍ତ୍ରୀଙ୍କ ସାହାରା ନନେଲେ ଚଲାବୁଲା କରିବାରେ ଅସମର୍ଥ। ସମ୍ବଲପୁର ମହାନିଗର ନିଗମ ଅନ୍ତର୍ଗତ ୱାର୍ଡ ନମ୍ବର ୧୮ ଷ୍ଟେଶନପଡାରେ ଏମିତି ଅଭାବନୀୟ ପରିସ୍ଥିତି ଭିତରେ ରହୁଛନ୍ତି ବୃଦ୍ଧ ଦମ୍ପତି ଆନନ୍ଦ କୁମ୍ଭାର ଓ ତାଙ୍କ ସ୍ତ୍ରୀ ସତ କୁମ୍ଭାର (୭୦)।

ଷ୍ଟେଶନପଡାର ରେଳବାଇ ଇଲେକ୍ଟ୍ରି ଅଫିସ ପାଖରେ ଏକ ଜରାଜୀର୍ଣ୍ଣ କୁଡ଼ିଆରେ ରଖୁଥିବା ଆନନ୍ଦ ଦୁଇ ବର୍ଷ ତଳେ ଦୁଇଆଖିର ଦୃଷ୍ଟି ଶକ୍ତି

ଲୋୟର ସୁକ୍‌ତେଲ ଡ୍ୟାମ୍‌ରେ ବଢୁଛି ପାଣି

- କୁମିଆପାଲି ଆଦିବାସୀଙ୍କ ବଢୁଛି ଚିନ୍ତା
- ଜିଲାପାଳଙ୍କୁ ଭେଟି ଦୁଃଖ ଜଣାଇଲେ
- ଗାଁରେ ମିଳୁନାହିଁ ପିଇବା ପାଣି, ଘାରୁଛି ଧାନ ଉଜୁଡିବା ଚିନ୍ତା

ବଲାଙ୍ଗୀର,୨୬।୭(ବୀରେନ୍ଦ୍ର କୁମାର ଝାଙ୍କର)

ଲୋୟର ସୁକ୍‌ତେଲ ଡ୍ୟାମ୍ ପ୍ରଭାବିତ କୁମିଆପାଲି ଗାଁର ପ୍ରାୟ ୭୦ ଆଦିବାସୀ ପରିବାର ଏବେ ଘୋର ସଙ୍କଟରେ ପଡିଛନ୍ତି। ଲୋୟର ସୁକ୍‌ତେଲ ଡ୍ୟାମ୍ ଗତ ଜାନୁୟାରୀ ୩ ତାରିଖରୁ ଉଦ୍‌ଘାଟିତ ହୋଇସାରିଥିଲେ ମଧ୍ୟ ଏଯାଏ କୁମିଆପାଲି ଗାଁର ପ୍ରାୟ ୭୦ ପରିବାର ଡ୍ୟାମ୍ ଜଳଭଣ୍ଡାର ଭିତରେ ଥିବା ଗାଁ ଛାଡି ନାହାନ୍ତି। କିଛିଦିନ ହେଲା ଲଗାଣ ବର୍ଷା ପରେ ସୁକ୍‌ତେଲ ଜଳଭଣ୍ଡାରରେ ପୁଣି ଥରେ ଜଳସ୍ତର ବଢ଼ିଲାଣି। ମିଳିଥିବା ସୂଚନା ଅନୁଯାୟୀ, ଏବେ ଜଳସ୍ତର ବଢ଼ି ପୋଡ଼ମୁଣ୍ଡ ଗାଁ ନିକଟ କୟାଘାଟ ମନ୍ଦିରକୁ ଛୁଇଁଲାଣି। ଲଗାଣ ବର୍ଷା ଜାରି ରହିଥିବା ଏବଂ ସୁକ୍‌ତେଲ ନଦୀରେ ଜଳସ୍ତର ବଢ଼ିଚାଲିଥିବାରୁ କୁମିଆପାଲି ଗାଁ ଛାଡି ନ ଥିବା ଆଦିବାସୀ ପରିବାର ଏବେ ଚିନ୍ତାରେ ପଡିଛନ୍ତି। କୁମିଆପାଲିର ୪ ଜଣିଆ ପ୍ରତିନିଧି ଦଳ ଶୁକ୍ରବାର ଅପରାହ୍ଣରେ ବଲାଙ୍ଗୀର ଜିଲାପାଳ ଗୌରବ ଶିୱାଜୀ ଇସଲୱାରଙ୍କୁ ଭେଟି ସେମାନଙ୍କ ସମସ୍ୟା ଓ ସାମ୍ପ୍ରତିକ ସ୍ଥିତି ସମ୍ପର୍କରେ ଅବଗତ କରିଛନ୍ତି। କୁମିଆପାଲିର ପ୍ରେମରାଜ

ଶୁକ୍ରବାର ବଲାଙ୍ଗୀର ଜିଲାପାଳଙ୍କୁ ଭେଟିବାକୁ ଆସିଥିବା କୁମିଆପାଲି ଗାଁର ଆଦିବାସୀ ପ୍ରତିନିଧିମାନେ।

ବରିହା, ରାମଚନ୍ଦ୍ର ବରିହା, ଡମ୍ବରୁଧର ବରିହା ଓ କନ୍ଦର୍ପ ବରିହା ଜିଲାପାଳଙ୍କୁ ଭେଟି କିଭଳି ସେମାନେ ପ୍ରାୟ ୧ ବର୍ଷ ହେବ ଘୋର ଅସୁବିଧାରେ ରହିଛନ୍ତି କହିଥିଲେ। ଏବେ ଡ୍ୟାମ୍ ପାଣି ବଢୁଥିବାରୁ ସେମାନେ ଚାଷ କରିଥିବା ପ୍ରାୟ ୨୦୦ ଏକରରୁ ଊର୍ଦ୍ଧ୍ୱ ଧାନ ଜମିର ଫସଲ ଉଜୁଡି ଯିବା ଆଶଙ୍କା ଦେଖାଦେଇଛି। ଗାଁରେ ଏବେ ପିଇବା ପାଣି ମିଳୁନାହିଁ। ଯେଉଁ ନଳକୂପ ଖରାପ ହେଲା ତାକୁ ସଜଡା ଯାଉନାହିଁ। ଗାଁରେ ଅଙ୍ଗନୱାଡି ସେଣ୍ଟର ଚାଲୁ ନ ଥିବାରୁ ଛୋଟ ଶିଶୁମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେମାନଙ୍କ ପାଠପଢ଼ା ହେଉନାହିଁ। ଅଙ୍ଗନୱାଡି କର୍ମୀ ନିୟମିତ ସେଠାକୁ ନ ଯାଇ ଏକ ମାସର ଛୁଟୁଆ, ଅଣ୍ଡା ନେଇ ଦେଇ ଆସୁଛନ୍ତି । ଆଶାକର୍ମୀ ନ ଥିବାରୁ ପ୍ରସୂତିଙ୍କ ଘୋର ଅସୁବିଧା ହେଉଛି। ଠିକ୍ ଭାବେ ସର୍ଭେ ହୋଇ ନ ଥିବାରୁ ଆଦିବାସୀ ପରିବାରଗୁଡିକ ସରକାରଙ୍କ ଘୋଷିତ ଉଚିତ୍ କ୍ଷତିପୂରଣ ଓ ଥଇଥାନରୁ ବଞ୍ଚିତ ହୋଇଥିବା ଅଭିଯୋଗ କରିଛନ୍ତି। ଏହି କାରଣରୁ ସେମାନେ ଗାଁ ଛାଡିବେ ନାହିଁ ବୋଲି ଜିଦ୍ ଧରି ଗାଁରେ ରହିଛନ୍ତି। ଏହି ଗାଁର ପ୍ରାୟ ୬୦ ପ୍ରତିଶତ ଲୋକ ଗାଁରୁ ବିସ୍ଥାପିତ ହୋଇସାରିଛନ୍ତି। ମାତ୍ର ୩୦ ପ୍ରତିଶତ ଆଦିବାସୀ ଏପର୍ଯ୍ୟନ୍ତ ଗାଁ ଛାଡି ନାହାନ୍ତି। ୨୦୨୩ ମସିହାରେ ସୁକ୍‌ତେଲ ଡ୍ୟାମ୍‌ରେ ପାଣି ସଂରକ୍ଷଣ କରାଯିବାରୁ ଏହି ଗାଁ ନିକଟକୁ ଡ୍ୟାମ୍ ଠେଲା ପାଣି ମାଡି ଆସିଥିଲା। କିଛି ଆଦିବାସୀ ପରିବାର ଏଥିଯୋଗୁ ହଇରାଣ ହୋଇଥିଲେ। ଏହି ଆଦିବାସୀମାନେ ରାଜ୍ୟ ସରକାରଙ୍କୁ ୧୦ ଦଫା ଦାବିପତ୍ର ପ୍ରଦାନ କରିଛନ୍ତି। ଏହା ପୂରଣ ନ ହେଲେ ଡ୍ୟାମ୍‌ରେ ବୁଡିଯିବେ ପଛେ ଗାଁ ଛାଡିବେ ନାହିଁ ବୋଲି କହୁଛନ୍ତି। ଏବେ ପୁଣି ଥରେ ସୁକ୍‌ତେଲ ଡ୍ୟାମ୍‌ରେ ଜଳସ୍ତର ବଢୁଥିବାରୁ ଆଦିବାସୀମାନେ ଚିନ୍ତାରେ ପଡିଛନ୍ତି। ଜିଲାପାଳ ଇସଲୱାର ସମସ୍ୟା ସମ୍ପର୍କରେ ବୁଝିବେ ବୋଲି ପ୍ରତିଶ୍ରୁତି ଦେଇଥିବା ଆଦିବାସୀ ପ୍ରତିନିଧି ଦଳ କହିଛନ୍ତି। ଏହି ସମସ୍ୟା ସମ୍ପର୍କରେ ସ୍ଥାନୀୟ ବିଧାୟକ ତଥା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗଙ୍କୁ ମଧ୍ୟ ସେମାନଙ୍କ ସମସ୍ୟା ଜଣାଇଥିବା ସୂଚନା ଦେଇଛନ୍ତି। ଉଲ୍ଲେଖଯୋଗ୍ୟ, ଗତ ଜାନୁୟାରୀ ୩ ତାରିଖରେ ବଲାଙ୍ଗୀର ଲୋୟର ସୁକ୍‌ତେଲ ଜଳସେଚନ ପ୍ରକଳ୍ପକୁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ତେବେ ସେତେବେଳେ ଏହି ପ୍ରକଳ୍ପ ସମ୍ପୂର୍ଣ୍ଣ ନ ହୋଇ କେବଳ ୨୦୨୪ ନିର୍ବାଚନକୁ ଆଖିଆଗରେ ରଖି ତରବରିଆ ଭାବେ ଉଦ୍‌ଘାଟନ କରାଯାଇଥିବା ବିରୋଧୀ ଦଳ ନେତାମାନେ ଅଭିଯୋଗ କରିଥିଲେ।

ସୈନିକ କ୍ଲବ ପକ୍ଷରୁ ରକ୍ତଦାନ ଶିବିର

ଲୋଇସିଂହା,୨୬।୭(ସୁଶାନ୍ତ ବାରିକ)

କାରଗିଲ ବିଜୟ ଉତ୍ସବର ୨୫ ବର୍ଷ ପୂର୍ତ୍ତି ଉପଲକ୍ଷେ ବଲାଙ୍ଗୀର ଜିଲା ଲୋଇସିଂହା ସୈନିକ କ୍ଲବ ପକ୍ଷରୁ ସ୍ଥାନୀୟ ଅଗ୍ରସେନ ଭବନରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ବିଡିଓ ଅକ୍ଷୟପାଣି ଉଡୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ବିଡିଓ କହିଥିଲେ ଯେ, ବୀରଯବାନ ଏବଂ ଦେଶବାସୀଙ୍କ ପାଇଁ ଆଜିର ଦିନ ଏକ ଐତିହାସିକ ଦିନ। ଏହି ପରିପ୍ରେକ୍ଷୀରେ ସୈନିକ କ୍ଲବର ଏଭଳି ଆଭିମୁଖ୍ୟକୁ ପ୍ରଶଂସା କରିଥିଲେ। ଶିବିରରେ ୨୫ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ସୈନିକ କ୍ଲବ ସଭାପତି ଚତୁର ଦଲାଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ବଲାଙ୍ଗୀର ଭୀମଭୋଇ ମେଡିକାଲ ରକ୍ତଭଣ୍ଡାର ଭ୍ରାମ୍ୟମାଣ ରକ୍ତ ସଂଗ୍ରହ ଦଳର ଡା. ଅଶୋକ କୁମାର ମିଶ୍ର,ଗଙ୍ଗାଧର ପଧାନ,କାଉନସିଲର ଶେଖ ଅବଦୁଲ ଅସରଫ,ଏଲଟି ରାଜେନ୍ଦ୍ର ପାଇକ ଓ ଷ୍ଟାଫ୍ ଯୋଗଦେଇ ରକ୍ତ ସଂଗ୍ରହ କରିଥିଲେ। ଏହାକୁ ସୈନିକ କ୍ଲବର ସମ୍ପାଦକ ନଜରୁଲ୍ଲା ଖାନ, କୋଷାଧକ୍ଷ ରବୀନ୍ଦ୍ର ପୁଟେଲ, ଆନନ୍ଦ ପୁଟେଲ, ସତ୍ୟ ଦଲାଇଙ୍କ ସମେତ ରଞ୍ଜନ ବେହେରା, ପ୍ରକାଶ ମହାରଣା, ଟିକୁ ପାଣ୍ଡିଆ, ଶମ୍ଭୁପ୍ରସାଦ ସାହୁ, ମୋହିତ ମିଶ୍ର,ସରୋଜ ମହାକୁର ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

ବାରିକ ସମାଜର ବିଭିନ୍ନ କମିଟି ଗଠିତ

ଲୋଇସିଂହା,୨୬।୭(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହାସ୍ଥିତ ବାରିକ ସମାଜ ଭବନରେ ବ୍ଲକ ବାରିକ ସମାଜର ଏକ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଭାପତି କିଶୋର ବାରିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସମାଜର ବିଭିନ୍ନ କମିଟିଗଠିତ ହୋଇଯାଇଛି। ସେବା ସଂଘର ସଭାପତି ଜୟଦେବ ବାରିକ, ଋଷଭ ବାରିକ କାର୍ଯ୍ୟକାରୀ ସଭାପତି, ରମେଶ ବାରିକ ଉପସଭାପତି,ସରୋଜ ପଶାୟତ ସମ୍ପାଦକ,ଅଶୋକ ପଶାୟତ ସହସମ୍ପାଦକ,ନାରାୟଣ ବାରିକ କୋଷାଧ୍ୟକ୍ଷ, ଗୁଣନିଧି ବାରିକ ସାଂସ୍କୃତିକ ସମ୍ପାଦକ ଭାବେ ମନୋନୀତ ହୋଇଛନ୍ତି। ଏହାବ୍ୟତୀତ ୧୨ ଜଣ ଉପଦେଷ୍ଟା ମଣ୍ଡଳୀରେ ରହିଛନ୍ତି। ସେହିପରି ସେଲୁନ ସଂଘର ସଭାପତି ଭାବେ ପ୍ରଶାନ୍ତ ବାରିକ ଓ ରମେଶ ସମ୍ପାଦକ ରହିଛନ୍ତି । ଏଥିରେ ପୁଇଁତଳା, ଆଗଲପୁରର ସମାଜିକ କାର୍ଯ୍ୟକର୍ତ୍ତା ସାମିଲ ହୋଇଥିଲେ। ବ୍ଲକ ସମ୍ପାଦକ ସତ୍ୟ ନାରାୟଣ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

ବାଳିକା ଶିକ୍ଷାକୁ ଆଗେଇବା ପାଇଁ ଅଭିନବ ଅଭିଯାନ

ଲୋଇସିଂହା,୨୬।୭(ସୁଶାନ୍ତ ବାରିକ)

ଶିକ୍ଷା କିପରି ଝିଅଙ୍କ ପାଇଁ ସ୍ୱାଧୀନତା ଏବଂ ସଶକ୍ତିକରଣ ନେଇ ଆସିବ ସେହି ଉଦ୍ଦେଶ୍ୟରେ ପୁରି ପଢ଼ାଇ, ଦେଶ କି ଭଲାଇ ଅଭିଯାନ କାର୍ଯ୍ୟକ୍ରମ ଚାଲିଛି । ଏହା ଅଗଷ୍ଟ ୧୫ ସ୍ୱାଧୀନତା ଦିବସ ଯାଏ ଚାଲିବ । ଏହି ପରିପ୍ରେକ୍ଷୀରେ ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ନଅଗାଁ(ଖି)ର ସ୍ୱେଚ୍ଛାସେବୀ ଅନୁଷ୍ଠାନ ପଲ୍ଲୀ ଆଲୋକ ପାଠାଗାର ଅନ୍ତର୍ଜାତୀୟ ସଂସ୍ଥା କ୍ରାଏ ସହାୟତାରେ ବଲାଙ୍ଗୀର ଓ ବରଗଡ ଜିଲାରେ ଏନେଇ କାର୍ଯ୍ୟ କରୁଛି । ସ୍ୱେଚ୍ଛାସେବୀମାନେ ଶିକ୍ଷାନୁଷ୍ଠାନ, ଗ୍ରାମାଞ୍ଚଳ ଲୋକ ପ୍ରତିନିଧି, ସରକାରୀ ଅଧିକାରୀଙ୍କ ସହିତ ଅଭିଯାନ ସମ୍ପର୍କରେ ଆଲୋଚନା କରିବା ସହ ଡ୍ରପ୍ ଆଉଟ ଛାତ୍ରୀ ଏବଂ ସେମାନଙ୍କ ଅଭିଭାବକଙ୍କୁ ସାକ୍ଷାତ କରି ଏ ଦିଗରେ ସଚେତନତା ସୃଷ୍ଟି କରୁଛନ୍ତି । ଏଥିସହ ଝିଅମାନେ ସେମାନଙ୍କ ଶିକ୍ଷା ସମ୍ପୂର୍ଣ୍ଣ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱରୋପ କରାଯାଉଛି । ଡ୍ରପ୍ ଆଉଟ ହାର କିପରି କମିବ , ପୁନଃ ନାମଲେଖା, ଭିତ୍ତିଭୂମି ବିକାଶ ଆଦି ସମ୍ପର୍କରେ ଆଲୋଚନା କରାଯାଉଛି । ୧୪ ବର୍ଷ ବୟସ ପର୍ଯ୍ୟନ୍ତ ପିଲାଙ୍କୁ ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ପ୍ରଦାନ ଉଦ୍ଦେଶ୍ୟ ନେଇ ୨୦୦୯ ମସିହାରେ ଶିଶୁ ଶିକ୍ଷା ଅଧିକାର ଆଇନ ଲାଗୁ ହୋଇଛି । ୨୦୨୫ ଏପ୍ରିଲରେ ଏହି ଆଇନର ୧୫ ବର୍ଷ ପୂର୍ତ୍ତି ହେବାକୁ ଯାଉଥିବା ବେଳେ ଏବେ ବି ଅନେକ ଝିଅ ମାଧ୍ୟମିକ ଓ ଉଚ୍ଚ ମାଧ୍ୟମିକ ଶିକ୍ଷା ପାଇବାରୁ ବଞ୍ଚିତ ହେଉଛନ୍ତି । ୨୦୩୦ ସୁଦ୍ଧା ସମାନ ଶିକ୍ଷା ପାଇଁ ନିରନ୍ତର ବିକାଶ ଲକ୍ଷ୍ୟ ରହିଛି । ଜାତୀୟ ଶିକ୍ଷାନୀତି ୨୦୨୦ ଅନୁଯାୟୀ ୧୮ ବର୍ଷ ବୟସ ପର୍ଯ୍ୟନ୍ତ ସାର୍ବଜନୀନ, ମାଗଣା ଏବଂ ଗୁଣାତ୍ମକ ଶିକ୍ଷା ବିସ୍ତାର କରିବାକୁ ମାର୍ଗ ପ୍ରଶସ୍ତ ହୋଇଛି । ଏଣୁ ଏହି ଅଭିଯାନରେ ସାମିଲ ହୋଇ ଝିଅମାନେ ସମ୍ପୂର୍ଣ୍ଣ ଶିକ୍ଷାଲାଭ କଲେ ସାମାଜିକ, ଅର୍ଥନୈତିକ ବିକାଶ ହେବା ସହ ଭବିଷ୍ୟତ ଉଜ୍ଜ୍ୱଳ ହେବ । ଏଣୁ ଏହି ଅଭିଯାନରେ ସାମିଲ ହେବାକୁ ଅନୁଷ୍ଠାନର ସମ୍ପାଦକ ପ୍ରଶାନ୍ତ ନାୟକ ଜଣାଇଛନ୍ତି।

ସ୍ୱାମୀ ବିବେକାନନ୍ଦ ଯୁବକ ସଂଘ ପକ୍ଷରୁ କାର୍‌ଗିଲ ବିଜୟ ଦିବସ ପାଳିତ

କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

ମୁରିବାହାଲ,୨୬।୭(ଶ୍ରୀବତ୍ସ ବେହେରା)

ବଲାଙ୍ଗୀର ଜିଲା ମୁରିବାହାଲ ସଦର ମହୁକୁମାର ସ୍ୱାମୀ ବିବେକାନନ୍ଦ ଯୁବକ ସଂଘ ପକ୍ଷରୁ ୨୫ତମ କାର୍‌ଗିଲ ବିଜୟ ଦିବସ ଶୁକ୍ରବାର ଦିନ ମୁରିବାହାଲ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟଠାରେ ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ୱାମୀ ବିବେକାନନ୍ଦ ଯୁବକ ସଂଘର ସଭାପତି ସୁଧାଂଶୁ ଶେଖର ପୋଡ଼ ୟାଦବ ଅଧ୍ୟକ୍ଷତା କରିଥିଲେ। ଏମ୍‌ପିଙ୍କ ପ୍ରତିନିଧି ଶ୍ରୀବତ୍ସ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଶହୀଦମାନଙ୍କ ଦେଶପ୍ରେମ ଓ ବଳିଦାନ ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ରାଜୀବ ଲୋଚନ ସେନାର ସଭାପତି ରାଜୀବ କୁମାର ମହାନ୍ତି, ସରପଞ୍ଚ ସଂଘ ସଭାପତି ବିଶ୍ୱବିହାରୀ ଯୋଶୀ, ସଂଘର ବରିଷ୍ଠ ସଦସ୍ୟ ନାରାୟଣ ସାହୁ ପ୍ରମୁଖ ଯୋଗଦେଇ ଦେଶର ସୁରକ୍ଷାରେ ସୈନିକମାନଙ୍କ କର୍ତ୍ତବ୍ୟନିଷ୍ଠା ଓ ବଳିଦାନ ଉପରେ ମତ ରଖିଥିଲେ। କାର୍ଯ୍ୟକ୍ରମକୁ ବରିଷ୍ଠ ଶିକ୍ଷାବିତ୍ ତରୁଣ ପୋଡ଼ ସଂଯୋଜନା କରିଥିଲେ । ପ୍ରାରମ୍ଭରେ ସ୍ୱାମୀ ବିବେକାନନ୍ଦ ଛକରୁ ଏକ ମଶାଲ ଶୋଭାଯାତ୍ରାରେ କାର୍ଯ୍ୟକ୍ରମ ସ୍ଥଳକୁ ଅଣାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ପ୍ରେମାନନ୍ଦ ମାଝୀ, ଆକାଶ ମହାକୁର, ବାବୁଲି ରାଉତ, ଉଦିତ କୁମାର କଟା, ରୋହନ ଜାଲ, ରତିକ ସାହୁ, ବାବୁଲାଲ କେତକୀ ପ୍ରମୁଖ ସହଯୋଗ କରିଥିଲେ। ସାଧାରଣ ସମ୍ପାଦକ ପଦ୍ମଲୋଚନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

ରାସ୍ତା ପାଲଟିଛି ମରଣଯନ୍ତା, ଲୋକେ ହନ୍ତସନ୍ତ

ପାଟଣାଗଡ଼,୨୬।୭(ସଚ୍ଚିଦାନନ୍ଦ ମହାକୁର)

ବଲାଙ୍ଗୀର ଜିଲା ପାଟଣାଗଡ଼ ବ୍ଲକ ତେଣ୍ଡାପଦର ପଞ୍ଚାୟତ ସାଲେପାଲିରୁ ରତାଖଣ୍ଡି ଗାଁ ପର୍ଯ୍ୟନ୍ତ ସଂଯୋଗ କରୁଥିବା ୨.୫୦ କିଲୋମିଟର ଗ୍ରାମ୍ୟ ସଡ଼କ ରାସ୍ତା ୨୦୧୮ ମସିହାରେ ନିର୍ମାଣ କରାଯାଇଥିବା ବେଳେ ଉପଯୁକ୍ତ ରକ୍ଷଣବେକ୍ଷଣ ଅଭାବରୁ ରାସ୍ତା ଉପରୁ ପିଚୁ ଉଠି ଶୋଚନୀୟ ହୋଇପଡିଛି । ଫଳରେ ଯାତାୟାତରେ ସମସ୍ୟା ସୃଷ୍ଟି ହେଉଛି। ୫ ବର୍ଷ ପର୍ଯ୍ୟନ୍ତ ଠିକାଦାରଙ୍କ ଉପରେ ଉକ୍ତ ରାସ୍ତାର ରକ୍ଷଣାବେକ୍ଷଣ ଦାୟିତ୍ୱ ନ୍ୟସ୍ତ ଥିବା ନିୟମ ରହିଛି। ହେଲେ ରାସ୍ତା ନିର୍ମାଣର ୭ ବର୍ଷ ବିତି ଯାଇଥିଲେ ମଧ୍ୟ ଠିକାଦାର ଜଣକ ମରାମତି କାମ ଥରଟଏ କରନାହାନ୍ତ । ଫଳରେ ରାସ୍ତାରେ ବହୁ ସଂଖ୍ୟାରେ ଖାଲଖମା ସୃଷ୍ଟି ହୋଇ ମରଣଯନ୍ତା ପାଲଟିଥିବା ଅଭିଯୋଗ ହେଉଛି। ରାସ୍ତା ଦୁରବସ୍ଥା ଯୋଗୁ ପ୍ରତିଦିନ ଛୋଟ ବଡ଼ ଦୁର୍ଘଟଣା ଘଟି ଧନଜୀବନ ହାନି ହେଉଛି। ଏହି ରାସ୍ତା ମରାମତି ପାଇଁ ବାରମ୍ବାର ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଗଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ । ଏନେଇ ଗ୍ରାମବାସୀ ବିଭାଗୀୟ ସହକାରୀ ଯନ୍ତ୍ରୀ ବର୍ଷାରାଣୀ ପାଗଡାଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଦାବିପତ୍ର ପ୍ରଦାନ ସମୟରେ ସ୍ଥାନୀୟ ସରପଞ୍ଚ ଜନାର୍ଦ୍ଦନ ସାହୁଙ୍କ ସମେତ ଛବି ମାଝୀ, ଜଗନ୍ନାଥ ରାଉତ, ଯଦୁମଣି ଷାଣ୍ଡ, ରୁପାନନ୍ଦ ବରିହା, ଜଗନ୍ନାଥ ରାଉତ, ଶୁକଦେବ ପଟେଲ, ଆକାଶ ପୋଡ଼, ମଦନ ବାଗ, ତ୍ରିଲୋଚନ ପଟେଲ, ପ୍ରସନ୍ନ ଷାଣ୍ଡ, ଉଦୟନାଥ ଦୀପ, ବସୁଦେବ ପଟେଲ, ଜଗଦାନନ୍ଦ କାଣ୍ଡ , ପ୍ରସନ୍ନ ବରିହା, ହୃଷୀକେଶ ଷାଣ୍ଡ ପ୍ରମୁଖ ଉପସ୍ଥିତ ଥିଲେ।

ବଲାଙ୍ଗୀରରେ ୨୫ତମ କାର୍‌ଗିଲ ବିଜୟ ଦିବସ

ବଲାଙ୍ଗୀର,୨୬।୭(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ସହର ଲାଲଟ୍ରିକାସ୍ଥିତ ପୂର୍ବତନ ସୈନିକ ସଂଘ କାର୍ଯ୍ୟାଳୟରେ ୨୫ତମ କାରଗିଲ ବିଜୟ ଦିବସ ଶୁକ୍ରବାର ପାଳିତ ହୋଇଛି। ସଂଘ ସମ୍ପାଦକ ପ୍ରତାପ ଚନ୍ଦ୍ର ରଥଙ୍କ ସଂଯୋଜନାରେ ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ ମୁଖ୍ୟଅତିଥି ଭାବେ ବଲାଙ୍ଗୀର ପୌରଧକ୍ଷା ଲିକା ସାହୁ, ସମ୍ମାନିତ ଅତିଥି ଭାବେ ଭାଜପା ନେତା ଗୋପାଳଜୀ ପାଣିଗ୍ରାହୀ, ମଣ୍ଡେଶ୍ୱରୀ ସ୍କୁଲ ନିର୍ଦ୍ଦେଶକ ରବି ଉଦ୍‌ଗାତା, ନାଗରିକ କମିଟି ପୂର୍ବତନ ସମ୍ପାଦକ ମନୋରଞ୍ଜନ ସାହୁ, ପ୍ରାଥମିକ ଶିକ୍ଷକ ସଂଘ ସମ୍ପାଦକ ପ୍ରଦୀପ ଖମାରୀ ଯୋଗଦାନ କରିଥିଲେ। ଅତିଥିମାନେ ପୁଷ୍ପମାଲ୍ୟ ଦେଇ ଜିଲାର ଶହୀଦ ବୀର ସୈନିକଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ପ୍ରଥମେ ମଣ୍ଡେଶ୍ୱରୀ ସ୍କୁଲ ଛାତ୍ରୀ ଜାଗୃତି ଶତପଥୀ ଓ ଛାତ୍ର ଆୟୁଷ ଯୋଶୀ ଦେଶାତ୍ମବୋଧକ ସଙ୍ଗୀତ ପରିବେଷଣ କରିଥିଲେ।

ବଲାଙ୍ଗୀର ଜିଲା ପୂର୍ବତନ ସୈନିକ ସଂଘ ପକ୍ଷରୁ କାର୍‌ଗିଲ ବିଜୟ ଦିବସ ପାଳନ କରାଯାଉଛି।

ସଭା ପ୍ରାରମ୍ଭରେ ଶହୀଦମାନଙ୍କ ଉଦ୍ଦେଶ୍ୟରେ ଏକ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ସଭାରେ ଜିଲାର ଶହୀଦ ବୀର କିଶୋର ମଲ୍ଲିକ, ହେମନ୍ତ ନାଏକ, ସୁମନ୍ତ ପଧାନ ଓ ଥବୀର ବୁଢ଼େଙ୍କଙ୍କ ପରିବାର ସଦସ୍ୟ ଉପସ୍ଥିତ ରହି ଶହୀଦଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ସଭାରେ କାରଗିଲ ଯୁଦ୍ଧର ବୀରତ୍ୱ ଗାଥା ବିଷୟରେ ଆଲୋଚନା ହୋଇଥିଲା। କାରଗିଲ ଯୁଦ୍ଧର ବୀର ଯବାନମାନେ ଅଦମ୍ୟ ସାହସ ପ୍ରଦର୍ଶନ କରି ଦେଶବାସୀଙ୍କୁ ଉଦ୍‌ବୁଦ୍ଧ କରିଛନ୍ତି ବୋଲି ଅତିଥିମାନେ କହିଥିଲେ। ସଂଘ ସମ୍ପାଦକ ରଥ ତାଙ୍କ ବକ୍ତବ୍ୟରେ କାରଗିଲ ଯୁଦ୍ଧ ଭୂମିର ବର୍ଣ୍ଣନା କରିବା ସହ ବଲାଙ୍ଗୀର ଜିଲାର କେତେଜଣ ଶହୀଦ ପରିବାର କିଭଳି ସମସ୍ୟାର ସମ୍ମୁଖୀନ ହେଉଛନ୍ତି ସେ ସମ୍ପର୍କରେ ଅବଗତ କରିଥିଲେ। ଏହି କାର୍ଯ୍ୟକ୍ରମରେ ମାତୃଛାୟା ଅନୁଷ୍ଠାନ ଓ ସବୁଜ ଶକ୍ତି ଅନୁଷ୍ଠାନର ସଦସ୍ୟାସଦସ୍ୟ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ସଂଘର ବରିଷ୍ଠ ସଦସ୍ୟ ତଥା ପୂର୍ବତନ ସୈନିକ ସୁରେନ୍ଦ୍ର ପଣ୍ଡା, ନବକୃଷ୍ଣ ପଟେଲ, ସାନନ୍ଦ ଭୋଇ, ମହେନ୍ଦ୍ର ପଣ୍ଡା, ସୀତାନାଥ ତ୍ରିପାଠୀ, ନରେନ୍ଦ୍ର ଦାସ, ସୁଶୀଲ ପଟେଲ, ବିନୋଦ ମହାନ୍ତି, ନୀଳାଚଳ ପଟେଲ, ସଞ୍ଜୀବ ପ୍ରଧାନ, ଶଙ୍କର ଯୁଏଡ଼, କୃଷ୍ଣଚନ୍ଦ୍ର ପରମଗୁରୁ, ଶୋଭନ ପାଢ଼ୀ, ସର୍ବେରାମ ପଟେଲ, କୃଷ୍ଣଚନ୍ଦ୍ର ପଟେଲ ଓ ନୟନ ଅଗସ୍ତି ଉପସ୍ଥିତ ଥିଲେ। ସଂଘ ସଭାପତି ବିଭୁତି ଭୂଷଣ ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ।

ବାଳିକା ସିଙ୍ଗଲ୍ସ ଫାଇନାଲରେ ସମ୍ପଦା, ନନ୍ଦିନୀ

- ଜିଲା ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍‌ର ଦ୍ୱିତୀୟ ଦିବସ
- ୧୭ ବୟସ ବର୍ଗ ବାଳିକା ସିଙ୍ଗଲରେ ଦୟା, ସମ୍ପଦା ଫାଇନାଲକୁ ଉନ୍ନୀତ

ବଲାଙ୍ଗୀର,୨୬।୭(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ପୃଥ୍ୱୀରାଜ ହାଇସ୍କୁଲ ଇନ୍‌ଡୋର ଷ୍ଟାଡିୟମରେ ଚାଲିଥିବା ଜିଲା ବ୍ୟାଡମିଣ୍ଟନ ଚାମ୍ପିୟନସିପ୍‌ର ଦ୍ୱିତୀୟ ଦିନ ୬୦ରୁ ଊର୍ଦ୍ଧ୍ୱ ମ୍ୟାଚ ଖେଳାଯାଇଥିଲା। ଶୁକ୍ରବାର

କଫ ସିରପ ବେପାରକୁ ନେଇ ହତ୍ୟା ଅଭିଯୋଗ

ମେଟାକାନୀରେ ପିକ୍‌ଅପ ଧକ୍କାରେ ୩ ମୃତ୍ୟୁ ଘଟଣା

■ ପିକ୍‌ଅପ୍ ଭ୍ୟାନ ଜବତ

ଅମରପାଲି/ଉଲୁଣ୍ଡା,୨୬।୭ (ପୀତାମ୍ବର ସାହୁ/ଉତ୍କ୍ରମ ପାଣ୍ଡିଆ)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ଥାନା ଅନ୍ତର୍ଗତ ମେଟାକାନି ମନ୍ଦିର ନିକଟରେ ଗତ ଗୁରୁବାର ଅପରାହ୍ନରେ ଏକ ପିକ୍‌ଅପ ଧକ୍କାରେ ତିନି ଜଣ ଯୁବକଙ୍କ ମୃତ୍ୟୁକୁ ନେଇ ଏବେ ଅଞ୍ଚଳରେ ଭିନ୍ନ ଚର୍ଚ୍ଚା ହେଉଛି। ଏହା ଏକ ଦୁର୍ଘଟଣା ନୁହେଁ ବରଂ କପ୍ ସିରପ ବେପାରକୁ ନେଇ ସୁକଳ୍ପିତ ହତ୍ୟାକାଣ୍ଡ ବୋଲି ଆଲୋଚନା ହେଉଛି। ଗୁରୁବାର ଦୁର୍ଘଟଣା ଘଟାଇ ଦ୍ରୁତ ବେଗରେ ଫେରାର ଥିବା ଓଡି ୧୭ ଏଏ ୪୦୧୫ ନମ୍ବର ବିଶିଷ୍ଟ ପିକଅପକୁ ପୋଲିସ ବଡ଼ମାଳ ଛକ – ଚଡାଇପଙ୍କ ରାସ୍ତାରୁ ଜବତ କରିଛି। ପିକଅପ ଚାଳକ ଜଣକ ରାଜ୍ୟ ବାହାରର ହୋଇଥିବା ବେଳେ ସେ ବରଗଡ଼ ଅଞ୍ଚଳରେ ରହି କପ ସିରପ ବ୍ୟବସାୟ କରୁଥିବା କୁହାଯାଉଛି। ମୃତ ଯୁବକମାନଙ୍କ ସହିତ ଦୁର୍ଘଟଣା ବେଳେ ଉପସ୍ଥିତ ଥିବା ଆଉ କେତେକ ଯୁବକ ଉକ୍ତ ଗାଡ଼ି ଚାଳକଙ୍କ ସହିତ କପସିରପ ବ୍ୟବସାୟ କରୁଥିବା ଅନୁମାନ କରାଯାଉଛି। ଘଟଣା ପୂର୍ବ ଦିନ ଉକ୍ତ ବ୍ୟବସାୟରେ ଟଙ୍କା କାରବାରକୁ ନେଇ ସେମାନଙ୍କ ମଧ୍ୟରେ ବଚସା ହୋଇଥିଲା। ସେଦିନ ଉକ୍ତ ଯୁବକମାନଙ୍କୁ ଗାଡ଼ି ଚାଳକ

ଜଣକ ହତ୍ୟା ଧମକ ଦେଇଥିବା ମୃତକଙ୍କ ପରିବାର ଲୋକେ ଅଭିଯୋଗ କରୁଛନ୍ତି। ତେବେ ଗୁରୁବାର ଏନେଇ ଆଲୋଚନା କରିବାକୁ ଗାଡିଚାଳକ ମେଟାକାନିକୁ ଡାକିଥିଲେ। ତେବେ ପୂର୍ବ ପ୍ରସ୍ତୁତ ହୋଇ ଗାଡ଼ି ଚଢାଇ ହତ୍ୟା କରିଥିବା ପରିବାର ଲୋକେ ମଧ୍ୟ ଗୁରୁବାର ରାତି ରାସ୍ତାରୋକୋ ବେଳେ ଅଭିଯୋଗ କରିଥିଲେ। ଏନେଇ ପୋଲିସ ତଦନ୍ତକୁ ଯୋରଦାର କରିଥିବା ବେଳେ ଗାଡି ଚାଳକଙ୍କୁ ଗିରଫ ପାଇଁ ବିଭିନ୍ନ ସ୍ଥାନରେ ଚଢାଉ କରୁଛି। ଏହା ଏକ ଦୁର୍ଘଟଣା ନାଁ ହତ୍ୟାକାଣ୍ଡ ଗାଡ଼ିଚାଳକଙ୍କୁ ଗିରଫ ପରେ ସ୍ପଷ୍ଟ ହୋଇଯିବ ବୋଲି ବୀରମହାରାଜପୁର ଉପଖଣ୍ଡିୟ ପୋଲିସ ଅଧିକାରୀ ବାସୁଦେବ ଛତ୍ରିଆ ପ୍ରକାଶ କରିଛନ୍ତି। ଗୁରୁବାର ଅପରାହ୍ନ ୪ଟାରେ ଉଲୁଣ୍ଡା – ସମ୍ବଲପୁର ରାସ୍ତାର ମେଟାକାନି ମନ୍ଦିର ନିକଟରେ ଥିବା ଟି – ଷ୍ଟଲରେ ମୃତ ଯୁବକଙ୍କ ସହିତ ଆଉ କେତେଜଣ ଯୁବକ ଚା ' ପିଉଥିଲେ। ହଠାତ ଏକ ପିକଅପ ଆସି ସେମାନଙ୍କୁ ଧକ୍କା ଦେଇଥିଲା। ଘଟଣା ସ୍ଥଳରେ ତିନି ଜଣ ଯୁବକଙ୍କ ମୃତ୍ୟୁ ହୋଇଥିବାବେଳେ ଅନ୍ୟ ଜଣେ ଗୁରୁତର ଅବସ୍ଥାରେ ବୁର୍ଲା ବଡ଼ ଡ଼ାକ୍ତରଖାନାକୁ ଚିକିତ୍ସା ପାଇଁ ସ୍ଥାନାନ୍ତର କରାଯାଇଥିଲା। ଗାଡ଼ି ଚାପାରେ ଉଲୁଣ୍ଡା ଥାନା ଚଡ଼ାଇପଙ୍କ ପଞ୍ଚାୟତ ଅନ୍ତର୍ଗତ ଅଇଁଲାଛାଟ ଗ୍ରାମର ପବିତ୍ର କୁମ୍ଭାରଙ୍କ ପୁଅ ରାଜା କୁମ୍ଭାର(୧୯), ନାରାୟଣଟିକ୍ରା ଗ୍ରାମର ରାମହରୀ ସୁରଜାଲଙ୍କ ପୁଅ ଦେବାନନ୍ଦ ସୁରଜାଲ (୨୮) ଓ ଉଲୁଣ୍ଡା ପଞ୍ଚାୟତ ମାଟଖାଇ (ବଲପାଲି) ଗ୍ରାମର ରତନ ସାହୁଙ୍କ ପୁଅ ସୁଶାନ୍ତ ସାହୁ(୨୦)ଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ଗୁରୁତର ଆହତ ଜଣକ ଅଁଇଲାଛାଟ ଗ୍ରାମର କରନ କୁମ୍ଭାର (୨୦) ଏବେ ବି ବୁର୍ଲା ଡ଼ାକ୍ତରଖାନାରେରେ ମୃତ୍ୟୁ ସହିତ ସଂଗ୍ରାମ କରୁଛନ୍ତି। ଗତ ରାତିରେ ମୃତକଙ୍କ ପରିବାର ଓ ସ୍ଥାନୀୟ ଲୋକେ କ୍ଷତିପୂରଣ ଦାବି କରିବା ସହିତ ଗାଡି ଚାଳକଙ୍କୁ ଗିରଫ କରିବାକୁ ଦାବି କରି ଉଲୁଣ୍ଡା ଥାନା ଆଗରେ ସୋନପୁର – ସମ୍ବଲପୁର ରାସ୍ତା ଅବରୋଧ କରିଥିଲେ। ବୀରମହାରାଜପୁର ଏସ୍‌ଡିପିଓ ବାସୁଦେବ ଛତ୍ରିଆ ଓ ଉଲୁଣ୍ଡା ଆଇଆଇସି ପଞ୍ଚାନନ ନାଏକ ପହଞ୍ଚି ବୁଝାସୁଝା କରିଥିଲେ। ପ୍ରତି ମୃତକଙ୍କୁ ରେଡକ୍ରସ ପାଣ୍ଠିରୁ ଦଶ ହଜାର ଟଙ୍କା ଲେଖାଏଁ ସହାୟତା ଘୋଷଣା କରାଗଲା ପରେ ରାତି ପ୍ରାୟ ୧୧ ଟାରେ ରାସ୍ତାରୋକୋ ହଟିଥିଲା। ପିକଅପ ଧକ୍କାରେ ରାସ୍ତା କଡ଼ରେ ଥିବା ତିନୋଟି ବାଇକ ଓ ଏକ ଅଟୋ ଭାଙ୍ଗି ଚୁରମାର ହୋଇଯାଇଥିଲା। ପୋଲିସ ପହଞ୍ଚି ମୃତଦେହ ଜବତ କରିଥିବା ବେଳେ ପିକଅପ ଚାଳକ ଗାଡ଼ି ଛାଡ଼ି ଫେରାର ହୋଇଥିବାରୁ ତାକୁ ଧରିପାରି ନାହିଁ। ଶୁକ୍ରବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏକ ଶୋକାକୁଳ ପରିବେଶରେ ଅନ୍ତିମ ସତ୍କାର କରାଯାଇଛି।

୩୪ ପରେଡ ଦଳ କରିବେ ଅଂଶଗ୍ରହଣ

ଉପଖଣ୍ଡସ୍ତରୀୟ ସ୍ୱାଧୀନତା ଦିବସ ପାଇଁ ପ୍ରସ୍ତୁତି ବୈଠକ

ଅମରପାଲି,୨୬।୭(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁରସ୍ଥିତ ଉପଜିଲାପାଳଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଉପଖଣ୍ଡସ୍ତରୀୟ ସ୍ୱାଧୀନତା ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୀରମହାରାଜପୁର ଉପଜିଲାପାଳ ଲଲାଟେନ୍ଦୁ ସିଂଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉକ୍ତ ପ୍ରସ୍ତୁତି ବୈଠକରେ ଉପଖଣ୍ଡ ପୋଲିସ ଅଧିକାରୀ ବାସୁଦେବ ଛତ୍ରିଆ, ଡେପୁଟି କଲେକ୍ଟର ଉପେନ୍ଦ୍ର ଦାସ, ଜୟକୃଷ୍ଣ ପାଣିଗ୍ରାହୀ, ବିଇଓ ଶାନ୍ତନୁ କୁମ୍ଭକାର, ବୀରମହାରାଜପୁର ଥାନା ଅଧିକାରୀ ଶୋଭାକର ସେଠ, ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା ପ୍ରମୁଖ ମଞ୍ଚାସୀନ ହୋଇ ମତବ୍ୟକ୍ତ କରିଥିଲେ। ସ୍ୱାଧୀନତା ଦିବସ ପାଳନ ପାଇଁ ଅଭ୍ୟାସ ପରେଡ, ପ୍ରଭାତଫେରୀ, ବିଦ୍ୟାଳୟ ଓ ମହାବିଦ୍ୟାଳୟସ୍ତରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତାର ଆୟୋଜନ କରାଯିବାକୁ ନିଷ୍ପତି ନିଆଯାଇଥିଲା। ମହାବିଦ୍ୟାଳୟସ୍ତରୀୟ ପ୍ରତିଯୋଗିତା ଚଳିତବର୍ଷ ଧର୍ମଶାଳା ମହାବିଦ୍ୟାଳୟରେ ଆୟୋଜନ କରାଯିବାକୁ ମତପ୍ରକାଶ ପାଇଥିଲା। ବିଭିନ୍ନ ବ୍ୟକ୍ତି ବିଶେଷଙ୍କ ସ୍ମୃତିରେ ବିଭିନ୍ନ ବର୍ଗରେ କୃତିତ୍ୱ ହାସଲ କରିଥିବା

ପ୍ରସ୍ତୁତି ବୈଠକରେ ମଞ୍ଚାସୀନ ଅଧିକାରୀ ଓ ପ୍ରତିନିଧି।

ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରାଯିବାର କାର୍ଯ୍ୟକ୍ରମ ରହିଛି। ଅଗଷ୍ଟ ପନ୍ଦର ଅପରାହ୍ନ ୪ଟାରେ ଏକ ପ୍ରଦର୍ଶନୀ ଫୁଟବଲ ମ୍ୟାଚ ବୀରମହାରାଜପୁର ବ୍ଲକ ଏବଂ ଉଲୁଣ୍ଡା ବ୍ଲକ ମଧ୍ୟରେ ଖେଳାଯିବାକୁ ସ୍ଥିର ହୋଇଛି। ଉକ୍ତ ପ୍ରସ୍ତୁତି ବୈଠକରେ ଡ.ପ୍ରଫୁଲ୍ଲ କୁମାର ରଥ, ଉପଖଣ୍ଡ ସାମ୍ବାଦିକ ସଂଘର ସଭାପତି ସୟମ୍ଭୁ ନାଥ ଖଣ୍ଡଗିରୀ, କିଶୋର ହୋତା, ଯୁଗଳ କିଶୋର ମିଶ୍ର, ଶିକ୍ଷାବିତ ଭୂଷଣ କୁମାର ପାତ୍ର, ଭୁତିଆପାଲି କଲେଜ ଅଧ୍ୟକ୍ଷ ସୁବାସ ପଣ୍ଡା, ବୀରମହାରାଜପୁର କଲେଜ ଅଧ୍ୟକ୍ଷ ହିମାଂଶୁ ଶେଖର ପାଢ଼ୀ, ଧର୍ମଶାଳା କଲେଜ ଅଧ୍ୟକ୍ଷ ଗୋପାଳ ମହାପାତ୍ର, କଳାପଥର କଲେଜ ଅଧ୍ୟକ୍ଷ ଶ୍ରୀକାନ୍ତ ପଧାନ, ନରୋତ୍ତମ ଚାନ୍ଦ, ମେଘନାଦ ଭୋଇଙ୍କ ସମେତ ବିଭିନ୍ନ ଉଚ୍ଚ ବିଦ୍ୟାଳୟ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ, ଉଦ୍ୟାନ ବିଭାଗ, ଦମକଳ ବାହିନୀ, ସ୍ୱାସ୍ଥ୍ୟ ବିଭାଗ, ଯୋଗାଣ ବିଭାଗ, ଅଗ୍ନିଶମ ବିଭାଗର ଅଧିକାରୀ ଯୋଗଦାନ କରି ମତାମତ ପ୍ରଦାନ କରିଥିଲେ। ଚଳିତବର୍ଷ ବୀରମହାରାଜପୁର ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମରେ ହେବାକୁ ଥିବା ସ୍ୱାଧୀନତା ଦିବସ ପରେଡ଼ରେ ୩୪ଟି ଦଳ ଅଂଶଗ୍ରହଣ କରିବା ସହିତ ପ୍ରଜ୍ଞାପନ ମେଢ଼ ସ୍ଥାନ ପାଇବ ବୋଲି ସୂଚନା ଦିଆଯାଇଛି। ଉକ୍ତ କାର୍ଯ୍ୟକ୍ରମକୁ ଲକ୍ଷ୍ମୀନାରାୟଣ ସାହୁ ପରିଚାଳନା କରିଥିବାବେଳେ ପ୍ରିୟଦର୍ଶୀ ଅଶୋକ ମୋହନ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

ପୂର୍ତ୍ତ ବିଭାଗ ରାସ୍ତାରେ ଜମିରହୁଛି ବର୍ଷାପାଣି

ଅମରପାଲି,୨୬।୭(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁରରୁ ଏନଏଚ ୫୫କୁ ମୋଚିବାହାଲରେ ସଂଯୋଗ କରୁଛି ପୂର୍ତ୍ତ ବିଭାଗର ରାସ୍ତା। ବୀରମହାରାଜପୁର ସୀମାବର୍ତ୍ତି ଅମରପାଲି ଗ୍ରାମର ଝାରବନ୍ଧ ନିକଟରେ ଏହି ରାସ୍ତା ଉପରେ ବର୍ଷା ଜଳ ଜମି ରହିଛି। ଫଳରେ ଯାତାୟାତ ବାଧାପ୍ରାପ୍ତ ହେଉଛି। ଏପରିକି ଉକ୍ତ ରାସ୍ତା ଖରାପ ହେବାର ସମ୍ଭାବନା ଦେଖାଦେଇଛି। ମାତ୍ର ଏହାକୁ ବିଭାଗକୁ ଦେଖାଯାଉ ନାହିଁ। ବିଭାଗ ରାସ୍ତା ଉପରୁ ପାଣି ନିଷ୍କାସନର କୌଣସି ପଦକ୍ଷେପ ନେଉ ନ ଥିବା ଅଭିଯୋଗ ହେଉଛି। ରାସ୍ତାର ଗୋଟିଏ ଅଂଶରେ ପ୍ରାୟ ଆଣ୍ଠୁଏ ପାଣି ଜମ ରହଛି। ଗାଡ଼ିମୋଟର ଯିବା ଆସିବା ବେଳେ ପାଣି ଯୋଗୁଁ ଅନ୍ୟ ଯାତ୍ରୀମାନେ ହଇରାଣ ହେଉଛନ୍ତି।

ଅମରପାଲି ଝାରବନ୍ଧ ନିକଟରେ ପୂର୍ତ୍ତ ବିଭାଗ ରାସ୍ତା ଉପରେ ବର୍ଷା ପାଣି ଜମି ରହିଛି।

ସୂଚନାଯୋଗ୍ୟ ଏମ୍‌ଆଇପି ବିଭାଗ ତରଫରୁ ଅମରପାଲିସ୍ଥିତ ଝାରବନ୍ଧରେ ଗତବର୍ଷ ପ୍ରାୟ ୧୫ ଲକ୍ଷ ଟଙ୍କାର ମାଟି କାମ ହୋଇଥିଲା। ମାତ୍ର ବିଭାଗ ଉକ୍ତ ମାଟିକୁ ହିଡରେ ନ ପକାଇ ରାସ୍ତା ପାର୍ଶ୍ୱରେ ପକାଇ ଦେଇଥିଲା। ଏପରିକି ପୂର୍ତ୍ତ ବିଭାଗ ରାସ୍ତା କାମ ବେଳେ ଯେଉଁ ଗୁଳାଣି ଓ ଦୁର୍ଘଟଣାପୂର୍ଣ୍ଣ ସ୍ଥାନକୁ ସମତଳ କରିଥିଲା,ସେହି ସ୍ଥାନରେ ଏମ୍‌ଆଇପି ବିଭାଗ ମାଟି ପକାଇ ପୁଣି ହିଡ଼ କରି ଦେଇଛି। ଫଳରେ ସେହି ସ୍ଥାନରେ ରାସ୍ତା ଉପର ପାଣି ବାହାରକୁ ନିଷ୍କାସନ ହୋଇ ନ ପାରି ରାସ୍ତା ଉପରେ ଜମି ରହୁଛି। ଏନେଇ ଏମ୍‌ଆଇପି ବିଭାଗୀୟ ଯନ୍ତ୍ରୀ ଦିଲ୍ଲୀପ କୁମାର ପରିଡ଼ାଙ୍କୁ ପଚାରିବାରୁ ଆମେ ଉକ୍ତ ସ୍ଥାନକୁ ଯାଇ ଦେଖିବୁ ବୋଲି ପ୍ରକାଶ କରିଛନ୍ତି। ପୂର୍ତ୍ତ ବିଭାଗର ଏଇ ପଞ୍ଚାନନ ଧଉନଲିଆଙ୍କୁ ପଚାରିବାରୁ ସେ ରାସ୍ତା ଉପରୁ ଯଥାଶୀଘ୍ର ଜଳ ନିଷ୍କାସନର ବ୍ୟବସ୍ଥା କରିବୁ ବୋଲି ପ୍ରକାଶ କରିଛନ୍ତି। ତେବେ ବିଭାଗ ଯଥାଶୀଘ୍ର ଏହ ଘଟଣାକୁ ଗୁରୁତ୍ୱ ଦେଇ ରାସ୍ତା ଉପରୁ ବର୍ଷା ପାଣି ନିଷ୍କାସନ କରିବାକୁ ସାଧାରଣରେ ଦାବି ହେଉଛି।

ବ୍ଲକସ୍ତରୀୟ ମାନସିକ ସ୍ୱାସ୍ଥ୍ୟ ସମ୍ପର୍କିତ କର୍ମଶାଳା

କର୍ମଶାଳାରେ ଯୋଗଦେଇଥିବା ଅଧିକାରୀ ଓ ଅନ୍ୟମାନେ।

ଅମରପାଲି,୨୬।୭(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ସଭାଗୃହରେ ବେସିକ ନିଡିସ ଇଣ୍ଡିଆ ବାଙ୍ଗାଲୋର ସହାୟତାରେ ରେଆର ସୋନପୁର ଦ୍ୱାରା ବ୍ଲକସ୍ତରୀୟ ମାନସିକ ସ୍ୱାସ୍ଥ୍ୟ ସମ୍ପର୍କିତ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ରେଆର ସାଧାରଣ ସମ୍ପାଦକ ଅନଙ୍ଗ ନେଗୀ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବିଷୟରେ ଉପସ୍ଥାପନା କରିଥିଲେ। ବୀରମହାରାଜପୁର ବ୍ଲକର ପନ୍ଦରଟି ପଞ୍ଚାୟତରେ ଥିବା ମାନସିକ ଅସୁସ୍ଥ ବ୍ୟକ୍ତିମାନଙ୍କ ବର୍ତ୍ତମାନ ସ୍ଥିତି ସମ୍ପର୍କରେ କାର୍ଯ୍ୟକ୍ରମ ସହାୟକ ମିତ୍ରଭାନୁ ମଲ୍ଲିକ ତଥ୍ୟ ପ୍ରଦାନ କରିଥିଲେ। ଏଥିରେ ଅତିଥିଭାବେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଅଞ୍ଜୁଲତା ମିଶ୍ର, ଜିଲା ମାନସିକ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମର ଶିବ କର୍ମୀ, ଟିକରାମ ପଟେଲ, ରୁପେଶ ନାଏକ, ବୀରମହାରାଜପୁର ବ୍ଲକ ଜୀବିକା ମିଶନ ପ୍ରତିନିଧି ରଞ୍ଜିତ ଖମାରି, ସୁବଲୟା ଭିଏଏସ୍ ଡା. ଆକାଶ କୁମାର ସାହୁ, ବେସିକ ନୀଡ଼ ଇଣ୍ଡିଆ ରାଜ୍ୟ ସଂଯୋଜକ ରାଜୀବ କର୍ମୀ, ସିୟା ସମ୍ପାଦକ ସୁଦାମ ଗାଇଗରିଆ ଯୋଗଦେଇ ମାନସିକ ଅସୁସ୍ଥ ବ୍ୟକ୍ତିମାନଙ୍କ ଚିକିତ୍ସା, ଜୀବନ ଜୀବିକା, ପରିବାର ସହାୟତା ଗୋଷ୍ଠୀର ନିରନ୍ତର କାର୍ଯ୍ୟକ୍ରମ ବିଷୟରେ ଆଲୋଚନା କରିଥିଲେ। ଶେଷରେ କାର୍ଯ୍ୟକ୍ରମ ଅଧିକାରୀ ବିଶ୍ୱମ୍ଭର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ସ୍ୱେଚ୍ଛାସେବୀ ପ୍ରତିଭା ଚାଳି, ସନ୍ତଶିନୀ ନାୟକ, ଜୟନ୍ତୀ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ।

ବ୍ଲକ ପରିସରରେ ସରପଞ୍ଚଙ୍କୁ ଭୁଜାଲିରେ ଆକ୍ରମଣ

ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି

ଡୁଙ୍ଗୁରିପାଲି,୨୬।୭(ଦୀନବନ୍ଧୁ ସୁନା)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଇଚ୍ଛାପୁର ସରପଞ୍ଚ ପ୍ରଶାନ୍ତ କୁମାର ସାହୁଙ୍କୁ ଶୁକ୍ରବାର ବ୍ଲକ ପରିସରରେ ଭୁଜାଲିରେ ଆକ୍ରମଣ କରାଯାଇଛି। ଫଳରେ ସେ ଗୁରୁତର ହୋଇଛନ୍ତି। ପ୍ରଶାନ୍ତ କୌଣସି କାମରେ ବ୍ଲକକୁ ଆସିଥିଲେ। କାମ ସାରି ଯିବାବେଳେ ବିଡିଓଙ୍କ ବାସଭବନ ନିକଟରେ ହଠାତ୍ ଦୁଇ ଜଣ ଯୁବକ ଦୌଡ଼ି ଆସି ତାଙ୍କ କାରକୁ ଅଟକାଇ ଥିଲେ। କାର ଭିତରୁ ବାହାରୁ ଥିବାବେଳେ ପ୍ରଶାନ୍ତଙ୍କୁ ଦୁଇ ଯୁବକ ଭୁଜାଲି ଓ ଏକ ଧାରୁଆ ଅସ୍ତ୍ରରେ ହାଣିଥିଲେ।

ତାଙ୍କ ଡାହାଣ ହାତ ଓ ମୁଣ୍ଡରେ ଚୋଟ ଲାଗିଥିଲା। ରକ୍ଷାପାଇବା ପାଇଁ ସେ ଭୟଭୀତ ହୋଇ ବିଡିଓଙ୍କ ବାସଭବନକୁ ପଶି ଯାଇ ଗେଟ୍‌କୁ ବନ୍ଦ କରିଥିଲେ। ସେଠାରୁ ଦୁଇ ଯୁବକ ଫେରାର ମାରିଥିଲେ। ତୁରନ୍ତ ବ୍ଲକରେ ଥିବା ଲୋକେ ପ୍ରଶାନ୍ତଙ୍କୁ ଡୁଙ୍ଗୁରିପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଡାକ୍ତର ପ୍ରାଥମିକ ଚିକିତ୍ସା କଲା ପରେ ବୁର୍ଲା ବଡ଼ମେଡିକାଲକୁ ସ୍ଥାନାନ୍ତର କରିଥିଲେ। ବିଡିଓ ବିପିନବିହାର ଦୀପ ତୁରନ୍ତ ଥାନାକୁ ଜଣାଇଥିଲେ। ଡୁଙ୍ଗୁରିପାଲି ଥାନା ଅଧିକାରୀ ସତ୍ୟନାରାୟଣ ପଧାନ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛନ୍ତି। ଏହି ଘଟଣାକୁ ନେଇ ସୋନପୁର ଏସ୍‌ଡିପିଓ ପ୍ରତାପ ତ୍ରିପାଠୀ ଡୁଙ୍ଗୁରିପାଲି ଥାନାରେ ପହଞ୍ଚିଛନ୍ତି।

କ୍ୱାଇଁର ପଥର ମାଡ଼ରେ ଶ୍ୱଶୁରଙ୍କ ମୃତ୍ୟୁ ଅଭିଯୋଗ

କଣ୍ଟାମାଳ,୨୬।୭(ଆଦିତେଶ୍ୱର ମିଶ୍ର)

ବୌଦ୍ଧ ଜିଲା ମନମୁଣ୍ଡା ଥାନା ପଲଶାଗୁଡା ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। କ୍ୱାଇଁର ପଥର ମାଡରେ ଗୁରୁତର ଭାବେ ଆହତ ହୋଇ ଚିକିତ୍ସାଧୀନ ଥିବା ଶ୍ୱଶୁରଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବେଡା ବାଘ। ମିଳିଥିବା ସୂଚନା ମୁତାବକ, ଗୁରୁବାର ରାତି ୮ଟାରେ ବେଡାଙ୍କ କ୍ୱାଇଁ କୌଣସି କାରଣରୁ ଗାଁ ଦାଣ୍ଡରେ ଅସଭ୍ୟ ଭାଷାରେ ଗାଳିଗୁଳଜ କରୁଥିଲେ। ଏହାଦେଖି ଶ୍ୱଶୁର କ୍ୱାଇଁଙ୍କୁ ଗାଳିଗୁଳଜ କରିବାକୁ ମନା କରିବାରୁ ସେ ଉତ୍ତ୍ୟକ୍ତ ହୋଇ ପାଟିତୁଣ୍ଡ କରିଥିଲେ। ପରେ ଶ୍ୱଶୁରଙ୍କ ଉପରକୁ ପଥର ପକାଇ ଥିଲେ। ପଥର ମାଡରେ ବେଡା ଗୁରୁତର ଆହତ ହୋଇଥିଲେ। ତାଙ୍କୁ ଚିକିତ୍ସା ପାଇଁ ସୋନପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଶୁକ୍ରବାର ତାଙ୍କର ମୃତ୍ୟୁ ଘଟିଥିଲା। କ୍ୱାଇଁ ଫେରାର ମାରିଥିବା ବେଳେ ମନମୁଣ୍ଡା ପୋଲିସ ଏକ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଚଳାଇଛି।

କାର୍‌ଗିଲ ବିଜୟ ଦିବସ ପାଳିତ

ବୌଦ୍ଧ,୨୬।୭(ଅଜିତ କୁମାର ବାରିକ): ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟର ସମର ଶିକ୍ଷାର୍ଥୀ ବାହିନୀ ପକ୍ଷରୁ ଶୁକ୍ରବାର ଦିନ ମହାବିଦ୍ୟାଳୟ ପରିସରରେ କାରଗିଲ ବିଜୟ ଦିବସ ପାଳିତ ହୋଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ବେହେରା, ଏନ୍‌ସିସି ଅଧିକାରୀ ସଦାନନ୍ଦ ମାହାର, ଅଧ୍ୟାପକ ଡ. ଅମରେଶ ସାହୁ, ଗ୍ରନ୍ଥାଗାରିକ ଅଜିତ କୁମାର ମିଶ୍ର ଯୋଗଦେଇ ଏହି ଦିବସ ପାଳନ ଉପରେ ଆଲୋକପାତ କରିଥିଲେ । କ୍ୟାଡେଟ୍ ଅଭୟ କୁମାର ବାରିକ ସଭା ପରିଚାଳନା କରିଥିଲେ । ଅଗ୍ନିବୀର ଶୁଭଙ୍କର ସାମଲ ଓ ଅମୀତ ନାୟକ ଯୋଗଦେଇ କାରଗିଲ ଯୁଦ୍ଧର ବୀରଯବାନଙ୍କ ଦେଶପ୍ରେମ ଓ ବଳିଦାନ ଉପରେ ବକ୍ତବ୍ୟ ରଖିଥିଲେ । ଶେଷରେ କ୍ୟାଡେଟ୍ ସୁବ୍ରତ ଦଳବେହେରା ଧନ୍ୟବାଦ ଦେଇଥିଲେ । ସଭାରେ ୩୦ରୁ ଊର୍ଦ୍ଧ୍ୱ କ୍ୟାଡେଟ୍ ଯୋଗ ଦେଇଥିଲେ ।

ଲଗାଣ ବର୍ଷା ଯୋଗୁ ବଢୁଛି ମହାନଦୀ ଜଳସ୍ତର

ବୌଦ୍ଧ,୨୬।୭(ଅଜିତ କୁମାର ବାରିକ)

ବୌଦ୍ଧ ଜିଲା ଦେଇ ଚିରସ୍ରୋତା ମହାନଦୀ ପ୍ରବାହିତ ହୋଇଥିବା ବେଳେ ବୌଦ୍ଧ ସହର ମହାନଦୀ କୂଳରେ ଅବସ୍ଥିତ। ଗତ କିଛି ଦିନ ହେଲା ଲଗାଣ ବର୍ଷା ହେବା ଫଳରେ ମହାନଦୀର ଜଳସ୍ତର ବଢିବାରେ ଲାଗିଛି। ଆସନ୍ତା ୨୮ ତାରିଖରେ ହୀରାକୁଦ ଡ୍ୟାମରୁ ପ୍ରଥମ ବନ୍ୟାଜଳ ନିଷ୍କାସନ ହେବାକୁ ଥିବା ବେଳେ ଡ୍ୟାମ୍ ପାଣି ଓ ବର୍ଷା ଲାଗି ରହିଲେ ଜିଲାରେ ବନ୍ୟା ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ରହିଛି। ପରିସ୍ଥିତିକୁ ଦୃଷ୍ଟିରେ ରଖି ଜିଲାପାଳ

ଲଗାଣ ବର୍ଷା ଯୋଗୁ ବୌଦ୍ଧରେ ମହାନଦୀର ଜଳସ୍ତର ବଢିଛି।

କୌଣସି ଅଧିକାରୀ ମୁଖ୍ୟାଳୟ ଛାଡି କି ନ ଯିବାପାଇଁ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଶୁକ୍ରବାର ସନ୍ଧ୍ୟାରେ ପ୍ରଶାସନ ପକ୍ଷରୁ ହରଭଙ୍ଗା ବ୍ଲକର ପାଣିଘରା, ବୁଲୁରା ଆଦି ନଦୀକ

ଚାରା ଉତ୍ପାଦନରେ ଉଦ୍ୟୋଗୀ ସୃଷ୍ଟି

ସୁନ୍ଦରଗଡ,୨୬।୭(ଜୟ ନାରାୟଣ ମେଣ୍ଢୁଳି)

କିରେଇସ୍ଥିତ ଜିଲା କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ପାଞ୍ଚ ଦିନିଆ ଦକ୍ଷତା ବୃଦ୍ଧି ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଓଡିଶା ଖଣିଜ ଧାରକ କ୍ଷେତ୍ର ବିକାଶ ନିଗମ (ଓମ୍ୱାଡସି) ଓ ଭାରତୀୟ କୃଷି ଗବେଷଣା ପରିଷଦ ଅନ୍ତର୍ଗତ ଜନଜାତି ଉପଯୋଜନାଙ୍କ ଆର୍ଥିକ ପ୍ରୋତ୍ସାହନ ଦ୍ୱାରା ଗତ ୨୨ରୁ ୨୬ ପର୍ଯ୍ୟନ୍ତ ଆୟୋଜିତ ଏହି ଶିବିରରେ ଜିଲା ଅଧିକାରୀ କମିଟିଙ୍କ ଦ୍ୱାରା ଚୟନ କରାଯାଇଥିବା ୩୩ ମହିଳା ଓ ପୁରୁଷ(କୃଷି ଉତ୍ପାଦ କ୍ଲଷ୍ଟର)ଙ୍କୁ ଉଦ୍ୟୋଗୀସୃଷ୍ଟି କରିବା ଓ ରୋଜଗାରର ପନ୍ଥା ଭାବେ ପନିପରିବାର ଉନ୍ନତମାନର ଚାରା ଉତ୍ପାଦନ ଉପରେ ପ୍ରୟୋଗାତ୍ମକ ତାଲିମ ଦିଆଯାଇଥିଲା। ଏହି ତାଲିମରେ ଚାରା ଉତ୍ପାଦନର ଆବଶ୍ୟକତା, ଚାରା ଉତ୍ପାଦନର ବିଭିନ୍ନ ମାଧ୍ୟମ ଓ ପଦ୍ଧତି, ଋତୁ ଅନୁଯାୟୀ ଚାରା ଉତ୍ପାଦନ, ରୋଗ ପୋକ ପରିଚାଳନା, ସରକାରୀ ପ୍ରୋତ୍ସାହନ ଏବଂ ବ୍ୟବସାୟିକ ଭିତ୍ତିରେ ଚାରା ଉତ୍ପାଦନର ଆୟବ୍ୟୟର ଅଟକଳ ଉପରେ ବିସ୍ତୃତ ଭାବେ ଆଲୋଚନା କରି କ୍ଷେତ୍ରପ୍ରଦର୍ଶନ ମାଧ୍ୟମରେ ବୁଝାଯାଇଥିଲା। ଝାରସୁଗୁଡାସ୍ଥିତ ପଞ୍ଚଗାଁ, ଲଖନପୁର ବ୍ଲକର ଉଦ୍ୟୋଗୀ ସୁଶାନ୍ତ କୁମାର ପ୍ରଧାନଙ୍କ ଫାର୍ମକୁ ବର୍ହିପରିଦର୍ଶନରେ ଯାଇ ଟମାଟୋ, ବାଇଗଣ ଓ ଲଙ୍କାର କଲମିକରଣ ପଦ୍ଧତିକୁ ମହିଳାମାନେ ବିଶେଷ ଭାବେ ଅନୁଧ୍ୟାନ କରିଥିଲେ। ଏହି ତାଲିମରେ ମୁଖ୍ୟ ପ୍ରଶିକ୍ଷକ ଭାବେ କୃଷି ବିଜ୍ଞାନ କେନ୍ଦ୍ରର ଉଦ୍ୟାନ ବୈଜ୍ଞାନିକ ଆଶିଷ କୁମାର ମହାନ୍ତି, ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଲକ୍ଷ୍ମୀପ୍ରୀୟା ପ୍ରଧାନ, ବୈଜ୍ଞାନିକ ଡେଭିଡ ଜେମସ ବାଗେ, ଡ. ମନୋଜ କୁମାର ଜେନା, ଡ. ଦ୍ୱିବେନ୍ଦୁ ମଣ୍ଡଳ ଆଞ୍ଚଳିକ କୃଷି ଗବେଷଣା ଉପକେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ସଜୀବ କୁମାର ବିଶ୍ୱାସୀ ପ୍ରମୁଖ ତାଲିମ ପ୍ରଦାନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଉଦ୍ୟାନ ବିଭାଗର ଉପନିର୍ଦ୍ଦେଶକ ସୁକାନ୍ତ କୁମାର ନାଏକ, କୃଷି ବିଷାରଦ ମୋନାଲିସା ପାଢୀ, ବିଷୟ ବସ୍ତୁ ବିଶେଷଜ୍ଞ (ଜୀବନ ଜିବୀକା) ଗୋପାଳ ଚନ୍ଦ୍ର ସୁକଳ ସମସ୍ତଙ୍କୁ ବ୍ୟବସାୟିକ ଭିତ୍ତିରେ ଚାରାଉତ୍ପାଦନ କରିବାପାଇଁ ଉତ୍ସାହିତ କରିଥିଲେ ଏବଂ ପ୍ରଶିକ୍ଷାର୍ଥୀମାନଙ୍କର ମୂଲ୍ୟାଙ୍କନ କରାଯାଇ ଅତିଥିମାନଙ୍କଦ୍ୱାରା ମାନପତ୍ର ଓ ତାଲିମ ପୁସ୍ତିକା ପ୍ରଦାନ କରାଯାଇଥିଲା। ଏହି ତାଲିମ ଶିବିରକୁ କେନ୍ଦ୍ରର କାର୍ଯ୍ୟକ୍ରମ ସହାୟକ ଅରୁଣ କୁମାର ମିଶ୍ର, ବିଦ୍ୟାଧର ଟୁଡୁ, କ୍ଷେତ୍ର ପରିଚାଳକ ମୟୁଖ ଅଧିକାରୀ, କମଳ ଲୋଚନ ମହାନ୍ତ, କର୍ମଚାରୀ ଭ୍ରମରବର ସା, ଜିତେନ୍ଦ୍ର ସେଠୀ ପ୍ରମୁଖ ସହଯୋଗ କରିଥିଲେ।

ଚାଷୀଙ୍କୁ ଦକ୍ଷତା ବୃଦ୍ଧି ତାଲିମ ଦିଆଯାଉଛି।

ରୋଟାରି କ୍ଲବ୍ ଅଫ୍ ରାଉରକେଲା ଷ୍ଟିଲ୍‌ସିଟିର ସ୍ଥାପନା ଦିବସ

ରାଉରକେଲା,୨୬।୭(ଦିନେଶ ମିଶ୍ର)

ରୋଟାରି କ୍ଲବ ଅଫ ରାଉରକେଲା ଷ୍ଟିଲସିଟିର ୧୪ତମ ସ୍ଥାପନା ଦିବସ ଏକ ଘରୋଇ ହୋଟେଲ ପରିସରରେ ସଭାପତି ପିଉ ଗୁହାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସାଧାରଣ ସମ୍ପାଦିକା ରୋଟାରିଆନ ଡ. ସରିତା ମଲ୍ଲଙ୍କ ଆବାହକତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲା ଗଭର୍ଣ୍ଣର ରୋଟାରିଆନ ଅଖିଲ ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ଏଜି ରୋଟାରିଆନ ସଞ୍ଜୟ ପୁରୋହିତ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଏହି ଅବସରରେ ବିଦାୟୀ ସଭାପତି ରୋଟାରିଆନ ପୁତୁଲ ରାହୁଲ ଓ ସମ୍ପାଦିକା ରୋଟାରିଆନ ଅର୍ଚ୍ଚନା ମହାନ୍ତି ନବ ନିର୍ବାଚିତ ସଭାପତି ପିଉ ଗୁହା ଓ ସମ୍ପାଦିକା ଡ. ସରିତା ମଲ୍ଲଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଥିଲେ। ବିଦାୟୀ ସଭାପତି ଓ ସମ୍ପାଦିକା ଦ୍ୱୟ ବିଗତ ବର୍ଷର କାର୍ଯ୍ୟକଳାପ ସମ୍ପର୍କରେ ଓ ନବ ନିର୍ବାଚିତ ସଭାପତି ଓ ସମ୍ପାଦିକା ଆଗାମୀ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ପ୍ରାରମ୍ଭରେ ରୋଟାରୀଆନ ବୀଣାପାଣି ରଥ ଭଜନ ପରିବେଷଣ କରିଥିଲେ। ପରେ ବିଜୟ ଭୌରବ ରାୟ, ଦୀପ୍ତି ପାତ୍ର, ନୀଲମ ରତ୍ନାକର ଅତିଥି ପରିଚୟ ପ୍ରଦାନ କରିଥିଲେ। ସଭାରେ ଅନୁଷ୍ଠାନ ପରିଚାଳନା କରିଥିଲେ। ଲୋପାମୁଦ୍ରା ସାହୁ, ନିବେଦିତା ମହାନ୍ତି, ଅନିତା ନାୟାର, ନମିତା ଆଚାର୍ଯ୍ୟ, ସୁଚିସ୍ମିତା ବିଶ୍ୱାସ, ରଶ୍ମି ନାୟକ, ପୁନମ କାପୁର, ବବିତା ମହାନ୍ତି, ପ୍ରତାପ ବେହେରା, ନମିତା ମହାପାତ୍ର, ଲଳିତା ମୁଦୁଲି, ଗୌରୀ ନାଗ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

କାର୍ଯ୍ୟକ୍ରମରେ ଉପସ୍ଥିତ ରୋଟାରି ସଦସ୍ୟ।

୬୧ ଅଭିଯୋଗ ଶୁଣାଣି

ରାଉରକେଲା,୨୬।୭ (ସଙ୍ଗୀତା ଜେନା)

ରାଉରକେଲା ମହାନଗର ନିଗମ(ଆର୍‌ଏମ୍‌ସି) ପକ୍ଷରୁ ଜନସାଧାରଣ ଆପତ୍ତି ଓ ଅଭିଯୋଗଗୁଡ଼ିକର ସମାଧାନ ପାଇଁ ଶୁକ୍ରବାର ସ୍ଥାନୀୟ କୋଏଲନଗର କଲ୍ୟାଣ ମଣ୍ଡପରେ ଜନଶୁଣାଣି ଅନୁଷ୍ଠିତ ହୋଇଯାଇଛି। ରାଉରକେଲା ଏଡିଏମ୍ ତଥା ଆର୍‌ଏମ୍‌ସି କମିଶନର ଆଶୁତୋଷ କୁଲକର୍ଣ୍ଣୀ ଉପସ୍ଥିତ ରହି ଅଭିଯୋଗଗୁଡ଼ିକ ଶୁଣାଣି କରିଥିଲେ। ଏଥିରେ ମୋଟ ୬୧ଟି ଅଭିଯୋଗ ଆସିଥିଲା। ୱାର୍ଡ ନମ୍ବର ୩୪ ଓ ୩୫ ଅଧୀନରେ ଥିବା କୋଏଲନଗର ଅଞ୍ଚଳରେ ମୁଖ୍ୟତଃ ଡ୍ରେନ୍ ସମସ୍ୟା, ଷ୍ଟ୍ରିଟ ଲାଇଟ୍, ରାସ୍ତା ନିର୍ମାଣ, ପାନୀୟ ଜଳଯୋଗାଣ, ଭତ୍ତା ସମମ୍ୟା ସମ୍ପର୍କିତ ଅଭିଯୋଗ କରାଯାଇଥିଲା। ଆର୍‌ଏମ୍‌ସି ଉପାୟୁକ୍ତ ପଲ୍ଲବୀ ନାୟକ, ଅନୀତା ନାୟକ, ସହକାରୀ ଆୟୁକ୍ତ ଅଜିତ ପଟ୍ଟନାୟକ, ବରିଷ୍ଠ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀ ଉପସ୍ଥିତ ଥିଲେ।

ଆର୍‌ଏମସି କମିଶନର ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଅଭିଯୋଗ ଶୁଣୁଛନ୍ତି।

ଆର୍‌ଏସ୍‌ପି ସେବାରେ ନିୟୋଜିତ ହେଲା ନୂତନ ଚେନ ଡୋଜର ବିଡି-୧୫୫

ରାଉରକେଲା,୨୬।୭(ବିପ୍ଳବ ରଞ୍ଜନ ଦାଶ)

ପରିବର୍ଦ୍ଧିତ ଉତ୍ପାଦନ ସହିତ କଞ୍ଚାମାଲ ପରିଚାଳନାଗତ ଆବଶ୍ୟକତାକୁ ପୂରଣ କରିବା ପାଇଁ ଆର୍‌ଏସ୍‌ପି ଏକ ନୂତନ ବିଇଏମ୍‌ଏଲ୍ ତିଆରି ଚେନ୍‌ଡୋଜର ବିଡି-୧୫୫କୁ ସେବାରେ ନିୟୋଜିତ କରିଛି। ଏହି ଅବସରରେ ସିଜିଏମ୍ ମେକାନିକାଲ ଆର୍‌ଏନ୍ ରାଜେନ୍ଦ୍ରନ,ଡିଜାଇନ ଓ ସହବିଭାଗ ସିଜିଏମ୍ ରବି ରନ,ଏଫ୍‌ଏମ୍‌ଏମ୍ ଓ ପରିବହନ ବିଭାଗର ଜିଏମ୍ ଇନଚାର୍ଜ ଅବକାଶ ମଲ୍ଲିକ, ଏଫଏମ୍‌ଏମ୍ ବିଭାଗୀୟ ଜିଏମ୍ ଇନଚାର୍ଜ ଏସ୍‌ଏସ୍ ପଲ, ଏଫ୍‌ଏମ୍‌ଏମ୍ ବିଭାଗର ଜିଏମ୍ ଭି.କେ. ରାଉତ, ଆର୍‌ଏମ୍‌ଏଚ୍‌ପି ବିଭାଗର ଜିଏମ୍ ମାଧୋ ବର୍ନା ଓ ଆର୍‌ଏମ୍‌ଏଚ୍‌ପି ଓ ଏଫ୍‌ଏମ୍‌ଏମ୍ ବିଭାଗର ବହୁ ଅନ୍ୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ନୂତନ ବିଇଏମ୍‌ଏଲ୍ ଚେନଡୋଜର କଞ୍ଚାମାଲ ପ୍ରବନ୍ଧନ ବିଭାଗରୁ ୱାଗନ ଯୋଗେ ଅଣାଯାଇଥିବା କଞ୍ଚାମାଲକୁ ଡୋଜ କରିବାକୁ ସାହାଯ୍ୟ କରିବ। ଯନ୍ତ୍ରୋପକରଣର ଅନ୍‌ଲୋଡିଂ ପ୍ରକ୍ରିୟାକୁ ମଧ୍ୟ ଶୃଙ୍ଖଳିତ କରିବ, ସଂରକ୍ଷଣ ଓ ପ୍ରକ୍ରିୟାକରଣ କ୍ଷେତ୍ର ସାମଗ୍ରୀର ସୁଗମ ଓ ତ୍ୱରିତ୍ ସ୍ଥାନାନ୍ତରକୁ ସୁନିଶ୍ଚିତ କରିବ। ଏହାର ଦୃଢ଼ ଡିଜାଇନ ଏବଂ ସଠିକତା ସାମଗ୍ରିକ ଉତ୍ପାଦନ ଓ କାର୍ଯ୍ୟକ୍ଷମ ଦକ୍ଷତାରେ ଉନ୍ନତି ଆଣିବ। ଏହି ନୂତନ ଯନ୍ତ୍ରୋପକରଣ ଆରଏମଏଚପିରେ ନିୟୋଜିତ ୨୦ବର୍ଷ ପୁରୁଣା ଚେନ ଡୋଜର ବଦଳରେ କାର୍ଯ୍ୟରେ ସାମିଲ ହୋଇଛି। ସୂଚନାଯୋଗ୍ୟ, ଏହି ନୂତନ ଚେନ ଡୋଜରକୁ ୩କୋଟି ଟଙ୍କା ମୂଲ୍ୟରେ କ୍ରୟ କରାଯାଉଛି। ଏଫଏମ(ଏମ) ବିଭାଗର ଡିଜିଏମ୍ ପ୍ରୀତମ କୁଜୁର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

ଆରଏସପି ସେବାରେ ଚେନ ଡୋଜର ବିଡି-୧୫୫ ନିୟୋଜିତ ହୋଇଛି।

ଗଛ ଲଗାଇ ଜନ୍ମଦିନ ପାଳିଲେ ସାମାଜିକକର୍ମୀ ବର୍ଷା

ସୁନ୍ଦରଗଡ,୨୬।୭(ଜୟ ନାରାୟଣ ମେଣ୍ଢୁଳି)

ନିଜ ଜନ୍ମ ଦିନରେ ୫୦ଟି ଗଛ ଲଗାଇ ଅନ୍ୟମାନଙ୍କ ପାଇଁ ଦୃଷ୍ଟାନ୍ତ ସାଜିବା ସହିତ ପରିବେଶ ସଚେତନତାର ବାର୍ତ୍ତା ଦେଇଛନ୍ତି ସାମାଜିକକର୍ମୀ ବର୍ଷା ସାହୁ। 'ଗ୍ରୀନ ମେମୋରୀ' ବା ସବୁଜ ସ୍ମୃତି ଅଭିଯାନରେ ଅନୁପ୍ରାଣିତ ହୋଇ ସୁନ୍ଦରଗଡ ଜିଲା ଟାଙ୍ଗରପାଲି ବ୍ଲକ ମହୁଲପାଲି ଗ୍ରାମର ଏକ ପଡିଆ ଜମିରେ ନିମ୍ବ, କରଞ୍ଜ, ଜାମୁ, ଜଙ୍ଗଲ ଜିଲେବି, ପିଜୁଳି, ଆମ୍ବ ଆଦି ୫୦ଟି ଗଛ ଲଗାଇ ଏହାର ଆଜୀବନ ଶପଥ ନେବାପାଇଁ ପ୍ରତିଜ୍ଞା କରିଛନ୍ତି ବର୍ଷା। ସ୍ୱଚ୍ଛୋସେବୀ ଅନୁଷ୍ଠାନ ସେବକରେ ଝାରସୁଗୁଡା ଜିଲା ପାଇଁ ମୋ ଜଙ୍ଗଲ ଜମି ଯୋଜନା ପ୍ରକଳ୍ପରେ ଜିଲା ସଂଯୋଜିକା ପଦବୀରେ ଥିବା ବର୍ଷା ନିଜ ଜନ୍ମ ଦିନର ଗୋଟିଏ ମାସ ପୂର୍ବରୁ ବୃକ୍ଷ ରୋପଣ ନିମନ୍ତେ ଗ୍ରୀନ ମେମୋରୀ ବା ସବୁଜ ସ୍ମୃତି ଅଭିଯାନର ପ୍ରତିଷ୍ଠାତା ଓ ମୁଖ୍ୟ ଆବାହକ ଦିଗମ୍ବର ଉପାଧ୍ୟାୟଙ୍କ ସହିତ ଯୋଜନା କରିଥିଲେ। ସ୍ୱଚ୍ଛୋସେବୀ ଅନୁଷ୍ଠାନ ସେବକ ଓ ତାଙ୍କର କର୍ମକର୍ତ୍ତାଙ୍କ ସହଯୋଗରେ ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉଜ୍ଜଳପୁର ବନାଞ୍ଚଳ ଅଧିକାରୀ ଦେବଦତ୍ତ ନନ୍ଦ ଏହିବୃକ୍ଷରୋପଣ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ବର୍ଷାଙ୍କ ଏହି ଉଦ୍ୟମକୁ ପ୍ରଶଂସା କରିବା ସହ ସବୁଜ ସ୍ମୃତି ଅଭିଜାନର ସଫଳତାର କାମନା କରିଥିଲେ।

ଜି ସାର୍ଥକର ଦିଦି ନଂ.-୧ରେ ରାଉରକେଲାର ମୋନାଲିସା

ରାଉରକେଲା,୨୬।୭(ଦିନେଶ ମିଶ୍ର)

ରାଉରକେଲାର ମୋନାଲିସା ସାହୁ ଜି ସାର୍ଥକର ଦିଦି ନଂ-୧ରେ ବିଜୟୀ ହୋଇଛନ୍ତି। ଜି ସାର୍ଥକରେ ପ୍ରସାରିତ ଦିନି ନଂ-୧ରେ(ନୂଆ ଓଡିଶା ନୂଆଉତ୍ସବ-୨୦୨୪)ରେ ସୁନ୍ଦରଗଡ ଜିଲାରୁ ପ୍ରତିନିଧିତ୍ୱ କରି ଫାଇନାଲ ରାଉଣ୍ଡ ପର୍ଯ୍ୟନ୍ତ ପହଞ୍ଚିଥିଲେ। ଏହି ସଫଳତାରେ ଜିଲା ତଥା ସମଗ୍ରୀ ଓଡିଶାବାସୀଙ୍କ ଭଲପାଇବା ଓ ଆର୍ଶୀବାଦ ତାଙ୍କ ଉପରେ ରହିଛି ବୋଲି ମୋନାଲିସା କହିଛନ୍ତି। ମୋନାଲିସା ଡ. ଆମ୍ବେଡକର ମେମୋରିଆଲ ରେସିଡେନସିଆଲରେ ଯୁକ୍ତ ୨ ବିଜ୍ଞାନର ରସାୟନିକ ବିଭାଗରେ ଅଧାପିକା ଭାବେ କାର୍ଯ୍ୟ କରୁଛନ୍ତି।

ନିଲମ୍ବିତ ହେଲେ ପ୍ରଧାନ ଶିକ୍ଷକ

ଲହୁଣୀପଡା,୨୬।୭(ଦାଶରଥି ପଣ୍ଡା)

ସୁନ୍ଦରଗଡ ଜିଲା ଲହୁଣୀପଡା ବ୍ଲକ କୁଲିପୋଷ ପଞ୍ଚାୟତ ଗଡରୁଆ ପ୍ରାଥମିକ ବିଦ୍ୟାଳୟରେ ବିଭିନ୍ନ ଦାବି ନେଇ ଅଭିଭାବକ ଓ ଗ୍ରାମବାସୀ ବୁଧବାର ବିଦ୍ୟାଳୟରେ ତାଲା ପକାଇଥିଲେ। ବିଦ୍ୟାଳୟରେ ଶିକ୍ଷକଙ୍କ ଅନୁପସ୍ଥିତି, ଶିକ୍ଷାଦାନରେ ଅବହେଳା ଓ ଶିକ୍ଷକଙ୍କ ମୁନମୁଖୀ କାର୍ଯ୍ୟକଳାପ ତଥା ଛାତ୍ରୀଛାତ୍ରଙ୍କୁ ନିୟମିତ ମଧ୍ୟାହ୍ନ ଭୋଜନ ଦେଉ ନ ଥିବା ଅଭିଯୋଗରେ ବିଦ୍ୟାଳୟରେ ତାଲା ପକାଇଥିଲେ। ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ମାନସ ରଞ୍ଜନ ସାହୁଙ୍କୁ ଏହି ବିଦ୍ୟାଳୟରୁ ଅନ୍ୟତ୍ର ବଦଳି କରା ନ ଯିବା ପର୍ଯ୍ୟନ୍ତ ବିଦ୍ୟାଳୟରେ ତାଲା ପଡିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଥିଲେ। ଖବର ପ୍ରଚାରିତ ହେବା ପରେ ବିଇଓ ଅଫିସ ତରଫରୁ ସିଆରସିଙ୍କୁ ତଦନ୍ତ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଏହା ସହିତ ଗୁରୁବାର ଦିନ ମଧ୍ୟ ଏବିଇଓ ନରହରି କିସାନ ତଦନ୍ତ କରି ରିପୋର୍ଟ ବିଇଓ ଅଫିସରେ ଦାଖଲ କରିବା ସହିତ ସମ୍ପୃକ୍ତ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ମାନସ ରଞ୍ଜନ ସାହୁଙ୍କୁ ଚାକିରିରୁ ନିଲମ୍ବିତ କରିଛନ୍ତି। ଏଥିସହ ବିଦ୍ୟାଳୟ ଚାଲିବା ସମୟରେ ଲଟେଇମୁଣ୍ଡି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଉପସ୍ଥିତ ରହିବେ ବୋଲି ସୂଚନା ଦେଇଥିଲେ। ଜିଲାଶିକ୍ଷାଅଧିକାରୀ କାର୍ଯ୍ୟାଳୟରୁ ପରବର୍ତ୍ତି ନିର୍ଦ୍ଦେଶ ଆସିବା ପରେ ପୁନଃଶ୍ଚ ପଦକ୍ଷେପ ଗ୍ରହଣ କରାଯିବ ବୋଲି ବିଇଓ ଭଗବାନ ବାଙ୍କିରା ପ୍ରକାଶ କରିଥିବା ଜଣାପଡିଛି।

ଭାଜପା ଯୁବ ମୋର୍ଚ୍ଚା ପକ୍ଷରୁ କାର୍‌ଗିଲ ବିଜୟ ଦିବସ

ରାଜଗାଙ୍ଗପୁର,୨୬।୭(ଅଶୋକ ପାଣି)

ରାଜଗାଙ୍ଗପୁରରେ ଭାଜପା ଯୁବ ମୋର୍ଚ୍ଚା ସଭାପତି ଅମିତ ସିବହରିଙ୍କ ନେତୃତ୍ୱରେ କାରଗିଲ ବିଜୟ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ରାଜଗାଙ୍ଗପୁର ଲିପଲୋଇ ଠାରେ ଥିବା ଶହିଦ ପ୍ରଦୀପ ପଣ୍ଡାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହିତ ଦ୍ୱୀପ ପ୍ରଜ୍ୱଳନ କରାଯାଇ କାରଗିଲ ଯୁଦ୍ଧରେ ଶହିଦଙ୍କ ଉଦ୍ଦେଶ୍ୟରେ ବିଭିନ୍ନ ବକ୍ତାଙ୍କ ଦ୍ୱାରା ସ୍ମୃତିଚାରଣ କରାଯାଇଥିଲା ଓ ଦେଶଭକ୍ତିର ସ୍ଲୋଗାନ ମାନ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ଭାଜପା ନଗର ମଣ୍ଡଳ ସଭାପତି ରାଜନ ସୋନି, ମହିଳା ମୋର୍ଚ୍ଚା ସଭାପତି ସୁଭଦ୍ରା ରାଉତ, ବରିଷ୍ଠ ନେତା ମହେନ୍ଦ୍ର ମାଝୀ, ତ୍ରିବିକ୍ରମ ପୃଷ୍ଟେଟ, ଶେଖର ଦାହିମା, ଛବି ଜେନା, ରେଖା ଅଗ୍ରୱାଲଙ୍କ ସମେତ ବହୁ ଭାଜପା କର୍ମୀବୃନ୍ଦ ଉପସ୍ଥିତ ଥିଲେ।

ସ୍ୱାଧୀନତା ଦିବସ ପାଳନ ନେଇ ପ୍ରସ୍ତୁତି ବୈଠକ

ରାଉରକେଲା,୨୬।୭(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ପ୍ରଶାସନ ତରଫରୁ ଆଇଟିଡିଏ ସମ୍ମିଳନୀ କକ୍ଷଠାରେ ୭୮ତମ ସ୍ୱାଧୀନତା ଦିବସ ପାଳନ ନେଇ ଏକ ପ୍ରସ୍ତୁତି ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଆୟୋଜିତ ବୈଠକରେ ରାଉରକେଲା ଅତିରିକ୍ତ ଜିଲାପାଳ ତଥା ଆର୍‌ଏମ୍‌ସି ଆୟୁକ୍ତ ଆଶୁତୋଷ କୁଲକର୍ଣ୍ଣୀ ଅଧ୍ୟକ୍ଷତା କରିଥିବା ବେଳେ ଆର୍‌ଏମ୍‌ସି ଉପାୟୁକ୍ତ ପଲ୍ଲଭୀ ନାୟକ, ରାଉରକେଲା ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗ ଅଧିକାରୀ ସୀମା ଫାତିମା ଏକ୍କା ଏବଂ ରାଉରକେଲା ତହସିଲଦାର ନିବେଦିତା ପ୍ରଧାନ ସାମିଲ ଥିଲେ। ୭୮ତମ ସ୍ୱାଧୀନତା ଦିବସ ପାଳନ ନେଇ ସମୟ ନିର୍ଘଣ୍ଟ ସହିତ ଦିବସ ପାଳନର ବିଭିନ୍ନ କାର୍ଯ୍ୟକ୍ରମ ଉପରେ ସମୀକ୍ଷା ହୋଇଥିଲା। ବୈଠକରେ ଚଳିତବର୍ଷ ଦିବସ ପାଳନ ନେଇ ବିଭିନ୍ନ ସଂଗଠନ ଓ ବିଦ୍ୟାଳୟଗୁଡ଼ିକରେ ସକାଳ ୬ଟାରେ ପ୍ରଭାତଫେରୀ, ୭ଟା ୫୦ ମିନିଟ୍‌ରେ ତ୍ରିରଙ୍ଗା ପତାକା ଉତ୍ତୋଳନ ଓ ପରେ ସହରର ବିଭିନ୍ନ ସ୍ଥାନରେ ସ୍ଥାପିତ ହୋଇଥିବା ସ୍ୱାଧୀନତା ସଂଗ୍ରାମୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବା ନେଇ ଧାର୍ଯ୍ୟ ହୋଇଥିଲା। ରାଉରକେଲା ପ୍ରଶାସନ ପକ୍ଷରୁ ଉଦିତନଗର ସରକାରୀ ଉଚ୍ଚ ବିଦ୍ୟାଳୟ ପରେଡ୍ ଗ୍ରାଉଣ୍ଡରେ ପୂର୍ବାହ୍ନ ୯ଟା ୧୫ ମିନିଟ୍‌ରେ ଜାତୀୟ ପତାକା ଉତ୍ତୋଳନ ଏବଂ ଜାତୀୟ ସଙ୍ଗୀତ ଗାନ କରାଯିବା କାର୍ଯ୍ୟକ୍ରମ ଧାର୍ଯ୍ୟ କରାଯାଇଛି। ଏଥିସହ ଅଗଷ୍ଟ ୧୧,୧୨ ଓ ୧୩ରେ ୩ଦିନ ବ୍ୟାପୀ ଶୋଭାବର୍ଦ୍ଧକ ପରେଡ୍ ପ୍ରଦର୍ଶନ ନିମନ୍ତେ ପରେଡ୍ ଅଭ୍ୟାସ ହେବ। ସ୍ୱାଧୀନତା ଦିବସ ପାଳନକୁ ନେଇ ଆର୍‌ଜିଏଚ୍‌ର ରୋଗୀଙ୍କୁ ଫଳ ଓ ମିଷ୍ଟାନ୍ନ ବଣ୍ଟନ ହେବା ବୈଠକରେ ସର୍ବସମ୍ମତିକ୍ରମେ ଧାର୍ଯ୍ୟ କରାଯାଇଛି।

ବୈଠକରେ ଉପସ୍ଥିତ ଥିବା ପ୍ରଶାସନିକ ଅଧିକାରୀ।

ୟୁନିୟନ ବ୍ୟାଙ୍କ ଅଫ ଇଣ୍ଡିୟା Union Bank of India
ଭାରତ ସରକାର କା ଉପକ୍ରମ A Government of India Undertaking

କ୍ଷେତ୍ରୀୟ କାର୍ଯ୍ୟାଳୟ : ବାଲେଶ୍ୱର
ମାଣିଖମ୍ବ, ଓଟି ରୋଡ଼, ପୋଲିସ୍ ଲାଇନ୍, ଭାସ୍କରଗଞ୍ଜ, ଜିଲ୍ଲା: ବାଲେଶ୍ୱର, ପିନ୍-୭୫୬୦୦୧,
ଇ-ମେଲ୍: crld.robalasore@unionbankofindia.bank,
ମୋ.: ୮୯୨୮୯୧୭୪୧୧

ସ୍ଥାବର/ଅସ୍ଥାବର ସମ୍ପତ୍ତିଗୁଡିକର ବିକ୍ରୟ ନିମନ୍ତେ ବିକ୍ରୟ ବିଜ୍ଞପ୍ତି

ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ ର ଧାରା ୮(୬) ଏବଂ ୯(୧) ଅନୁଯାୟୀ ସ

ଟ୍ରକ୍ ମାଲିକ ସଂଘ ନିର୍ବାଚନ ବେଆଇନ

ପୁନଃ ନିର୍ବାଚନ ପାଇଁ ଅଦାଲତର ଦ୍ୱାରସ୍ଥ ହେଲେ ପ୍ରତିପକ୍ଷ ମାଲିକ

ବ୍ରଜରାଜନଗର,୨୬।୭(ବିଜୟ ବରାଡ଼)

ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ଟ୍ରକ ମାଲିକ ସଂଘ ନିର୍ବାଚନ ଗତ ମାସ ୨୬ ତାରିଖରେ ଶେଷ ହୋଇଥିଲା। ବିଜୟୀ ପ୍ରାର୍ଥୀମାନେ ଚଞ୍ଚକତା କରି ପୁରାତନ ସଦସ୍ୟଙ୍କ ନାମକୁ କାଟି ନୂତନ ସଦସ୍ୟଙ୍କ ନାମକୁ ଯୋଡି ନିର୍ବାଚନ କରାଇଥିଲେ। ସେ ନିର୍ବାଚନ ସ୍ୱଚ୍ଛତା ନ ଥିବା ଅଭିଯୋଗ କରି ଅଦାଲତର ଦ୍ୱାରସ୍ଥ ହୋଇଛନ୍ତି ନିର୍ବାଚନରେ ପରାଜିତ ପ୍ରାର୍ଥୀ। ପରାଜିତ ପ୍ରାର୍ଥୀମାନେ ସ୍ଥାନୀୟ ଏକ ହୋଟେଲରେ ଖବରଦାତା ସମ୍ମିଳନୀ କରି ନିର୍ବାଚନକୁ ଅସିଦ୍ଧ ଘୋଷଣା କରିବା ସହିତ ପୁନଃ ନିର୍ବାଚନ କରିବାକୁ ଦାବି କରିଛନ୍ତି। ସୂଚନାଯୋଗ୍ୟ ଯେ, ଚଳିତ ନିର୍ବାଚନରେ ସଭାପତି ଭାବେ ଦେବ ପ୍ରସାଦ ଦାସ, ସାଧାରଣ ସମ୍ପାଦକ ଧନଞ୍ଜୟ ସିଂ, ଉପସଭାପତି ଅରୁଣ ଯାଦବ, ଯୁଗ୍ମ ସମ୍ପାଦକ ମଧୁସୂଦନ ସିଂ ଓ କୋଷାଧ୍ୟକ୍ଷ ଭାବେ ମଧୁସୂଦନ ସିଂ ନିର୍ବାଚିତ ହୋଇଥିଲେ। ଏହି ନିର୍ବାଚନରେ ଚଞ୍ଚକତା କରି ପୂର୍ବରୁ ସଦସ୍ୟତା ଥିବା ୩୫ଜଣଙ୍କ ନାମକୁ କାଟିଥିବା ପରାଜିତ ପ୍ରାର୍ଥୀମାନେ ଅଭିଯୋଗ କରିଛନ୍ତି।

ପରାଜିତ ପ୍ରାର୍ଥୀମାନଙ୍କ ଅଭିଯୋଗ ଅନୁଯାଇ ଚଳିତ ନିର୍ବାଚନରେ ଯେଉଁ ୫ଜଣ ଜିତିଛନ୍ତି, ସେମାନେ ୨ବର୍ଷ ହେବ ବ୍ରଜରାଜନଗର ଟ୍ରକ ମାଲିକ ସଂଘର ପଦ ପଦବୀରେ ଅଛନ୍ତି। ତାଙ୍କ ହାତରେ ଟ୍ରକ୍ ମାଲିକ ସଂଘର ସମସ୍ତ ଦସ୍ତାବିଜ ରହିଛି। ଚଳିତ ନିର୍ବାଚନରେ ନାମାଙ୍କନ ଦାଖଲ ସମୟରେ ସମସ୍ତ ଭୋଟରଙ୍କ ନାମ ନୋଟିସ ବୋର୍ଡରେ ଲାଗିବା କଥା। ନାମାଙ୍କନ ସମୟରେ ପରାଜିତ ସଭାପତି ରଜନୀକାନ୍ତ ସାମଲ ଭୋଟର ତାଲିକା ମାଗିଥିଲେ, ସେ ସମୟରେ ତାଙ୍କୁ ଭୋଟର ତାଲିକା ଦିଆଯାଇ ନ ଥିଲା। ୨୬ ତାରିଖର ନିର୍ବାଚନ ତାରିଖ ଘୋଷଣା ହେଲା। ୨୦ ତାରିଖରେ ଭୋଟର ତାଲିକା ପ୍ରକାଶ ପାଇଲା। ସେଥିରେ ୩୫ଜଣଙ୍କ ନାମକୁ କାଟି ନୂତନ ଭାବେ ୩୫ଜଣଙ୍କ ନାମକୁ ଯୋଡ଼ାଯାଇଥଲା। ନାମ କଟିଥିବା ୩୫ଜଣଙ୍କ ମଧ୍ୟରୁ ୪ଜଣ ୨୧ ତାରିଖରେ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ। ଉଚ୍ଚ ନ୍ୟାୟାଳୟ ୨୫ ତାରିଖରେ ଜିଲାପାଳଙ୍କୁ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଜିଲା ପ୍ରଶାସନ କୌଣସି ପଦକ୍ଷେପ ଗ୍ରହଣ ନ କରି ନିର୍ବାଚନ କରିବାକୁ ସୁଯୋଗ ଦେଲେ। ଫଳରେ ନିର୍ବାଚନ ହୋଇଗଲା। ପରାଜିତ ପ୍ରାର୍ଥୀ ରଜନୀକାନ୍ତ ସାମଲ, ଅଚେଲାଲ ସିଂ ରାଜା ପୁରୋହିତ, ମୁକେଶ ସିଂ ପ୍ରମୁଖ ଜିଲାପାଳଙ୍କୁ ଅଭିଯୋଗ କଲେ। ବର୍ତ୍ତମାନ ଜିଲାପାଳ ନିର୍ବାଚନର ସଦସ୍ୟତା ଓ ନିର୍ବାଚନରେ ହୋଇଥିବା ଅନିୟମିତତା ଉପରେ ତଦନ୍ତ କରି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଅତିରିକ୍ତ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଘଟଣା ସମ୍ପର୍କରେ ନିର୍ବାଚିତ ସଭାପତି ଦେବ ପ୍ରସାଦ ଦାସଙ୍କୁ ପଚାରିବାର ୪ଜଣଙ୍କର ନାମ ଭୁଲ ବଶତଃ କଟିଥିଲା । ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶକ୍ରମେ ସେମାନଙ୍କୁ ଭୋଟ ଦେବାକୁ କୁହାଯାଇଥିଲା। ସେମାନେ ଭୋଟ ଦେଇଥିଲେ, ସେ ବଡ଼ ବ୍ୟବଧାନରେ ଜିତିଛନ୍ତି। ପରାଜିତ ପ୍ରାର୍ଥୀମାନେ ସଦାବେଳେ କିଛିନା କିଛି ବାହାନା କରନ୍ତି, ଆଜି ବି କରୁଛନ୍ତି। ତାଙ୍କ ଅଭିଯୋଗର କୌଣସି ସତ୍ୟତା ନ ଥିବା ପ୍ରକାଶ କରିଛନ୍ତି।

ହାଇୱା ଧକ୍କାରେ ପାଚେରି ଭାଙ୍ଗିଲା

ଦୁର୍ଘଟଣା ପରେ ଚାଳକ ଫେରାର

କୋଲାବିରା,୨୬।୭(ଚିନ୍ମୟ କୁମାର ବହିଦାର)

ଝାରସୁଗୁଡା ଜିଲା କୋଲାବିରା ବ୍ଲକ କାର୍ଯ୍ୟାଳୟ ସମ୍ମୁଖ ଭାଗରେ ଥିବା ମିଶନ ଶକ୍ତି କେଫ୍ ପାଚେରି ହାଇୱା ଧକ୍କାରେ ଭାଙ୍ଗିଯାଇଛି। ଶୁକ୍ରବାର ଭୋର ୫ଟାରେ ଏକ ୧୪ ଚକିଆ ହାଇୱା (ନଂ.ଓଡି ୧୫ଜି ୮୬୪୫) କୁଚିଣ୍ଡା ପଟୁ ଝାରସୁଗୁଡା ପଟକୁ ପାଉଁଶ ଅନଲୋଡ କରି ଫେରୁଥିବା ବେଳେ ଭାରସାମ୍ୟ ହରେଇ ଡାହାଣ କଡରେ ଥିବା ମିଶନ ଶକ୍ତି କେଫ୍ ପାଚେରିଙ୍କୁ ଧକ୍କାଦେଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏଥିରେ କେଫ୍‌ର ପାଚେରି ଭାଙ୍ଗିଯାଇଥିବା ବେଳେ ଚାଳକ ଘଟଣାସ୍ଥଳରୁ ତୁରନ୍ତ ଫେରାର ହୋଇଥିଲେ। ଖବର ପାଇ କୋଲାବିରା ପୋଲିସ ପହଞ୍ଚି ଗାଡି ଜବତ୍ କରି ଘଟଣାର ତଦନ୍ତ କରୁଛି। ପ୍ରାତଃ ଭ୍ରମଣରେ ଯାଇଥିବା ଲୋକଙ୍କ କହିବା ଅନୁଯାୟୀ ଗାଡିଟି ଦ୍ରୁତଗତିରେ ଆସୁଥିଲା ଏବଂ ଯୋରରେ ଶବ୍ଦ ହୋଇ ଦୁର୍ଘଟଣା ଗ୍ରସ୍ତ ହୋଇଥିଲା। ସହାୟତା ପାଇଁ ଗାଡି ନିକଟକୁ ପହଞ୍ଚିବା ବେଳକୁ ଚାଳକ ବାହାରି ଦୌଡି ଫେରାର ହୋଇଥିଲେ।

ମ୍ୟାଲେରିଆ, ଡେଙ୍ଗୁ, ଫାଇଲେରିଆ ସଚେତନତା ବୈଠକ

ଦେବଗଡ଼, ୨୬।୭(ଶଶାଙ୍କଶେଖର ଝାଙ୍କର)

ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ଜିଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ମ୍ୟାଲେରିଆ, ଡେଙ୍ଗୁ, ଫାଇଲେରିଆ ଓ କୁର୍ମୀନାଶକ ସଚେତନତା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ସୋମେଶ କୁମାର ଉପାଧ୍ୟାୟ ଯୋଗଦେଇ ମ୍ୟାଲେରିଆ, ଡେଙ୍ଗୁ, ଫାଇଲେରିଆ ଓ କୁର୍ମୀନାଶକ ସତର୍କତା ଓ ସଚେତନତା ଉପରେ ଆଲୋକପାତ କରିଥିଲେ। ମଶା କାମୁଡିବା ଦାଉରୁ ନିୟମିତ ମଶାରୀ ବ୍ୟବହାର କରିବା ନିମନ୍ତେ ଜନସଚେତନତା ପାଇଁ ପରାମର୍ଶ ଦେଇଥିଲେ। ବୈଠକରେ ଡିପିଏଚ୍ ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ଡ. ମନୋରଞ୍ଜନ ସାମଲ, ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ପ୍ରଭାତ କୁମାର ଓଝା, ଭି.ବି.ଡି.ସନ୍ତୋଷ କୁମାର ଷଡ଼ଙ୍ଗୀ, ଡେପୁଟି ମ୍ୟାନେଜର ପ୍ରଜ୍ୱଜନ ସ୍ୱାସ୍ଥ୍ୟ ଯୋଜନା ରାଣୀ ଶର୍ମା, ଅତିରିକ୍ତ ଶିକ୍ଷା ଅଧିକାରୀ ବିନୋଦ ସିଂ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର, ଜିଲାସ୍ତରୀୟ ଅଧିକାରୀ, ଲାଇନ ବିଭାଗ ଅଧିକାରୀ, ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

ପୌର ପରିଷଦ ପକ୍ଷରୁ ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ

ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟନ କରୁଛନ୍ତି ପୌରାଧ୍ୟକ୍ଷା ଓ ଉପସ୍ଥିତ ଅଛନ୍ତି ବିଜେଡି ଦଳର ଅନ୍ୟ କର୍ମୀ।

ଝାରସୁଗୁଡ଼ା,୨୬।୭(ସଞ୍ଜୟ ମାଲି)

ସହରସ୍ଥିତ ପୌର ପରିଷଦ ପକ୍ଷରୁ ଶୁକ୍ରବାର ପୌରାଧ୍ୟକ୍ଷା ରାନୀ ହାତୀ ଯୋଗଦେଇ ବିଭିନ୍ନ ପ୍ରକଳ୍ପ ଉଦଘାଟନ କରିଥିଲେ। ସୂଚନା ଅନୁସାରେ ଝାରସୁଗୁଡା ସହରାଞ୍ଚଳର ବିଭିନ୍ନ ସ୍ଥାନରେ ସାଧାରଣ ଲୋକଙ୍କ ପାଇଁ ଶୌଚାଳୟ, ଝାରସୁଗୁଡା ଏସ୍‌ପି କାର୍ଯ୍ୟାଳୟ ସମ୍ମୁଖରେ ନବନିର୍ମିତ ଗାନ୍ଧୀ ମୂର୍ତ୍ତି ଏବଂ କଳ୍ପ କଲୋନୀ ନିକଟରେ ଏକ ନୂତନ ପାର୍କ ସ୍ଥାନୀୟ ଜନସାଧାରଣଙ୍କ ପାଇଁ ଉଦ୍‌ଘାଟିତ କରାଯାଇଛି। ଏଭଳି ଉନ୍ନୟନ ମୂଳକ କାର୍ଯ୍ୟ ଝାରସୁଗୁଡା ପୌରାଞ୍ଚଳରେ ଜାରି ରହିବ ବୋଲି ପୌରାଧ୍ୟକ୍ଷା କହିଥିଲେ। ଝାରସୁଗୁଡ଼ା ପୌର ପରିଷଦ ପକ୍ଷରୁ ପୌରାଞ୍ଚଳର ବିଭିନ୍ନ ୱାର୍ଡରେ ଶୌଚାଳୟ, ଓପନଜିମ ଓ ମିନିପାର୍କଗୁଡ଼ିକୁ ଲୋକାର୍ପିତ କରାଯାଇଛି। ମଙ୍ଗଳବଜାର ୱର୍ଡ ନଂ. ୨୦ରେ ସାର୍ବଜନୀନ ସୁଲଭ ଶୌଚାଳୟ, ୱାର୍ଡ ନଂ. ୧୬ ପୂର୍ତ୍ତ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ସାର୍ବଜନୀନ ସୁଲଭ ଶୌଚାଳୟ, ୱାର୍ଡ ନଂ.୧୯ ମୁଖ୍ୟ ରାସ୍ତାରେ ସାର୍ବଜନୀନ ସୁଲଭ ଶୌଚାଳୟ, ୱାର୍ଡ ନଂ.୨୩ ପୁରୁଣା ବସଷ୍ଟାଣ୍ଡ ଛକରେ ସାର୍ବଜନୀନ ସୁଲଭ ଶୌଚାଳୟ, ୱାର୍ଡ ନଂ.୧୦ କଳ୍ପ କୋଲୋନୀଠାରେ ସାର୍ବଜନୀନ ସୁଲଭ ଶୌଚାଳୟ ଏବଂ ଓପନଜିମ,ଏସପି ଅଫିସ ସମ୍ମୁଖରେ ଡାଣ୍ଡି ଯାତ୍ରାର ପ୍ରତିମା ଉନ୍ନୋଚିତ କରିଥିଲେ। ଉଦ୍‌ଘାଟନୀ ସମାରୋହରେ ଝାରସୁଗୁଡ଼ା ଉପାଧ୍ୟକ୍ଷ ବେଣୁଗୋପାଲ ପାଣିଗ୍ରାହୀ, ସମସ୍ତ ୱାର୍ଡର କାଉନସିଲରଙ୍କ ସମେତ ବିଜୁ ଜନତା ଦଳର ଜିଲା ସଭାପତି ରବି ସିଂହ, ବରିଷ୍ଠ ବିଜେଡି ନେତା ତାପସରାୟ ଚୌଧୁରୀ, ପିଣ୍ଟୁ ପାଢ଼ୀ, ମଦନ ହାତୀ ପ୍ରମୁଖ ଯୋଗଦେଇଥିଲେ ।

ହାତିଆ ନାଳ ଜଳସେଚନ ପ୍ରକଳ୍ପ କାର୍ଯ୍ୟକ୍ଷମ ଦାବି

- ବିଧାନ ସଭାରେ ପ୍ରଶ୍ନ ଉଠାଇଲେ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ
- ଝାରସୁଗୁଡା ମୁଖ୍ୟ ଚିକିତ୍ସାଳୟରେ ବର୍ଣ୍ଣ ୟୁନିଟ ସ୍ଥାପନ

ଝାରସୁଗୁଡ଼ା,୨୬।୭(ସଞ୍ଜୟ ମାଲି)

ଝାରସୁଗୁଡା ବିଧାନସଭା କ୍ଷେତ୍ରର ଲଇକେରା, କିର୍ମିରା ଓ କୋଲାବିରା ବ୍ଲକରେ ଜଳସେଚନ କ୍ଷେତ୍ରରେ ରହିଥିବା ସମସ୍ୟା ଦୂର କରିବା ତଥା ମଙ୍ଗଳବଜାର ହସ୍ପିଟାଲ ପୁନଃ କାର୍ଯ୍ୟକ୍ଷମ କରିବା ଓ ଜିଲା ମୁଖ୍ୟ ହସ୍ପିଟାଲରେ ବର୍ଣ୍ଣ ୟୁନିଟ ସ୍ଥାପନ ପାଇଁ ବିଧାନସଭାରେ ଦାବି କରିଛନ୍ତି ଝାରସୁଗୁଡା ବିଧାୟକ ଟଙ୍କଧର ତ୍ରିପାଠୀ। ଲଇକେରା, କିର୍ମିରା ଓ କୋଲାବିରା ବ୍ଲକର ଚାଷୀଙ୍କ ପାଇଁ ହାତିଆନାଳ ଡ୍ୟାମ ନିର୍ମାଣ କରାଯାଇଥିଲା। ଏହିଡ୍ୟାମ ପଟୁମାଟିରେ ପୋତିହୋଇପଡିଛି। ଫଳରେ ଜଳଧାରଣ କ୍ଷମତା ହ୍ରାସ ପାଇଛି। ଡ୍ୟାମରେ ପାଣି ରହୁନାହିଁ। ହାତିଆନାଳ ଡ୍ୟାମରୁ ମାଟି କାଢ଼ି ପୁନରୁଦ୍ଧାର ପାଇଁ ଦାବି କରିବା ସହିତ ଅନେକ ଉଠାଜଳସେଚନ ପ୍ରକଳ୍ପ ଅଚଳ ହୋଇପଡ଼ି ରହିଥିବାରୁ ତାହା ପୁନଃ କାର୍ଯ୍ୟକ୍ଷମ କରାଯିବାକୁ ବିଧାୟକ

ଟଙ୍କଧର ତ୍ରିପାଠୀ

ଦାବି କରିଛନ୍ତି। ଚାଷୀଙ୍କ ସମସ୍ୟା ଦୂର କରିବା ପାଇଁ ଅଚଳ ପଡିଥିବା ସମସ୍ତ ଉଠାଜଳସେଚନ ପ୍ରକଳ୍ପଗୁଡିକୁ କାର୍ଯ୍ୟକ୍ଷମ କରିବା ଦାବି କରିଛନ୍ତି ଝାରସୁଗୁଡା ବିଧାୟକ। ସେହିପରି ମଙ୍ଗଳବଜାର ହସ୍ପିଟାଲ ପୁନଃ କାର୍ଯ୍ୟକ୍ଷମ ଓ ଝାରସୁଗୁଡା ମୁଖ୍ୟ ଚିକିତ୍ସାଳୟରେ ବର୍ଣ୍ଣ ୟୁନିଟ ସ୍ଥାପନା ଦାବି କଲେ ବିଧାୟକ ଟଙ୍କଧର। ଝାରସୁଗୁଡାରେ ସ୍ୱାସ୍ଥ୍ୟସେବା ସମସ୍ୟା ସମ୍ପର୍କରେ ବିଧାନସଭାରେ ଝାରସୁଗୁଡା ବିଧାୟକ ଟଙ୍କଧର ତ୍ରିପାଠୀ ପ୍ରଶ୍ନ କରିବା ସହ ସମସ୍ୟା ଦୂର ପାଇଁ ଦାବି କରିଛନ୍ତି। ଝାରସୁଗୁଡା ଜିଲାରେ ଅନେକ କଳକାରଖାନା ରହିଛି। ନିତିଦିନ ଅନେକ ଛୋଟବଡ ଦୁର୍ଘଟଣା ଘଟୁଛି। ହେଲେ ଆଜି ପର୍ଯ୍ୟନ୍ତ ଜିଲା ମୁଖ୍ୟ ଡାକ୍ତରଖାନାରେ ଆଇସିୟୁ ଓ ବର୍ଣ୍ଣ ୟୁନିଟ ବ୍ୟବସ୍ଥା କାଯାଇନାହିଁ। ଝାରସୁଗୁଡା ମଙ୍ଗଳବଜାରଠାରେ ଥିବା ପୁରୁଣା ଜିଲା ସଦର ଡାକ୍ତରଖାନା କୋଠାରେ ନୂତନ ଡାକ୍ତରଖାନା କାର୍ଯ୍ୟକ୍ଷମ କରିବାକୁ ଦାବି କରିଛନ୍ତି। ଜିଲା ସଦର ଡାକ୍ତରଖାନାକୁ ୮ କି.ମି. ଦୂରକୁ ଉଠାଇ ନିଆଯିବା ପରେ ସହରବାସୀ ସ୍ୱାସ୍ଥ୍ୟସେବାକୁ ନେଇ ସମସ୍ୟା ଭୋଗୁଛନ୍ତି। ରାତ୍ରିରେ ଔଷଧ ଖୋଜିଲେ ଝାରସୁଗୁଡାରେ ମିଳୁନାହିଁ। ଫଳରେ ସହରର ଲୋକେ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ପୂର୍ବ ସରକାରଙ୍କ ଉଦାସୀନତା ଯୋଗୁ ମଙ୍ଗଳବଜାର ଡାକ୍ତରଖାନା ଭୁତକୋଠି ପାଲଟିଯାଇଛି। ସହରବାସୀଙ୍କ ସମସ୍ୟା ଦେଖି ମଙ୍ଗଳବଜାର ଡାକ୍ତରଖାନାକୁ ଅର୍ବାନ ସିଏଚସି କରିବାକୁ ପୂର୍ବ ସରକାର ଘୋଷଣା କରିଥିଲେ। ମାତ୍ର ଏଯାଏଁ ତାହା କାର୍ଯ୍ୟକାରୀ ହେଲାନାହିଁ। ନୂତନ ଡାକ୍ତରଖାନା ଯଥାଶୀଘ୍ର କାର୍ଯ୍ୟକ୍ଷମ କରିବା ପାଇଁ ବିଧାନସଭାରେ ବିଧାୟକ ଟଙ୍କଧର ତ୍ରିପାଠୀ ଦାବି କରିଛନ୍ତି।

ବାଇକ୍ ଧକ୍କାରେ ଅବସରପ୍ରାପ୍ତ ଶିକ୍ଷକ ଗୁରୁତର

କୋଲାବିରା,୨୬।୭(ଚିନ୍ମୟ କୁମାର ବହିଦାର)

ଝାରସୁଗୁଡା ଜିଲା କୋଲାବିରା ଗ୍ରାମ ଉପରପଡାର ଅବସରପ୍ରାପ୍ତ ଶିକ୍ଷକ ଅଶୋକ କୁମାର ବେହେରା ପ୍ରତଃ ଭ୍ରମଣରେ ଯାଇ ପୂଜା ପାଇଁ ଫୁଲ ନେଇ ଘରକୁ ଫେରୁଥିବା ସମୟରେ ଏକ ଅଜଣା ବାଇକ୍ ଧକ୍କାରେ ଗୁରୁତର ଆହତ ହୋଇଛନ୍ତି। ତାଙ୍କ ମୁଣ୍ଡା ଏବଂ ଗୋଡରେ ଗଭୀର କ୍ଷତ ହୋଇଥିବା ଜଣାପଡିଛି। ଚିକିତ୍ସା ପରେ ଏବେ ସେ ଘରେ ଅଛନ୍ତି। ନିତିଦିନ ପରି ଭୋରରୁ ବେହେରା ପ୍ରାତଃ ଭ୍ରମଣରେ ବାହାରି ଫେରିଲା ବେଳକୁ ଘରେ ପୂଜା ପାଇଁ କିଛି ଫୁଲ ନେଇ ଫେରିବା ତାଙ୍କ ନିତିଦିନିଆ ରୁଟିନ। ଶୁକ୍ରବାର ମଧ୍ୟ ଏହିକ୍ରମରେ ସେ ବାହାରି ଘରକୁ ଫେରୁଥିବା ସମୟରେ ବ୍ଲକ କାର୍ଯ୍ୟାଳୟ ସାମନାରେ ପଛପଟୁ ଏକ ବାଇକ ତାଙ୍କୁ ଧକ୍କା ଦେଇ ଚାଲିଯାଇଥିଲା। ଧକ୍କାରେ ତାଙ୍କ ମୁଣ୍ଡ ଏବଂ ଗୋଡରେ ଗଭୀର ଆଘାତ ଲାଗିବା ସହିତ ସେ ଗୁରୁତର ଆହତ ହୋଇଥିଲେ। ଉକ୍ତ ରାସ୍ତାରେ ଯାତାୟାତ କରୁଥିବା ଲୋକେ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ।

ରାସ୍ତା ଅବସ୍ଥା ଶୋଚନୀୟ

ଝାରସୁଗୁଡ଼ା,୨୬।୭(ସଞ୍ଜୟ ମାଲି)

ଝାରସୁଗୁଡା–ସମ୍ବଲପୁର ରାଜ୍ୟ ରାଜପଥ ବାଇପାସ ନିକଟରୁ ସଞ୍ଜୀବନୀ ହସ୍ପିଟାଲ, ଗୋଶାଳା ଦେଇ ସହର ମୁଖ୍ୟ ମାର୍ଗକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତା ଦୀର୍ଘ କିଛି ବର୍ଷରୁ ଶୋଚନୀୟ ଅବସ୍ଥାରେ ପଡ଼ି ରହିଛି। ଏହି ରାସ୍ତା ଦେଇ ପ୍ରତିଦିନ ଶିଳ୍ପାନୁଷ୍ଠାନ କର୍ମଚାରୀ ସହ ସାରସମାଲ, ମରାକୁଟା, ଜମେର ଆଉ ଅନେକ ଗ୍ରାମର ଲୋକେ ଦିନରାତି ସହରକୁ ଯିବାଆସିବା କରନ୍ତି। ପାଖରେ ଥିବା ନର୍ସିଂହୋମ ମଧ୍ୟ ପ୍ରତିଦିନ ଶହ ଶହ ଲୋକେ ଆସୁଛନ୍ତି। ସାମାନ୍ୟ ବର୍ଷାରେ ଆଣ୍ଠୁଏ ପାଣି ଜମୁଥିବା ବେଳେ ଲଗାଣ ବର୍ଷା ହେଲେ ଏହି ରାସ୍ତା ଦେଇ ଯିବାଆସିବା ପାଇଁ ଲୋକଙ୍କୁ ଅସୁବିଧା ହୋଇଥାଏ। ଅନେକ ସମୟରେ ଏହି ରାସ୍ତାରେ ବାଇକ ଚାଳକମାନେ ଭାରସାମ୍ୟ ହରାଇ ଦୁର୍ଘଟଣାର ଶିକାର ହୁଅନ୍ତି। ଦୀର୍ଘ ଦିନରୁ ଏହି ରାସ୍ତା ମରାମତି ପାଇଁ ଦାବି ହୋଇଆଥିଲେ ସୁଦ୍ଧା ପ୍ରଶାସନ ନୀରବଦ୍ରଷ୍ଟା ସାଜି ବସିଛି। ଅନେକ ଥର ସ୍ଥାନୀୟ ଲୋକେ ପୌର ପରିଷଦ ଲିଖିତ ଅଭିଯୋଗ କରିଥିଲେ। କିନ୍ତୁ ପୌର ପରିଷଦ ପକ୍ଷରୁ ଆଜି ଯାଏଁ ଏହି ରାସ୍ତା ମରାମତି କରାଗଲା ନାହିଁ। ଆଗକୁ ଯଦି ଜିଲା ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନ ନେଲେ ରାଜାରାସ୍ତା ଜାମ କରିବୁ ବୋଲି ଅଞ୍ଚଳବାସୀ କହିଛନ୍ତି।

କୋଲାବିରାରେ କାର୍‌ଗିଲ ବିଜୟ ଦିବସ

କୋଲାବିରା,୨୬।୭(ଚିନ୍ମୟ କୁମାର ବହିଦାର)

ଝାରସୁଗୁଡା ଜିଲା କୋଲାବିରାସ୍ଥିତ ସମଲେଶ୍ୱରୀ ସାହିତ୍ୟ ସଂସଦ ପକ୍ଷରୁ କାର୍‌ଗଲ ବିଜୟ ଦିବସ ୨୫ବର୍ଷ ପୂର୍ତ୍ତି ଅବସରରେ ଶୁକ୍ରବାର ଅପରାହ୍ନରେ ସଂସଦର ଅସ୍ଥାୟୀ କାର୍ଯ୍ୟାଳୟରେ ଏକ ସାମୂହିକ ପ୍ରାର୍ଥନା ସଭା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ସୈନିକ ତଥା ସଂସଦର ସଂପାଦକ କିର୍ତ୍ତି ଚନ୍ଦ୍ର ବହିଦାରଙ୍କ ପରିଚାଳନାରେ କୋଲାବିରା ଜମିଦାର ବୀର ଅମରେନ୍ଦ୍ର ପ୍ରତାପ ସିଂହ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟଅତିଥି ଭାବେ କୋଲାବିରା ଗ୍ରାମ୍ୟ ଉନ୍ନୟନ କମିଟି ସଭାପତି ବୀରେନ୍ଦ୍ର କୁମାର ମହାପାତ୍ର, ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଚେତାନନ୍ଦ ନଈ, ସମାସିଂହା ସରପଞ୍ଚ କରୁଣାକର ସେଟ୍, ପୂର୍ବତନ ସରପଞ୍ଚ ତୁଳାରାମ ସେନାପତି, ଆଇନଜୀବୀ ପ୍ରକାଶ ଚନ୍ଦ୍ର ହୋତାଙ୍କ ସମେତ ବହୁ ସଚେତତନ ନାଗରିକ ଯୋଗଦେଇ ୧୯୯୯ରେ କାରଗିଲ ଯୁଦ୍ଧରେ ପ୍ରାଣହରାଇଥିବା ୫୨୭ଜଣ ଶହୀଦଙ୍କୁ ସାହୁହିକ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ। ସେହିପରି ଆହତ ଯବାନଙ୍କ ଦୀର୍ଘଜୀବନ କାମନା କରି ଦେଶପାଇଁ ପ୍ରାଣବଳୀ ଦେଇଥିବା କାର୍‌ଗିଲ ଯୁଦ୍ଧର ବୀରତ୍ୱର ତଥା ଯୁଦ୍ଧରେ ଶହୀଦ ବୀର ଯବାନଙ୍କ ସ୍ମୃତି ଚାରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନାଗରୀକ ବିରଞ୍ଚି କୁମାର ପଟେଲ, ସ୍ମୃତି ରଞ୍ଜନ ରାଏ, ପ୍ରବୀଣ ସାହୁ, ଭିମ ଭଞ୍ଜ, ଶ୍ରୀମନ୍ତ ସାହୁ, ଦେବାଶିଷ ସିଂ ଠାକୁର, ଆଲୋକ ମହାପାତ୍ର, ସୁବ୍ରତ ଦାସ, ଯୋଗେନ୍ଦ୍ର ରାଏ ପ୍ରମୁଖ ଯୋଗଦେଇ ସମସ୍ତ ଅମର ସୁପୁତ୍ରଙ୍କୁ ନମନ ଜଣାଇଥିଲେ।

କୃଷି ସମବାୟ ସମିତି ପକ୍ଷରୁ ଚାରା ରୋପଣ କାର୍ଯ୍ୟକ୍ରମ

ଦେବଗଡ,୨୬।୭(ଶଶାଙ୍କଶେଖର ଝାଙ୍କର):

ଦେବଗଡ଼ ଜିଲା ବାରକୋଟ ବ୍ଲକ ମଧ୍ୟପୁର ପ୍ରାଥମିକ କୃଷି ସମବାୟ ସମିତି ପକ୍ଷରୁ ଶୁକ୍ରବାର ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସମିତିର ସ୍ଥାୟୀ ସଭାପତି ଭାରତ ଭୂଷଣ ପ୍ରଧାନ ଓ ସମ୍ପାଦକ ରତ୍ନାକର ମହାନ୍ତଙ୍କ ସମେତ ବହୁ ସଦସ୍ୟ ଏବଂ ଡାଇରେକ୍ଟର ଉପସ୍ଥିତ ରହି ସମିତିର ଆମ୍ବ ବଗିଚାରେ ବିଭିନ୍ନ କିସମର ବୃକ୍ଷ ଚାରା ରୋପଣ କରିଥିଲେ।

ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନରେ ଶିକ୍ଷା ସପ୍ତାହ

ଦେବଗଡ,୨୬।୭(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ସ୍ଥିତ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନରେ ଦୁଇ ଦିନ ଧରି ଶିକ୍ଷା ସପ୍ତାହ ପାଳିତ ହୋଇଯାଇଛି। ବରିଷ

ଗାଡ଼ି ଧକ୍କାରେ ମହିଳାଙ୍କ ମୃତ୍ୟୁ

କୁଚିଣ୍ଡା,(ବିରଞ୍ଚି ଦର୍କା): ସମ୍ବଲପୁର ଜିଲା ଗୋବିନ୍ଦପୁର ଥାନା ଅନ୍ତର୍ଗତ ବାମରା-ଗରିଆମାଲ ରାସ୍ତା ଲମତାପୁଟ ଛକରେ ଶୁକ୍ରବାର ରାତି ପ୍ରାୟ ୮ଟାରେ ଗାଡି ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ଗୋବିନ୍ଦପୁର ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ମୃତାଙ୍କ ପରିଚୟ ମିଳିନାହିଁ। ତେବେ ସେ ଗତ କିଛି ଦିନ ହେବ ବାମରା, ଶର୍ଗିଡିହି, ଲମତି ଆଦି ଗ୍ରାମରେ ବୁଲି ଭିକ୍ଷାବୃତ୍ତି କରୁଥିଲେ। ତେବେ କେଉଁ ପରିସ୍ଥିତିରେ ସେ ଦୁର୍ଘଟଣାର ଶିକାର ହେଲେ ତାହା ଜଣାପଡିନାହିଁ। ମୃତ ମହିଳାଙ୍କ ବୟସ ୪୦ ରୁ ୪୫ ହେବ ବୋଲି ପୋଲିସ ଅନୁମାନ କରୁଛି।

ବଜେଟ୍‌ରେ ଚାଷୀଙ୍କ ପାଇଁ କୌଣସି ନୂତନତ୍ୱ ନାହିଁ

ସମ୍ବଲପୁର,୨୬।୭(ପ୍ରମୋଦ ବହିଦାର)

ଖବରଦାତା ସମ୍ମିଳନୀରେ ପଶ୍ଚିମ ଓଡ଼ିଶା କୃଷକ ସଙ୍ଗଠନ ସମନ୍ୱୟ ସମିତି କର୍ମକର୍ତ୍ତା।

କୃଷିକ୍ଷେତ୍ର ପାଇଁ ଉଭୟ କେନ୍ଦ୍ରୀୟ ଓ ରାଜ୍ୟ ବଜେଟ୍ ନୈରାଶ୍ୟଜନକ। ଯେଉଁ ପ୍ରତିଶ୍ରୁତି ଦେଇ ଭାଜପା କ୍ଷମତା ହାସଲ କରିଥିଲା ବର୍ତ୍ତମାନ ସେଥିରୁ ଓହରି ଯାଇଛି ବୋଲି କହିଛି ସମ୍ବଲପୁର ଜିଲା କୃଷକ ସୁରକ୍ଷା ସଙ୍ଗଠନ ସମନ୍ୱୟ ସମିତି। ସ୍ଥାନୀୟ ସାମ୍ବାଦିକ ଭବନରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସମନ୍ୱୟ ସମିତି ପକ୍ଷରୁ ଓଡ଼ିଶାର କୃଷି ଓ କୃଷକଙ୍କ ପ୍ରତି କରାଯାଇଥିବା ଅବହେଳାକୁ ନିନ୍ଦା କରାଯାଇଥିଲା। ଚଳିତ ବଜେଟ୍‌ରେ ଚାଷୀଙ୍କ ପାଇଁ ସେଭଳି କୌଣସି ନୂତନତ୍ୱ ନାହିଁ ବୋଲି ସମନ୍ୱୟ ସମିତି ପକ୍ଷରୁ ଅଭିଯୋଗ କରାଯାଇଛି।

ସଙ୍ଗଠନ ସଭାପତି ଉମେଶ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ପଶ୍ଚିମ ଓଡ଼ିଶା କୃଷକ ସଙ୍ଗଠନ ସମନ୍ୱୟ ସମିତି ସଭାପତି ଅଶୋକ ପ୍ରଧାନ କହିଛନ୍ତି ଯେ, ୨୦୧୪ ସାଧାରଣ ନିର୍ବାଚନ ସମୟରେ ଚାଷୀଙ୍କ ଦୁର୍ଦ୍ଦଶାକୁ ପ୍ରସଙ୍ଗ କରିବା ସହ ସ୍ୱାମୀନାଥନ କମିଶନଙ୍କ ରିପୋର୍ଟ ଅନୁଯାୟୀ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ଧାର୍ଯ୍ୟ ପାଇଁ ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେଇ କ୍ଷମତାକୁ ଆସିଥିଲା ଭାଜପା। କମିଶନଙ୍କ ରିପୋର୍ଟ ଆସି ସାରିଥିଲେ ମଧ୍ୟ ଏହାକୁ ସାର୍ବଜନୀନ କରାଯାଇନାହିଁ। ଏପରିକି ୨୦୧୯ ନିର୍ବାଚନ ପରଠାରୁ କୃଷି ବଜେଟ ୫.୪୪ ପ୍ରତିଶତରୁ କମି ଚଳିତ ବଜେଟ୍‌ରେ ଏହା ୩.୧୫କୁ ଖସି ଆସିଛି। ସେହିପରି ପ୍ରଧାନମନ୍ତ୍ରୀ ସମ୍ମାନ ନିଧି ଯୋଜନାରେ ୧୪ କୋଟି ଚାଷୀଙ୍କ ଅନ୍ତର୍ଭୁକ୍ତିକରଣ ଲକ୍ଷ୍ୟ ବର୍ତ୍ତମାନ ଆସି ଚାଷୀଙ୍କ ସଂଖ୍ୟା ୧୦ କୋଟିରେ ପହଞ୍ଚିଛି। ଫଳରେ ଅବଶିଷ୍ଟ ଚାଷୀ ସରକାରଙ୍କ ଏହି ଯୋଜନା ସୁଫଳ ପାଇବାରୁ ବଞ୍ଚିତ ହେଉଛନ୍ତି। ଏହାବ୍ୟତୀତ ଚଳିତ ବଜେଟ୍‌ରେ ଉଭୟ ୟୁରିଆ ଓ ପୁଷ୍ଟିକର(ନ୍ୟୁଟ୍ରବେସ୍‌ଡ) ସାର ପାଇଁ ବଜେଟ୍‌କୁ ହ୍ରାସ ଦ୍ୱାରା ସାର ଅଭାବ ସହ ସାରର କଳାବଜାର ବୃଦ୍ଧି ପାଇବା ଆଶଙ୍କା ସୃଷ୍ଟି ହୋଇଛି ବୋଲି କହିଛନ୍ତି ଚାଷୀ ନେତା ପ୍ରଧାନ। ନୂତନ ସରକାର ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୧୧୭ ଟଙ୍କା ବୃଦ୍ଧି କରିଛନ୍ତି। ରାଜ୍ୟ ସରକାର ଏଥିରେ ଚାଷୀଙ୍କୁ ପ୍ରତି କୁଇଣ୍ଟାଲ ୮ ଶହ ଟଙ୍କା ବୋନସ ଦେବାକୁ ପ୍ରତିଶ୍ରୁତି ମଧ୍ୟ ଦେଇ ଚଳିତ ବଜେଟ୍‌ରେ ଏଥିପାଇ ୫ ହଜାର କୋଟି ଟଙ୍କା ବ୍ୟୟବରାଦ କରିଛନ୍ତି। ଫଳରେ ଚାଷୀ କୁଇଣ୍ଟାଲ ପ୍ରତି ୩୧ ଶହ ଟଙ୍କା ପାଇବ। ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ତେବେ ରାଜ୍ୟରେ ୭୭ରୁ ୮୦ ଲକ୍ଷ ମେଟ୍ରିକ ଟନ୍ ଧାନ ସଂଗହ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିବା ବେଳେ ବୋନସ ବାବଦକୁ ପ୍ରାୟ ୬୩୦୦ରୁ ୬୫୦୦ କୋଟି ଟଙ୍କାର ଆବଶ୍ୟକତା ଥିବାବେଳେ ଚଳିତ ବଜେଟ୍‌ରେ ଏଥିପାଇଁ ମାତ୍ର ୫ ହଜାର କୋଟି ଟଙ୍କା ଘୋଷଣା କରାଯାଇଛି। ଫଳରେ ଲକ୍ଷ୍ୟ ପୂରଣ ପାଇଁ ପ୍ରାୟ ୧୩ ଶହରୁ ୧୫ଶହ କୋଟି ଟଙ୍କା ନିଅଣ୍ଟ ପଡିବ ବୋଲି ଅଭିଯୋଗ କରିଛନ୍ତି ଚାଷୀ ନେତା ପ୍ରଧାନ।

ସମନ୍ୱୟ ସମିତି ପ୍ରବକ୍ତା ସରୋଜ କହିଛନ୍ତି, ଚାଷ ପାଇଁ ବର୍ଷା ଉପରେ ନିର୍ଭରଶୀଳ ବାମରା, କୁଚିଣ୍ଡା, ଜମନକିରା ସହିତ ସୁନ୍ଦରଗଡ଼, ଝାରସୁଗୁଡ଼ା, ବୌଦ୍ଧ ଆଦି ଜିଲା ଭଳି ଅଣ ଜଳସେଚିତ ଅଞ୍ଚଳର ଚାଷୀଙ୍କ ପାଇଁ ଜଳସେଚନର କୌଣସି ବ୍ୟବସ୍ଥା ହୋଇନାହିଁ। ସେହପରି ରାଜ୍ୟରେ ଧାନ ସଂଗ୍ରହ ପ୍ରକ୍ରିୟା ଆଦୌ ବ୍ୟବସ୍ଥିତ ନହେଁ। ଏଥିରେ ସୁଧାର ଆଣି ଧାନ ସଂଗ୍ରହକୁ ଶୃଙ୍ଖଳିତ କରିବାକୁ ସେ ଗୁରୁତ୍ୱାରୋପ କରିଥିଲେ। ରାଜ୍ୟର ସମସ୍ତ ଜିଲାରେ ସମାନ ପରିମାଣର ଧାନ ଉତ୍ପାଦନ ହୋଇ ନ ଥାଏ। ତେଣୁ ଚାଷକ୍ଷେତ୍ରରେ ଅଭିଜ୍ଞତା ନ ଥିବା ଅଧିକାରୀଙ୍କ ବଦଳରେ ଅଭିଜ୍ଞତା ଥିବା ଚାଷୀ, ମିଲରଙ୍କ ସହ ପ୍ରଶାସନିକ ଅଧିକାରୀଙ୍କ ସହ ଆଲୋଚନା ପୂର୍ବକ ରାଜ୍ୟରେ ଧାନ ସଂଗ୍ରହ ନୀତି ନିର୍ଦ୍ଧାରଣ କରିବାକୁ ସେ ଦାବି କରିଥିଲେ। ଧାନ ସଂଗ୍ରହ ପାଇଁ ଧାର୍ଯ୍ୟ ଲକ୍ଷ୍ୟକୁ ବର୍ଦ୍ଧିତ କରିବା, ପ୍ରଧାନମନ୍ତ୍ରୀ ସମ୍ମାନ ନିଧି ଯୋଜନାରେ ଚାଷୀଙ୍କ ପଞ୍ଜିକରଣ ସଂଖ୍ୟା ବୃଦ୍ଧି, ଧାନ ସଂଗ୍ରହ ଲକ୍ଷ୍ୟ ପୂରଣ ପାଇଁ ଆବଶ୍ୟକ ନିଅଣ୍ଟିଆ ଅର୍ଥର ବ୍ୟବସ୍ଥା, ପଶ୍ଚିମ ଓଡ଼ିଶାରେ ବିଭିନ୍ନ ମରୁଡ଼ି ଅଞ୍ଚଳରେ ଜଳ ସେଚନ ବ୍ୟବସ୍ଥା ଦିଗରେ ତୁରନ୍ତ ପଦକ୍ଷେପ ନେବାକୁ ଜିଲା ପ୍ରଶାସନ ଓ କୃଷି ବିଭାଗ ନିକଟରେ ସେ ଦାବି କରିଛନ୍ତି। ଆବଶ୍ୟକ ପଦକ୍ଷେପ ଗ୍ରହଣ କରା ନ ଗଲେ ଆଗାମୀ ଦିନରେ ଚାଷୀମାନେ ରାସ୍ତାକୁ ଓହ୍ଲାଇବାକୁ ବାଧ୍ୟ ହେବେ ବୋଲି ସଙ୍ଗଠନ ପକ୍ଷରୁ ଚେତାବନୀ ଦିଆଯାଇଛି।

ଖବରଦାତା ସମ୍ମିଳନୀରେ ବର୍ଷିଲା କୃଷକ ସୁରକ୍ଷା ସଙ୍ଗଠନ ସମନ୍ୱୟ ସମିତି

ଉପକୃତ ହେବେ ୧୫ହଜାର ବିଦ୍ୟୁତ୍ ଉପଭୋକ୍ତା

ବରଗଡ ଜିଲାର ଟିପିଡବ୍ଲ୍ୟୁଓଡିଏଲ ପକ୍ଷରୁ ସ୍ଥାପନ କରାଯାଇଥିବା ନୂତନ ୩୩ କେ.ଭି. ଫିଡର ଲାଇନ।

ସମ୍ବଲପୁର,୨୬।୭(ବି.ଶଙ୍କର)

- ଚୋର ଗ୍ରୀଣ୍ଡୋଲାରୁ ଉଦୟପାଲି ଯାଏ ୩୩ କେ.ଭି. ଫିଡରଲାଇନ କାର୍ଯ୍ୟକ୍ଷମ
- ବରଗଡ ଜିଲାରେ ଟିପିଡବ୍ଲ୍ୟୁଓଡିଏଲର ଉଲ୍ଲେଖନୀୟ କାର୍ଯ୍ୟ

ବରଗଡ ଜିଲାରେ ଟିପିଡବ୍ଲ୍ୟୁଓଡିଏଲ ପକ୍ଷରୁ ଉଲ୍ଲେଖନୀୟ କାର୍ଯ୍ୟ କରାଯାଇଛି। ବିଦ୍ୟୁତ୍ ବିତରଣର ଗୁଣବତ୍ତା ପାଇଁ ଏହାର ଭିତ୍ତିଭୂମି ସୁଦୃଢ କରିବାକୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛି। ଭଟଲି ବ୍ଲକର ଘରୋଇ, କୃଷି ଏବଂ ଶିଳ୍ପ ଉପଭୋକ୍ତାମାନଙ୍କ ପାଇଁ ଚୋର ଗ୍ରୀଣ୍ଡୋଲା ୧୩୨/୩୩ କେ.ଭି. ଗ୍ରୀଡ ସବଷ୍ଟେଶନଠାରୁ ଉଦୟପାଲି ୩୩/୧୧ କେ.ଭି. ପ୍ରାଇମେରୀ ସବଷ୍ଟେଶନ ପର୍ଯ୍ୟନ୍ତ ଏକ ନୂତନ ୩୩ କେ.ଭି. ଫିଡର ଲାଇନ ସ୍ଥାପନ କରାଯାଇଛି । ଏହା ପୂର୍ବରୁ ଭଟଲି ବ୍ଲକର ବିଦ୍ୟୁତ୍ ଉପଭୋକ୍ତାମାନଙ୍କୁ ପ୍ରଧାନପାଲି ଗ୍ରୀଡ ସବଷ୍ଟେଶନରୁ ୩୩ କେଭି ଡୁଙ୍ଗୁରି ଫିଡର ଲାଇନ ମାଧ୍ୟମରେ ବିଦ୍ୟୁତ୍ ସେବା ଯୋଗାଇ ଦିଆଯାଉଥିଲା । ମାତ୍ର ଅତ୍ୟାଧିକ ବିଦ୍ୟୁତ୍ ଚାହିଦା ଯୋଗୁ ପ୍ରଧାନପାଲି ଗ୍ରୀଡ ସବଷ୍ଟେଶନରେ ଓଭର ଲୋଡିଂର ସମସ୍ୟା ଦେଖା ଦେଉଥିଲା । ଏହି କାରଣରୁ ଉପଭୋକ୍ତାମାନଙ୍କୁ ସ୍ଥିର ତଥା ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣରେ ବାଧା ସୃଷ୍ଟି ହେଉଥିଲା । ତେଣୁ ଏହି ସମସ୍ୟାର ସମାଧାନ ପାଇଁ ଟିପିଡବ୍ଲ୍ୟୁଓଡିଏଲ ଚୋର ଗ୍ରୀଣ୍ଡୋଲା ୧୩୨/୩୩ କେଭି ଗ୍ରୀଡ ସବଷ୍ଟେଶନଠାରୁ ଉଦୟପାଲି ୩୩/୧୧ କେ.ଭି. ପ୍ରାଇମେରୀ ସବଷ୍ଟେଶନ ପର୍ଯ୍ୟନ୍ତ ୧୨ କିଲୋମିଟର ଦୂରତାର ଏକ ନୂତନ ୩୩ କେଭି ଲାଇନ ସ୍ଥାପନ କରାଯାଇଛି। ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ ହେବା ଦ୍ୱାରା ଉଦୟପାଲି, ହାଲୁପାଲି, ହାତିସର, ଉର୍ଦ୍ଦୁନା, ଭାଦିଗାଓଁ, କାଶୀପାଲି, ନବରଙ୍ଗପୁର ଏବଂ ବିଚୁଆଁ ଭଳି ଅଞ୍ଚଳର ପ୍ରାୟ ୧୫,୦୦୦ ବିଦ୍ୟୁତ୍ ଉପଭୋକ୍ତା ଉପକୃତ ହେବେ। ଟିପିଡବ୍ଲ୍ୟୁଓଡିଏଲ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରବୀଣ ବର୍ମା କହିଛନ୍ତି ଯେ, ବରଗଡ ଜିଲା ପାଇଁ କମ୍ପାନୀ ଏହାର ଭିତ୍ତିଭୂମି ବିକାଶ କାର୍ଯ୍ୟକଳାପକୁ ପ୍ରାଥମିକତା ଦେଉଛି । ସେହିପରି ପ୍ରକଳ୍ପ କାର୍ଯ୍ୟକାରୀ ଦଳକୁ ଯୋଜନାବଦ୍ଧ ସମୟ ମଧ୍ୟରେ ଏହିପରି ସମସ୍ତ ପଦକ୍ଷେପକୁ ସମାପ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ମୋଟ ୩.୨୮ କୋଟି ଟଙ୍କା ବ୍ୟୟରେ ଏବଂ ୮ ମାସ ମଧ୍ୟରେ ଏହି ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇ କାର୍ଯ୍ୟକ୍ଷମ କରାଯାଇଛି ।

ଅତାବିରାରେ କାର୍‌ଗିଲ ବିଜୟ ଦିବସ ପାଳନ

ସରଣ୍ଡା,୨୬।୭(ଯୁଧିଷ୍ଠିର ମହାପାତ୍ର)

ବରଗଡ଼ ଜିଲା ଅତାବିରା ହୋଲିହାର୍ଟ ପବ୍ଲିକ ସ୍କୁଲଠାରେ କାର୍‌ଗିଲ ବିଜୟ ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ଅବସରପ୍ରାପ୍ତ ସର୍ଜେଣ୍ଟ ଅରୁଣ କୁମାର ବାରିକ, କ୍ୟାପଟେନ କୈଳାଶ ଚନ୍ଦ୍ର ଚାନ୍ଦ ଓ ଲ୍ୟୁଟେନାଣ୍ଟ କାଶିଶ୍ୱର ବେହେରା ସଭାରେ ଯୋଗଦାନ କରି ତାଙ୍କ ଅନୁଭୂତି ବର୍ଣ୍ଣନା କରିଥିଲେ। ସଭାରେ କାର୍‌ଗିଲ ଯୁଦ୍ଧରେ ବଳିଦାନ ହୋଇଥିବା ଶହୀଦମାନଙ୍କ ଉଦ୍ଦେଶ୍ୟରେ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। କାର୍ଗିଲ ଯୁଦ୍ଧରେ ଯୋଗଦାନ କରିଥିବା କ୍ୟାପଟେନ କୈଳାଶ ଚନ୍ଦ୍ର ଚାନ୍ଦ ତାଙ୍କ ଅନୁଭୂତି ଓ ସାହସିକତା ବିଷୟରେ ବର୍ଣ୍ଣନା କରିଥିଲେ।

ଭାଜପାର କାର୍‌ଗିଲ ବିଜୟ ଦିବସ

ସମ୍ବଲପୁର,୨୬।୭(ବି.ଶଙ୍କର)

କାରଗିଲ ବିଜୟ ଦିବସର ୨୫ବର୍ଷ ପୂର୍ତ୍ତି ଅବସରରେ ସମ୍ବଲପୁର ଜିଲା ଭାଜପା ପକ୍ଷରୁ ସମଲେଶ୍ୱରୀ ମନ୍ଦିରରେ ଦୀପଦାନ କାର୍ଯ୍ୟକ୍ରମ ଶୁକ୍ରବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ବିଧାୟକ ଜୟନାରାୟଣ ମିଶ୍ରଙ୍କ ଅନୁପସ୍ଥିତିରେ ତାଙ୍କ କନ୍ୟା ଶୁଭଶ୍ରୀ ମିଶ୍ରଙ୍କ ନେତୃତ୍ୱରେ ଦିବସ କାର୍ଯ୍ୟକ୍ରମ ହୋଇଥିଲା। ୨୫ ବର୍ଷ ପୂର୍ତ୍ତି ଅବସରରେ ୨୫ ଘଣ୍ଟା ପାଇଁ ବଡ଼ ଦୀପ ପ୍ରଜ୍ୱଳନ କରାଯାଇଥିଲା। କାର୍ଯ୍ୟକର୍ତ୍ତା ଦୀପ ପ୍ରଜ୍ୱଳନ କରି ସହିଦଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଶନିବାର ଯୁବମୋର୍ଚ୍ଚା ପକ୍ଷରୁ ବାଇକ ରାଲି ଓ ବୀର ଯବାନଙ୍କୁ ସମ୍ମାନ ଜଣାଇବା ପାଇଁ ନାରୀସେବା ସଦନରେ ଶ୍ରଦ୍ଧାଞ୍ଜଳି ସଭା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି । କାର୍ଯ୍ୟକ୍ରମରେ ଜିଲା ସାଧାରଣ ସମ୍ପାଦକ ଅନିଲ ବେହେରା, ଜିଲା କୃଷକ ମୋର୍ଚ୍ଚା ସଭାପତି ସମୀର ରଞ୍ଜନ ବାବୁ, ଶିବ ଦିୱାନ, କାହ୍ନୁରାମ ଶର୍ମା, ଦିଲୀପ ଶର୍ମା, ଗୁରଦୀପ ଗିଲ, ଅଜିତ ବେହେରା, ଗୋପାଳ ଅଗ୍ରୱାଲ, ମାନସ ରଞ୍ଜନ ବକ୍ସି, ରୁନୁ ପ୍ରଧାନ, ଅଞ୍ଜଳି ଛୁରା, ମୁନମୁନ ସୌଦାଗର, ସୀତାକାନ୍ତି ମେସୁଆ, ସୁମି ପରିଡା, ଲକ୍ଷ୍ମୀପ୍ରିୟା ଜେନା, ପ୍ରଭାସିନୀ ଦାଶ, ମଞ୍ଜୁଲତା ଓରାମ ସାମିଲ ଥିଲେ।

ରେଳ ମଣ୍ଡଳ ନିରାପତ୍ତା ବିଭାଗ ପକ୍ଷରୁ ଆଲୋଚନାଚକ୍ର

ଆଲୋଚନାଚକ୍ରକୁ ଉଦ୍‌ଘାଟନ କରୁଛନ୍ତି ସମ୍ବଲପୁର ରେଳ ମଣ୍ଡଳ ପ୍ରବନ୍ଧକ ତୁଷାରକାନ୍ତ ପାଣ୍ଡେ ।

ସମ୍ବଲପୁର,୨୬।୭(ପ୍ରମୋଦ ବହିଦାର)

ସମ୍ବଲପୁର ରେଳ ମଣ୍ଡଳ ନିରାପତ୍ତା ବିଭାଗ ପକ୍ଷରୁ ଶୁକ୍ରବାର ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ରେଳବାଇ ରେଳବାଇ କେଲାନିସ୍ଥ ଅଧିକାରୀ କ୍ଲବରେ ଆୟୋଜିତ ଦୁର୍ଘଟଣାର କାରଣ ଓ ପ୍ରତିରୋଧ ଶୀର୍ଷକ ଆଲୋଚନାଚକ୍ରକୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ସମ୍ବଲପୁର ରେଳ ମଣ୍ଡଳ ପ୍ରବନ୍ଧକ ତୁଷାରକାନ୍ତ ପାଣ୍ଡେ ଉଦ୍‌ଘାଟନ କରିଥିଲେ। ନିରାପତ୍ତା ନିୟମ ପ୍ରଭାବିତ କରୁଥିବା କୌଣସି ପ୍ରକାର ଶର୍ଟକର୍ଟ ପ୍ରଣାଳୀ ଗ୍ରହଣ ନ କରିବାକୁ ନିରାପତ୍ତା ବିଭାଗର ଅଧିକାରୀ ଓ କର୍ମଚାରୀଙ୍କୁ ସେ ନିର୍ଦ୍ଦେଶ ଦେଇଥିଲେ। ଟ୍ରେନ୍ ଚଳାଚଳରେ ସୁରକ୍ଷା ବୃଦ୍ଧି ପାଇଁ ସମସ୍ତ ପ୍ରକାର ସମ୍ଭାବ୍ୟ ପଦକ୍ଷେପ ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ। ପୂର୍ବତଟ ରେଳବାଇ ଯାତ୍ରୀ ପରିବହନ ମୁଖ୍ୟ ପ୍ରବନ୍ଧକ ଜେ.ପି.ମିଶ୍ର ଟ୍ରେନ ଚଳାଚଳରେ ନିରାପତ୍ତା ଓ ସମୟାନୁବର୍ତ୍ତିତାକୁ ନିଶ୍ଚିତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଅତିରିକ୍ତ ରେଳ ମଣ୍ଡଳ ପ୍ରବନ୍ଧକ ଆନନ୍ଦ ସିଂ ଟ୍ରେନ୍ ଚଳାଚଳ ନିରାପତ୍ତା କ୍ଷେତ୍ରରେ ନୂତନ ଜ୍ଞାନକୌଶଳ ବୃଦ୍ଧି ପାଇଁ କର୍ମଚାରୀଙ୍କ ତାଲିମକୁ ଗୁରୁତ୍ୱ ଦେଇଥିଲେ।

ନିରାପତ୍ତା କାର୍ଯ୍ୟରେ ନିୟୋଜିତ କର୍ମଚାରୀଙ୍କୁ ନିରାପତ୍ତା ପ୍ରଣାଳୀ ଓ ନିୟମ ସମ୍ପର୍କରେ ସଚେତନ କରି ସୁରକ୍ଷିତ ଓ ନିରାପଦ ଯାତ୍ରାକୁ ସୁନିଶ୍ଚିତ କରିବା ଲକ୍ଷ୍ୟରେ ଏହି ଆଲୋଚନାଚକ୍ର ଆୟୋଜିତ ହେଉଛି। ଦୁର୍ଘଟଣାର କେସଷ୍ଟଡି କରି ନିରାପତ୍ତା ପାଇଁ ନୂତନ ରଣନୀତି ପ୍ରସ୍ତୁତ କରାଯାଇଥିଲା। ବରିଷ୍ଠ ମଣ୍ଡଳ ନିରାପତ୍ତା ଅଧିକାରୀ ସମ୍ବିତ ସୌରଭ ନାୟକ ଆଲୋଚନାଚକ୍ରର ସଂଯୋଜନା କରିଥିବା ବେଳେ ବରିଷ୍ଠ ମଣ୍ଡଳ ସଙ୍କେତ ଓ ଦୂର ସଞ୍ଚାର ଯନ୍ତ୍ରୀ ପ୍ରଭାତ କୁମାର, ବରିଷ୍ଠ ମଣ୍ଡଳ ବୈଦ୍ୟୁତିକ ଯନ୍ତ୍ରୀ(ଟିଆଇଡି) ଧୀରେନ୍ଦ୍ର ସିଂ, ବରିଷ୍ଠ ମଣ୍ଡଳ ବୈଦ୍ୟୁତିକ ଯନ୍ତ୍ରୀ(ଓପି) ବିନାୟକ ବେହେରା, ବରିଷ୍ଠ ମଣ୍ଡଳ ଯନ୍ତ୍ରୀ ତତ୍ତ୍ୱଦର୍ଶୀ ସାହୁ, ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ ଗରିମା ତିୱାରୀ, କୋଚିଂ ଡିପୋ ଅଧିକାରୀ ଆଦିତ୍ୟ ସେଠୀ ଦୁର୍ଘଟଣାର କାରଣ ଓ ପ୍ରତିରୋଧ ଶୀର୍ଷକ ଉପରେ ପୃଥକ ପାୱାର ପଏଣ୍ଟ ତଥ୍ୟ ଉପସ୍ଥାପନ କରିଥିଲେ। ମଣ୍ଡଳ ରେଳ ପ୍ରବନ୍ଧକ ପାଣ୍ଡେ ଉପସ୍ଥିତ ଅଧିକାରୀ ଓ କର୍ମଚାରୀଙ୍କୁ ନିରାପତ୍ତାର ଶପଥ ପାଠ କରାଇଥିଲେ। ଏଥିରେ ରେଳବାଇ ଯାନ୍ତ୍ରିକ, ପରିଚାଳନା, ବୈଦ୍ୟୁତିକ, ବାଣିଜ୍ୟ, ମେକାନିକାଲ, ଦୂର ସଞ୍ଚାର ଆଦି ବିଭାଗ କର୍ମଚାରୀ, ଷ୍ଟେଶନମାଷ୍ଟର, ଲୋକୋ ପାଇଲଟ ପ୍ରମୁଖ ଯୋଗ ଦେଇଥିଲେ।

ଡବଲ ଇଞ୍ଜିନ ସରକାରରେ ସମ୍ବଲପୁରବାସୀ ଉପେକ୍ଷିତ: ରୋହିତ

ସମ୍ବଲପୁର,୨୬।୭(ବି.ଶଙ୍କର)

ଡବଲ ଇଞ୍ଜିନ ସରକାର ଓଡ଼ିଶାବାସୀଙ୍କୁ ଡବଲ ଝଟକା ଦେଇଛି। ସଦ୍ୟ ଉପସ୍ଥାପିତ ଓଡ଼ିଶା ବଜେଟ ଉପରେ ପ୍ରତିକ୍ରିୟା ରଖି ପୂର୍ବତନ ମନ୍ତ୍ରୀ ତଥା ଜିଲା ବିଜେଡି ସଭାପତି ଇଂ. ରୋହିତ ପୂଜାରୀ ପ୍ରେସ ବିବୃତି ଜରିଆରେ ଏହା କହିଛନ୍ତି। ସେ କହିଛନ୍ତି ଯେ, କେନ୍ଦ୍ର ବଜେଟ ଭଳି ରାଜ୍ୟ ବଜେଟରେ ମଧ୍ୟ ଭାଜପା ସରକାର ଓଡ଼ିଶାବାସୀଙ୍କୁ ହତାଶ କରିଛନ୍ତି। ପୂର୍ବ ବିଜେଡି ସରକାର ଅମଳର ଯୋଜନାଗୁଡ଼ିକର ନାମ ପରିବର୍ତ୍ତନ କରି ବାହା ନେବାର ହୀନ ରାଜନୀତି କରିଛି ଏହି ସରକାର । ଯେଉଁ ଯୋଜନାଗୁଡିକ ଘୋଷଣା କରିଛନ୍ତି ସେଥିରେ ନୂତନତ୍ୱ ନାହିଁ। ଏହି ବଜେଟରେ ଯୁବ ସମାଜ ପାଇଁ କୌଣସି ନିର୍ଦ୍ଦିଷ୍ଟ ବ୍ୟବସ୍ଥା ନାହିଁ । କ୍ରୀଡା କ୍ଷେତ୍ରରେ ଯେଉଁଭଳି ଯୁବବର୍ଗଙ୍କୁ ଉତ୍ସାହିତ କଲାଭଳି ଆର୍ଥିକ ବ୍ୟବସ୍ଥା ନାହିଁ। ଯୁବତୀ ଯୁବକଙ୍କ ନିଯୁକ୍ତି ଏବଂ ଶିଳ୍ପ ପ୍ରତିଷ୍ଠା ନାମରେ ବିଦେଶରୁ ଯେଉଁ ୨୦୦ ବିଲିଅନ ଡଲାର ପୁଞ୍ଜିନିବେଶ ପାଇଁ କହିଛନ୍ତି ଏହା ଧୂଆଁବାଣ ମାତ୍ର । ବିଗତ ସରକାର ସମୟରେ ମାନେଶ୍ୱର ବ୍ଲକର ବିଭିନ୍ନ ଗ୍ରାମର ଚାଷ ଜମିକୁ ପାଣି ଯୋଗାଇବା ପାଇଁ ଏକ ଯୋଜନା କାର୍ଯ୍ୟକାରି କରିବା ପାଇଁ ପ୍ରସ୍ତାବ ଦିଆଯାଇଥିଲା। କିନ୍ତୁ ଦୁଃଖର ବିଷୟ ମୁଖ୍ୟମନ୍ତ୍ରୀ ଜଳସେଚନ ବିଭାଗର ବିବରଣୀ ଦେବା ସମୟରେ ଏହି ଯୋଜନା ବିଷୟରେ କିଛି ଉଲ୍ଲେଖ କଲେନାହିଁ । ଏହା ସମ୍ବଲପୁରବାସୀଙ୍କ ପାଇଁ ଦୁର୍ଭାଗ୍ୟର ବିଷୟ। ଏଥି ସହିତ ବହୁ ପ୍ରତୀକ୍ଷିତ ରେଢ଼ାଖୋଲର କେରାଣ୍ଡି ଜୋର ପାଇଁ ମଧ୍ୟ କୌଣସି ପ୍ରକାର ବ୍ୟବସ୍ଥା କରାଯାଇନାହିଁ। ସମ୍ବଲପୁରର ବିଧାୟକ ଓ ଏମ୍‌ପି ଶାସକ ଦଳର ହୋଇଥିବା ସତ୍ତ୍ୱେ ସମ୍ବଲପୁରବାସୀଙ୍କ ପାଇଁ ବଜେଟରେ ସେମିତି କିଛିନାହିଁ। ପଶ୍ଚିମାଞ୍ଚଳରେ ତିନୋଟି ହସ୍ତତନ୍ତ୍ର ହବ ନିର୍ମାଣ ପାଇଁ ଘୋଷଣା କରାଯାଇଛି। କିନ୍ତୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦିଷ୍ଟ ଅଞ୍ଚଳ ଗୁଡ଼ିକର ନାମ ଉଲ୍ଲେଖ କରି ନାହାନ୍ତି । ପଶ୍ଚିମ

ପୋଲାଭରମ୍ ସମସ୍ୟା ସମାଧାନ ନ ହେଲେ ଆନ୍ଦୋଳନ: କଂଗ୍ରେସ

ମାଲକାନଗିରି ଜିଲା କଂଗ୍ରେସ ଭବନଠାରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳୀୟ କର୍ମକର୍ତ୍ତା ।

ମାଲକାନଗିରି,୨୬।୭ (ଦୁର୍ଯ୍ୟୋଧନ ପାତ୍ର)

ପୋଲାଭରମ୍ ପ୍ରକଳ୍ପ ଆରମ୍ଭ ହେଲେ ମାଲକାନଗିରି ଜିଲା ପାଇଁ କ୍ଷତି ପହଞ୍ଚାଇବ। ଯଦି ଏହାର କୌଣସି ସମାଧାନ କରା ନ ଯାଏ ତେବେ ଆଗାମୀ ଦିନରେ କଂଗ୍ରେସ ଆନ୍ଦୋଳନ କରିବ ବୋଲି ଶୁକ୍ରବାର ଖବରଦାତା ସମ୍ମିଳନୀରେ ଜିଲା କଂଗ୍ରେସ କମିଟି ସଭାପତି ଗୋବିନ୍ଦ ପାତ୍ର ପ୍ରକାଶ କରିଛନ୍ତି। ମାଲକାନଗିରି କଂଗ୍ରେସ ଭବନ ଠାରେ ଆୟୋଜିତ ଏହି ସମ୍ମିଳନୀରେ ପାତ୍ର କହିଛନ୍ତି, ୨୦୦୪ରେ କଂଗ୍ରେସ ପକ୍ଷରୁ ପୋଲାଭରମ ପ୍ରକଳ୍ପର ଶୁଭ ପଡିଥିଲା। ଏକ ମହତ ଉଦ୍ଦେଶ୍ୟ ରଖି ପ୍ରକଳ୍ପ ଦ୍ୱାରା ଯେପରି କୃଷି, ପାନୀୟ ଜଳ ଓ ବିଦ୍ୟୁତ୍ ପ୍ରକଳ୍ପର ଉନ୍ନତି ହୋଇପାରିବ ସେଥିପ୍ରତି ଗୁରୁତ୍ୱାରୋପ କରାଯାଇଥିଲା। ୨୦୧୪ରେ ମୋଦି ସରକାର ଆସିବା ପରେ ଏହି ପ୍ରକଳ୍ପକୁ ଜାତୀୟ ମାନ୍ୟତା ଦେଇଥିଲେ। ପ୍ରକଳ୍ପ କାର୍ଯ୍ୟ ଆଗକୁ ବଢାଇଥିଲେ। ଫଳରେ ମାଲକାନଗିରି ଜିଲା ସହ ପଡ଼ୋଶୀ ଛତିଶଗଡ଼ର ବିଭିନ୍ନ ଅଞ୍ଚଳ ଜଳମଗ୍ନ ହେବା ସହ ଅଞ୍ଚଳବାସୀ ଭୟଭୀତ ହୋଇ ରହିଛନ୍ତି। ଏନେଇ କଂଗ୍ରେସ ପୂର୍ବରୁ ବହୁବାର ଆନ୍ଦୋଳନ କରିଆସୁଥିଲେ ମଧ୍ୟ କେନ୍ଦ୍ର ସରକାର ଏହାର ସୁବିଚାର ନ କରି ଆନ୍ଧ୍ର ସରକାରଙ୍କୁ ପ୍ରୋତ୍ସାହନ ଦେଉଛନ୍ତି। ସେହିପରି ବିନା ଜନଶୁଣାଣିରେ ଏହି ପ୍ରକଳ୍ପ କାର୍ଯ୍ୟ ଚାଲୁଥିବା ଦେଖିବାକୁ ମିଳୁଛି। ଡବଲ ଇଞ୍ଜିନ ସରକାର ରାଜ୍ୟ ଓ କେନ୍ଦ୍ରରେ ରହି ନିଜ ଦୋଷ ଦୁର୍ବଳତାକୁ ଲୁଚେଇବାକୁ ଯାଇ କଂଗ୍ରେସ ଉପରେ ଦୋଷ ଲଦୁଛନ୍ତି ବୋଲି ପାତ୍ର କହିଥିଲେ। ଏହି ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ନେତା ଜି. ଶ୍ରୀନିବାସ ରାଓ, ପି. କେଶୁ ରାଓ, ବରିଷ୍ଠ ନେତା ମାଲା ମାଢି, ପ୍ରାଣକୃଷ୍ଣ ମଣ୍ଡଳ ପ୍ରମୁଖ ଉପସ୍ଥିତ ଥିଲେ।

ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନାକୁ ନେଇ ବିରୋଧୀ–ଶାସକ ମୁହାଁମୁହିଁ

ଭୁବନେଶ୍ୱର,୨୬।୭(ଅନିଲ ଦାସ)

ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନାକୁ ନେଇ ବିଜେଡି –ଭାଜପା ବିଧାନସଭାରେ ମୁହାଁମୁହିଁ ହୋଇଛନ୍ତି। ଯୋଜନାର ନାଁ ବଦଳିବାକୁ ନେଇ ବିଜେଡି ବିଧାୟକ ଗଣେଶ୍ୱର ବେହେରା ବିଧାନସଭା ଶୂନ୍ୟକାଳରେ ଉଦ୍‌ବେଗ ପ୍ରକାଶ କରିଛନ୍ତି । ସେ କହିଛନ୍ତି, ସରକାର ବଦଳିବା ପରେ ୩୧୪ ବ୍ଲକରେ ବିକାଶ କାର୍ଯ୍ୟ ଠପ୍ ହୋଇଯାଇଛି । ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନାରେ ବିକାଶମୂଳକ କାମ ପାଇଁ ପ୍ରତି ପଞ୍ଚାୟତକୁ ୫୦ ଲକ୍ଷ ଟଙ୍କା ଦିଆଯିବା ନେଇ ଘୋଷଣା କରାଯାଇଥିଲା। ସରକାର ବଦଳିବା ପରେ ଏହି ଯୋଜନାରେ କୌଣସି କାର୍ଯ୍ୟ ହେଉନି। କାର୍ଯ୍ୟାଦେଶ ମିଳିବା ପରେ ମଧ୍ୟ କାମ ହେଉନି। ଯେଉଁଠି କାମ ସରିଛି ବିଲ୍ ବି ହେଉନି । ଏବେ ନୂଆ ସରକାର 'ବିକଶିତ ଗାଁ ବିକଶିତ ଓଡ଼ିଶା' କରିଛନ୍ତି। କେବଳ ନାଁ ପରିବର୍ତ୍ତନ କରିଦେଲେ

ନାଁ ବଦଳାଇ ଦେଲେ ଗୋଲାପ ଦୁଦୁରା ଫୁଲ ହୋଇଯିବନି: ଗଣେଶ୍ୱର

ଗଣେଶ୍ୱର ବେହେରା

ଗୋଲାପ ଫୁଲ ଦୁଦୁରା ଫୁଲ ହୋଇଯିବନି ବୋଲି ସେ କହିଛନ୍ତି । ଏ ନେଇ ସରକାର ସ୍ପଷ୍ଟ କରନ୍ତୁ ବୋଲି ସେ ଦାବି କରିଛନ୍ତି। ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନା ନିର୍ବାଚନରେ ଜନସାଧାରଣଙ୍କୁ ପ୍ରଭାବିତ

ଦୁର୍ନୀତି ପାଇଁ ଏହି ଯୋଜନା କରିଥିଲା ବିଜେଡି: ଆଶ୍ରିତ

ଆଶ୍ରିତ ପଟ୍ଟନାୟକ

ବିଧାନସଭା ଶୂନ୍ୟକାଳରେ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ଏହି ପ୍ରସଙ୍ଗ ଉଠାଇ ବିଜେଡି ଉପରେ ବର୍ଷିଛନ୍ତି। ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନା ଜେଇଙ୍କ ମାଧ୍ୟମରେ ଏହି ଯୋଜନାରେ କୋଟି କୋଟି ଟଙ୍କା ଲୁଟ୍ କରାଯାଇଛି । କରିବା ପାଇଁ କରାଯାଇଥିଲା। କର୍ମୀଙ୍କୁ ପଇସା ଦେଇ ନିର୍ବାଚନ ଜିତିବା ପାଇଁ ହୋଇଥିଲା। ଏହି ଯୋଜନା ଦ୍ୱାରା ଗାଁ ଭୋଟ୍ କିଣିବାକୁ ଯୋଜନା ହୋଇଥିଲା । ସେ କହିଛନ୍ତି, ନୀତି ଭ୍ରଷ୍ଟ ଓ ଦୁର୍ନୀତି ପାଇଁ ଏହି ଯୋଜନା ବିଜେଡି କରିଥିଲା। ଜେଇଙ୍କ ମାଧ୍ୟମରେ ଏହି ଯୋଜନାରେ

ବଦଳିବ ରାହୁଲଙ୍କ ଠିକଣା

ସୁନେହରି ବାଗ୍, ବଙ୍ଗଳା ନଂ.୫

ନୂଆଦିଲ୍ଲୀ,୨୬।୭

ଗତବର୍ଷ ଲୋକ ସଭାରୁ ଅଯୋଗ୍ୟ ଘୋଷିତ ହେବା ପରେ ସରକାରୀ ବଙ୍ଗଳା ଛାଡ଼ିବାକୁ ବାଧ୍ୟ ହୋଇଥିବା କଂଗ୍ରେସ ନେତା ରାହୁଲ ଗାନ୍ଧୀ ଏବେ ବିରୋଧୀ ଦଳ ନେତା। ୨୦୧୪ରୁ ଖାଲି ପଡ଼ିଥିବା ଏହି ସାମ୍ବିଧାନିକ ପଦରେ ଅବସ୍ଥାପିତ ହୋଇଥିବା ରାହୁଲଙ୍କୁ ଶୁକ୍ରବାର ହାଉସ୍ କମିଟି ଲୁଟିଏନ୍ସର ସୁନେହରି ବାଗ୍ ରୋଡ୍‌ସ୍ଥିତ ବଙ୍ଗଳା ନମ୍ବର ୫ରେ ରହିବା ପାଇଁ ପ୍ରସ୍ତାବ ଦେଇଛି। ଲୋକ ସଭାର ବିରୋଧୀ ଦଳ ନେତା କ୍ୟାବିନେଟ୍ ମନ୍ତ୍ରୀ ପାହ୍ୟା ପଦବୀ ହୋଇଥିବାରୁ ରାହୁଲଙ୍କୁ ଟାଇପ୍ ୮ ବଙ୍ଗଳା ମିଳିଛି। ତାଙ୍କ ଭଉଣୀ ତଥା କଂଗ୍ରେସ ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଉକ୍ତ ବଙ୍ଗଳା ପରିଦର୍ଶନ କରିଛନ୍ତି। ପ୍ରକାଶ ଯେ, 'ସବୁ ମୋଦି ଚୋର' ମନ୍ତବ୍ୟ ସମ୍ପର୍କିତ ମାନହାନି ମାମଲାରେ ଦୋଷୀ ସାବ୍ୟସ୍ତ ହେବା ପରେ ୨୦୨୩ ଏପ୍ରିଲ ୨୨ରେ ରାହୁଲଙ୍କ ଲୋକ ସଭା ସଦସ୍ୟତାକୁ ବାଚସ୍ପତି ଓମ୍ ବିର୍ଲା ରଦ୍ଦ କରିଥିଲେ। ଏହା ପରେ ତାଙ୍କୁ ୧୨ ତୋଗଲକ୍ ଲେନ୍ ରୋଡ୍ ବାସଭବନ ଛାଡ଼ିବାକୁ କୁହାଯାଇଥିଲା। ଗତବର୍ଷ ଅଗଷ୍ଟରେ ସେ ଲୋକ ସଭାକୁ ଫେରିଥିଲେ ମଧ୍ୟ ନୂଆ ଘରକୁ ଯିବା ନେଇ ଦିଆଯାଇଥିବା ପ୍ରସ୍ତାବକୁ ଅଣଦେଖା କରିଥିଲେ। ସେବେଠୁ ରାହୁଲ ମା' ସୋନିଆ ଗାନ୍ଧୀଙ୍କ ୧୦ ଜନପଥ ବାସଭବନରେ ରହୁଛନ୍ତି। ତେବେ ନୂଆ ବଙ୍ଗଳାରେ ଅବସ୍ଥାନ ନେଇ ରାହୁଲଙ୍କ ନିଷ୍ପତ୍ତିକୁ ଅପେକ୍ଷା କରାଯାଇଛି।

୨୦୨୩ ଏପ୍ରିଲ ୨୨ରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ନୂଆଦିଲ୍ଲୀର ତୋଗଲକ୍ ଲେନ୍‌ସ୍ଥିତ ସରକାରୀ ବାସଭବନ ଛାଡ଼ିବାବେଳେ ଲୋକ ସଭା ସେକ୍ରେଟାରିଏଟ୍ ଅଧିକାରୀଙ୍କୁ ଚାବି ହସ୍ତାନ୍ତର କରୁଛନ୍ତି। (ଫାଇଲ ଫଟୋ)

ବିଜେଡି ସରକାରର ବଜେଟଠାରୁ ଏଥର ୧୫% ଅଧିକ: ସମୀର

ଭୁବନେଶ୍ୱର, ୨୬।୭(ସୁନିତ୍ ମିଶ୍ର)

ନୂତନ ରାଜନୈତିକ ସଂସ୍କୃତିର ପ୍ରତିଷ୍ଠାକରି ଭାଜପା ପ୍ରଥମ ଥର ଓଡ଼ିଶାରେ ସରକାର ଗଠନ କରିଛି। ଭାଜପା ସରକାରର ପ୍ରଥମ ବଜେଟ ଓଡ଼ିଶା ପାଇଁ ବେଶ୍ ଗୁରୁତ୍ୱ ବହନ କରିଛି। ଏହି ବଜେଟରେ ସମାଜର ୪ଟି ବର୍ଗଙ୍କ ଉପରେ ଗୁରୁତ୍ୱ ଦିଆଯାଇଛି। ସେଗୁଡ଼ିକ ହେଉଛି ଗରିବ, ମହିଳା, ଯୁବକ, କୃଷକ। 'ସବ୍‌କା ସାଥ୍, ସବ୍‌କା ବିକାଶ, ସବ୍‌କା ବିଶ୍ୱାସ ଏବଂ ସବ୍‌କା ପ୍ରୟାସ'କୁ ଆଧାରକରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓଡ଼ିଶା ବଜେଟ ଉପସ୍ଥାପନ କରିଛନ୍ତି। ୨୦୨୪–୨୫ ଆର୍ଥିକ ବର୍ଷ ପାଇଁ ମୋଟ ୨ ଲକ୍ଷ ୬୫ ହଜାର କୋଟି ଟଙ୍କା ବଜେଟ ବ୍ୟବସ୍ଥା କରାଯାଇଛି। ୨୪ ବର୍ଷର ବିଜେଡି ସରକାର ଯେଉଁ ବଜେଟ ପ୍ରସ୍ତୁତ କରୁଥିଲା, ସେଥିରୁ ଚଳିତ ବର୍ଷ ବଜେଟ ୧୫% ବଢ଼ିଛି। ଆମ ସରକାର ସମ୍ବଳର ସୁବିନିଯୋଗ କରି ରାଜ୍ୟର ଜନସାଧାରଣଙ୍କ କଲ୍ୟାଣ, ସମୃଦ୍ଧି ଓ ବିକାଶ ସହ ବିକଶିତ ଓଡ଼ିଶା ନିମନ୍ତେ ଏହି ସମତୁଲ ବଜେଟ କରିଛି। ଭାଜପା ସରକାର ହେଉଛି

ଓଡ଼ିଶା ସରକାରଙ୍କ ବଜେଟକୁ ଭାଜପାର ପ୍ରଶଂସା

ଲୋକଙ୍କ ସରକାର, ଏଣୁ ଏହି ବଜେଟ ହେଉଛି ଲୋକଙ୍କ ବଜେଟ। ଏଥିଲାଗି ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ବୋଲି ପୂର୍ବତନ ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଶୁକ୍ରବାର ଖବରଦାତା ସମ୍ମିଳନୀକରି ସମୀର କହିଛନ୍ତି, ଓଡ଼ିଶାର ୬୫% ଲୋକ କୃଷି ଉପରେ ନିର୍ଭର କରିଥାନ୍ତି। ନିର୍ବାଚନ ପ୍ରତିଶ୍ରୁତି ପାଳନକରି ଆମ ସରକାର ଧାନ କୁଇଣ୍ଟାଲ ୩୧ଶହ ଟଙ୍କାକୁ ବୃଦ୍ଧି କରିଛି। କୃଷକଙ୍କୁ ବିହନଠାରୁ ବଜାର ପର୍ଯ୍ୟନ୍ତ ସଶକ୍ତ କରିବା ସହ ଜଳସେଚନ, ମଣ୍ଡିର ବ୍ୟବସ୍ଥା, କୃଷି ଯନ୍ତ୍ରପାତି, ଉପକରଣ ଏବଂ ଡିଜେଲ ପମ୍ପସେଟ୍ ଇତ୍ୟାଦି ଉପରେ ବଜେଟରେ ଗୁରୁତ୍ୱ ଦିଆଯାଇଛି। ରେଳପଥ କ୍ଷେତ୍ରରେ ଓଡ଼ିଶା ପାଇଁ ବଜେଟର ପରିମାଣ ୧୦ ହଜାର ୫୮୬ କୋଟି ଟଙ୍କାରେ ପହଞ୍ଚିଛି। କେନ୍ଦ୍ର ଓ ରାଜ୍ୟ ବଜେଟ ଓଡ଼ିଶାର ଲୋକଙ୍କୁ ଆଶ୍ୱସ୍ତି ଦେଇଛି ବୋଲି ସମୀର କହିଛନ୍ତି।

ବାଙ୍କୀ ବିଧାୟକଙ୍କ ବାରବାଟୀ–କଟକ ନିର୍ବାଚନମଣ୍ଡଳୀ ସମୀକ୍ଷାକୁ ନେଇ ବିବାଦ

ବୈଠକରେ ଉପସ୍ଥିତ ବିଜେଡି କର୍ପୋରେଟର ।

ଦଳ ସଭାପତିଙ୍କୁ ଲିଖିତ ଅଭିଯୋଗ କରିବାକୁ ବାରବାଟୀ-କଟକ ବିଜେଡି କର୍ପୋରେଟରଙ୍କ ନିଷ୍ପତ୍ତି

କଟକ,୨୬।୭(ଶିଳ୍ପା ପ୍ରିୟଦର୍ଶିନୀ)

କଟକ ଜିଲା ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ଏବଂ ବାରବାଟୀ–କଟକର ବିଜେଡି କର୍ପୋରେଟରଙ୍କ ମଧ୍ୟରେ ବିବାଦ ସାମ୍ନାକୁ ଆସିଛି। ଦୁଇଦିନ ତଳେ ବାଙ୍କୀ ବିଧାୟକ ତଥା ବିଜୁ ଛାତ୍ର ଜନତା ଦଳର ରାଜ୍ୟ ସଭାପତି ଦେବୀରଞ୍ଜନଙ୍କ (ହାଇକୋର୍ଟ ନିକଟସ୍ଥ ବାସ ଭବନଠାରେ) ନେତୃତ୍ୱରେ ଛାତ୍ର ନେତାଙ୍କୁ ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବାରବାଟୀ–କଟକ ନିର୍ବାଚନମଣ୍ଡଳୀର ନିର୍ବାଚନକୁ ନେଇ ସମୀକ୍ଷା କରିଥିଲେ ଦେବୀରଞ୍ଜନ। ବୈଠକରେ ପ୍ରାର୍ଥୀ ପ୍ରକାଶ ବେହେରାଙ୍କୁ ଟିକେଟ୍ ଦେବା ଦଳ ତରଫରୁ ତ୍ରୁଟି ଥିଲା, ବାରବାଟୀ–କଟକ ନିର୍ବାଚନମଣ୍ଡଳୀର ସମସ୍ତ କର୍ପୋରେଟର ପରାଜୟର ମୂଳ କାରଣ ଓ ନିର୍ବାଚନ ପରିଚାଳନା ତ୍ରୁଟିପୂର୍ଣ୍ଣ ଥିବା ନେଇ ଆଲୋଚନା କରାଯାଇଥିଲା। ତେବେ ଏହି ସମୀକ୍ଷା ବୈଠକକୁ ବିରୋଧ କରି ସିଧାସଳଖ ଦେବୀରଞ୍ଜନଙ୍କୁ ଟାର୍ଗେଟ କରିଛନ୍ତି ବାରବାଟୀ–କଟକର ବିଜେଡି କର୍ପୋରେଟର। ଏନେଇ ଶୁକ୍ରବାର କଟକ ତୁଳସୀପୁରସ୍ଥିତ ଜେବିଏସ୍ ଗାର୍ଡେନ ଠାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବାରବାଟୀ–କଟକର ୨୭ ଜଣ ବିଜେଡି କର୍ପୋରେଟର ଏକ୍‌ଜୁଟ ହୋଇଥିଲେ। ଦେବୀରଞ୍ଜନ କିଭଳି ଭାବେ ଦଳୀୟ ନେତୃତ୍ୱଙ୍କୁ ସାମିଲ ନ କରି ସମୀକ୍ଷା ବୈଠକ କରିଛନ୍ତି ସେ ନେଇ ଆଲୋଚନା କରାଯିବା ସହ କର୍ପୋରେଟରମାନେ ଏହାକୁ ଦୃଢ଼ ବିରୋଧ କରିଛନ୍ତି। ଏ ସମ୍ପର୍କରେ ବିଜେଡି କର୍ପୋରେଟର ବିକାଶ ବେହେରା କହିଛନ୍ତି, ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ ନିର୍ବାଚନ ପୂର୍ବରୁ ଦଳର ସମସ୍ତ ସଦସ୍ୟଙ୍କ ସହ ଆଲୋଚନା କରିଥିଲେ। ଏପରି କି ସମସ୍ତ ନେତୃବୃନ୍ଦ ନବୀନଙ୍କ ନିଷ୍ପତ୍ତିକୁ ଗ୍ରହଣ କରି ସହମତି ପ୍ରକାଶ କରିଥିଲେ। କିନ୍ତୁ ଏବେ ଏଭଳି ଭାବେ ତାଙ୍କ ନିଷ୍ପତ୍ତିକୁ ଆକ୍ଷେପ କରିବା ନିନ୍ଦନୀୟ। କର୍ପୋରେଟରମାନଙ୍କୁ ଦାୟୀ କରିବାକୁ ଦେବୀରଞ୍ଜନ କିଏ। ଆଉ କେଉଁ କାରଣ ଯୋଗୁ ସେ ଏଭଳି ଭାବେ କର୍ପୋରେଟରଙ୍କ କାର୍ଯ୍ୟକୁ ନେଇ ଅଙ୍ଗୁଳି ଉଠାଇଛନ୍ତି, ତାହା ସ୍ପଷ୍ଟ କରନ୍ତୁ ବୋଲି ବିକାଶ କହିଛନ୍ତି। ଏଥିସହ ସେ କହିଛନ୍ତି, ବାଙ୍କୀ ବିଧାୟକ ନିଜ ନିର୍ବାଚନମଣ୍ଡଳୀର ନିର୍ବାଚନୀ ସମୀକ୍ଷା ନ କରି ବାରବାଟୀ–କଟକ ନିର୍ବାଚନମଣ୍ଡଳୀ ସମୀକ୍ଷା କାହା ଅନୁମତିରେ କରିଛନ୍ତି। କଟକ ଜିଲା ସଭାପତି ତଥା ରାଜ୍ୟ ସଭା ସଦସ୍ୟ ଦେବାଶିଷ ସାମନ୍ତରାୟ, ଗତ ନିର୍ବାଚନର ପ୍ରାର୍ଥୀ ପ୍ରକାଶ ବେହେରା, କଟକ ନଗର ସଭାପତି ମଧୁସୂଦନ ସାହୁ ଓ ସମସ୍ତ କର୍ପୋରେଟରଙ୍କ ବିନା ଉପସ୍ଥିତିରେ ଏଭଳି ସମୀକ୍ଷା ବୈଠକ କରାଯିବା ଲଜ୍ଜାଜନକ। କୌଣସି ନିର୍ବାଚନମଣ୍ଡଳୀ ଲାଗି ବିଜେଡି ପକ୍ଷରୁ ଫ୍ୟାକ୍ଟ ଫାଇଣ୍ଡିଂ କମିଟି ଗଠନ ହୋଇ ନାହିଁ କି ଦଳ ପକ୍ଷରୁ ସମୀକ୍ଷା କରାଯାଇନାହିଁ। ତେବେ ବାଙ୍କୀ ବିଧାୟକ ଏଭଳି ଆକ୍ଷେପ କାହିଁକି କରୁଛନ୍ତି। ଏନେଇ ବିଜେଡି ସଭାପତି, କଟକ ଜିଲା ସଭାପତି ଓ କଟକ ନଗର ସଭାପତିଙ୍କୁ ଲିଖିତ ଅଭିଯୋଗ କରିବା ଲାଗି ସମସ୍ତ କର୍ପୋରେଟର ନିଷ୍ପତ୍ତି ନେଇଛୁ ବୋଲି ବିକାଶ କହିଛନ୍ତି।

ଚିଠି ଲେଖି ନିଜ ମୁଣ୍ଡରୁ ଦୋଷ ଛଡ଼ାଇବାକୁ ଚାହୁଁଛନ୍ତି ନବୀନ: ଭାଜପା

ଭୁବନେଶ୍ୱର, ୨୬।୭(ସୁନିତ୍ ମିଶ୍ର): ଦରଦାମ ବୃଦ୍ଧି ପ୍ରସଙ୍ଗରେ ବର୍ତ୍ତମାନର ବିରୋଧୀ ଦଳ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନବାବୁଙ୍କ ବକ୍ତବ୍ୟ ଶୋଭା ପାଉନାହିଁ। ଆଉ ଏହି ପ୍ରସଙ୍ଗରେ ବିଜେଡିର ବକ୍ତବ୍ୟ ହାସ୍ୟାସ୍ପଦ ବୋଲି ଭାଜପା ରାଜ୍ୟ ମୁଖପାତ୍ର ଦିଲୀପ ମହାନ୍ତି ଶୁକ୍ରବାର କହିଛନ୍ତି। ସେ କହିଛନ୍ତି , ଚିଠି ଲେଖି ଦେଇ ନିଜ ମୁଣ୍ଡରୁ ଦୋଷ ଛଡ଼ାଇବା ନବୀନବାବୁଙ୍କ ପୁରୁଣା ଅଭ୍ୟାସ, ଯାହା ବର୍ତ୍ତମାନ ବି ଜାରି ରହିଛି । ଦେଢମାସ ତଳେ ଦାୟିତ୍ୱ ନେଇଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଖାଉଟିଙ୍କ ସମସ୍ୟା ପ୍ରତି ଯଥେଷ୍ଟ ଯତ୍ନବାନ୍ ବୋଲି ଦିଲୀପ କହିଛନ୍ତି ।

ମମତାଙ୍କୁ ଆଳୁ ଟ୍ରକ୍ ପଠାଇବା ପାଇଁ ନବୀନ ଚିଠି ଲେଖିବା ପ୍ରସଙ୍ଗ

ପୂର୍ବ ତଟ ରେଳପଥ

'ଇ' କ୍ରୟ ପ୍ରଣାଳୀ

ଇ-ଟେଣ୍ଡର ପୂର୍ବରୁ ୱେବ୍‌ସାଇଟ : http://www.ireps.gov.in ରେ ଅପ୍‌ଲୋଡ ହୋଇସାରିଛି ।

ସଂ. MCS/Stores/E-Procure/ Tender Notice/5711/209, ତା.20.07.2024ଖିଖ

ଟେଣ୍ଡର ସଂଖ୍ୟା : 92245711

ବିବରଣୀ : RDSO ବିଶେଷତ୍ୱ ସଂଖ୍ୟା RDSO/2009/CG-22,Rev.1 କିମ୍ବା ସର୍ବଶେଷ ଅନୁଯାୟୀ ଟ୍ରାନ୍ସିସନ ଷ୍ଟ୍ରୁ କପଲିଂ ଏବଂ ସନ୍ତୁଳିତ ଡ୍ରାଫ୍ଟ ଗିଅର ସହିତ AAR 'H' ଟାଇପ୍ ଲକ୍ ସିବିସି କପଲର୍ ।

ପରିମାଣ : 10 ସେଟ୍ ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.12.08.2024ଖିଖ 1500 ଘଟିକାରେ ।

ଜପ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ, ରେଳବାଟ ମରାମତି କାରଖାନା/ମଞ୍ଜେଶ୍ୱର

PR-351/P/24-25

कार्यपालक अभियंता का कार्यालय
राष्ट्रीय उच्च पथ प्रमंडल, पथ निर्माण विभाग, देवघर, झारखण्ड
सर्कुलर रोड, नियर उपायुक्त आवास, देवघर, झारखण्ड (814112)

सूचना / शुद्धि पत्र

इस कार्यालय द्वारा आमंत्रित अति अल्पकालीन ई–निविदा प्रसंग सं0–NH/Deoghar/ JHR/F2/06 [PR 330246(Deoghar)24-25(D)], दिनांक 20.07.2024 के ऑन लाइन निविदा के लिए वेबसाईट https://jharkhandtenders.gov.in के स्थान पर **https://eprocure.gov.in/ eprocure/app** पढ़ा जाय।
शेष शर्त्तें यथावत रहेंगी।

ह0/–
कार्यपालक अभियंता
PR 330847 (Deoghar) 24-25 (D) रा0 उ0 पथ प्रमंडल, देवघर।

GOVERNMENT OF ODISHA
OFFICE OF THE ADDITIONAL CHIEF ENGINEER, PUBLIC HEALTH CIRCLE, BERHAMPUR
E-mail Id:acephcbam@gmail.com

No.C-278: **NATIONAL COMPETITIVE BIDDING THROUGH e-Procurement INVITATION FOR BIDS (IFB)**

Sl. No.	Name of Work	Bid Identification No.	Estimated Cost (Rs. in Lakhs)	Period of Completion	Availability of Bid document for Online Bidding		Name & Address of Officer Inviting Bid
					From	To	
1	2	3	4	5	6	7	8
1	"Construction of WTP and allied works related to augmentation of water supply to Digapahandi NAC" including 5 years Operation & Maintenance under AMRUT 2.0, (SWAP-III)	Identification No. ACEPHCBAM 04/2024-25 Dt.25.07.2024	468.31	12 (Twelve) Calendar Months	11.00 Hrs. of 01.08.2024	17.30 Hrs. of 16.08.2024	Addl. Chief Engineer, P.H. Circle, Berhampur
2	"Laying of CWRM and distribution pipe line in connection to the improvement of water supply to Digapahandi NAC" including 5 years Operation & Maintenance under AMRUT 2.0,(SWAP-III).	Identification No. ACEPHCBAM 05/2024-25 Dt.25.07.2024	199.93	12 (Twelve) Calendar Months	11.00 Hrs. of 01.08.2024	17.30 Hrs. of 16.08.2024	Addl. Chief Engineer, P.H. Circle, Berhampur

The Technical Bid Shall be opened on dt.21.08.2024 at 12.30 A.M.
Further details can be seen from the e-Procurement portal http://tendersodisha.gov.in.

OIPR-13004/11/0006/2425 **Sd./- Additional Chief Engineer (PH)**

OFFICE OF THE PROJECT ADMINISTRATOR, ITDA, PARALAKHEMUNDI, PARALAKHEMUNDI
No. CAD-663 Bid Identification No. ITDAPKD/01/2024-25

NOTICE INVITING TENDER UNDER NATIONAL COMPETITIVE BIDING THROUGH e-Procurement

1. Name of the Work: Construction of 18 Nos. Multipurpose Community Centre at Gosani, Nuagada, Mohana, Chandiput, Antaraba, Jeerango, Gandahati, Rayagada, Marloba, Mahendragada, Chellaagada, Serango, Badakalakota, Bhubani, Ashrayagada, Tumula, Baijhal Gumma and Kastruba Gandhi Balika Bidyalaya at Gumma, Rayagada, Kashinagar, Gosani, Mohana, Nuagada and R.Udayagiri Dining Hall at Ullabhadra, Common Service Centre at Paralakhemundi and Upgradation of Antaraba High School under Mohana Block and Construction of Academic Block, 2 Nos. of 120 seated Hostel Building, Qtr. for Teaching and Non Teaching Staff, 1 No. of Principal Qr. including Boundary Wall, Approach Road at Antaraba SSD High School under Mohona Block of Gajapati district.
2. Value of the Work: Rs.20.36 Cr. (Approx.)
3. Period of Completion: 18 (Eighteen) Calendar Months
4. Availability of tender online for Bidding:
   I. Start Date: 18.00 hours of Dt.30.07.2024
   II. End Date: 15.00 hours of Dt.30.08.2024
   III. Opening Date: 16.00 hours of Dt.30.08.2024

Tender details can be seen from the e-procurement portal **www.tendersorissa.gov.in**. Corrigendum or Addendum if any will not be published in Newspapers and can be seen in e-procurement portal as well as in ITDA, Paralakhemundi website.

Sd./- Project Administrator
OIPR-19397/11/0001/2425 **ITDA, Paralakhemundi**

कार्यपालक अभियंता का कार्यालय
ग्रामीण विकास विशेष प्रमंडल, बोकारो

ई–निविदा आमंत्रण सूचना

ई– अल्पकालीन निविदा सूचना संख्या – RDD/SD/BOKARO/19/2024-25

1.कार्य की विस्तृत विवरणी:

क्र० सं०	कार्य का नाम	प्राक्कलित राशि	अग्रधन की राशि	परिमाण विपत्र का मूल्य	कार्य पूर्ण करने की अवधि
1	बोकारो जिला के नावाडीह प्रखण्ड अंतर्गत पंचायत चपरी के बेला और पिपराबेड़ा के बीच नाला में पुल निर्माण। (लम्बाई 45.37 मी०)	24056400.00	481500.00	10000.00	15 माह

2. वेबसाइट में निविदा प्रकाशन की तिथि – 02.08.2024
3. ई–निविदा प्राप्ति की तिथि एवं समय – दिनांक 02.08.2024 से दिनांक 10.08.2024 को अपराह्न 5:00 बजे तक
4. ई–निविदा खोलने का स्थान – कार्यपालक अभियंता का कार्यालय, ग्रामीण विकास विशेष प्रमण्डल, बोकारो।
5. ई–निविदा

ଜନ୍ମଦିନର ଶୁଭେଚ୍ଛା

ନାମ: .....
ବୟସ:.....
ଜନ୍ମ ତାରିଖ: .....

ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

ଶେଷ ଦିନରେ ୭ ଲକ୍ଷ କୋଟି ଯୋଡ଼ିଲେ ନିବେଶକ

ନୂଆଦିଲ୍ଲୀ,୨୬।୭

- ନିଫ୍ଟି ୨୫,୦୦୦ ଅଙ୍କ ନିକଟବର୍ତ୍ତୀ
- ୧୩୦୦ ପଏଣ୍ଟ ବଢ଼ିଲା ସେନ୍‌ସେକ୍ସ

କ୍ରମାଗତ ଭାବେ ହ୍ରାସ ପାଉଥିବା ଘରୋଇ ଶେୟାର ବଜାର ଚଳିତ ସପ୍ତାହ କାର୍ଯ୍ୟ ଦିବସର ଶେଷ ଦିନରେ ନିବେଶକ ୭ ଲକ୍ଷ କୋଟି ଟଙ୍କାରୁ ଅଧିକ ପୁଞ୍ଜି ବଜାରରେ ଯୋଡ଼ିଛନ୍ତି। ଫଳରେ ଶେୟାର ବଜାରର ନିବେଶକ ଓ ପୁଞ୍ଜି ବଜାରରେ ଉତ୍ସାହ ଦେଖାଦେଇଛି। ଏପରିକି ଚଳିତ ସପ୍ତାହର ଶେଷଦିନର ଫଳାଫଳ ଅନୁଯାୟୀ ଉଭୟ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ) ଏବଂ ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିବେଶକ ୭.୦୭ ଲକ୍ଷ କୋଟି ଟଙ୍କା ପୁଞ୍ଜି ବଜାରରେ ଯୋଡିଛନ୍ତି। ପୂର୍ବ କାର୍ଯ୍ୟଦିବସର କାରବାର ଶେଷ ସୁଦ୍ଧା ବଜାର ପୁଞ୍ଜି ମୋଟ ୪୪୯.୮୨ ଲକ୍ଷ

କୋଟି ଥିଲାବେଳେ ଶୁକ୍ରବାର ବଜାର କାରବାର ଶେଷ ସୁଦ୍ଧା ପୁଞ୍ଜିବଜାରର ପରିମାଣ ୪୫୬.୯୦ ଲକ୍ଷ କୋଟିରେ ପହଞ୍ଚିଛି।

ଉଲ୍ଲେଖଯୋଗ୍ୟ, ଶୁକ୍ରବାର ଶେୟାର ବଜାର କାରବାର ଶେଷ ସୁଦ୍ଧା ବିଏସ୍‌ଇ ସେନ୍‌ସେକ୍ସ ୧୨୯୩ (୧୨୯୨.୯୨) ପଏଣ୍ଟ ବଢି ୮୧,୩୩୩ (୮୧,୩୩୨.୭୨) ଅଙ୍କରେ କାରବାର ଶେଷ କରିଥିଲାବେଳେ ଏନ୍‌ଏସ୍‌ଇ ନିଫ୍ଟି-୫୦ ରେ ମଧ୍ୟ ୪୨୯ (୪୨୮.୭୫) ପଏଣ୍ଟ ବୃଦ୍ଧି ଘଟି ୨୪,୮୩୫ (୨୪,୮୩୪.୮୫) ଅଙ୍କରେ କାରବାର ବନ୍ଦ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡ୍‌କ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନ୍‌ଏସ୍‌ଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ବୃଦ୍ଧି ଘଟିଛି।

ଓଜିଏସ୍‌ରେ ଟ୍ରାନ୍ସଫର୍ମେଟିଭ୍ ମାଷ୍ଟରକ୍ଲାସ୍

ଭୁବନେଶ୍ୱର, ୨୬।୭

ଓଡିଏମ୍ ଗ୍ଲୋବାଲ ସ୍କୁଲ୍ (ଓଜିଏସ୍)ର ବହୁ ପ୍ରତୀକ୍ଷିତ କାର୍ଯ୍ୟକ୍ରମ' ଟ୍ରାନ୍ସଫର୍ମେଟିଭ୍ ମାଷ୍ଟରକ୍ଲାସ୍' ଶୁକ୍ରବାର ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବରିଷ୍ଠ ଅଲିମ୍ପିଆନ୍ ତଥା ଅନ୍ତର୍ଜାତୀୟ ପ୍ରଶିକ୍ଷକ ପରାଗ ପାଟିଲ ସାମିଲ ହୋଇ ନିଜର ଅଭିଜ୍ଞତା ବାଣ୍ଟିଥିଲେ। ଏପରିକି କ୍ରୀଡ଼ା, ନେତୃତ୍ୱ ଏବଂ ବ୍ୟକ୍ତିଗତ ଉତ୍କର୍ଷ ଦୁନିଆରେ ଅମୂଲ୍ୟ ଜ୍ଞାନ ହାସଲ କରିବା ପାଇଁ ଏହି କାର୍ଯ୍ୟକ୍ରମ ଛାତ୍ରୀଛାତ୍ରମାନଙ୍କୁ ଏକ ଅତୁଳନୀୟ ସୁଯୋଗ ପ୍ରଦାନ କରିଥିଲା। ସେହିଭଳି ଓଜିଏସ୍ ମେଧାବୀ ଓ ଉତ୍ସାହୀ ଛାତ୍ରୀଛାତ୍ରଙ୍କ ସହ ଯୋଡ଼ିହେବା ଅତ୍ୟନ୍ତ ଗୌରବର ବିଷୟ ବୋଲି ପାଟିଲ ମତବ୍ୟକ୍ତ କରିଛନ୍ତି। ଏପରିକି ଶିଖିବା ପାଇଁ ସେମାନଙ୍କର ଆଗ୍ରହ ଏବଂ ଉତ୍କର୍ଷ ପ୍ରତି ସେମାନଙ୍କର ଉତ୍ସାହ ପ୍ରକୃତରେ ପ୍ରେରଣାଦାୟକ। ଏହି ଯୁବ ମାନସିକତା ଭବିଷ୍ୟତରେ ବଡ଼ ସଫଳତା ହାସଲ କରିବେ ବୋଲି ମୋର ବିଶ୍ୱାସ ରହିଛି। ମୋର ଯାତ୍ରା ଏବଂ ସେମାନଙ୍କ ସହିତ ବାଟରେ ମୁଁ ଶିଖିଥିବା ଶିକ୍ଷାକୁ ବାଣ୍ଟିବା ଏକ ଲାଭଦାୟକ ଅନୁଭୂତି। ସେହିପରି ଓଡିଏମ୍ ଏଜୁକେଶନାଲ ଗ୍ରୁପ୍‌ର ଅଧ୍ୟକ୍ଷ ଡ. ସତ୍ୟବ୍ରତ ମୀନକେତନ କହିଛନ୍ତି, ପରାଗ ପାଟିଲଙ୍କୁ ପାଇ ଆମେ ବେଶ୍ ଉତ୍ସାହିତ ଓ ଗୌରବ ଅନୁଭବ କରୁଛୁ। ଏହି ସଫଳତା ଓ ସମର୍ପଣଭାବ ପାଇଁ ସେ ଆମ ଛାତ୍ରୀଛାତ୍ରଙ୍କ ପ୍ରେରଣାର ଆଲୋକ ପାଲଟିଛନ୍ତି। ଓଡିଏମ୍ ମାଷ୍ଟରକ୍ଲାସ୍ ପଦକ୍ଷେପର ଉଦ୍ଦେଶ୍ୟ ତାତ୍ତ୍ୱିକ ଜ୍ଞାନ ଏବଂ ବାସ୍ତବ ଦୁନିଆର ପ୍ରୟୋଗ ମଧ୍ୟରେ ଥିବା ବ୍ୟବଧାନକୁ ଦୂରକରିବା ଏବଂ ପାଟିଲଙ୍କ ସହ ଆଜିର ଅଧିବେଶନ,ସେହି ଦୃଷ୍ଟିକୋଣକୁ ସମ୍ପୂର୍ଣ୍ଣ ରୂପେ ଉପସ୍ଥାପନ କରିଛି। ଆମେ ଆମର ଛାତ୍ରୀଛାତ୍ରମାନଙ୍କୁ ଏପରି ସୁଯୋଗ ପ୍ରଦାନ କରିବାକୁ ପ୍ରତିଶ୍ରୁତିବଦ୍ଧ, ଯାହା ଉଭୟ ଶୈକ୍ଷିକ ଏବଂ ବ୍ୟକ୍ତିଗତ ଭାବେ ସେମାନଙ୍କ ଅଭିବୃଦ୍ଧି ଏବଂ ବିକାଶକୁ ପ୍ରୋତ୍ସାହିତ କରିବ। ମାଷ୍ଟରକ୍ଲାସ୍ ଛାତ୍ରୀଛାତ୍ରଙ୍କ ଉପରେ ଗଭୀର ପ୍ରଭାବ ପକାଇଥିଲା। ଏହି ଇଣ୍ଟରାକ୍ଟିଭ୍ ଅଧିବେଶନରେ ଛାତ୍ରୀଛାତ୍ରମାନେ ପ୍ରଶ୍ନ ପଚାରିବା ଏବଂ ଜଣେ କ୍ରୀଡ଼ା ଆଇକନଙ୍କଠାରୁ ସିଧାସଳଖ ମତାମତ ହାସଲ କରିଥିଲେ,ଯାହା ଶିକ୍ଷଣ ଅନୁଭୂତିକୁ ଅତ୍ୟନ୍ତ ପ୍ରଭାବଶାଳୀ ଏବଂ ସ୍ମରଣୀୟ କରିଥିଲା।

ଟିକେଏମ୍‌କୁ ଇଇପିସି ରପ୍ତାନି ଉତ୍କର୍ଷ ପୁରସ୍କାର

ନୂଆଦିଲ୍ଲୀ,୨୬।୭

ଟୟୋଟା କିର୍ଲୋସ୍କର ମୋଟର (ଟିକେଏମ୍)କୁ ନିକଟରେ ଆଉ ଏକ ଜାତୀୟସ୍ତରର ସମ୍ମାନ ପ୍ରଦାନ କରାଯାଇଛି। ଉଲ୍ଲେଖଯୋଗ୍ୟ, ଭାରତୀୟ ଇଞ୍ଜିନିୟରିଂ ରପ୍ତାନି ପ୍ରୋତ୍ସାହନ ପରିଷଦ (ଇଇପିସି ଇଣ୍ଡିଆ)ର ଦକ୍ଷିଣାଞ୍ଚଳ ରପ୍ତାନି ପୁରସ୍କାର ଉତ୍ସବରେ ଟିକେଏମ୍‌କୁ ୨ଟି ସମ୍ମାନଜନକ ପୁରସ୍କାର ଦିଆଯାଇଛି। ଏପରିକି ଏହି ପୁରସ୍କାରଗୁଡ଼ିକ ଭାରତର ଇଞ୍ଜିନିୟରିଂ ରପ୍ତାନିକୁ ଅଗ୍ରଗତି କରିବା ପାଇଁ କମ୍ପାନୀର ଉତ୍ସର୍ଗୀକୃତତାକୁ ପ୍ରତିଫଳିତ କରିଥାଏ।

ସେହିଭଳି ୨୦୧୯-୨୧ ବର୍ଷ ପାଇଁ ଟିକେଏମ୍‌କୁ 'ଇଞ୍ଜିନ ଏବଂ ଟର୍ବାଇନ ଏବଂ ଏହାର ଅଂଶ-ବୃହତ୍ ଏଣ୍ଟରପ୍ରାଇଜ ପୁରସ୍କାର ଏବଂ ୨୦୨୦-୨୧ ବର୍ଷର ଇଞ୍ଜିନିୟରିଂ ଉତ୍ପାଦଗୁଡିକରେ ରପ୍ତାନି ଉତ୍କର୍ଷ ହାସଲକରିବା ପାଇଁ ବଣିକ ରପ୍ତାନିକାରୀ ବର୍ଗ ଅଧୀନରେ

ଶୀର୍ଷ ରପ୍ତାନିକାରୀଙ୍କ ପାଇଁ 'ଗୋଲ୍ଡ ଟ୍ରଫି'ପ୍ରଦାନ କରାଯାଇଥିଲା। ସେହିପରି ପୁଡୁଚେରୀଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ସମ୍ମାନ ସମାରୋହ ଉତ୍ସବରେ ଯୋଗ ଦେଇ ଭାରତ ସରକାରଙ୍କ ବାଣିଜ୍ୟ ବିଭାଗ ଯୁଗ୍ମ ସଚିବ ବିମଲ ଆନନ୍ଦ ଇଇପିସି ଚେୟାରମ୍ୟାନ ଅରୁଣ କୁମାର ଗାରୋଡ଼ିଆ, ଇଇପିସି ଡେପୁଟି ଆଞ୍ଚଳିକ ଚେୟାରମ୍ୟାନ ଶଶିକିରଣ ଲୁଇସ, ଇଇପିସିର ଆଞ୍ଚଳିକ ଚେୟାରମ୍ୟାନ ରମଣ ରଘୁ ପ୍ରଦାନ କରିଥିଲେ। ଏ ସମ୍ପର୍କରେ ଟିକେଏମ୍‌ର ଅର୍ଥ ଏବଂ ପ୍ରଶାସନ କାର୍ଯ୍ୟନିର୍ବାହୀ ଉପାଧ୍ୟକ୍ଷ ତଥା ନିର୍ଦ୍ଦେଶକ ଜି .ଶଙ୍କରା କହିଥିଲେ, ଇଇପିସି ଇଣ୍ଡିଆଠାରୁ ଏହି ସମ୍ମାନଜନକ ପୁରସ୍କାର ଗ୍ରହଣ କରିବା ଗୌରବର ବିଷୟ ହୋଇଥିଲାବେଳେ ଏହା ଉତ୍କର୍ଷ ତଥା ଅବଦାନ ରପ୍ତାନି ପାଇଁ ରାଜ୍ୟ ଏବଂ ଦେଶର ଅର୍ଥନୀତିରେ କମ୍ପାନୀର ପ୍ରତିବଦ୍ଧତାର ପ୍ରମାଣ ବୋଲି ସେ ବିସ୍ତୃତ ଭାବେ ମତବ୍ୟକ୍ତ କରିଛନ୍ତି। ଏହି ପ୍ରଶଂସା ଆମକୁ ଅପାର ଗର୍ବ ଏବଂ ଆନନ୍ଦରେ ପରିପୂର୍ଣ୍ଣ କରିଛି।

ଗହଣା ବ୍ୟବସାୟରେ ଆଦିତ୍ୟ ବିର୍ଲା ଗ୍ରୁପ୍

ନୂଆଦିଲ୍ଲୀ,୨୬।୭

ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ଆଦିତ୍ୟ ବିର୍ଲା ଗ୍ରୁପ୍‌ର ଅଧ୍ୟକ୍ଷ କୁମାରମଙ୍ଗଲମ୍ ବିର୍ଲା ଶୁକ୍ରବାର ଆଦିତ୍ୟ ବିର୍ଲା ଗ୍ରୁପ୍ ଗହଣା ଖୁଚୁରା ବ୍ୟବସାୟର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରିଛନ୍ତି। ଫଳରେ କମ୍ପାନୀ ଦ୍ରୁତଗତିରେ ବିସ୍ତାରିତ ୬.୭ଲକ୍ଷ କୋଟି ଟଙ୍କାର ଭାରତୀୟ ଗହଣା ବଜାରରେ ପ୍ରବେଶ କରିଛି। ଏହି ପଦକ୍ଷେପ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ସୃଷ୍ଟି କରିଛି। କାରଣ ଗ୍ରୁପ୍ ତା'ର ଶକ୍ତିଶାଳୀ ବ୍ରାଣ୍ଡ୍ ଶକ୍ତି ଏବଂ ଗଭୀର ବଜାର ବୁଝାମଣାକୁ ଉପଯୋଗକରି ବ୍ରାଣ୍ଡର ଉପଭୋକ୍ତା ପୋର୍ଟଫୋଲିଓକୁ ସୁଦୃଢ଼ କରିଛି। ଇନ୍ଦ୍ରିୟ ବ୍ରାଣ୍ଡ୍ ଅଧୀନରେ ଆରମ୍ଭ ହୋଇଥିବା ଏହି ଗହଣା ବ୍ୟବସାୟ ଆଗାମୀ ୫ବର୍ଷ ମଧ୍ୟରେ ଭାରତର ଶ୍ରେଷ୍ଠ ୩ଟି ଅଳଙ୍କାର ରିଟେଲରଙ୍କ ମଧ୍ୟରେ ସ୍ଥାନ ସୁରକ୍ଷିତ କରିବାକୁ ଲକ୍ଷ୍ୟ ରଖିଛି। ଭାରତରେ ଅଳଙ୍କାର ଖୁଚୁରା କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିବା ପାଇଁ ଆଦିତ୍ୟ ବିର୍ଲା ଗ୍ରୁପ୍‌ର ପ୍ରତିବଦ୍ଧତାକୁ ଦର୍ଶାଇ ଏହି ମହତ୍ତ୍ୱାକାଂକ୍ଷୀ ଉଦ୍ୟୋଗକୁ ୫,୦୦୦କୋଟି ଟଙ୍କାର ପୁଞ୍ଜିନିବେଶ ପ୍ରଦାନ କରିଛି।

ଏ ସମ୍ପର୍କରେ ଆଦିତ୍ୟ ବିର୍ଲା ଗ୍ରୁପ୍‌ର ଅଧ୍ୟକ୍ଷ କୁମାରମଙ୍ଗଳମ୍ ବିର୍ଲା କହିଛନ୍ତି, ଭାରତୀୟ ଉପଭୋକ୍ତା ଦ୍ରୁତଗତିରେ ବଢୁଛନ୍ତି ଏବଂ ଭାରତ ବୋଧହୁଏ ବିଶ୍ୱର ସବୁଠାରୁ ଆଶାଜନକ ଉପଭୋକ୍ତା ଗୋଷ୍ଠୀ ପାଲଟିଛି। ଚଳିତ ବର୍ଷ ଆମେ ଭାରତୀୟ ଉପଭୋକ୍ତାଙ୍କ ଗତିଶୀଳତା ଉପରେ ଆମର ବାଜିକୁ ଦ୍ୱିଗୁଣିତକରି ଦୁଇଟି ପ୍ରମୁଖ ନୂତନ ଉପଭୋକ୍ତା ରଙ୍ଗ ଏବଂ ଅଳଙ୍କାର ବର୍ଗରେ ଆରମ୍ଭ କରିଛୁ।

Classified Everyday
0674-2580101, 2549949

REAL ESTATE
SALE

30ft. Road, Boundary, Gharabari plot sale, East College, Nakhara. 9776866520. D-75978

Duplex project at Retang Medical, Station, CV Raman University Tamando, Bhubaneswar. 7008459987. D-75976

Flat for sale 2BHK, 3BHK near Rasulgarh, Bhubaneswar with modern facilities & affordable price. Call- 9439856856, 7008982279, 6371097442, 9040116788. D-679

"Luxurious duplex just @ 110 lakh SALE/Booking opens, visit today our demo duplex, Balakatti, Uttara, BBSR. For details ask/WhatsApp-9438677819". D-713

Ready to move 2BHK flat for sale @ 20lakh near Gudiapokhari, Bhubaneswar. Call-9937544226. D-756

ପାଠକଙ୍କ ପାଇଁ ସୂଚନା
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

CONSTRUCTION

Construct your dream home @460/-, 850/-, 1325/- with branded material along with 3Years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd. 9439856856. D-680

FOR RENT

2 Nos Shops Style Bazar building infront of Paradip Bus Stand, Badambadi Cuttack Approx 300sqft. Contact- 82493 41414. D-844

Healthcare

Asribada Panchakarma herbal SPA, Kesharimall, Bhubaneswar. Contact: 8926173473. D-75764

Fully relaxed body massage trained therapist. Central SPA. 9556483961. D-75763

ଫୁଲ୍ ବଡି ମସାଜ (ଦେଶୀ ମୋଡ଼ାଘଷା) only ladies. 9827119799. D-847

Kerala body Massage best Therapist Bhubaneswar. 9337672475. D-849

AFFIDAVIT

By virtue of an affidavit sworn before the Executive Magistrate, Panposh I, Subhasree Mukherjee, W/o- Kalyan Prasad Mukherjee, R/o- At/P.O.- Kuarmunda, Dist.- Sundargarh, Odisha, declare that after marriage I have changed my surname from Banerjee to Mukherjee. That both Subhasree Mukherjee and Subhasree Banerjee are one and same person. D-853

By virtue of an affidavit sworn before Notary, Govt. of Odisha, Bhubaneswar, dated 22.07.24, I, Smruti Ranjan Mohanty, 302, Bomikhal, Rasulgarh, BBSR-10 declare that I have changed my name from Sruti Ranjan Mohanty to Smruti Ranjan Mohanty. Henceforth, I shall be known as Smruti Ranjan Mohanty for all purposes. Smruti Ranjan Mohanty D-848

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

ମନେ ପଡ଼ନ୍ତି

ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ
ଚଞ୍ଚଳା ଜଗଦେବ
ପରିବର୍ତ୍ତିନୀ ସଂସାରେ ମୃତ କୋଃବା ନଜୀୟତେ
ସଜାତେ ଯେନ ଜାତେନ ଜାତି ବଂଶ ସମୁନ୍ନତିମ୍ ।।
ଶବରସାହି, କଳ୍ପନା ଏରିଆ, ଭୁବନେଶ୍ୱର
ଆବିର୍ଭାବ: ୨୦।୦୭।୧୯୪୬
ତିରୋଧାନ: ୧୯।୦୭।୨୦୨୨
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ଆମ୍ଭମାନଙ୍କର ଗଭୀର ଶ୍ରଦ୍ଧାଞ୍ଜଳି ।
ଆପଣଙ୍କର ପରିବାରବର୍ଗ ।
ଧ-୮୫୨

ଶ୍ରଦ୍ଧାଞ୍ଜଳି
ସ୍ୱର୍ଗତା ଦ୍ରୌପଦୀ ମଲ୍ଲିକ
ମହେନ୍ଦ୍ରଗଡ଼, ଗଜପତି
ଆବିର୍ଭାବ: ୦୧।୦୭।୧୯୬୦
ତିରୋଧାନ: ୦୯।୦୭।୨୦୨୪
ତୁମକୁ ହରାଇ ଆମେ ନିଃସ୍ୱ । ପ୍ରତି ମୁହୂର୍ତ୍ତରେ ତୁମ ଅନୁପସ୍ଥିତିକୁ ଅନୁଭବ କରୁଛୁ। ତୁମ ପବିତ୍ର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ।
ଶୋକସନ୍ତପ୍ତ: ଉମାକାନ୍ତ, ଚିତ୍ରସେନ, ଲକ୍ଷ୍ମଣ, ସରସ୍ୱତୀ, ସ୍ୱପ୍ନା, ଜ୍ୟୋତ୍ସ୍ନା, ଛୁନା, ମୁନା, ଲିଲି, ମଞ୍ଜୁ, ପୁରୁଷୋତ୍ତମ, ମାମା, ଶିବାନୀ, ସନ୍ତୋଷ ଓ ପରିବାରବର୍ଗ ।
ଧ-୮୫୪

ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ
✓ମାଧବୀଲତା ମହାରଣା
ତିରୋଧାନ: ୧୨.୦୭.୨୦୨୦
(୪ର୍ଥ ଶ୍ରାଦ୍ଧ ବାର୍ଷିକୀ)
✓ଧ୍ରୁବାନନ୍ଦ ମହାରଣା
ତିରୋଧାନ: ଜୁଲାଇ ୧୯୬୬
(୫୮ତମ ଶ୍ରାଦ୍ଧ ଦିବସ)
ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଠାରେ ବିନମ୍ର ପ୍ରାର୍ଥନା କରୁଅଛୁ।
ଶୋକସନ୍ତପ୍ତ
ଆତ୍ମୀୟ ସ୍ୱଜନ, ବନ୍ଧୁବାନ୍ଧବ ଓ ପରିବାର ବର୍ଗ
ଧ-୮୫୧

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପେଠ କରନ୍ତୁ।
BHIM UPI
ଦେୟ ପେଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

ଶକ୍ତି ଦକ୍ଷତା ପ୍ରତି ଜେଏସ୍‌ଏଲ୍‌ର ପ୍ରତିବଦ୍ଧତାକୁ ସିଆଇଆଇର ସ୍ୱୀକୃତି

ନୂଆଦିଲ୍ଲୀ,୨୬।୭

ଦେଶର ପ୍ରମୁଖ ଶିଳ୍ପ ସଂସ୍ଥା ତଥା ସର୍ବବୃହତ୍ ଷ୍ଟେନ୍‌ଲେସ୍ ଷ୍ଟିଲ୍ ନିର୍ମାତା ଜିନ୍ଦଲ ଷ୍ଟେନ୍‌ଲେସ୍ ଲିମିଟେଡ୍ (ଜେଏସ୍‌ଏଲ୍) ନିକଟରେ ଜାତୀୟସ୍ତରର ପୁରସ୍କାର ଲାଭ କରିଛି। ଉଲ୍ଲେଖଯୋଗ୍ୟ, ଭାରତୀୟ ଶିଳ୍ପ ମହାସଂଘ (କନ୍‌ଫେଡେରେଶନ ଅଫ୍ ଇଣ୍ଡିଆନ୍ ଇଣ୍ଡଷ୍ଟ୍ରି ବା ସିଆଇଆଇ)ର ଜାତୀୟ ଶକ୍ତି ଦକ୍ଷତା ସର୍କଲ ପ୍ରତିଯୋଗିତାର ୮ମ ସଂସ୍କରଣ ଚଣ୍ଡିଗଡ଼ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ଜେଏସ୍‌ଏଲ୍ ଉଲ୍ଲେଖନୀୟ ପ୍ରଦର୍ଶନ ସହ ୬ଟି ପୁରସ୍କାର ହାସଲ କରିଛି। ବିଶେଷକରି କମ୍ପାନୀର ହରିୟାଣାସ୍ଥିତ ହିସାର ଏବଂ ଓଡ଼ିଶାର ଯାଜପୁରଠାରେ ଥିବା ଉତ୍ପାଦନ ୟୁନିଟ୍‌ରେ ନିରନ୍ତର ବିକାଶ ଏବଂ ଶକ୍ତି ସମ୍ବଳର ଦକ୍ଷ ବ୍ୟବହାର ଦିଗରେ ପ୍ରତିବଦ୍ଧତା ପାଇଁ କମ୍ପାନୀକୁ ପୁରସ୍କୃତ କରାଯାଇଛି। ସେହିଭଳି ଜିନ୍ଦଲ ଷ୍ଟେନ୍‌ଲେସ୍ ହିସାର ୟୁନିଟ୍ ଲୋ କାର୍ବନ ଏବଂ କାର୍ବନ ନ୍ୟୁଟ୍ରାଲ ପଦକ୍ଷେପ ଉପରେ ସର୍ବୋତ୍ତମ କେସ୍ ଷ୍ଟଡି, ଶ୍ରେଷ୍ଠ ଶକ୍ତି ଦକ୍ଷତା କେସ୍ ଷ୍ଟଡି, ଶକ୍ତି ଦକ୍ଷତାରେ ଉଦ୍ଭାବନ ଏବଂ ଆଇଏସ୍‌ଓ ୫୦୦୦୧: ଏନର୍ଜି ମ୍ୟାନେଜମେଣ୍ଟ ସିଷ୍ଟମର ପ୍ରଭାବଶାଳୀ କାର୍ଯ୍ୟକାରିତା ବର୍ଗରେ ବିଜୟୀ ହୋଇଛି। ଯାଜପୁର ୟୁନିଟ୍ ଶ୍ରେଷ୍ଠ ଶକ୍ତି ଦକ୍ଷତା ସଂସ୍ଥା ଏବଂ ଆଇଏସ୍‌ଓ ୫୦୦୦୧ (ଏନ୍‌ଏମ୍‌ଏସ୍ ସିଷ୍ଟମ୍)ର ଶ୍ରେଷ୍ଠ କାର୍ଯ୍ୟକାରିତା ପୁରସ୍କାର ହାସଲ କରିଛି। ସିଆଇଆଇ ପ୍ରତିଯୋଗିତାରେ ଧାତୁ ଏବଂ ସିମେଣ୍ଟ ସମେତ ଦେଶର ବିଭିନ୍ନ କ୍ଷେତ୍ରର ଶୀର୍ଷସ୍ତରୀୟ ଅନୁଷ୍ଠାନ ଅଂଶଗ୍ରହଣ କରିଥିଲେ।

ଏ ସମ୍ପର୍କରେ ଜିନ୍ଦଲ ଷ୍ଟେନ୍‌ଲେସ୍‌ର ପରିଚାଳନା ନିର୍ଦ୍ଦେଶକ ଅଭ୍ୟୁଦୟ ଜିନ୍ଦଲ କହିଛନ୍ତି, ଶକ୍ତି ଦକ୍ଷତା ପ୍ରତି ଆମର ପ୍ରତିବଦ୍ଧତାକୁ ସିଆଇଆଇ ସ୍ୱୀକୃତି ଦେଇଥିବାରୁ ଆମେ ବେଶ୍ ଉତ୍ସାହିତ ଅଛୁ। ଏପରିକି ଏହି ପୁରସ୍କାର ଆମ ଦଳର ସମର୍ପଣ ମନୋଭାବର ଏକ ବଳିଷ୍ଠ ପ୍ରମାଣ ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି। ସେହିଭଳି ଜଣେ ଦାୟିତ୍ୱବାନ୍ କର୍ପୋରେଟ୍ ନାଗରିକ ଭାବେ ଆମେ ବାୟୁ, ସୌର ଏବଂ ଜଳଶକ୍ତିର ଉପଯୋଗକରି ଆମର କାର୍ବନ ପଦଚିହ୍ନକୁ ଯଥେଷ୍ଟ ହ୍ରାସ କରୁଛୁ ଏବଂ ତାପଜ ଶକ୍ତି ସମ୍ବଳ ଉପରେ ଆମର ନିର୍ଭରଶୀଳତାକୁ ହ୍ରାସ କରୁଛୁ। ଏପରିକି ଆମ ୟୁନିଟ୍‌ଗୁଡିକରେ ଥିବା ଛାତ ଉପର ସୌର ପ୍ଲାଣ୍ଟ ମଧ୍ୟ ଆମର କାର୍ବନ ନିର୍ଗମନ ହ୍ରାସ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଏହାବ୍ୟତୀତ ନିରନ୍ତର ବିକାଶରେ ଆମର ଅଟୁଟ ବିଶ୍ୱାସ ହିଁ ଆମକୁ ସବୁଜ ଉତ୍ପାଦନ କ୍ଷେତ୍ରରେ ପୁଞ୍ଜିନିବେଶ କରିବା ଏବଂ ପରିବେଶ ପ୍ରତି ଆମର ଦାୟିତ୍ୱ ପାଇଁ ସଚୋଟ ରହିବାକୁ ପ୍ରେରଣା ଦେଇଥାଏ।

ଆଶୀର୍ବାଦର ନୂତନ ପ୍ରଚାର ଅଭିଯାନ

ନୂଆଦିଲ୍ଲୀ,୨୬।୭

ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ଆ

ଲୋୟର ସୁକତେଲ୍ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ଗିରଫ

ଆୟଠାରୁ ୨୫୭% ଅଧିକ ସମ୍ପତ୍ତି ଠୁଳ କରିଥିଲେ ସୁନୀଲ

ଭୁବନେଶ୍ୱର,୨୬।୭ (ସତ୍ୟଜିତ୍ ରାଉତ)

ଚଢ଼ାଉ ଓ ଯାଞ୍ଚ ପରେ ବଲାଙ୍ଗୀର ଲୋୟର ସୁକ୍‌ତେଲ ପ୍ରକଳ୍ପର କୋଟିପତି ମୁଖ୍ୟ ନିର୍ମାଣ ଯନ୍ତ୍ରୀ ସୁନୀଲ କୁମାର ରାଉତଙ୍କ ବିପୁଳ ଆୟବହିର୍ଭୂତ ସମ୍ପତ୍ତି ଠାବ ହୋଇଛି। ଗୁରୁବାର ଭଳି ଯାଞ୍ଚର ଦ୍ୱିତୀୟ ଦିନ ଶୁକ୍ରବାର ମଧ୍ୟ ତାଙ୍କର ଏକ ଲକର୍‌ରୁ ବିପୁଳ ସୁନା ଓ ଉତ୍ତରପ୍ରଦେଶ ମଥୁରାରେ ଏକ ଫ୍ଲାଟ୍ ଠାବ ହୋଇଛି। ଠାବ ମୋଟ୍ ସମ୍ପତ୍ତି ସୁନୀଲଙ୍କ ପ୍ରକୃତ ଆୟଠାରୁ ୨୫୭ ପ୍ରତିଶତ ଅଧିକ ବୋଲି ଭିଜିଲାନ୍ସ ହିସାବ କରିଛି। ତେବେ ଏହି ସମ୍ପତ୍ତି ସଂକ୍ରାନ୍ତରେ ସୁନୀଲ ସନ୍ତୋଷଜନକ ଉତ୍ତର ଦେଇପାରି ନ ଥିଲେ। ତେଣୁ ଭୁବନେଶ୍ୱର ଭିଜିଲାନ୍ସ ଥାନାରେ ଶୁକ୍ରବାର ପ୍ରସନ୍ନଙ୍କ ନାମରେ ମାମଲା (ନଂ.୬/୨୦୨୪) ରୁଜୁ କରାଯାଇ ତାଙ୍କୁ ଗିରଫ କରାଯାଇଛି।

ଏହି ମାମଲାରେ ସୁନୀଲଙ୍କ ସ୍ତ୍ରୀଙ୍କୁ ମଧ୍ୟ ଅଭିଯୁକ୍ତ ଦର୍ଶାଯାଇଛି। ଗିରଫ ପରେ ଅଭିଯୁକ୍ତ ସୁନୀଲଙ୍କୁ ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନ ମିଳିବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଶୁକ୍ରବାର ଭିଜିଲାନ୍ସ ଅଧିକାରୀମାନେ ସୁନୀଲଙ୍କ ଲକର, ଜୀବନବୀମା ଓ ବ୍ୟାଙ୍କ, ଫାର୍ମହାଉସ୍ ଆଦି ଯାଞ୍ଚ କରିଥିଲେ। ତାଙ୍କର ଏକ ଲକର୍‌ରୁ ୭୬୨.୪୫ ଗ୍ରାମର ସୁନା ଅଳଙ୍କାର, ଉତ୍ତରପ୍ରଦେଶ ମଥୁରାରେ ଏକ ଆପାର୍ଟମେଣ୍ଟରେ ୨ବିଏଚ୍‌କେ ଫ୍ଲାଟ୍, ବିଭିନ୍ନ ଜୀବନ ବୀମା କମ୍ପାନୀରେ ୧.୮୬ କୋଟି ଟଙ୍କାର ପ୍ରିମିୟମ୍ ଜମା ଓ ୯୮.୧୧ ଲକ୍ଷ ଟଙ୍କାର ବ୍ୟାଙ୍କ ଜମା ଠାବ ହୋଇଛି। ଢେଙ୍କାନାଳ ସପ୍ତଶଯ୍ୟାରେ ରହିଥିବା ତାଙ୍କ ଫାର୍ମ ହାଉସ୍‌ରେ ୨ ମହଲା

ସୁନୀଲ କୁମାର ରାଉତ

କୋଠା ସମେତ ଏକ ପଲ୍‌ଟ୍ରି ଫାର୍ମରେ ୧ ହଜାର କୁକୁଡା ଛୁଆ ଓ ବତକ ଏବଂ ଏକ ଗୁହାଳରେ ୭୦ ଗାଈ ଓ ବାଛୁରୀ ରହିଥିବା ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି।

ସୂଚନାଯୋଗ୍ୟ, ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟଙ୍କ ୱାରେଣ୍ଟ ବଳରେ ଭିଜିଲାନ୍ସର ୯ଟି ଟିମ୍ ଗୁରୁବାର ସୁନୀଲଙ୍କ ଘର ସମେତ ଭୁବନେଶ୍ୱର, ବଲାଙ୍ଗୀର, ପୁରୀ, ଅନୁଗୋଳ, ଢେଙ୍କାନାଳ ଓ କଟକର ୯ ସ୍ଥାନରେ ଏକକାଳୀନ ଚଢ଼ାଉ ହୋଇଥିଲା। ଏହି ସମୟରେ କଟକ, ଭୁବନେଶ୍ୱର, ପୁରୀ ଓ ଢେଙ୍କାନାଳରେ ମୋଟ୍ ୩୪ ଫ୍ଲାଟ୍, ଭୁବନେଶ୍ୱର ଚନ୍ଦ୍ରଶେଖରପୁର ନୀଳାଦ୍ରିବିହାରେ ଏକ ୩ ମହଲା କୋଠା, ନୟାପଲ୍ଲୀ ନୀଳକଣ୍ଠ ନଗରରେ ଏକ ଦୁଇ ମହଲା କୋଠା, ପୁରୀ ଜିଲା ଶ୍ରୀକ୍ଷେତ୍ର ଭକ୍ତ ନିବାସରେ ଏକ ୨ ବିଏଚ୍‌କେ ଫ୍ଲାଟ୍, ପୁରୀ ଭିଆଇପି ରୋଡ୍‌ସ୍ଥିତ କ୍ରୀଷ୍ଣାଧାମ ଆପାର୍ଟମେଣ୍ଟରେ ଏକ ୱାନ୍ ବିଏଚ୍‌କେ ଫ୍ଲାଟ୍, ଘରୁ ୨ ଲକ୍ଷ ୩୪ ହଜାର ୧୨୦ ଟଙ୍କା, ୧୭୬ ଗ୍ରାମର ସୁନା ଅଳଙ୍କାର, ୫୦୦ ଗ୍ରାମର ରୁପା ଅଳଙ୍କାର, ଗୋଟିଏ ଟ୍ରକ୍, ୨ଟି ବେନାମୀ ଚାରିଚକିଆ ଯାନ, ୪ଟି ବାଇକ ଓ ୧୫ ଲକ୍ଷ ଟଙ୍କାର ଘରୋଇ ଉପକରଣ ଠାବ ହୋଇଥିଲା। ତେବେ ସୁନୀଲ ଦୁର୍ନୀତି କରି ଏସବୁ ବିପୁଳ ସମ୍ପତ୍ତି କରିଥିବା ଭିଜିଲାନ୍ସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଥିବା ସୂଚନା ମିଳିଛି।

ଅନ୍‌ଲାଇନ ଗେମ୍‌ରୁ କୋଟିପତି

ଗୋଗୁଆ ଗ୍ରାମରେ ୬ ଜଣଙ୍କ ଘରେ ଇଡି ଚଢ଼ାଉ

ବଣାଇଁ, ୨୬।୭(ପ୍ରଦୀପ ତ୍ରିପାଠୀ)

ସୁନ୍ଦରଗଡ଼ ଜିଲା ବଣାଇଁ ଉପଖଣ୍ଡର ବଡ ଗୋଗୁଆ ଗ୍ରାମରେ ଶୁକ୍ରବାର ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ପକ୍ଷରୁ ଚଢ଼ାଉ କରାଯାଇଛି। ଉକ୍ତ ଗ୍ରାମର କେତେଜଣ ଯୁବକ ଅନ୍‌ଲାଇନ୍ ଗେମ(ଫି-ଫ୍ରିନ) ଖେଳି ବହୁ କୋଟି ଟଙ୍କା ଆୟ କରଥିବା ନେଇ ଜଣାପଡିବା ପରେ ଏହି ଚଢ଼ାଉ ହୋଇଛି।

ବଣାଇଁ ଅଞ୍ଚଳରେ କେତେଜଣ ଯୁବକ ପ୍ରାୟ ୩ବର୍ଷ ଧରି ଅନଲାଇନ୍ ଗେମ ଖେଳି ବିପୁଳ ପରିମାଣର ଟଙ୍କା ଆୟ କରୁଥିଲେ। ସେମାନଙ୍କର ବ୍ୟାଙ୍କ ଟ୍ରାଞ୍ଜାକସନ, ଆୟକର ତଥ୍ୟକୁ ନେଇ ଦୀର୍ଘଦିନରୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଦୃଷ୍ଟି ରଖିଥିଲା। ଶେଷରେ ଗୋଗୁଆ ଗ୍ରାମର ଅରୁଣ ସାହୁ, ଶିଶିର ପ୍ରଧାନ, ବିଜୟ ପ୍ରଧାନ, ଡେଲିନ ପ୍ରଧାନ,ସେବା ସାହୁ, କ୍ଷମାନିଧି ସାହୁଙ୍କ ଘରେ ଚଢ଼ାଉ କରିଛି। ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ(ରାତି ୮ଟା) ସିଆର୍‌ପିଏଫ୍ (ସେଣ୍ଟ୍ରାଲ ରିଜର୍ଭ

ଭିଜିଲାନ୍ସ ପକ୍ଷରୁ ଚଢ଼ଉ କରାଯାଉଛି।

ପୋଲିସ ଫୋର୍ସ)ଯବାନ ଓ ଅଧିକାରୀ ଯବାନମାନେ ସେମାନଙ୍କ ଘର ଆଗରେ ଜଗି ରହିଛନ୍ତି। ଉକ୍ତ ଯୁବକମାନେ ଫେରାର ହୋଇଯାଇଥିବା ଜଣାପଡିଛି। ସବୁଠାରୁ ବଡ଼ କଥା ହେଉଛି, ଏହି ସ୍କାର୍ଡ ଗ୍ରାମର ବୁଦ୍ଧଦେବ ସାହୁଙ୍କ ଘରେ ପଶିଥିଲେ। ଘରେ କେହି ନ ଥିବାର ସୁଯୋଗରେ ଆଲମିରା ଖୋଲି ସୁନା,ଟଙ୍କା ନେଇଯାଇଥିବା ଅଭିଯୋଗ ହୋଇଛି। ଏନେଇ ବୁଦ୍ଧଦେବ ବଣାଇଁ ଥାନାରେ ଅଭିଯୋଗ କରିଛନ୍ତି। ସୂଚନାଯୋଗ୍ୟ, କେବଳ ବଡ଼ ଗୋଗୁଆ ନୁହେଁ,ଆଖାପାଖର ୨୦ରୁ ଊର୍ଦ୍ଧ୍ୱ ଲୋକ ଏଭଳି ଆଇଡି ଖୋଲି ଅନ ଲାଇନ୍ ଗେମ୍ ଖେଳୁଥିଲେ ଓ ଏଥିର ବହୁ କୋଟି ଟଙ୍କା ଆୟ କରୁଥିଲେ।

ରେଳଧାରଣାରୁ ଆଇନଜୀବୀଙ୍କ ଖଣ୍ଡବିଖଣ୍ଡିତ ମୃତଦେହ ଜବତ

ଚୌଦ୍ୱାର/ମଙ୍ଗୁଳି-ଜଗତପୁର,୨୬।୭ (ଆଶୁତୋଷ ଦାସ/ମାନସ ସାମଲ)

କଟକ ଜିଲା ଚୌଦ୍ୱାର ଥାନା ଅଧୀନ ଶଙ୍କରପୁର ଗ୍ରାମ ନିକଟ ରେଳଧାରଣାରୁ ଜଣେ ଆଇନଜୀବୀଙ୍କ ଖଣ୍ଡବିଖଣ୍ଡିତ ମୃତଦେହକୁ କଟକ ଜିଆରପି ଶୁକ୍ରବାର ଜବତ କରିଛି। ସେ ହେଲେ କଟକ ମାନସିଂହପାଟଣା ଅଞ୍ଚଳର ସୌମ୍ୟ ପ୍ରକାଶ ମହାପାତ୍ର। ମିଳିଥିବା ସୂଚନା ଅନୁଯାୟୀ, ସକାଳ ପ୍ରାୟ ୬ଟାରେ ଶଙ୍କରପୁର ଗ୍ରାମର କେତେଜଣ ଲୋକ ବିଲକୁ ଯାଉଥିବାବେଳେ ରେଳଧାରଣାରେ ସୌମ୍ୟଙ୍କ ଖଣ୍ଡବିଖଣ୍ଡିତ ମୃତଦେହ ପଡିଥିବା ଦେଖିଥିଲେ। ଖବରପାଇ ଚୌଦ୍ୱାର ପୋଲିସ ଓ କଟକ ଜିଆର୍‌ପି ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ମୃତଦେହ ନିକଟରୁ ୨ଟି ମୋବାଇଲ, ଗୋଟିଏ ମନିପର୍ସ, ପରିଚୟପତ୍ର ସହ କିଛି ଦୂରରେ ଥିବା ସୌମ୍ୟଙ୍କ ବାଇକ୍ ପୋଲିସ ଜବତ କରିଛି। ଏହାପରେ ମୃତଦେହ ବ୍ୟବଚ୍ଛେଦ ପାଇ କଟକ ବଡ଼ ମେଡିକାଲ ପଠାଯାଇଛି। ଏନେଇ ଜିଆରପି ଥାନା ଅଧିକାରୀ ମାନି କୁମାରୀ ସାହୁ କହିଛନ୍ତି, ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ତାହା ସ୍ପଷ୍ଟ ହେବ।

୩ କୁଇଣ୍ଟାଲ ଗଞ୍ଜେଇ ଜବତ: ୬ କୋର୍ଟ ଚାଲାଣ

ଗଞ୍ଜେଇ କାରବାରରେ ଶିକ୍ଷକ ସମ୍ପୃକ୍ତ

ଟିଟିଲାଗଡ଼,୨୬।୭(ଶରତ ମିଶ୍ର)

ଶୁକ୍ରବାର ପୋଲିସ ଟିମ୍ ଟିଟିଲାଗଡ଼ଠାରେ ଏକ ବୋଲେରୋରୁ ୩ କୁଇଣ୍ଟାଲ ୩୭ କି.ଗ୍ରା. ଗଞ୍ଜେଇ ଜବତ କରିଛି। ଏହି ଘଟଣାରେ ୬ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ସେମାନଙ୍କ ମଧ୍ୟରେ ବାଲିଗୁଡ଼ା ଅଞ୍ଚଳର ଜଣେ ଶିକ୍ଷକ ସମ୍ପୃକ୍ତ ଥିବା ଜଣାଯାଇଛି। ଅପରାହ୍ନରେ ଟିଟିଲାଗଡ଼ ଥାନାରେ ଏକ ଖବରଦାତା ସମ୍ମିଳନୀକରି ବଲାଙ୍ଗୀର ଏସ୍‌ପି ଋଷିକେଶ ଖିଲାରି ଏହି ସୂଚନା ଦେଇଛନ୍ତି।

ସୂଚନା ଅନୁଯାୟୀ,କନ୍ଧମାଳ ଜଲା ବାଲିଗୁଡ଼ା ଅଞ୍ଚଳରୁ ନିୟମିତ ଭାବରେ ଗଞ୍ଜେଇ ଟିଟିଲାଗଡ଼, କଣ୍ଟାବାଞ୍ଜି ଦେଇ ରାୟପୁର ଅଞ୍ଚଳକୁ ଚାଲାଣ ହେଉଥିଲା। ଫଳରେ କଣ୍ଟାବାଞ୍ଜି ଆଇଆଇସି ରଶ୍ମିତା ବେହେରା,ସବ୍ ଇନ୍ସପେକ୍ଟର ଅବିନାଶ ନାଏକ, ବଙ୍ଗୋମୁଣ୍ଡା ଥାନା ଅଧିକାରୀ ସଞ୍ଜୀବ ପ୍ରଧାନଙ୍କୁ ନେଇ ଏକ ପୋଲିସ ଟିମ୍ ଗଠନ କରାଯିବା ସହ ଏଥିପ୍ରତି ନଜର ରଖାଯାଇଥିଲା। ଶୁକ୍ରବାର ସକାଳେ ଗଞ୍ଜେଇ ଚୋରା ଚାଲାଣ ହେବା ନେଇ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ

ଗିରଫ ଅଭିଯୁକ୍ତ ଓ ଜବତ ଗଞ୍ଜେଇ।

ଟିଟିଲାଗଡ଼ ଥାନା ଅଧିକାରୀ ଅବନୀ ସାହୁ, ସବ୍ ଇନ୍ସପେକ୍ଟର କିରଣ ଜାନି, ଦେବାଶିଷ ଶତପଥୀ, କଣ୍ଟାବାଞ୍ଜି ଥାନା ଅଧିକାରୀ ବେହେରା ଓ ଟିଟିଲାଗଡ଼ ପୋଲିସ ଟିଟିଲାଗଡ଼ ଦେଇ କଣ୍ଟାବାଞ୍ଜି ଯାଉଥିବା ଏକ ବୋଲେରୋକୁ ସନ୍ଦେହରେ ଅଟକାଇ ଯାଞ୍ଚ କରିଥିଲେ। ସେଥିରୁ ୩ କୁଇଣ୍ଟାଲ ୩୭ କି.ଗ୍ରା. ଗଞ୍ଜେଇ ଜବତ ହୋଇଥିଲା। ଏନେଇ ବାଲିଗୁଡ଼ା ଥାନା ଗୁଳିମରା ଗ୍ରାମର ପ୍ରଭାତ ମୁନି, ମୁଠାବାଲି ଗ୍ରାମର ଶୁଭନାଥ ମହାନନ୍ଦ, ପୂର୍ଣ୍ଣ ବେସରା, ଲନ୍ଦା ଗ୍ରାମର ଶିକ୍ଷକ ପ୍ରଶାନ୍ତ ନାଏକ, ଘୋଡ଼ାବାଲି ଗ୍ରାମର ରାଜୁ ରଣା, ବଙ୍ଗୋମୁଣ୍ଡା ଥାନା ବେଲପଡ଼ା ଗ୍ରାମର ବୁଦ୍ଧି ସାଗର ମେହେରଙ୍କୁ ପୋଲିସ ଗିରଫ କରିବା ସହ କୋର୍ଟ ଚାଲାଣ କରିଛି। ସେହିପର ଗୁରୁବାର ପୋଲିସ ଟିମ୍ ଟିଟିଲାଗଡ଼ରେ ଚଢ଼ାଉକରି ଏକ ପିକ୍‌ଅପ୍ ଭ୍ୟାନ୍‌ରୁ ୨୪୪ ପ୍ୟାକେଟ ଗଞ୍ଜେଇ ଜବତ କରିଥିଲା। ଉଭୟ ଘଟଣାରେ ପୋଲିସ ୨ଟି ଗାଡ଼ି, ୬ଟି ମୋବାଇଲ ଫୋନ, ନଗଦ ୯୦୦ ଟଙ୍କା ଜବତ କରିଛି ବୋଲି ଏସ୍‌ପି ଖିଲାରି ଖବରଦାତା ସମ୍ମିଳନୀରେ ସୂଚନା ଦେଇଥିଲେ। ସୂଚନାଯୋଗ୍ୟ, କନ୍ଧମାଳ ଜିଲା ବାଲିଗୁଡ଼ାରୁ ବେଲଗାଁ ରାସ୍ତା ଦେଇ ବିଭିନ୍ନ ସ୍ଥାନକୁ ଗଞ୍ଜେଇ ଚୋରା ଚାଲାଣ ହେଉଥିବା ନେଇ ସୂଚନା ମିଳିବା ପରେ ପୋଲିସ ସତର୍କଦୃଷ୍ଟି ରଖିଛି।

ଏମ୍‌ସିଏଲ୍ ଜିଏମ୍‌ଙ୍କୁ ଚପଲରେ ମାରିବା ଘଟଣା: ୪ ଗିରଫ

ଝାରସୁଗୁଡ଼ା,୨୬।୭(ସଞ୍ଜୟ ମାଲି)

ଝାରସୁଗୁଡ଼ା ଜିଲାସ୍ଥିତ ମହାନଦୀ କୋଇଲା ଖଣି(ଏମ୍‌ସିଏଲ୍) ଅଧିକାରୀ ସଞ୍ଜୟ ଝାଙ୍କ ଉପରେ ହୋଇଥିବା ଆକ୍ରମଣ ଘଟଣାରେ ୪ଜଣ ମହିଳାଙ୍କୁ ପୋଲିସ ଗିରଫ କରିଛି। ଗିରିଫ ମହିଳାମାନେ ହେଲେ ପାର୍ବତୀ ବେହେରା (୪୨), ବିଦ୍ୟୁଟି ଶ୍ରୀବାସ୍ତବ (୩୭), ଲକ୍ଷ୍ମୀ ଦାସ (୩୦), ବିନି ଦାସ (୪୨)। ଶୁକ୍ରବାର ୪ଜଣ ମହିଳାଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବନହରପାଲି ଥାନା ପୋଲିସ ପକ୍ଷରୁ ସୂଚନା ମିଳିଛି। ସଞ୍ଜୟ ଥାନାରେ ଦେଇଥିବା ଅଭିଯୋଗ ଅନୁସାରେ ଗୁରୁବାର ମଧ୍ୟାହ୍ନ ୧୨ଟାରେ ବୃକ୍ଷରୋପଣ ସମ୍ପର୍କିତ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ସମୟରେ ହଠାତ୍ ୪ଜଣ ମହିଳା ସେଠାକୁ ପଶି ଆସିଥିଲେ। ସଞ୍ଜୟ କାହିଁକି ଆସିଛ ପଚାରିବାରୁ ସେମାନେ ଦାଦା ବଟି ମାଗିବା ସହିତ ତାଙ୍କ ପିଲାଙ୍କୁ ଚାକରି ଦେବାକୁ କହିଥିଲେ। ଏହି ବିଷୟରେ ଆଲୋଚନା କରିବା ପାଇଁ ସେ ସେମାନଙ୍କୁ ଅଫିସକୁ ଡାକିଥିଲେ। ସଞ୍ଜୟ ଆଗେ ଆଗେ ଯାଉଥିବା ବେଳକୁ ହଠାତ୍ ପଛରୁ ପାର୍ବତୀ ଅସଭ୍ୟ ଭାଷାରେ ଗାଳିଗୁଲଜ ଦେବା ସହିତ ଚପଲରେ ଆକ୍ରମଣ କରିଥିଲେ। ମହିଳାମାନଙ୍କ ଉଦ୍ଦେଶ୍ୟମୂଳକ ଭାବେ ଆକ୍ରମଣ କରିଛନ୍ତି ବୋଲି ସଞ୍ଜୟ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଘଟଣା ପରେ ବନହରପାଲି ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ସେମାନଙ୍କୁ ଅଟକ ରଖିବା ସହିତ ତଦନ୍ତ କରିଥିଲା। ତେବେ ସେମାନେ ବେକାର ଯୁବତୀଯୁବକଙ୍କଠାରୁ ଚାକିରି କରାଇ ଦେବା ନାଁରେ ଅର୍ଥ ସଂଗ୍ରହ କରି ନିଯୁକ୍ତି ଦେବେ ବୋଲି ପ୍ରତିଶ୍ରୁତି ଦେଉଛନ୍ତି। ସମ୍ପୃକ୍ତ ଯୁବତୀଯୁବକ ନିଯୁକ୍ତି ପାଇ ଚାପ ସୃଷ୍ଟି କରବାରୁ ଏହ ଆକ୍ରମଣ ହୋଇଥାଇପାରେ ବୋଲି ସଞ୍ଜୟ ଅଭିଯୋଗ କରିଛନ୍ତି। ସେପଟେ ଭାଇରାଲ ହେଉଥିବା ଭିଡିଓରେ ପାର୍ବତୀ ବେହେରା ବାରମ୍ବାର ସେ ଗିରଫ ହେବା ପାଇଁ ପ୍ରସ୍ତୁତ ବୋଲି କହୁଥିବା ଶୁଣିବାକୁ ମିଳିଛି।

ନବବଧୂଙ୍କୁ ତଣ୍ଟିଚିପି ହତ୍ୟା

ଶାଶୁ, ଦିଅର ଅଟକ: ତଦନ୍ତ ଜାରି

ଖୋର୍ଦ୍ଧା,୨୬।୭(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲା ଜଙ୍କିଆ ଥାନା ସିକୋ ଫାଣ୍ଡି ବେଗୁନିଆ ବ୍ଲକ ହଜ ପଞ୍ଚାୟତର ନିଧିପୁର ଗ୍ରାମରେ ଜଣେ ବଧୂଙ୍କୁ ତଣ୍ଟି ଚିପି ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ମୃତା ହେଲେ ଶିଳ୍ପଲତା ମଙ୍ଗରାଜ (୨୩)। ପୋଲିସ ମୃତଦେହର ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏହି ମୃତ୍ୟୁକୁ ଶାଶୁଘର ଲୋକେ ଆତ୍ମହତ୍ୟାର ରୂପ ଦେଇଥିବା ବାପଘର ଲୋକେ ଦର୍ଶାଇ ଶିଳ୍ପଲତାଙ୍କ ଶାଶୁ, ଶ୍ୱଶୁର, ସ୍ୱାମୀ ଓ ଦିଅରଙ୍କ ନାମରେ ହତ୍ୟା ଅଭିଯୋଗ ଆଣିଛନ୍ତି। ପୋଲିସ ଏକ ମାମଲା ରୁଜୁ କର ସାଇଣ୍ଟଫିକ୍ ଟିମ୍ ସହ ତଦନ୍ତ ଜାରି ରଖିଛି। ପୋଲିସ ଶିଳ୍ପଲତାଙ୍କ ବେଡ୍‌ରୁମ୍, ତଳେ ଶୋଇଥିବା ସ୍ଥାନ ପ୍ରଭୃତି ଯାଞ୍ଚ କରିବା ସହ ଶାଶୁ ଓ ଦିଅରଙ୍କୁ ଥାନାରେ ଅଟକ ରଖିଛି।

ଅଭିଯୋଗ ଅନୁଯାୟୀ, ସିକୋ ଫାଣ୍ଡି ହୀରାପୁର ପଞ୍ଚାୟତ ରାୟମୂଳ ଗ୍ରାମର ନବକିଶୋର ମଙ୍ଗରାଜଙ୍କ ଝିଅ ଶିଳ୍ପଲତା ନିଧିପୁର ଗ୍ରାମର ମହେଶ୍ୱର ଛୁଆଳସିଂଙ୍କ ବଡ଼ପୁଅ ଜଗଦୀଶ(୨୮)ଙ୍କୁ ବିବାହ କରିଥିଲେ। ଜଗଦୀଶ ବାହାର ରାଜ୍ୟରେ କାମ କରନ୍ତି। ଶିଳ୍ପଲତାଙ୍କର ୮ ମାସର ଏକ ଶିଶୁକନ୍ୟା ରହିଛି। ବିବାହର କିଛି ମାସ ପରେ ସ୍ୱାମୀ ଜଗଦୀଶ, ଶାଶୁ ସୁକାନ୍ତି(୫୪), ଶ୍ୱଶୁର ମହେଶ୍ୱର (୬୦), ଦିଅର ଜୀବନ (୨୦) ତାଙ୍କୁ ବିଭିନ୍ନ ସମୟରେ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିଲେ ବୋଲି ଶିଳ୍ପଲତାଙ୍କ ବାପା ନବକିଶୋର ଅଭିଯୋଗରେ ଦର୍ଶାଇଛନ୍ତି। ସେ ଆହୁରି ଦର୍ଶାଇଛନ୍ତି ଯେ, ଗୁରୁବାର ସନ୍ଧ୍ୟାରେ ତାଙ୍କ ଝିଅ ମରିଯାଇଥିବା ଖବର ପାଇ ଶାଶୁଘରେ ପହଞ୍ଚିଥିଲେ। ଝିଅ ରଶି ଲଗାଇ ଆତ୍ମହତ୍ୟା କରିଥିବା ଶାଶୁଘର ଲୋକେ ଜଣାଇଥିଲେ। ତେବେ ସେଠାରେ ପହଞ୍ଚିବା ବେଳକୁ ଝିଅର ମୃତଦେହ ତଳେ ଶୁଆଇ ଦିଆଯାଇଥିବା ଦେଖିବାକୁ ପାଇଥିଲେ। ଏହା ଏକ ଯୋଜନାବଦ୍ଧ ହତ୍ୟାକାଣ୍ଡ ବୋଲି ସେ କହିଛନ୍ତି।

୧୦ ଟନ୍ ଗୋମାଂସ ଜବତ, ୨ ଗିରଫ

ଖୁଣ୍ଟୁଣୀ, ୨୬।୭(ସଚ୍ଚିଦାନନ୍ଦ ପଣ୍ଡା)

କଟକ ଜିଲା ଖୁଣ୍ଟୁଣୀ ଥାନା ଅଧୀନ ଗଣେଶ ବଜାର ନିକଟରୁ ଶୁକ୍ରବାର ଭୋର ସମୟରେ ଗୋମାଂସ ବୋଝେଇ ଏକ ଟ୍ରକ୍ ଜବତ କରାଯାଇଛି। ଗୋମାଂସ ଚାଲାଣ ଘଟଣାରେ ପୋଲିସ ୨ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ମହାରାଷ୍ଟ୍ର ନନ୍ଦେଢ଼ ଥାନା ମୁଡ୍‌ଖେଣ୍ଡର ବଳରାମ କାଦାମ ଓ ନନ୍ଦେଢ଼ର କୁନାଲ ନରବାଡେ। ଉକ୍ତ ଟ୍ରକ୍‌ରୁ ୧୦ ଟନ୍‌ଗୋମାଂସ ଜବତ କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ତିଗିରିଆ କରଡ଼ାପଲ୍ଲୀ ଅଞ୍ଚଳରୁ ଏକ ଟ୍ରକ୍(ଏମ୍‌ଏଚ୍‌୨୬ବିଇ-୯୪୬୦) ଗୋମାଂସ ବୋଝେଇ ହୋଇ ଆସୁଥିବା ଖୁଣ୍ଟୁଣୀ ଅଞ୍ଚଳର କେତେଜଣ ଯୁବକ ଖବର ପାଇଥିଲେ। ଫଳରେ ସେମାନେ ଗଣେଶ ବଜାରଠାରେ ଜଗି ରହିଥିଲେ। ଟ୍ରକ୍ ସେଠାରେ ପହଞ୍ଚିବା ପରେ ସେମାନେ ଅଟକାଇ ଦେଖିବାରୁ ସେଥିରେ ଗୋମାଂସ ଥିବା ଜଣାପଡିଥିଲା। ଘଟଣାସ୍ଥଳରୁ ଟ୍ରକ୍ ଚାଳକ ଓ ଅନ୍ୟ ଜଣେ ସହଯୋଗୀଙ୍କୁ ଯୁବକମାନେ କାବୁ କରି ପୋଲିସ ଜିମା ଦେଇଥିଲେ। ଜବତ ମାଂସକୁ ରାଣୀବଣିଆ ନିକଟ ସଂରକ୍ଷିତ ଜଙ୍ଗଲରେ ପୋତି ଦିଆଯାଇଥିବା ଆଇଆଇସି ଭବାନୀ ଶଙ୍କର ଖୁଣ୍ଟିଆ କହିଛନ୍ତି। ଏନେଇ ଥାନାରେ ଏକ ମାମଲା(ନଂ. ୧୬୧/୨୪) ରୁଜୁ ହୋଇଛି।

ଗଣବଳାତ୍କାର ପୀଡ଼ିତାଙ୍କ ହେଉଛି କାଉନସେଲିଂ

ରାଉରକେଲା, ୨୬।୭(ସଙ୍ଗୀତା ଜେନା)

ରାଉରକେଲା ସରକାରୀ ଡାକ୍ତରଖାନା (ଆର୍‌ଜିଏଚ) ସଖୀ ୱାନ ଷ୍ଟପ ସେଣ୍ଟରରେ ଶୁକ୍ରବାର ଗଣବଳାତ୍କାର ପୀଡିତାଙ୍କ କାଉନ୍‌ସେଲିଂ କରାଯାଇଛି। ତାଙ୍କ ମାନସିକ ସ୍ଥିତି ଠିକ୍ ନ ଥିବା ଜଣାପଡ଼ିଛି। ଖୁବଶୀଘ୍ର ପୀଡ଼ିତାଙ୍କୁ ତାଙ୍କ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯିବ ବୋଲି ପୋଲିସ ସୂଚନା ଦେଇଛି। ଏହି ଘଟଣାରେ ୨ ଅଭିଯୁକ୍ତ ଶଙ୍କର କିଷାନ(୪୫) ଓ ଏତୱା ଓରାମ(୩୯)ଙ୍କୁ ଗୁରୁବାର ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ସୂଚନା ଅନୁଯାୟୀ, ପୀଡ଼ିତା ମହିଳାଙ୍କୁ ଗତ ୧୫ ତାରିଖରେ ଶଙ୍କର ଓ ଏତୱା ରାଉରକେଲା ବୁଲାଇ ନେବାକୁ କହିଥିଲେ। ଏଥିରେ ମହିଳା ରାଜି ହୋଇ ସେମାନଙ୍କ ସହ ଏକ ବାଇକ୍‌ରେ ଆସିଥିଲେ। ଉକ୍ତ ଯୁବକଦ୍ୱୟ ମହିଳାଙ୍କୁ ବୁଲାଇବା ପରେ ତାଙ୍କୁ ପ୍ଲାଣ୍ଟସାଇଟ୍ ଥାନା ଅଞ୍ଚଳର ଏକ ହୋଟେଲରେ ରଖି ବଳାତ୍କାର କରିଥିଲେ। ୧୬ ତାରିଖରେ ସେମାନେ ମହିଳାଙ୍କୁ ରାଉରକେଲାରେ ରହି କାମ କରିବାକୁ କହି ନିଜ ଗ୍ରାମ ଭାଲୁଡୁଙ୍ଗୁରୀକୁ ଚାଲିଯାଇଥିଲେ। ଅପରପକ୍ଷରେ, ମହିଳାଙ୍କ ମାନସିକ ସ୍

ବିଶ୍ୱସ୍ତ ଶ୍ରାବଣ

ଗଳ୍ପ

ଝରଣା ପଟ୍ଟନାୟକ

କ୍ଲାସ୍‌ରୁମ୍‌ରୁ କମନ୍‌ରୁମ୍। ବର୍ଷାପାଣି ଛାଟରେ ଗୋଟାପଣେ ଓଦା ରାଜେଶ। ଏଥର ଋତୁ ଆରମ୍ଭରୁ ବର୍ଷା ବଡ଼ ଅସ୍ତବ୍ୟସ୍ତ କଲାଣି। ଘାସ ଭିତରେ ମାଟି ପର୍‌ପର୍। କଚଡ଼ାବର୍ଷା ସାଧାରଣ ଜନଜୀବନକୁ ହନ୍ତସନ୍ତ କଲାଣି।

ସିପ୍ରା ମାଡାମ୍‌ଙ୍କର ଟିକିଏ ଆଗରୁ କ୍ଲାସ୍ ସରିଛି। ସେ କମନ୍‌ରୁମ୍‌ରେ। ଦୁହିଁଙ୍କର ବୁଢ଼ା ରଜା ତଳେ କ୍ୱାର୍ଟର।

ସାଙ୍ଗ ହୋଇ ରାଜେଶଙ୍କର ଗାଡ଼ିରେ ଯିବେ। ଆଜି ତାଙ୍କ ଡ୍ରାଇଭର ଛୁଟିରେ।

କମନ୍‌ରୁମ୍ ଖାଲି। ସିପ୍ରା ମାଡାମ୍ ଝର୍କା ପାଖରେ। ଝାଡ଼ି ଦଉଛନ୍ତି ମଥାକୁ ରୁମାଲ୍‌ରେ। ବର୍ଷାଛିଟାରେ ଓଦା। ଚାହିଁଛନ୍ତି ଝର୍କା ଆଡ଼େ।

ଓଡ଼ିଶାର ସେ ଜଣେ ବିଦଗ୍ଧ କବି। ଗୀତି-କବିତା ଲେଖି ବହୁ ସମ୍ମାନର ଅଧିକାରିଣୀ। ଦୁନିଆଟା ତାଙ୍କ ପାଇଁ ପ୍ରେମମୟ। ବସିଛନ୍ତି ଚୁପ୍‌ଚାପ୍। ପ୍ରେମ କବିତାଟେ ଲେଖିବେ ବୋଧେ।

ରାଜେଶ ତାଙ୍କର ମୌନ ଭଙ୍ଗ କଲେ। ଘରକୁ ଯିବା ବେଳଟାରେ ତ ବର୍ଷା। ରାଜେଶ କହିଲେ; ଯିବାନି କି ମାଡାମ୍? ହଁ ମୁଁ ଡ୍ରାଇଭରକୁ ଫୋନ୍ କରୁଛି। କହିଲେ ସିପ୍ରା ମାଡାମ୍। ରାଜେଶ ବିଚଳିତ ହୋଇପଡ଼ିଲେ। ଡ୍ରାଇଭର ଆସିବନି ବୋଲି ତ ସେ ଜାଣିଛନ୍ତି। ଇୟେ ପୁଣି କି କଥା?

ରାଜେଶ ଡାକିଲେ ମାଡାମ୍! ଥମ୍‌ଥମ୍ ଆଖିରେ ଧୀରେ ଅନେଇଲେ ସିପ୍ରା ମାଡାମ୍ ରାଜେଶଙ୍କୁ। କ'ଣ ଭାବୁଥିଲେ କେଜାଣି। ଲାଗୁଥିଲା ତାଙ୍କ ଚଉହଦିର ବୁନିଆଦି ସିନ୍ଦୁକ ଭିତରୁ ଯେମିତି ବାହାରି ପଡୁଛି ଭାବରେ ଆଚ୍ଛନ୍ନ ହୋଇଥିବା କିଛି ସଂଗୁପ୍ତ ଉଦାସୀ ଆବେଗ।

ରାଜେଶ କହିଲେ, 'ଚାଲନ୍ତୁ ଘରକୁ ଯିବା'। ବର୍ଷା ଆଉ ବନ୍ଦ ହେବନି ତା' ଭିତରେ ଉଦ୍‌ବେଳନ। ଆକ୍ରାମାକ୍ରା କରୁଛି ମାଟିକୁ, ଘାସକୁ ସବୁଜ ବନାନୀକୁ।

ସିପ୍ରା ମାଡାମ୍ ସତର୍କ ହେଲେ। ସହଜ ହେଲେ ପରେ ପରେ। କହିଲେ, ଝିଅ ଆଜି ସ୍କୁଲ୍ ଯାଇନି ବର୍ଷା ଯୋଗୁ।

ଶୁଭେନ୍ଦୁ ଭୁବନେଶ୍ୱରରୁ ଆସି ଘରେ। ପାଞ୍ଚଦିନ ଛୁଟି ନେଇ ଆସିଛନ୍ତି।

ଇଆଡ଼େ ଅନର୍ସ ପିଲାଙ୍କର ସେମିନାର ଶନିବାର ଦିନ। ଓଡ଼ିଆ ବିଭାଗର ପ୍ରବୀଣ ଅଧ୍ୟାପକ ଦୁଇଜଣଙ୍କୁ ଡକାଯାଇଛି। ସେମାନଙ୍କ ପାଇଁ ଗାଡ଼ି, ହୋଟେଲର ବନ୍ଦୋବସ୍ତ କରାଯିବ। ମଝିରେ ମାତ୍ର ତିନିଦିନ। ଶୁଭେନ୍ଦୁ ଏମିତି ବି ବୁଝନ୍ତିନି ସାହିତ୍ୟକୁ। କାମ ତ ପ୍ଲାନେଟାରିଅମ୍‌ରେ। ସଜଳ ଭାବ ତାଙ୍କ ଭିତରେ ନାହିଁ। ତାଙ୍କ ପାଇଁ ସବୁକିଛି ବିଜ୍ଞାନରୁ ସୃଷ୍ଟି। କ୍ୱାର୍ଟର ସାମ୍ନାରେ ଯୋଉ ମାଟି ଜାଗା ଖଣ୍ଡିକ, ସେଠି ହରଗଉରା, ରଙ୍ଗଣି ଫୁଲ କଢ଼ ଧରିଲେଣି। ଏତେ ବର୍ଷା ହେଉଛି। ତାକୁ ଦେଖି ବିହ୍ୱଳ ହେବାର ନାହିଁ। ବରଂ ବିରକ୍ତ। ଝିଅକୁ କୁଆଡ଼େ ବୁଲେଇ ନବା କି ଭୁବନେଶ୍ୱରରେ ଥିଲାବେଳେ 'ଆଇନକ୍ସ' ଯିବାପରି ମନୋବୃତ୍ତି ତାଙ୍କର ନାହିଁ। କଅଁଳ ପତ୍ର କୋମଳ ପବନ, ଉଡ଼ି ବୁଲୁଥିବା ପ୍ରଜାପତି ପ୍ରତି ତାଙ୍କର ଆକର୍ଷଣ ବା କୋଉଠୁ ଆସିବ!

ରାଜେଶ ବଲବଲ କରି ଚାହିଁଥିଲେ ସିପ୍ରା ମାଡାମ୍‌ଙ୍କ ମୁହଁକୁ। ସିପ୍ରା ମାଡାମ୍ ତ ମାଟି ଛାତିରେ ପ୍ରଥମ ବର୍ଷା ଟୋପାକୁ ଆକାଂକ୍ଷିତ ଚୁମ୍ବନ ବୋଲି ଆଖ୍ୟା ଦିଅନ୍ତି। ତାଙ୍କ ମତରେ ମାଟିର ବି ମନ ଅଛି, ସୋହାଗ, ତଡ଼ାଗ ପାଇଁ।

ସିପ୍ରା ମାଡାମ୍ ଭ୍ୟାନିଟି ବ୍ୟାଗ୍, ବହି ପୁଳାକ ଧରି ଶିଡ଼ି ଓହ୍ଲାଇଲେ। ବାରନ୍ଦାର ମୁହଁ ପୋଛୁଛନ୍ତି ସିପ୍ରା ମାଡାମ୍। ଭାବରେ ଡୁବମାରି କେତେ କ'ଣ କହିଗଲେ! କେତେ ଚହଲା ଚହଲି ତାଙ୍କ ଭିତରେ! ସତେ କ'ଣ ସେ ଜିଉଛନ୍ତି ଗୋଟେ ପାରିବାରିକ ବିଫଳତାର ଜୀବନ?

ଦୁହେଁ ଗାଡ଼ି ଭିତରକୁ ଗଲେ। ରାଜେଶ ପାଖେ ବସିଲେ ସିପ୍ରା ମାଡାମ୍। ଆଖି ଦୁଇଟି ପାଣିଭର୍ତ୍ତି। ଦୁଇଟି ଚହଲା ହ୍ରଦ। ଠୁଳ ହୋଇଛି ସେଥିରେ କେତେ କଥା। ସ୍ପନ୍ଦନ, ଶିହରଣ, ଆବେଗ, ଭଲପାଇବାର ପରିଭାଷା! ତାକୁ ସବୁ ବୁଝିବା ଲୋକ କିଏ? ନିଶ୍ଚୟ ତାଙ୍କ ସ୍ୱାମୀ ନୁହନ୍ତି।

ଚୁପ୍ ବସିଥିଲେ ସିପ୍ରା ମାଡାମ୍। ରାଜେଶ ସକାଳେ ଘରୁ ବାହାରିଲା ବେଳେ ମଲ୍ଲୀ ଆଉ ସୁଗନ୍ଧରାଜ ଫୁଲ ରଖିଥିଲେ ଗାଡ଼ିରେ ଗଣେଶଙ୍କ ପାଖରେ।

ଗାଡ଼ିରେ ବସି ସିପ୍ରା ମାଡାମ୍ ଉପଭୋଗ କରୁଥିଲେ ଏଇ ଅଳ୍ପ ଅଳ୍ପ ମହକକୁ।

ଫୋନ୍ ବାଜିଲା ସିପ୍ରା ମାଡାମ୍‌ଙ୍କର। କାମବାଲି ସୁନାମଣିର ସ୍ୱର। କହୁଛି, ''ଆଉ ରହିପାରିବିନି। ବୁଢ଼ାଟା ଜ୍ୱରରେ ପଡ଼ିଥିଲା। ତମ ତରତର ଲାଗିମା', ଔଷଧ ଟିକେ ନ ଦେଇ ଦୌଡ଼ିକି ଆସିଲି ତମ ଡକରାରେ। ମୁଁ ଯାଉଛି। ବାବୁ ଆଜି କିଛି ଖାଇ ନାହାନ୍ତି। ଦିହ ଭଲ ନାହିଁ ତାଙ୍କର।''

ବିରକ୍ତ ହୋଇ ଫୋନ୍ ଅଫ୍ କଲେ ସିପ୍ରା ମାଡାମ୍। ରାଜେଶ ସବୁ ଶୁଣୁଥିଲେ। କହିଲେ- ''ଛୁଟି ନେଇଯାଆନ୍ତୁ ମାଡାମ୍! ସାର୍ ଅସୁସ୍ଥ। କିଏ ବୁଝିବ ତାଙ୍କ କଥା। ପରିସ୍ଥିତିକୁ କୋଳେଇ ନେଇ ଜୀବନ ଜିଇବାକୁ ହେବ।''

ବାହାରେ ବର୍ଷା। ଝୁଂଝୁ ଝୁଂଝୁ ଅନ୍ଧାର ଧୀରେ ଧୀରେ ପ୍ରସାରିତ ହୋଇଛି। ବର୍ଷା ଟୋପାର ଧରିତ୍ରୀ ସହିତ କୋଳାକୋଳି। ଅନବରତ ଟାଣିଆଣୁଛି ମାଟିର ଛାତିରୁ ଶିହରଣ।

ସିପ୍ରା ମାଡାମ୍ ଚାହାଙ୍କ ହେଲେ। ଗାଡ଼ି ବାହାର ଗେଟ୍ ପାଖେ ରହିଲା। ହଠାତ୍ ଡୋର୍‌ଟା ଖୋଲି ବାହାରେ ଠିଆ ହୋଇ ପଡ଼ିଲେ ସିପ୍ରା ମାଡାମ୍! ବର୍ଷା ଥମି ନାହିଁ।

ମିଠା ମିଠା ବର୍ଷା ଟୋପା ନାକ, ଓଠ ପାର୍ ହୋଇ ଛାତି ଛୁଇଁଲା ତାଙ୍କର।

ଗାଡ଼ି ଭିତରୁ ଛତାଟା ଟାଣି ଆଣି ସିପ୍ରା ମାଡାମ୍ ମଥା ଉପରେ ଖୋଲିଦେଲେ ରାଜେଶ। କହିଲେ, ଋତୁର ଆପଣାପଣ ପୃଥିବୀକୁ ସବୁଜିମାରେ ଭରି ରଖିଥାଏ ମାଡାମ୍! ସମସ୍ତେ ଆପଣାର କରିବାର ବାଟ ଖୋଜୁଥାଆନ୍ତି। ଋତୁସ୍ନରା ମେଘର ଆତ୍ମୀୟତା ଯୋଡ଼ିବା ପଣରେ ମାହିର୍। ଆପଣ ମନ ଉଣା କରନ୍ତୁନି! ଆମ ଭିତରେ ବି ପ୍ରଚୁର ଆତ୍ମୀୟତା ରହିଛି।

ଗେଟ୍ ପାଖରୁ ବାରଣ୍ଡା ଶହେମିଟର ହେବ। ସିପ୍ରା ମାଡାମ୍‌ଙ୍କ ଆଖିରେ ଦୁଇଖଣ୍ଡ ବାଦଲ। ବର୍ଷିବ ବର୍ଷିବ ହେଉଥିଲା। ପିଣ୍ଡା ଉପରକୁ ଉଠୁଉଠୁ ଦୁଇଜଣଯାକ କିଛିକ୍ଷଣ ପାଇଁ ଠିଆ ହୋଇଗଲେ। ଦୋହଲିଗଲେ, ଚହଲିଗଲେ।

ଶ୍ରାବଣଟା ବିଶ୍ୱସ୍ତ, ବିଶ୍ୱସ୍ତ ଲାଗିଲା।

ମୋ: ୯୪୩୭୫୪୪୦୪୫

ପୁସ୍ତକ ପରିଚୟ

ଆସ କଥା ହେବା



ଲେଖକ: ଅଭୟ ନାୟକ
ପ୍ରକାଶକ: ବ୍ଲାକ୍ ଇଗଲ୍ ବୁକ୍ସ, ଡବ୍‌ଲିନ୍, ଆମେରିକା
ପ୍ରଥମ ପ୍ରକାଶ: ୨୦୨୨, **ମୂଲ୍ୟ:** ଟ.୨୨୦/-

ପାଠକଙ୍କ ଧ୍ୟାନ ଆକର୍ଷଣ ଆଲୋଚ୍ୟ ପୁସ୍ତକଟିର ହକ୍ ବୋଲି ପ୍ରଚ୍ଛଦଲେଖନରେ ଦାବି କରାଯାଇଛି। ଏହି ମାନସିକତାରେ ପୁସ୍ତକସ୍ଥ ଆଲୋଚନାଗୁଡ଼ିକୁ ପଢ଼ି ବସିଲେ ଏ ଦାବି ଯେ ଅଯଥାର୍ଥ ନୁହେଁ; ଏପରି ଉପଲବ୍ଧିରେ ପହଞ୍ଚିବାକୁ ହୁଏ। ମୋଟ ୨୩ଟି ଆଲୋଚନା, ଯାହା ପୂର୍ବରୁ ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶିତ- ତା'ର ଏକତ୍ରୀକରଣ ଏଥିରେ ହୋଇଛି। ଆଲୋଚନାଗୁଡ଼ିକ କେବଳ ସାହିତ୍ୟକୈନ୍ଦ୍ରିକ ନୁହେଁ। ସମାଜ, ଅର୍ଥନୀତି, ସଂସ୍କୃତି, ସଭ୍ୟତା ଓ ସର୍ବୋପରି ଓଡ଼ିଆ ଅସ୍ମିତାକୁ ପ୍ରସଙ୍ଗ କରାଯାଇଛି ପ୍ରବନ୍ଧଗୁଡ଼ିକରେ। ପ୍ରଥମ ଆଲୋଚନା 'ଆସ କଥା ହେବା'ରେ ଠାଏ ଲେଖକ କହନ୍ତି: ''ବିମୁଗ୍ଧ ଶ୍ରୋତାଙ୍କ ସଂଖ୍ୟା କମିକମି ଯାଉଛି। ବହୁଲୋକ କହିବାକୁ ଚାହୁଁଛନ୍ତି, ମାତ୍ର ଶୁଣିବାକୁ ଚାହୁଁଥିବା ଲୋକ ବହୁତ କମ୍। ଅର୍ଥାତ୍ ଏବେ ବକ୍ତା ବେଶୀ, ଶ୍ରୋତା କମ୍। ଯେଉଁ କେତେଜଣ ଡକାହକାରେ ଆସିଥିବେ, ସେମାନଙ୍କ ପାଖରେ ବି ସମୟ ନାହିଁ।'' (ପୃ:୧୩) 'ଅସ୍ମିତା' ଶବ୍ଦର ବ୍ୟାଖ୍ୟା କରିବାକୁ ଯାଇ ଲେଖକ ଏହାକୁ ଏକ ଜାତିର 'ଆତ୍ମପରିଚିତି' ବୋଲି ଗ୍ରହଣ କରିଛନ୍ତି ଓ ଓଡ଼ିଆ ଅସ୍ମିତା ସହ ଶହଶହ ବର୍ଷରୁ ଶ୍ରୀଜଗନ୍ନାଥ ଯୋଡ଼ି ହୋଇ ରହିଥିବା କଥା ସ୍ୱୀକାର କରିଛନ୍ତି। ଗାଉଁଲି କାନ୍ଦଣାଠାରୁ ଆରମ୍ଭ କରି ଜଗତୀକରଣ ଯାଏଁ ଲେଖକଙ୍କର ଦୃଷ୍ଟି ସମ୍ପ୍ରସାରିତ। ଗାଁର କୃଷି ସଂସ୍କୃତିଠୁଁ ମଧ୍ୟବିତ୍ତର ଜୀବନଚର୍ଯ୍ୟା ଯାଏଁ- ବିବିଧ ବିଷୟ ଉପରେ ମୌଳିକ ଦୃଷ୍ଟିକୋଣରୁ ବିଚାରବିମର୍ଶ ସବୁ ବର୍ଗର ପାଠିକାପାଠକଙ୍କୁ ଯେ ଆକୃଷ୍ଟ କରିବ ଓ ବିକଳ୍ପ ଭାବନାରେ ଉଦ୍‌ବୁଦ୍ଧ କରିବ, ଏଥିରେ ସନ୍ଦେହ ନାହିଁ।

ପ୍ରତିଧ୍ୱନି

କବି: ପ୍ରଦ୍ୟୁମ୍ନ ପଟ୍ଟନାୟକ
ପ୍ରକାଶକ: ବନଫୁଲ, ଭୁବନେଶ୍ୱର
ପ୍ରଥମ ପ୍ରକାଶ: ୨୦୨୩,
ମୂଲ୍ୟ: ଟ.୧୫୦/-

ଆଲୋଚ୍ୟ ଗୀତିଗ୍ରନ୍ଥରେ ମୋଟ ୧୦୮ଟି ଗୀତି-କବିତା ସଂକଳିତ। 'ଗୀତି-କବିତା' ଅପେକ୍ଷା ବହିଟିର କବିତାଗୁଡ଼ିକୁ 'ଗୀତ' ଭାବେ ବିବେଚନା କରିବା ଅଧିକ ଯଥାର୍ଥ ହେବ। ରାଗରାଗିଣୀରେ ଗାଇହେବ ଏଗୁଡ଼ିକୁ। ଭକ୍ତିଗୀତ, ସାମାଜିକ ଭାବଭାବନା ସମ୍ବଳିତ ଗୀତ, ପ୍ରକୃତି ଗୀତ ଓ ନଶ୍ୱର ଜୀବନର ସୁଖଦୁଃଖ ଆଧାରିତ ଗୀତ- ଏହିପରି ନାନାଦି ବିଷୟକୁ ନେଇ ଗୀତଗୁଡ଼ିକ ପରିକଳ୍ପିତ। ସରସ୍ୱତୀ, ଜଗନ୍ନାଥ ଓ ଘଟଗାଁ ତାରିଣୀଙ୍କ ବନ୍ଦନାରେ କବିଙ୍କ ସମର୍ପିତ ଆଧ୍ୟାତ୍ମିକ ଭାବନାର ପରିଚୟ ମିଳେ। ଯଥା: ''ବାରତା ଦେଇଛି ରାଧାରାଣୀ/ ଠୁଳ ହୋଇଲେଣି ସଖୀଶ୍ରେଣୀ/ କୁଞ୍ଜେ ବିଜେକର ସୁହଟ ନାଗର/ ପୂନେଇଁର ଚାନ୍ଦ ଉଇଁଲାଣି।'' ('ବାରତା ଦେଇଛି'- ପୃ:୧୪)। ପ୍ରକୃତି ବର୍ଣ୍ଣନାରେ କବିଙ୍କ ଲଳିତ ପଦଯୋଜନା ଓ ପ୍ରେମାବେଗ ଆଶ୍ରିତ ଗୀତଗୁଡ଼ିକରେ ସ୍ମୃତିମେଦୁର ପଦପ୍ରକରଣ ଲେଖାଗୁଡ଼ିକର ସାଂଗୀତିକତାକୁ ଗତିପ୍ରଖର କରିଥିବା ମନେହୁଏ। ଯଥା: ''ଭଲ ପାଇ ତୁମେ କବି କଲ ମୋତେ/ ଭୁଲିଯାଇ କଥାକାର/ ଲୁହରେ ଲେଖିଲି ପ୍ରୀତିର କବିତା/ ଲହୁରେ କାହାଣୀ ମୋର।'' ('ଭଲପାଇ ତୁମେ'- ପୃ:୫୩)। ଯଦିଓ ଅଧିକାଂଶ ଗୀତରେ ଗୀତରଚନାର ଗଡ୍‌ଡାଳିକା ଧାରା ଅପ୍ରତିହତ, ତଥାପି ଅବକାଶ ଦେଖି ନିଜର ମୌଳିକତା ପ୍ରଦର୍ଶନରେ କବିଙ୍କ ଉଦ୍ୟମ ଏଡ଼େଇ ଯିବାର ନୁହେଁ। ଆଶା, 'ପ୍ରତିଧ୍ୱନି' ପାଠକୀୟ ଆଦୃତି ଲାଭ କରିବ।

କାଳକାଳକୁ

''ଲେଖିଲେ ଜଣେ ଲେଖକ ହୁଏ।
ଲେଖିବା ଏକ ଯୋଗ।''
- ଆର୍.କେ. ନାରାୟଣ

ଆର୍.କେ. ନାରାୟଣଙ୍କ ପୂରା ନାଁ ରସିପୁରମ୍ କ୍ରିଷ୍ଣସ୍ୱାମୀ ଆୟର୍ ନାରାୟଣ ସ୍ୱାମୀ। ଜନ୍ମ ୧୦ ଅକ୍ଟୋବର ୧୯୦୬ରେ, ମାଡ୍ରାସ୍ ପ୍ରେସିଡେନ୍ସିରେ ଓ ପରଲୋକ ୧୩ ମେ ୨୦୦୧ରେ ତାମିଲନାଡୁର ଚେନ୍ନାଇରେ। ଦକ୍ଷିଣ ଭାରତୀୟ ସହର ମାଲଗୁଡ଼ି ଆଧାରିତ ରଚନା ପାଇଁ ସେ ସୁବିଦିତ। ତାଙ୍କର କେତୋଟି ଚର୍ଚ୍ଚିତ ପୁସ୍ତକ: 'ସ୍ୱାମୀ ଆଣ୍ଡ୍ ଫ୍ରେଣ୍ଡସ୍', 'ଦ ବେଚ୍‌ଲର୍ ଅଫ୍ ଆର୍ଟସ୍', 'ଦ ଇଂଲିଶ୍ ଟିଚର', 'ଦ ଫିନାନ୍‌ସିଆଲ୍ ଏକ୍ସପାର୍ଟ' ଓ 'ଦ ଗାଇଡ୍' (ଯାହାର ଚଳଚ୍ଚିତ୍ର ରୂପ ସର୍ବଶ୍ରେଷ୍ଠ ଚଳଚ୍ଚିତ୍ର ପୁରସ୍କାରରେ ସମ୍ମାନିତ)। ଭାରତୀୟ ସାହିତ୍ୟକୁ ଉନ୍ନତ ଅବଦାନ ପାଇଁ ତାଙ୍କୁ ମିଳିଛି 'ସାହିତ୍ୟ ଅକାଦେମୀ ପୁରସ୍କାର ଓ ଫେଲୋଶିପ୍, ପଦ୍ମବିଭୂଷଣ ଓ ବେନ୍‌ସନ୍ ମେଡାଲ୍।'

ଅସ୍ମିତା

ମଧୁସୂଦନ ଦାଶ

ମୋ ପାଦ ମୋତେ
ଚଲେଇ ପାରୁଛି
ତାହାହିଁ ମୋ ସଫଳତା।

ମୋ ହାତ ମୋତେ
ଖୁଆଇ ପାରୁଛି
ତାହାହିଁ ମୋ ସାର୍ଥକତା।

ମୋ ଆଖି ମୋତେ
ଦେଖେଇ ପାରୁଛି
ତାହାହିଁ ମୋ ପ୍ରାଣସତ୍ତା।

ମୋ କାନ ମୋତେ
ଶୁଣେଇ ପାରୁଛି
ତାହାହିଁ ମୋ କୃତଜ୍ଞତା।

ମୋ ପାଟି ମୋତେ
କୁହାଇ ପାରୁଛି
ତାହାହିଁ ମୋ ମାଦକତା।

ମୋ ହୃଦୟ ମୋତେ
ଖୋଜିଲେ ମିଳୁଛି
ତାହାହିଁ ମୋ ହୃଦ୍‌ବତ୍ତା।

ମୋ ବିବେକ ମୋତେ
ଚେତେଇ ପାରୁଛି
ତାହାହିଁ ମୋ ଅସ୍ମିତା।

ମୋ: ୯୪୩୭୩୩୨୪୯୮

ପୁରୁଣା ଚିଠି

ଧନଞ୍ଜୟ ସ୍ୱାଇଁ

ଚିରି ଦେଇହୁଏ କ'ଣ ପୁରୁଣା ଚିଠିକୁ!
ଭୁଲିହୁଏ କ'ଣ ନିଜ ଜନମ ମାଟିକୁ ॥୦॥

ପାଣିଶିଉଳିର ଫୁଲ କି ପାରଇ
ତୁଠ ପଥରକୁ ଭୁଲି?
ହୃଦୟରେ ଅଙ୍କା ଛବିଟି ଯେମିତି
ଭୁଲେନି ହାତର ତୁଳୀ
ଭୁଲିହୁଏ କ'ଣ ନିଜ ଜୀବନସାଥୀକୁ!
ଚିରି ଦେଇ...ପୁରୁଣା ଚିଠିକୁ ॥୧॥

ମାଟିର ମାଗୁଣି ବରଷାକୁ କେବେ
ଆକାଶ କି ପାରେ ଭୁଲି?
କଷି ବଉଳର ଗାଆଁକୁ ଯେମିତି
ଭୁଲେ ନାହିଁ ଚଇତାଳି
କେ ଭୁଲିଛି ମିଳନର ପହିଲି ରାତିକୁ
ଚିରି ଦେଇ.....ପୁରୁଣା ଚିଠିକୁ ॥୨॥

ମୋ: ୯୪୩୭୦୦୦୬୩୬

ପାଞ୍ଚଟି ଏକପଦୀ

ବିଷ୍ଣୁମୋହନ

୧
ଜୀବନର ମୋର ଲମ୍ବା ପଥରେ
ତୁମେ ଝଙ୍କା ଗଛଟିଏ,
ତାହାରି ଛାୟାରେ ମହାଆନନ୍ଦେ
ଚିରଦିନ ଶୋଇଯାଏ।

୨
ତୁମେ ପଛେ ମୋର ହୁଅ ବା ନହୁଅ
ବୁକୁର ଅଳିଭା ଗାର,
ମନ ଆଇନାରେ ପ୍ରତିବିମ୍ବିତ
ସତେ ରୂପ ଉର୍ବଶୀର।

୩
ବଣମଲ୍ଲୀର ନିରୀହତା ତୁମ
ବିବଶିତ କରେ ପ୍ରାଣ,
ଦେଖି ସେହି ରୂପ ବକ୍ଷରେ ହୁଏ
ପୀରତିର ପ୍ରବହଣ।

୪
ଉନ୍ମାଦନାର ଫୁଲଟିଏ ହୋଇ
ସଦା ତୁମେ ରହିଥିବ,
ଅନୁରାଗଭରା ଅନ୍ତରେ ଆସି
ଲୁହ ମୋର ପୋଛିଦେବ।

୫
ସେନେହ ବାରିକୁ ବର୍ଷଣ କରି
ମେଘ ପରି ଶ୍ରାବଣର,
ବିବଶ ବୁକୁରେ ସ୍ୱପ୍ନ ବୁଣିଦେଇ
କରିନେବ ଆପଣାର।

ମୋ: ୭୨୦୫୭୫୮୨୫୫

ଅଭିସାରିକା

ଦୀପ୍ତି ମିଶ୍ର

ହେ ସାଗର!
ତୁମ ନୀଳ ପ୍ରଶାନ୍ତ ବୁକୁରେ
ମୁଁ ଅଭିସାରର ରଙ୍ଗ ବୁଣେ...
ମନର ବୀଣାରେ
ମୁକୁଳିତ ଇଚ୍ଛାମାନଙ୍କର
ମଧୁ ରାଗିଣୀର ସ୍ୱର ତୋଳେ।

କେବେ ବେଳାଭୂମି ହୋଇ
ଏକ ଲୟରେ ଚାହିଁ ରହେ
ତୁମର ସେ ଟିକିଏ ସାନ୍ନିଧ୍ୟ...
ତୁମକୁ ବୁଝିବାର ଦୁଃସାହସ କରେ
ହଜାଇବାକୁ ତୁମରି ନିବିଡ଼ ଆଶ୍ଳେଷରେ,
ଏକ ଆପଣାପର ଭାବ ଅଜାଡ଼ିଦିଏ
କିଛି ଆବେଗର ଶବ୍ଦ ଢାଳି ଦେବା ପାଇଁ।
ଖୋଜେ ଏକ ନିରୋଳା ମୁହୂର୍ତ୍ତ
ଆଉ ଅନୁରାଗ ଭରା
ମୁଗ୍ଧ ମଧୁର ଆବେଶଟିଏ।

ହେ ସାଗର!
କେବେ ବହି ଯାଉଥିବା ସମୟ ପରି...
ନୀଳ ନଭରେ ଭାସି ଭାସି ଯାଉଥିବା
ଶରତର ଭସା ମେଘ ସଦୃଶ
ମୁଁ ଛଳଛଳ କଳକଳ ମୁଖରିତ
ସ୍ରୋତସ୍ୱିନୀଟିଏ,
କପାଳରେ ବିନ୍ଦି କରି ଆଙ୍କିଦିଏ
ନବ ପ୍ରଭାତର କଅଁଳ ସୂର୍ଯ୍ୟଙ୍କୁ,
ଦୁଷ୍ଟାମି ଓଠରେ ଲେସିଦିଏ
କୃଷ୍ଣଚୂଡ଼ାର ନାଲି ରଙ୍ଗ...
ମୃଗନୟନୀ ଆଖିରେ ମୋର ନାଇଦିଏ
ପାହାନ୍ତି ରାତିର ଘନ ଅନ୍ଧାରକୁ କଜ୍ଜଳ କରି
ସଜାଇନିଏ ନିଜକୁ ନବବଧୂ ବେଶେ
ହଜାଇବାକୁ ନିଜକୁ
ତୁମର ସେ ଫୁଙ୍ଗୁଳା ଛାତିରେ।

ହୋଇପାରେ ପୁଲକିତ ବେଳାଭୂଇଁ
ଅବା ଅଧୀରା ଅନୁରଞ୍ଜିତା ଅପାସୋରା
ବିମୁଗ୍ଧା ବିଶ୍ୱାସୀ ନଈ...
ଅବ୍ୟକ୍ତ ଇଚ୍ଛାମାନଙ୍କର
ଜିଅନ୍ତା ସମାଧି ଦେ ବାକୁ,
ଗଢ଼ିବାକୁ ଆକାଶେ ଆଶାର ସ୍ମୃତିସ୍ତମ୍ଭଟିଏ,
କ'ଣ ଏତିକି ଅଧିକାର ଦେବନାହିଁ ମୋତେ?
ନିଃସଙ୍ଗପଣରୁ ଦେବ ନାହିଁ ମୁକ୍ତି?

ମୋ: ୯୪୩୮୪୦୪୩୦୮

ଗୀତି-କବିତା

ଶ୍ରାବଣେ ଶ୍ରାବଣୀ

ନିରଞ୍ଜନ ସାହୁ

ଭାରି ଭଲଲାଗେ ଶ୍ରାବଣ ବରଷା
ତନୁମନ ଦେଲେ ଭିଜେଇ
ଏସନ ଶ୍ରାବଣ କରେ କଲବଲ
ଗରମରେ ଦିଏ ସିଝେଇ।

ଦିନ ଥିଲା ଦିନେ ଶ୍ରାବଣ ଆସିଲେ
ପିଲାଦିନ ସ୍ମୃତି ଆସେ
କାଗଜ ତିଆରି ଡଙ୍ଗା ମେଲିଦେଉ
ଦାଣ୍ଡ ପାଣିରେ ସେ ଭାସେ
ଆଜି ବଦଳିଛି ଅବଶ୍ୟ ସେଦିନ
ମନକୁ ପାରେନା ବୁଝେଇ।

ଆଦ୍ୟ ଯୌବନରେ ମନ ମାନସୀର
ବେଳେବେଳେ ସ୍ମୃତି ଫେରେ
ବରଷାଭିଜା ସେ ଅଭୁଲା ମୁହୂର୍ତ୍ତ
ମନ ମାନସକୁ ଘେରେ
ମନେପଡ଼େ ବର୍ଷାଭିଜା ଦେହେ ପ୍ରିୟା
କେଉଁପରି ଥିଲା ଲାଜେଇ।

ହେ ଶ୍ରାବଣ! ତୁମ ଶ୍ରାବଣୀ କେଉଁଠି
ଖବର ଟିକିଏ ଦିଅ
ବିରହ ଯାତନା ଭୋଗୁଅଛ ଯଦି
ଲୁହ ଟିକେ ପୋଛି ନିଅ
ଭରସା ରଖ ହେ ଫେରିବ ଶ୍ରାବଣୀ
ଘଡ଼ଘଡ଼ି ବାଜା ବଜେଇ।

ମୋ: ୯୯୩୮୭୪୧୫୮୩

ଉପହାର

ସୁଧୀର କୁମାର ଦ୍ୱିବେଦୀ

ଲଘୁଗଳ୍ପ

ପୂର୍ବ ନିର୍ଦ୍ଧାରିତ ତାରିଖଦିନ ସକାଳ ନଅଟା ବେଳକୁ ଚନ୍ଦ୍ରଶେଖର ବାବୁ ନିଜ ପୁଅ ପାଇଁ ଝିଅ ଦେଖିବାକୁ ସପରିବାର କାର୍ ଯୋଗେ ସତ୍ୟବ୍ରତ ବାବୁଙ୍କ ଘରେ ପହଞ୍ଚିଲେ। ଝିଅର ବାପ ହିସାବରେ ସତ୍ୟବ୍ରତ ବାବୁ ଖୁବ୍ ଆଦରର ସହ ସ୍ୱାଗତ କଲେ ସେମାନଙ୍କୁ। କୁଶିଆ ଚର୍ଚ୍ଚାରେ କୌଣସିଥିରେ ଯେମିତି କିଛି ଉଣା ପଡ଼ି ନ ଯାଏ ସେଥିପାଇଁ ସତ୍ୟବ୍ରତ ବାବୁ ନିଜର ସମସ୍ତ ସାମର୍ଥ୍ୟ ବିନିଯୋଗ କରି ଦେଇଥିଲେ। ଉଭୟ ପରିବାର ଉଚ୍ଚ ଶିକ୍ଷିତ ଥିଲେ ମଧ୍ୟ ଆର୍ଥିକ ଦୃଷ୍ଟିରୁ ଉଚ୍ଚ ମଧ୍ୟବିତ୍ତ ବର୍ଗର ଥିଲେ। ଖିଆପିଆ ସରିବା ପରେ ଦ୍ୱିତୀୟ ପର୍ଯ୍ୟାୟ ବୈଠକ ବସିଲା। ଏମିତି ତ ପୁଅ ବୋହୂଙ୍କ ଜାତକ ଚନ୍ଦ୍ରଶେଖର ବାବୁ ଆଗରୁ ମିଳାଇ ସାରିଥିଲେ। ଏବେ ଜ୍ୟୋତିଷଙ୍କ ଉପସ୍ଥିତିରେ ବିବାହ ଲଗ୍ନ ସ୍ଥିର ମଧ୍ୟ ହୋଇଗଲା। ଏଥର ସତ୍ୟବ୍ରତ ବାବୁ ବିନା ଉପକ୍ରମଣିକାରେ ନେଣଦେଣ ପ୍ରସଙ୍ଗ ଉପରକୁ ଆସିଗଲେ। ତାଙ୍କ କଥା ଶୁଣି ଚନ୍ଦ୍ରଶେଖର ବାବୁ

୧୭ ଶୁଟରଙ୍କ ପଦାର୍ପଣ

୧୨ ବର୍ଷର ପଦକ ମରୁଡ଼ି ଶେଷ ଲକ୍ଷ୍ୟରେ ଭାରତ

ମନୁ ଭାକର

ପ୍ୟାରିସ୍,୨୬।୭(ପି.ଟି.)

ପ୍ୟାରିସ୍ ଅଲିମ୍ପିକ୍ସ ୨୦୨୪ ଆରମ୍ଭ ହୋଇସାରିଥିବା ବେଳେ ଶନିବାର ଭାରତୀୟ ଶୁଟିଂ ଦଳ ଏହାର ଅଭିଯାନ ଆରମ୍ଭ କରିବ। ଭାରତ ଅଲିମ୍ପିକ୍ସରେ ସମୁଦାୟ ୩୫ଟି ପଦକ ହାସଲ କରିଥିବା ବେଳେ କେବଳ ଶୁଟିଂରୁ ୪ଟି ପଦକ ରହିଛି। ତେବେ ବିଗତ ୩ ସଂସ୍କରଣରେ ଭାରତୀୟ ଶୁଟରମାନେ ପଦକ ହାସଲରେ ବିଫଳ ହୋଇଛନ୍ତି। ଭାରତ ଏହାର ଅଲିମ୍ପିକ୍ସ ଇତିହାସର ସର୍ବବୃହତ୍ ଶୁଟିଂ ଦଳ ପ୍ରେରଣ କରିଥିବାବେଳେ ୧୨ ବର୍ଷ ଧରି ପଦକ ପାଇଁ ରହିଥିବା ଅପେକ୍ଷାର ଅନ୍ତ ଘଟିବା ନେଇ ଆଶା ରହିଛି। ଶନିବାର ଭାରତୀୟ ଶୁଟରମାନେ ତିନୋଟି ଇଭେଣ୍ଟରେ ଅଂଶଗ୍ରହଣ କରିବାକୁ ଯାଉଛନ୍ତି। ୧୦ ମିଟର ଏୟାର ରାଇଫଲ ମିକ୍ସଡ୍ ଟିମ୍ ଯୋଗ୍ୟତା ପର୍ଯ୍ୟାୟ ଇଭେଣ୍ଟରେ ଭାରତର ଦୁଇଟି ଦଳ ଭାଗ ନେବେ। ଅର୍ଜୁନ ବବୁତା–ରମିତା ଜିନ୍ଦଲ ଓ ଏଲାଭେନିଲ ଭାଲାରିଭାନ–ସନ୍ଦୀପ ସିଂଙ୍କ ଯୋଡ଼ି ଏହି ଇଭେଣ୍ଟରେ ଅଂଶଗ୍ରହଣ କରିବେ। ପ୍ରଥମ ୩ ଶୁଟର ସିଧାସଳଖ ଯୋଗ୍ୟତା ଅର୍ଜନରେ ଆସିଥିବା ବେଳେ ସନ୍ଦୀପଙ୍କୁ ଟ୍ରାଏଲର ସମ୍ମୁଖୀନ ହେବାକୁ ପଡ଼ିଥିଲା। ୨୦୨୨ ବିଶ୍ୱ ଚାମ୍ପିୟନ ରୁଦ୍ରାଂକ୍ଷ ପାଟିଲଙ୍କୁ ଟ୍ରାଏଲରେ ପରାସ୍ତ କରି ସେ ଯୋଗ୍ୟତା ଅର୍ଜନ କରିଥିଲେ। ଭାରତୀୟ ଶୁଟରମାନେ ପ୍ୟାରିସ୍‌ର ହୋହଲ୍ଲାରୁ ଦୂରରେ ରହି ଅଭ୍ୟାସ କରୁଛନ୍ତି। ସେହିପରି ୧୭ ଜଣ ଶୁଟର ପ୍ରଥମ ଥର ପାଇଁ ଅଲିମ୍ପିକ୍ସରେ ଭାରତର ପ୍ରତିନିଧିତ୍ୱ କରିବାକୁ ଯାଉଛନ୍ତି। ପୂର୍ବରୁ ମାନୁ ଭାକର, ଐଶ୍ୱରୀ ପ୍ରତାପ ସିଂ ତୋମାର, ଅଞ୍ଜୁମ ମୋଦଗିଲ୍ ଓ ଏଲାଭେନିଲ ଭାଲାରିଭାନ ପର୍ବରୁ ଅଲିମ୍ପିକ୍ସରେ ଅଂଶଗ୍ରହଣ କରିଛନ୍ତି। ଭାରତୀୟ ଶୁଟରମାନେ ସମୁଦାୟ ୧୫ ଇଭେଣ୍ଟରେ ଅଂଶଗ୍ରହଣ କରିବେ। ସେହିପରି ୧୦ ମିଟର ଏୟାର ପିସ୍ତଲ ପୁରୁଷ ଯୋଗ୍ୟତା ପର୍ଯ୍ୟାୟ ଇଭେଣ୍ଟରେ ଅର୍ଜୁନ ସିଂ ଚିମା ଓ ସରବଜୋତ ସିଂ ନଜର ଆସିବେ। ୧୦ ମିଟର ଏୟାର ପିସ୍ତଲ ମହିଳା ଯୋଗ୍ୟତା ପର୍ଯ୍ୟାୟ ଇଭେଣ୍ଟରେ ମନୁ ଭାକର ଓ ରିଦିମ ସାଙ୍ଗୱାନ ଭାରତର ପ୍ରତିନିଧିତ୍ୱ କରିବେ।

ଭାରତର ଅନ୍ୟତମ ପଦକ ସମ୍ଭାବନା ରହିଥିବା ୨୨ ବର୍ଷୀୟ ମନୁ ଭାକର ବିଶ୍ୱସ୍ତରୀୟ ପ୍ରତିଯୋଗିତାରେ ଚମତ୍କାର ପ୍ରଦର୍ଶନ କରିଛନ୍ତି। ତେବେ ଟୋକିଓ ଅଲିମ୍ପିକ୍ସରେ ବନ୍ଧୁକରେ ବୈଷୟିକ ତ୍ରୁଟି କାରଣରୁ ତାଙ୍କୁ ନିରାଶ ହେବାକୁ ପଡ଼ିଥିଲା। ଚଳିତ ଅଲିମ୍ପିକ୍ସରେ ସେ ୧୦ ମିଟର ଏୟାର ପିସ୍ତଲ, ୨୫ ମିଟର ପିସ୍ତଲ ଓ ୧୦ ମିଟର ପିସ୍ତଲ ମିକ୍ସଡ୍ ଟିମ୍‌ରେ ଅଂଶଗ୍ରହଣ କରିବେ। ଭାରତୀୟ ଖେଳାଳିଙ୍କୁ ଚାଇନାଠାରୁ କଡ଼ା ଟକ୍କର ମିଳିବ। ୫୦ ମିଟର ରାଇଫଲ୍ ଥ୍ରୀ ପୋଜିସନ୍ସରେ ଏସିଆନ୍ ସ୍ୱର୍ଣ୍ଣ ପଦକ ବିଜୟିନୀ ସିଫ୍ଟ କୌର ସାମରାଙ୍କ ଉପରେ ସମସ୍ତଙ୍କ ନଜର ରହିବ। ଅନ୍ୟତମ ଅଭିଜ୍ଞ ଖେଳାଳି ଅଞ୍ଜୁମ ମୋଦଗିଲ୍ ମଧ୍ୟ ସମାନ ଇଭେଣ୍ଟରେ ନଜର ଆସିବେ।

୨୦ ବର୍ଷୀୟ ରିଦିମ ସାଙ୍ଗୱାନ ୧୦ ମିଟର ଏୟାର ପିସ୍ତଲ ଓ ୧୦ ମିଟର ପିସ୍ତଲ ମିକ୍ସଡ୍ ଟିମ୍ ବର୍ଗରେ ଭାଗ ନେବେ। ଶୁଟିଂ ରେଞ୍ଜ ଅତ୍ୟନ୍ତ ଚମତ୍କାର ଥିବା ନେଇ ସାଙ୍ଗୱାନ କହିଥିବା ବେଳେ ଗେମ୍ସ ଭିଲେଜରୁ ଦୂରରେ ରହିବାକୁ ନେଇ ସାମାନ୍ୟ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ସେହିପରି ପୁରୁଷ ଶୁଟରଙ୍କ ମଧ୍ୟରେ କେବଳ ଐଶ୍ୱରୀ ପ୍ରତାପ ସିଂ ତୋମାରଙ୍କ ନିକଟରେ ପୂର୍ବରୁ ଅଲିମ୍ପିକ୍ସରେ ଅଂଶଗ୍ରହଣର ଅଭିଜ୍ଞତା ରହିଛି। ସେ ୨୦୨୩ ବିଶ୍ୱ ଚାମ୍ପିୟନଶିପରେ ସ୍ୱର୍ଣ୍ଣ ବିଜୟୀ ଦଳର ସଦସ୍ୟ ମଧ୍ୟ ରହିଛନ୍ତି। ପୁରୁଷ ଦଳରେ ଥିବା ଅନୀଶ ଭନାୱାଲା, ସରବଜୋତ ସିଂ, ଅର୍ଜୁନ ବବୁତା, ଅର୍ଜୁନ ସିଂ ଚିମା ଓ ବିଜୟ ବୀର ସିଦ୍ଧୁ ରହିଛନ୍ତି। ଏହି ସମସ୍ତ ଖେଳାଳିଙ୍କ ନିକଟରେ ଅନ୍ତର୍ଜାତୀୟ ଅଭିଜ୍ଞତା ରହିଥିଲେ ମଧ୍ୟ ଅଲିମ୍ପିକ୍ସରେ ପ୍ରଥମ ଥର ଭାଗ ନେବାକୁ ଯାଉଛନ୍ତି। ଅଲିମ୍ପିକ୍ସ ଦଳର ଚିଫ୍ ଡି ମିଶନ ଥିବା ଗଗନ ନାରଙ୍ଗ ଭାରତୀୟ ଖେଳାଳି ସଫଳ ହେବା ନେଇ ଆଶା ରଖିଛନ୍ତି। ଭାରତୀୟ ଖେଳାଳି ମାନେ ବିଶ୍ୱର ଅନ୍ୟ ଖେଳାଳିଙ୍କୁ କଡା ଟକ୍କର ଦେବାରେ ସମର୍ଥ ବୋଲି କହିଛନ୍ତି ୨୦୧୨ ଲଣ୍ଡନ ଅଲିମ୍ପିକ୍ସ ପଦକ ବିଜେତା ନାରଙ୍ଗ।

ଏଲାଭେନିଲ ଭାଲାରିଭାନ

ଭାରତର କାର୍ଯ୍ୟସୂଚୀ (ଶନିବାର)

ଶୁଟିଂ: ୧୦ ମିଟର ଏୟାର ରାଇଫଲ ମିକ୍ସଡ୍ ଟିମ୍ ଯୋଗ୍ୟତା ପର୍ଯ୍ୟାୟ(ସମୟ : ଅପରାହ୍ନ ୧୨.୩୦)
୧୦ ମିଟର ଏୟାର ପିସ୍ତର ପୁରୁଷ ଯୋଗ୍ୟତା ପର୍ଯ୍ୟାୟ (ସମୟ : ଅପରାହ୍ନ ୨.୦୦)
ଅର୍ଜୁନ ସିଂ ଚିମା, ସରବଜୋତ ସିଂ।
୧୦ ମିଟର ଏୟାର ପିସ୍ତର ମହିଳା ଯୋଗ୍ୟତା ପର୍ଯ୍ୟାୟ (ସମୟ : ଅପରାହ୍ନ ୪.୦୦)
ମାନୁ ଭାକର, ରିଦିମ୍ ସାଙ୍ଗୱାନ।
ବ୍ୟାଡ୍‌ମିଣ୍ଟନ:ପୁରୁଷ ସିଙ୍ଗଲ୍ସ (ସମୟ: ସନ୍ଧ୍ୟା ୭.୧୦)
ଲକ୍ଷ୍ୟ ସେନ୍ ବନାମ କେଭିନ୍ କୋର୍ଡନ।
ପୁରୁଷ ଡବଲ୍ସ(ସମୟ ରାତି ୮.୦୦)
ଚିରାଗ ଶେଟ୍ଟୀ/ସାତ୍ୱିକ ସାଇରାଜ ରାଙ୍କିରେଡ୍ଡୀ ବନାମ କ୍ରୋଭିଲ୍/ଲାବାର।
ମହିଳା ଡବଲ୍ସ (ସମୟ: ରାତି ୧୧.୫୦)
ଅଶ୍ୱିନୀ ପୋନାପ୍ପା/ତନିଶା କାଷ୍ଟୋ ବନାମ କିମ୍/କଙ୍ଗ।
ହକି:ପୁରୁଷ ଦଳ (ସମୟ: ରାତି ୯.୦୦)
ଭାରତ ବନାମ ନ୍ୟୁଜିଲାଣ୍ଡ।
ଟେବୁଲ ଟେନିସ୍ :ପୁରୁଷ ସିଙ୍ଗଲ୍ସ ପ୍ରଥମ ରାଉଣ୍ଡ (ସମୟ: ସନ୍ଧ୍ୟା ୭.୧୫)
ହରମିତ୍ ଦେଶାଇ ବନାମ ଜାଏଦ୍ ଆବୋ ୟାମିନ୍।
ଟେନିସ୍ :ପୁରୁଷ ଡବଲ୍ସ ପ୍ରଥମ ରାଉଣ୍ଡ
ରୋହନ ବୋପାନ୍ନା/ଶ୍ରୀରାମ ବାଲାଜୀ ବନାମ ରିବୋଲ/ରୋଜର ଭାସେଲିନ୍।
ରୋଇଂ: ମେନ୍ସ ସ୍କଲ୍ସ ହିଟ୍ସ
(ସମୟ: ଅପରାହ୍ନ ୧୨.୩୦)
ବଲରାଜ ପନୱର।
ବକ୍ସିଂ :୫୪ କିଗ୍ରା ମହିଳା ପ୍ରଥମ ରାଉଣ୍ଡ
ପ୍ରୀତି ପୱାର ବନାମ ଥି କିମ୍ ଆନ୍ ଭୋ (ରାତି ୧୨.୦୫)।

ଝେଙ୍ଗ ଝିୟିଙ୍ଗ

୫୮ ବର୍ଷରେ ଅଲିମ୍ପିକ୍ସ ଡେବ୍ୟୁ

ସାଣ୍ଟିଆଗୋ,୨୬।୭(ପି.ଟି.)

ଚିଲିର ଟେବୁଲ ଟେନିସ୍ ଖେଳାଳି ଝେଙ୍ଗ ଝିୟିଙ୍ଗ ୫୮ ବର୍ଷ ବୟସରେ ଅଲିମ୍ପିକ୍ସ ପଦାର୍ପଣ କରିବାକୁ ଯାଉଛନ୍ତି। ଚାଇନାରେ ଜନ୍ମ ନେଇଥିବା ଏହି ଖେଳାଳି ଜଣକ ୧୯୮୯ ମସିହାରେ ଦେଶ ଛାଡିଥିଲେ। ଟିଆନମେନ୍ ସ୍କୋୟାରରେ ଗଣହତ୍ୟା ହେଉଥିବା ବେଳେ ସେ ଦେଶ ଛାଡି ଚିଲି ପଳାୟନ କରିଥିଲେ। ସେଠାରେ ଆରମ୍ଭରୁ ବ୍ୟାଡ୍‌ମିଣ୍ଟନ ପ୍ରଶିକ୍ଷଣ ଦେବାକୁ ଯାଇଥିଲେ। ଦୀର୍ଘ ୩୫ ବର୍ଷ ପରେ ଦକ୍ଷିଣ ଆମେରିକୀୟ ଦେଶ ପକ୍ଷରୁ ସେ ଅଲିମ୍ପିକ୍ସରେ ପଦାର୍ପଣ କରିବାକୁ ଯାଉଛନ୍ତି। ଦୀର୍ଘ ବର୍ଷ ତଳୁ ଟିଟିରୁ ଅବସର ନେଇ ସାରିଥିବା ଝେଙ୍ଗ ଝିୟିଙ୍ଗ ଗତବର୍ଷ ଅନୁଷ୍ଠିତ ପାନ୍ ଆମେରିକାନ ଗେମ୍ସରେ ଏକ ବ୍ରୋଞ୍ଜ ପଦକ ଜିତି ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଥିଲେ। ବର୍ତ୍ତମାନ ଝେଙ୍ଗ ତାନିଆ ନାମରେ ଚିଲିର ପ୍ରତିନିଧିତ୍ୱ କରୁଛନ୍ତି। ଏହା ସହିତ ଝେଙ୍ଗ ବର୍ତ୍ତମାନ ବିଶ୍ୱ ମାନ୍ୟତାର ୧୫୧ତମ ସ୍ଥାନରେ ରହିଛନ୍ତି।

ଭାରତୀୟ ହକି ଦଳର ଅଧିନାୟକ ହରମନପ୍ରୀତ ସିଂ।

ନ୍ୟୁଜିଲାଣ୍ଡ ବିପକ୍ଷରୁ ଭାରତର ଅଭିଯାନ

ଅଲିମ୍ପିକ୍ସ ପୁରୁଷ ହକି

ପ୍ୟାରିସ, ୨୬।୭ (ପି.ଟି.)

ପ୍ୟାରିସ ଅଲିମ୍ପିକ୍ସରେ ଭାରତୀୟ ହକି ଦଳର ଅଭିଯାନ ଶନିବାର ଆରମ୍ଭ ହେବ। ଟୋକିଓ ଅଲିମ୍ପିକ୍ସ ବ୍ରୋଞ୍ଜ ମେଡାଲିଷ୍ଟ ଭାରତର ପ୍ରଥମ ପ୍ରତିଦ୍ୱନ୍ଦ୍ୱୀ ହେଉଛି ନ୍ୟୁଜିଲାଣ୍ଡ। 'ପୁଲ୍ ଅଫ୍ ଡେଥ୍'ରେ ସ୍ଥାନ ପାଇଥିଲେ ହେଁ ଭାରତୀୟ ପୁରୁଷ ଦଳ ଏଥର ପଦକ ରଙ୍ଗରେ ଉନ୍ନତି ସହ ସ୍ୱଦେଶ ଫେରିବା ଲକ୍ଷ୍ୟ ରଖିଛି। ତେଣୁ ବିଜୟ ସହ ଅଭିଯାନ ଆରମ୍ଭ କରିବା ଦଳର ଏକମାତ୍ର ଲକ୍ଷ୍ୟ। ଟୋକିଓରେ ଭାରତ ଦୀର୍ଘ ୪୧ ବର୍ଷର ପଦକ ଶୂନ୍ୟତାକୁ ପୂରଣ କରିଥିଲା।

ଅଲିମ୍ପିକ୍ସରେ ଭାରତ ରେକର୍ଡ ୮ ସ୍ୱର୍ଣ୍ଣ ପଦକ ହାସଲ କରିସାରିଛି। ପୂର୍ବ ଅଲିମ୍ପିକ୍ସରେ ବ୍ରୋଞ୍ଜ ଜିତିଥିବାରୁ ଏଥର ଦଳ ନିକଟରୁ ଆଶା ବଢ଼ିଛି। ତେବେ ଏଥର ଭାରତ ପାଇଁ ପଥ ଅତ୍ୟନ୍ତ କଷ୍ଟସାଧ୍ୟ। କାରଣ ପୁଲ୍ 'ବି'ରେ ଏଥର ଭାରତର ପ୍ରତିଦ୍ୱନ୍ଦ୍ୱୀ ହେଉଛନ୍ତି ଡିଫେଣ୍ଡିଂ ଚାମ୍ପିୟନ ବେଲ୍‌ଜିୟମ, ଶକ୍ତିଶାଳୀ ଅଷ୍ଟ୍ରେଲିଆ, ଆର୍ଜେଣ୍ଟିନା, ନ୍ୟୁଜିଲାଣ୍ଡ ଓ ଆୟର୍ଲାଣ୍ଡ। ପୁଲ୍ 'ଏ'ରେ ନେଦରଲାଣ୍ଡ, ଜର୍ମାନୀ, ଗ୍ରେଟ୍ ବ୍ରିଟେନ, ସ୍ପେନ, ଦକ୍ଷିଣ ଆଫ୍ରିକା ଓ ଆୟୋଜକ ଫ୍ରାନ୍ସ ସ୍ଥାନ ପାଇଛି। ପ୍ରତି ଗ୍ରୁପ୍‌ରୁ ୪ଟି ଲେଖାଏ ଦଳ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିବେ। ୨୭ରେ ନ୍ୟୁଜିଲାଣ୍ଡ ବିପକ୍ଷ ମ୍ୟାଚପରେ ଭାରତ ୨୯ରେ ଆର୍ଜେଣ୍ଟିନା ଓ ୩୦ରେ ଆୟର୍ଲାଣ୍ଡକୁ ଭେଟିବ। ଏହି ୩ଟି ମ୍ୟାଚ ଜିତିବା ସହ ଯଥାସମ୍ଭବ ଅଧିକ ପଏଣ୍ଟ ହାସଲ କରିବା ଭାରତର ଲକ୍ଷ୍ୟ ରହିବ। କାରଣ ଅଗଷ୍ଟ ୧ରେ ବେଲ୍‌ଜିୟମ ଏବଂ ୨ରେ ଅଷ୍ଟ୍ରେଲିଆ ସହିତ ଏହାର ମୁକାବିଲା ହେବ। 'ଓ୍ୱାଲ୍ ଅଫ୍ ଇଣ୍ଡିଆନ ହକି' ଗୋଲକିପର ପି.ଆର. ଶ୍ରୀଜେଶ ଏହି ଅଲିମ୍ପିକ୍ସ ପରେ ଅବସର ନେବେ ବୋଲି ଘୋଷଣା କରି ସାରିଛନ୍ତି। ତେଣୁ ସ୍ମରଣୀୟ ସ୍ମୃତି ସହ ହରମନପ୍ରୀତ ସିଂଙ୍କ ଦଳ ଶ୍ରୀଜେଶଙ୍କୁ ବିଦାୟ ଦେବାପାଇଁ ଭଲ ସୁଯୋଗ ରହିବ। ୧୬ ଜଣିଆ ଭାରତୀୟ ଦଳରେ ୧୧ ଜଣ ଅଲିମ୍ପିକ୍ ମେଡାଲିଷ୍ଟ ଅଛନ୍ତି। ଜରମନପ୍ରୀତ ସିଂ, ସୁଖଜିତ ସିଂ, ଅଭିଷେକ, ରାଜକୁମାର ପାଲ୍ ଓ ସଞ୍ଜୟ ଏଥର ଡେବ୍ୟୁ କରିବେ। କ୍ୟାରିୟରର ୪ର୍ଥ ଅଲିମ୍ପିକ୍ସ ଖେଳିବାକୁ ଯାଉଥିବା ଶ୍ରୀଜେଶ ଓ ମନପ୍ରୀତ ସିଂ ଗତ ଦେଢ଼ ଦଶନ୍ଧି ଧରି ଭାରତୀୟ ଦଳର ପିଲାର ସାଜି ଆସିଛନ୍ତି। ଏହି ଅଲିମ୍ପିକ୍ସ ମନପ୍ରୀତଙ୍କ ପାଇଁ ମଧ୍ୟ ଶେଷ ଗେମ୍ସ ହେବ ବୋଲି ଆଶା କରାଯାଉଛି। କାରଣ ଏହାପରେ ଭାରତୀୟ ଦଳର ପୁନର୍ଗଠନ ପ୍ରକ୍ରିୟା ଆରମ୍ଭ ହେବ।

ଏକଦା ୩ୟ ସ୍ଥାନରେ ଥିବା ଭାରତ ସମ୍ପ୍ରତି ଏଫ୍‌ଆଇଏଚ୍ ହକି ର୍ୟାଙ୍କିଙ୍ଗ୍‌ର ୭ମ ସ୍ଥାନକୁ ଖସିଛି। ତେବେ ଆଧୁନିକ ହକିରେ ର୍ୟାଙ୍କିଙ୍ଗ୍‌କୁ ନେଇ କୌଣସି ଦଳର ଶକ୍ତି କଳନା କରାଯାଉନାହିଁ। କାରଣ ଭୁବନେଶ୍ୱର ଏବଂ ରାଉରକେଲାରେ ଯୁଗ୍ମଭାବେ ଆୟୋଜନ ହୋଇଥିବା ୨୦୨୩ ବିଶ୍ୱକପରେ ଭାରତୀୟ ଦଳ ସମ୍ପ୍ରତି ୧୦ମ ସ୍ଥାନରେ ଥିବା ନ୍ୟୁଜିଲାଣ୍ଡଠାରୁ ହାରି ଯାଇଥିଲା। କ୍ରସ୍ ଓଭର ମ୍ୟାଚରେ ଶୁଟ୍‌ଆଉଟ ପରାଜୟ ଯୋଗୁ ଭାରତ ବିଶ୍ୱକପରେ ଟପ୍–୮ରେ ସ୍ଥାନ ପାଇପାରିନ ଥିଲା। ତେଣୁ ମୁଖ୍ୟ କୋଚ୍ କ୍ରେଗ୍ ଫୁଲଟନ ପ୍ରଥମ ୩ଟି ମ୍ୟାଚ୍‌ର ଗୁରୁତ୍ୱକୁ ଭଲଭାବେ ଉପଲବ୍ଧି କରିଛନ୍ତି। ''ଅଲିମ୍ପିକ୍ସରେ କୌଣସି ମ୍ୟାଚ ସହଜ ନୁହେଁ। ଆମେ ଏବେ ପ୍ରଥମ ଗେମ୍ ଉପରେ ଫୋକସ କରୁଛୁ। ବେଲ୍‌ଜିୟମ ଓ ଅଷ୍ଟ୍ରେଲିଆକୁ ଭେଟିବା ପୂର୍ବରୁ ମୋମେଣ୍ଟମରେ ରହିବା ଲକ୍ଷ୍ୟ ରଖିଛୁ'' ବୋଲି ଫୁଲଟନ କହିଛନ୍ତି।

କ୍ୟାରିୟରର ଶେଷ ଅନ୍ତର୍ଜାତୀୟ ଟୁର୍ନାମେଣ୍ଟ ଖେଳିବାକୁ ଯାଉଥିବାରୁ ଶ୍ରୀଜେଶ ଗୋଲପୋଷ୍ଟ ସମ୍ମୁଖରେ କୌଣସି ତ୍ରୁଟି କରିବାକୁ ଚାହୁଁନାହାନ୍ତି। ଶ୍ରେଷ୍ଠ ପ୍ରଦର୍ଶନ ସହ ଦଳକୁ ପୋଡିୟମ ଫିନିଶ୍ କରାଇବା ତାଙ୍କର ମୁଖ୍ୟ ଲକ୍ଷ୍ୟ। ରକ୍ଷଣଭାଗ ମୁଖ୍ୟତଃ ଅଧିନାୟକ ହରମନପ୍ରୀତ, ଓଡ଼ିଶାର ତାରକା ଖେଳାଳି ଅମିତ ରୋହିଦାସ, ସୁମିତ, ଜନମନପ୍ରୀତ ଓ ସଞ୍ଜୟଙ୍କ ଉପରେ ନିର୍ଭର କରିବ। ମନପ୍ରୀତ, ଉପଅଧିନାୟକ ହାର୍ଦ୍ଦିକ ସିଂ ଓ ବିବେକ ସାଗର ପ୍ରସାଦ ମିଡ୍‌ଫିଲ୍ଡ ଦାୟିତ୍ୱରେ ରହିବେ। ଲଳିତ ଉପାଧ୍ୟାୟ, ମନଦୀପ ସିଂ, ଗୁରଜାନ୍ତ ସିଂ, ଅଭିଷେକ ଓ ସୁଖଜିତଙ୍କ ଉପରେ ଗୋଲ ସ୍କୋରିଂ ଦାୟିତ୍ୱ ରହିବ। ହରମନପ୍ରୀତ ଏବେ ବିଶ୍ୱର ଶ୍ରେଷ୍ଠ ଡ୍ରାଗ୍‌ଫ୍ଲିକରଙ୍କ ମଧ୍ୟରୁ ଅନ୍ୟତମ।

୨୦୨୩ ଏସିଆନ ଗେମ୍ସ ବିଜୟ ସହ ଭାରତ ଡାଇରେକ୍ଟ ଅଲିମ୍ପିକ୍ସ ଟିକେଟ ପାଇଥିଲା। ଗତ ଫେବୃୟାରୀରେ ଭୁବନେଶ୍ୱର ଓ ରାଉରକେଲାରେ ଅନୁଷ୍ଠିତ ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ରେ ଦଳ ୨ ଥର ସ୍ପେନ୍‌କୁ ପରାସ୍ତ କରିଥିବାବେଳେ ନେଦରଲାଣ୍ଡ୍ସ ବିପକ୍ଷରେ ଥରେ ଲେଖାଏ ବିଜୟ ଓ ପରାଜୟ ସ୍ୱାଦ ଚାଖିଥିଲା। ତେବେ ଅଷ୍ଟ୍ରେଲିଆଠାରୁ ୨ଥର ହାରିଥିଲା ଏବଂ ଆୟର୍ଲାଣ୍ଡ ବିପକ୍ଷରେ ୨ ଥର ଜିତିଥିଲା। ଗତ ଏପ୍ରିଲରେ ଅଷ୍ଟ୍ରେଲିଆ ବିପକ୍ଷ ୫ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜରେ ଭାରତ ୦–୫ରେ ପରାଜିତ ହୋଇଥିଲା। ଏହାପରେ ଆର୍ଜେଣ୍ଟିନାରେ ଅନୁଷ୍ଠିତ ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ରେ ଆର୍ଜେଣ୍ଟିନାକୁ ୨ ଥର ହରାଇଥିବାବେଳେ ବେଲଜିୟମ, ଜର୍ମାନୀ ଓ ଗ୍ରେଟ୍ ବ୍ରିଟେନଠାରୁ ପରାଜୟ ବରଣ କରିଥିଲା।

ଏଥର ଅଲିମ୍ପିକ୍ସରେ ଭାରତୀୟ ଦଳ ନିକଟରୁ ଘରୋଇ ଦର୍ଶକଙ୍କ ଆଶା ଆକାଂକ୍ଷାକୁ ଅଧିନାୟକ ହରମନପ୍ରୀତ ଭଲଭାବେ ବୁଝିଛନ୍ତି। ''ଦୀର୍ଘଦିନ ପରେ ଭାରତୀୟ ହକି ଦଳ ପଦକ ହାସଲକାରୀ ଭାବେ ଅଲିମ୍ପିକ୍ସ ଖେଳିବାକୁ ଯାଉଛି। ତେଣୁ ଆମ ନିକଟରୁ ଦର୍ଶକଙ୍କର ଅଧିକ ଆଶା ରହିବା ସ୍ୱାଭାବିକ। ଆମେ ମଧ୍ୟ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ପ୍ରତିଶ୍ରୁତିବଦ୍ଧ'' ବୋଲି ହରମନପ୍ରୀତ ପ୍ରକାଶ କରିଛନ୍ତି।

ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶନିବାର, ଜୁଲାଇ ୨୭/୨୦୨୪ Bhubaneswar, Saturday, July 27/ 2024

ପ୍ୟାରିସ୍ ଅଲିମ୍ପିକ୍ସର ସର୍ଫିଙ୍ଗ୍ ପ୍ରତିଯୋଗିତା ପୂର୍ବରୁ ତାହିତିର ଟିହୁପୋଠାରେ ଶୁକ୍ରବାର ଅଭ୍ୟାସରତ ଫ୍ରାନ୍ସର କାଉଲି ଭାସ୍ତୁ।

ଉଦ୍‌ଘାଟନୀ ସମାରୋହ ପାଇଁ ଦର୍ଶକଙ୍କ ଉତ୍ସାହ।

ଉଦ୍‌ଘାଟନୀରେ ୭୮ ଭାରତୀୟ

ପ୍ୟାରିସ୍, ୨୬।୭(ପି.ଟି.)

ସିନ୍ ନଦୀରେ ଅନୁଷ୍ଠିତ ପ୍ୟାରିସ୍ ଅଲିମ୍ପିକ୍ସର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ୭୮ ଜଣ ଭାରତୀୟ ଖେଳାଳି ଅଂଶଗ୍ରହଣ କରିଛନ୍ତି। ଏହା ବ୍ୟତୀତ ୧୨ ଜଣ ଅଫିସିଆଲ ମଧ୍ୟ ଏହି ଉଦ୍‌ଘାଟନୀ ସମାରୋହର ଅଂଶ ହେବାକୁ ଯାଉଛନ୍ତି। ଅନେକ ଖେଳାଳିଙ୍କ ଶନିବାର ଇଭେଣ୍ଟ ରହିଥିବା ବେଳେ ଟ୍ରାକ୍ ଆଣ୍ଡ ଫିଲ୍ଡ ଓ ରେସ୍‌ଲିଂ ଦଳ ଏଯାଏ ପ୍ୟାରିସ୍‌ରେ ପହଞ୍ଚି ନାହାନ୍ତି। ଯେଉଁ ଆଥ୍‌ଲେଟମାନଙ୍କ ଇଭେଣ୍ଟ ରହିଛି ସେମାନଙ୍କୁ ଉଦ୍‌ଘାଟନୀ ଉତ୍ସବରେ ଯୋଗ ନ ଦେବାକୁ ଅନୁମତି ଦିଆଯାଇଥିବା କହିଛନ୍ତି, ଭାରତୀୟ ଅଲିମ୍ପିକ୍ସ ଆସୋସିଏଶନ (ଆଇଓଏ) ସଭାପତି ପି.ଟି. ଉଷା ଓ ଚିଫ୍ ଡି ମିଶନ ଗଗନ ନାରଙ୍ଗ। ସଟଲର ପି.ଭି. ସିନ୍ଧୁ ଓ ଭେଟେରାନ୍ ଟି.ଟି. ଖେଳାଳି ଅଚନ୍ତା ଶରଥ କମଲ ଭାରତୀୟ ପତାକା ବାହକ ରହିଥିବା ବେଳେ ଦୀପିକା କୁମାରୀ, ବକ୍ସର ଲଭଲିନା ବୋର୍ଗୋହେନ୍, ମନିକା ବାତ୍ରା ଓ ରୋହନ ବୋପାନ୍ନା ଏଥିରେ ଭାଗ ନେଇଥିଲେ। ଶନିବାର ରୋୟର ବଲରାଜ ପନୱରଙ୍କ ରେସ୍ ଥିବା କାରଣରୁ ସେ ଅଂଶଗ୍ରହଣ କରି ନ ଥିଲେ। ସେହିପରି ଶନିବାର ଭାରତୀୟ ହକି ଦଳର ପ୍ରଥମ ମ୍ୟାଚ୍ ରହିଥିବା ବେଳେ କେବଳ ୩ ଜଣ ରିଜର୍ଭ ଖେଳାଳି ଭାଗ ନେଇଥିଲେ। ପ୍ରଥମ ଥର ପାଇଁ କୌଣସି ଅଲିମ୍ପିକ୍ସର ଉଦ୍‌ଘାଟନୀ ଉତ୍ସବ ଏକ ନଦୀ ଉପରେ ଅନୁଷ୍ଠିତ ହେଉଛି। ଏଥିରେ ୬୫୦୦ରୁ ଅଧିକ ଆଥ୍‌ଲେଟ ୯୦ଟି ବୋଟରେ ଅଂଶଗ୍ରହଣ କରିଥିଲେ।

ନିଖତ, ଲଭ୍‌ଲିନାଙ୍କ ଉପରେ ନଜର

ପ୍ୟାରିସ, ୨୬।୭ (ପି.ଟି.)

ପ୍ୟାରିସ ଅଲିମ୍ପିକ୍ସ ବକ୍ସିଂରେ ଭାରତର ଅଭିଯାନ ଶନିବାରଠାରୁ ଆରମ୍ଭ ହେବାକୁ ଯାଉଛି। ତେଣୁ ବିଶ୍ୱ ଚାମ୍ପିୟନଶିପ୍ ମେଡାଲିଷ୍ଟ ନିଖତ ଜରିନ, ଲଭଲିନା ବୋର୍ଗୋହେନ ଓ ନିଶାନ୍ତ ଦେବଙ୍କ ଉପରେ ସମସ୍ତଙ୍କ ନଜର ରହିଛି। ଏଥର ବକ୍ସିଂରୁ ଭାରତ ପୂର୍ବାପେକ୍ଷା ଅଧିକ ସଫଳତା ପାଇବା ଆଶା ରଖିଛି। ବକ୍ସିଂରୁ ଭାରତ ଏପର୍ଯ୍ୟନ୍ତ ମୋଟ ୩ଟି ଅଲିମ୍ପିକ୍ ପଦକ ହାସଲ କରିଛି। ଏକମାତ୍ର ପୁରୁଷ ପ୍ରତିଯୋଗୀମାନେ ବିଜେନ୍ଦର ସିଂ ୨୦୦୮ ବେଜିରେ ଗେମ୍ସରେ ଏହି ସଫଳତା ପାଇଥିବାବେଳେ ମହିଳାଙ୍କ ମଧ୍ୟରେ ଏମ୍.ସି. ମେରୀ କମ୍ ୨୦୧୨ ଲଣ୍ଡନ ଏବଂ ବୋର୍ଗୋହେନ୍ ୨୦୨୧ ଟୋକିଓ ଅଲିମ୍ପିକ୍ସରେ ପଦକ ଜିତିବାକୁ ସକ୍ଷମ ହୋଇଛନ୍ତି। ପ୍ୟାରିସରେ ଲଢ଼ିବାକୁ ଯାଉଛନ୍ତି ୬ ବକ୍ସର କଡ଼ା ଚ୍ୟାଲେଞ୍ଜର ସମ୍ମୁଖୀନ ହେବାକୁ ଯାଉଥିଲେ ହେଁ ସେମାନଙ୍କଠାରୁ ଅଧିକ କିଛି ଆଶା ରହିଛି। ସବୁଠାରୁ ଆଗରେ ରହିଛନ୍ତି ନିଖତ ଜରିନ। ୨୮ ବର୍ଷୀୟା ଜରିନଙ୍କ ପାଇଁ ଅଲିମ୍ପିକ୍ସ ପଥ ଅତ୍ୟନ୍ତ କଷ୍ଟସାଧ୍ୟ। କାରଣ ୫୦ କେଜି ଲାଇଟ୍-ଫ୍ଲାଇୱେଟ ବର୍ଗରେ ୩ ଜଣ ପଦକ ଦାବିଦାର ଚାଇନାର ଉ ୟୁ, ଥାଇଲାଣ୍ଡର ଚୁଥାମଟ ରକ୍ସତ ଓ ଉଜ୍‌ବେକିସ୍ତାନର ସାବିନା ବୋବୋକୁଲୋଭା ସମାନ ଗ୍ରୁପ୍‌ରେ ନିଖତଙ୍କ ସହ ସ୍ଥାନ ପାଇଛନ୍ତି। ରବିବାର ଜରିନ ଜର୍ମାନର ମାକ୍ସିଂ କ୍ଲୋଜେରଙ୍କ ବିପକ୍ଷରୁ ଅଭିଯାନ ଆରମ୍ଭ କରିବେ। ଏହାପରେ ଟପ୍ ସିଡ୍ ଏସିଆନ ଗେମ୍ସ ତଥା ବର୍ତ୍ତମାନର ଫ୍ଲାଇୱେଟବିଶ୍ୱ ଚାମ୍ପିୟନ ଉ'ଙ୍କ ସହିତ ମୁକାବିଲା କରିବେ।

ଅମିତ ପଘାଲ ୧୫ କେଜି ବର୍ଗରେ ଭାରତର ପ୍ରଥମ ବକ୍ସରଭାବେ ଅଲିମ୍ପିକ୍ସ ଟିକେଟ ପାଇଥିଲେ। ଟୋକିଓ ଅଲିମ୍ପିକ୍ସର ପ୍ରଥମ ରାଉଣ୍ଡରୁ ପ୍ରଥମ ରାଉଣ୍ଡରୁ ବିଦାୟ ନେଇଥିବା ଅମିତ ଏଥର ପ୍ରଥମ ରାଉଣ୍ଡରେ ବାଇ ପାଇଛନ୍ତି। ଦ୍ୱିତୀୟ ରାଉଣ୍ଡରେ ସେ ଆଫ୍ରିକାନ୍ ଗେମ୍ସ ଚାମ୍ପିୟନ ଜାମିଆର ପ୍ୟାଟ୍ରିକ ଚିନେମ୍ବାଙ୍କୁ ଭେଟିବେ। ନିଶାନ୍ତ ହେଉଛନ୍ତି ଭାରତୀୟ ଦଳରେ ସ୍ଥାନ ପାଇଥିବା ପ୍ରତିଯୋଗୀଙ୍କ ମଧ୍ୟରୁ ଅନ୍ୟତମ ସ୍ଥିର ପ୍ରଦର୍ଶନକାରୀ। ସେ ପ୍ରଥମ ରାଉଣ୍ଡରେ ବାଇ ପାଇଥିବାବେଳେ ପ୍ରି-କ୍ୱାର୍ଟର ଫାଇନାଲରେ ଇକ୍ୱେଡରର ରୋଡ୍ରିଗ୍ୱେଜ ଟେନୋରିଓଙ୍କୁ ଭେଟିବେ।

ଗତ ଅଲିମ୍ପିକ୍ସରେ ବ୍ରୋଞ୍ଜ ପଦକ ବିଜୟିନୀ ବୋର୍ଗୋହେନ ୭୫ କେଜି ବର୍ଗରେ ଏଥର କଡ଼ା ଚ୍ୟାଲେଞ୍ଜର ସମ୍ମୁଖୀନ ହେବେ। ସେ ପ୍ରଥମ ରାଉଣ୍ଡରେ ନରୱେର ସୁନିଭା ହୋଫଷ୍ଟାଡ୍ ଏବଂ ସମ୍ଭାବ୍ୟ କ୍ୱାର୍ଟର ଫାଇନାଲରେ ଏସିଆନ ଗେମ୍ସ ଚାମ୍ପିୟନ ତଥା ୨ ଥର ବିଶ୍ୱ ଏବଂ ଅଲିମ୍ପିକ୍ ମେଡାଲିଷ୍ଟ ଚାଇନାର ଲି କ୍ୱାନ୍‌ଙ୍କୁ ଭେଟିବେ। ଏସିଆନ ଗେମ୍ସ ବ୍ରୋଞ୍ଜ ମେଡାଲିଷ୍ଟ ପ୍ରୀତି ଏଥର ଅଲିମ୍ପିକ୍ସରେ ଡେବ୍ୟୁ କରିବେ। ପ୍ରଥମ ରାଉଣ୍ଡରେ ସେ ଭିଏତନାମର ଭୋ ଥି କମ୍ ଆନ୍‌ଙ୍କୁ ଭେଟିବେ। ସେଥିରେ ବିଜୟୀ ହେଲେ ରାଉଣ୍ଡ ଅଫ୍ ୧୬ରେ ୱାର୍ଲ୍ଡ ସିଲଭର ମେଡାଲିଷ୍ଟ କଲମ୍ବିଆର ୟେନି ଆରିଆସଙ୍କ ଚ୍ୟାଲେଞ୍ଜ ସମ୍ଭାଳିବାକୁ ପଡ଼ିବ। ଅନ୍ୟତମ ପ୍ରଥମ ପଦାର୍ପଣକାରୀ ଜସମିନ ଲାମ୍ବୋରିଆ ମଧ୍ୟ କଷ୍ଟସାଧ୍ୟ ଡ୍ର'ରେ ରହିଛନ୍ତି। ପ୍ୟାରିସ ଗେମ୍ସର ବକ୍ସିଂ ଇଭେଣ୍ଟ ୨ଟି ଭେନ୍ୟୁରେ ହେବ। ପ୍ରାରମ୍ଭିକ ରାଉଣ୍ଡ ଗୁଡ଼ିକ ନର୍ଥ ପ୍ୟାରିସ ଆରେନାରେ ଏବଂ ସେମିଫାଇନାଲ ଓ ଫାଇନାଲ ଆଇକନିକ୍ ଷ୍ଟେଡ୍ ରୋଲାଣ୍ଡ-ଗାରୋସରେ ଅନୁଷ୍ଠିତ ହେବ।

ବାଂଲାଦେଶକୁ ହରାଇ ଫାଇନାଲରେ ଭାରତ

ଉଇକେଟ ନେବାପରେ ରେଣୁକା ସିଂ ଠାକୁରଙ୍କୁ ସାଥୀ ଖେଳାଳିଙ୍କ ବଧେଇ।

ଦାମ୍ବୁଲା, ୨୬।୭ (ପି.ଟି.)

ବାଂଲାଦେଶକୁ ୧୦ ଉଇକେଟରେ ପରାସ୍ତ କରି ଗତଥରର ଚାମ୍ପିୟନ ଭାରତ ଏଠାରେ ଚାଲିଥିବା ମହିଳା ଟି୨୦ କ୍ରିକେଟ ଏସିଆ କପ୍ ଟୁର୍ନାମେଣ୍ଟର ଫାଇନାଲରେ ପ୍ରବେଶ କରିଛି। ପ୍ରଥମେ ପେସ୍ ବୋଲର ରେଣୁକା ଠାକୁର ସିଂଙ୍କ ୩ ଉଇକେଟ ସଫଳତା ଏବଂ ପରେ ସ୍ମୃତି ମନ୍ଧାନାଙ୍କ ଦ୍ରୁତ ଅପରାଜିତ ଅର୍ଦ୍ଧଶତକ ସହାୟତାରେ ଭାରତ ଏହି ସହଜ ବିଜୟ ହାସଲ କରିପାରିଛି। ଭାରତ ରବିବାର ଫାଇନାଲରେ ପାକିସ୍ତାନ ଓ ଶ୍ରୀଲଙ୍କା ମଧ୍ୟରେ ଖେଳାଯାଉଥିବା ଦ୍ୱିତୀୟ ସେମିଫାଇନାଲର ବିଜେତାକୁ ଭେଟିବ। ଶୁକ୍ରବାର ଖେଳାଯାଇଥିବା ଏହି ମ୍ୟାଚରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ବାଂଲାଦେଶ ନିର୍ଦ୍ଧାରିତ ଓଭରରେ ୮ଉଇକେଟ ବିନିମୟରେ ୮୦ ରନ କରିଥିଲା। ଦଳ ତରଫରୁ ଟପ୍ ସ୍କୋରର ଅଧିନାୟିକା ତଥା ଉଇକେଟକିପର ନିଗାଲ ସୁଲତାନା ୩୨ ରନ (୫୧ବଲ, ୧ ଚୌକା) ଏବଂ ସୋମା ଅକତର ୧୯ରନ କରି ଅପରାଜିତ ରହିଥିବା ବେଳେ ଅନ୍ୟ କୌଣସି ବ୍ୟାଟର ଦୁଇଅଙ୍କ ସ୍ପର୍ଶ କରିପାରି ନ ଥିଲେ। ଭାରତ ତରଫରୁ ଟପ୍ ଅର୍ଡରରେ ରେଣୁକା (୩/୧୦) ଓ ମିଡଲ ଅର୍ଡରରେ ବାମହାତୀ ସ୍ପିନର ରାଧା ଯାଦବ (୩/୧୪) ବାଂଲାଦେଶର ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ। ଜବାବରେ ଭାରତ

ମହିଳା ଟି୨୦ ଏସିଆ କପ୍

୧୧ ଓଭରରେ ବିନା କୌଣସି ଉଇକେଟରେ ୮୩ ରନ କରି ମ୍ୟାଚ ଜିତି ନେଇଥିଲା। ଶେଫାଳି ବର୍ମା ୨୬ରନ (୨୮ବଲ୍, ୨ ଚୌକା) ଓ ମନ୍ଧାନା ୫୫ ରନ(୩୯ ବଲ୍, ୯ଚୌକା ଓ ୧ ଛକା) କରି ଅପରାଜିତ ରହିଥିଲେ। ରେଣୁକା ଠାକୁର ସିଂ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ।

ସଂକ୍ଷିପ୍ତ ସ୍କୋର

ବାଂଲାଦେଶ ମହିଳା ଦଳ:୨୦ ଓଭରରେ ୮୦/୮ (ନିଗାର ସୁଲତାନା-୩୨, ସୋମା ଅକତର-୧୯*; ରେଣୁକା ଠାକୁର ସିଂ (୩/୧୦), ରାଧା ଯାଦବ (୩/୧୪)। ଭାରତ ମହିଳା ଦଳ: ୧୧ଓଭରରେ ୮୩/୦ (ସ୍ମୃତି ମନ୍ଧାନା-୫୫*, ଶେଫାଳି ବର୍ମା-୨୬*)।

ପ୍ୟାରିସ ଅଲିମ୍ପିକ୍ସର ପ୍ରଥମ ଡୋପ୍ ମାମଲା

ପ୍ୟାରିସ, ୨୬।୭ (ଏପି)

ପ୍ୟାରିସ ଅଲିମ୍ପିକ୍ସରେ ପ୍ରଥମ ଡୋପ୍ ପଜିଟିଭ ମାମଲା ନଜରକୁ ଆସିଛି। ଇରାକର ଜଣେ ପୁରୁଷ ଜୁଡୋକା ଦୁଇଟି ଆନାବୋଲିକ ଷ୍ଟେରଏଡ୍ ପାଇଁ ଡୋପ୍ ଟେଷ୍ଟରେ ଧରାପଡ଼ିଥିବା ଇଣ୍ଟରନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି (ଆଇଟିଏ) ପ୍ରକାଶ କରିଛି। ୨୮ବର୍ଷୀୟ ସଜାଦ ସେହେନ ପ୍ରଥମ ଥର ଅଲିମ୍ପିକ୍ସରେ ଭାଗ ନେଇଥାନ୍ତେ। ଗୁରୁବାର ପ୍ୟାରିସରେ ତାଙ୍କଠାରୁ ସାମ୍ପଲ ସଂଗ୍ରହ କରାଯାଇଥିଲା। ସେଥିରେ ନିଷିଦ୍ଧ ଦ୍ରବ୍ୟ ମେଟାଣ୍ଡିନନ୍ ଓ ବୋଲ୍‌ଡେନନ ଠାବ କରାଯାଇଥିଲା। ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ସେହେନଙ୍କୁ ତୁରନ୍ତ ସସ୍‌ପେଣ୍ଡ କରାଯାଇଥିବା ଆଇଟିଏ କହିଛି। ଗେମ୍ସ ବେଳେ ଅନ୍ତର୍ଜାତୀୟ ଅଲିମ୍ପିକ କମିଟି ପାଇଁ ଆଣ୍ଟି ଡୋପିଙ୍ଗ କାର୍ଯ୍ୟକ୍ରମ ତଦାରଖ ଦାୟିତ୍ୱରେ ରହିଛି ଆଇଟିଏ। ଡୋପ୍ ଟେଷ୍ଟରେ ଧରାପଡ଼ିବା ଅର୍ଥ ଆଥଲେଟ ଜଣକ ଅଲିମ୍ପିକ ଗେମ୍ସ ବେଳେ ପ୍ରତିଯୋଗିତାରେ ଅଂଶଗ୍ରହଣ, ଟ୍ରେନିଂ, କୋଚିଂ କିମ୍ବା କୌଣସି କାର୍ଯ୍ୟକ୍ରମରେ ସାମିଲ ହୋଇପାରିବେ ନାହିଁ ବୋଲି ଏଜେନ୍ସି ପକ୍ଷରୁ ସୂଚାଇ ଦିଆଯାଇଛି। ସେହେନ ମଙ୍ଗଳବାର ଆରମ୍ଭ ହେବାକୁଥିବା ପୁରୁଷ ୮୧କେଜି ଶ୍ରେଣୀ ରାଉଣ୍ଡ ଅଫ୍ ୩୨ପ୍ରତିଯୋଗିତାରେ ଉଜବେକିସ୍ତାନ ପ୍ରତିଦ୍ୱନ୍ଦ୍ୱୀ ସହିତ ମୁକାବିଲା କରିଥାନ୍ତେ।

ସାଇ ଅଶୋକ ସର୍ବକନିଷ୍ଠ ଭାରତୀୟ ରେଫରି ଜଜ୍

ନୂଆଦିଲ୍ଲୀ, ୨୬।୭ (ପି.ଟି.): ଭାରତର ପୂର୍ବତନ ଅନ୍ତର୍ଜାତୀୟ ବକ୍ସର କଲୋନେଲ କାବିଲାନ ସାଇ ଅଶୋକ ଶୁକ୍ରବାରଠାରୁ ଆରମ୍ଭ ହେବାକୁଥିବା ପ୍ୟାରିସ ଅଲିମ୍ପିକ୍ସ ବକ୍ସିଂ ଇଭେଣ୍ଟ ଲାଗି ରେଫରି ଜଜ୍ ଭାବେ ନିଯୁକ୍ତି ପାଇଛନ୍ତି। ଏହି ନିଯୁକ୍ତି ପାଇବାରେ ସେ ଦେଶର ସର୍ବ କନିଷ୍ଠ। ଏହି ୩୨ ବର୍ଷୀୟ ମ୍ୟାଚ ପରିଚାଳନା ପାଇଁ ନିଯୁକ୍ତି ପାଇବାରେ ୧୯୦୪ ପରଠାରୁ ଚତୁର୍ଥ ଭାରତୀୟ ହେବାର ଗୌରବ ଅର୍ଜନ କରିଛନ୍ତି। ଏକ ବିଶ୍ୱ ଚାମ୍ପିୟନଶିପ୍ ଇଭେଣ୍ଟରେ ଉଭୟ ଖେଳାଳି ଏବଂ ଅଫିସିଆଲ ଭାବେ ପ୍ରତିନିଧିତ୍ୱ କରିବାରେ ସେ ଦେଶର ପ୍ରଥମ ବ୍ୟକ୍ତି। ସାଇ ଅଶୋକ ବର୍ତ୍ତମାନ ପୁଣେସ୍ଥିତ ଆର୍ମି ସ୍କୋର୍ଟ୍ସ ଇନଷ୍ଟିଚ୍ୟୁଟ୍‌ରେ ଜଣେ ବକ୍ସିଂ ପ୍ରଶାସକ ଭାବେ କାର୍ଯ୍ୟରତ। ୱାର୍ଲ୍ଡ ମିଲିଟାରୀ ବକ୍ସିଂ କାଉନ୍‌ସିଲର ସଭାପତି ହେବାରେ ସେ ପ୍ରଥମ ଭାରତୀୟ। ସେ ଆହୁରି ମଧ୍ୟ ଅତିଶୀଘ୍ର ଟୁ-ଷ୍ଟାରରୁ ଥ୍ରି-ଷ୍ଟାର ହାସଲ କରିବାରେ ଏକମାତ୍ର ଭାରତୀୟ ରେଫରି ଭାବେ ରେକର୍ଡର ଅଧିକାରୀ ହୋଇଛନ୍ତି। ଅଲିମ୍ପିକ୍ସରେ ୨୦୧୨ ଲଣ୍ଡନରେ ଶେଷ ଥର ପାଇଁ ଜଣେ ଭାରତୀୟ ମ୍ୟାଚ ପରିଚାଳନା କରିଥିଲେ।

ମାଉଣ୍ଟ ଏଲବ୍ରୁସ ଆରୋହଣ କରି ଶୁକ୍ରବାର ପ୍ରତ୍ୟାବର୍ତ୍ତନ କରିଥିବା ଓଡ଼ିଶା ପର୍ବତାରୋହୀ ଅନିତା ସ୍ୱାଇଁଙ୍କୁ ଭୁବନେଶ୍ୱର ବିମାନବନ୍ଦର ନିକଟରେ ସ୍ୱାଗତ ସମ୍ବର୍ଦ୍ଧନା।

ଭାରତ-ଶ୍ରୀଲଙ୍କା ଟି୨୦ ସିରିଜ ଆଜିଠାରୁ

ପାଲିକେଲ, ୨୬।୭ (ପି.ଟି.)

ଭାରତ ଓ ଘରୋଇ ଶ୍ରୀଲଙ୍କା ମଧ୍ୟରେ ସୀମିତ ଓଭର ସିରିଜ ଶନିବାରଠାରୁ ଆରମ୍ଭ ହେବ। ଭ୍ରମଣକାରୀ ଦଳ ନୂଆ କୋଚ୍ ଗୌତମ ଗମ୍ଭୀର ଓ ଅଧିନାୟକ ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱରେ ପ୍ରଥମେ ୩ ମ୍ୟାଚ ବିଶିଷ୍ଟ ଅନ୍ତର୍ଜାତୀୟ ଟି୨୦ ସିରିଜ ଖେଳିବ। ଗମ୍ଭୀର ହେଉଛନ୍ତି ଦୁଇଥର ବିଶ୍ୱକପ୍ ବିଜେତା। ବର୍ତ୍ତମାନ ସେ ଭାରତର ନୂଆ ମୁଖ୍ୟ କୋଚ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ବେଳେ ସୂର୍ଯ୍ୟକୁମାର ବର୍ତ୍ତମାନ ଟି୨୦ ଫର୍ମାଟରେ ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ବ୍ୟାଟର ଭାରେ ପରିଗଣିତ ହେଉଛନ୍ତି। ଗମ୍ଭୀର ଦୁଇଥର ଅଧିନାୟକ ଏବଂ ଥରେ ମେଣ୍ଟର ଭାବେ କୋଲକାତା ନାଇଟ ରାଇଡର୍ସ ସହ ୩ଥର ଆଇପିଏଲ୍ ଟାଇଟଲ ଜିତିପାରିଛନ୍ତି। ଲୋକପ୍ରିୟ ରାହୁଲ ଦ୍ରାଭିଡଙ୍କ ସ୍ଥାନରେ ସେ ନୂଆ ଦାୟିତ୍ୱ ଗ୍ରହଣ କରିଛନ୍ତି। ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ଏଡାଇ ଅଧିନାୟକ ଭାବେ ଅଭିଜ୍ଞତା ନ ଥିବା ସୂର୍ଯ୍ୟକୁମାରଙ୍କୁ ଯେତେବେଳେ ଅଧିନାୟକ ଭାବେ ମନୋନୀତ କରାଗଲା ସେତେବେଳେ ଏହାକୁ ନେଇ ଅନେକେ ଆଶ୍ଚର୍ଯ୍ୟ ପ୍ରକାଶ କରିଥିଲେ। ଭାରତ ଓ ଶ୍ରୀଲଙ୍କା ୨୦୨୬ରେ ପରବର୍ତ୍ତୀ ଟି୨୦ ବିଶ୍ୱକପ୍‌ର ଆୟୋଜକ ଅଛନ୍ତି। ଗତ ମାସରେ ଭାରତର ବିଶ୍ୱକପ୍ ସଫଳତା ପରେ ଅନ୍ତର୍ଜାତୀୟ ଟି୨୦ରୁ ରୋହିତ ଶର୍ମା, ବିରାଟ କୋହଲି ଓ ରବୀନ୍ଦ୍ର ଜାଡେଜାଙ୍କ ଇସ୍ତଫା ପରେ ଦଳର ପୁନର୍ଗଠନ ଲାଗି ଚୟନକର୍ତ୍ତାମାନଙ୍କୁ ଯଥେଷ୍ଟ ସମୟ ଦିଆଯାଇଛି। ଯୁବ ବ୍ୟାଟର ଶୁବମନ ଗିଲ୍‌ଙ୍କୁ ହ୍ୱାଇଟ୍ ବଲ ଫର୍ମାଟରେ ଉପ ଅଧିନାୟକ ଦାୟିତ୍ୱ ତୁଲାଇବାର ସୁଯୋଗ ମିଳିଛି। ସେହିପରି ଯଶସ୍ୱୀ ଜୟସ୍ୱାଲ, ରିଙ୍କୁ ସିଂ ଓ ରିୟାନ ପରାଗଙ୍କୁ ମଧ୍ୟ। ଜାଡେଜାଙ୍କ ସ୍ଥାନରେ ଅକ୍ଷର ପଟେଲ ଉପଯୁକ୍ତ ମନେହେଉଛନ୍ତି। ଭାରତର ଅଲରାଉଣ୍ଡର ଡିପାର୍ଟମେଣ୍ଟରେ ମଧ୍ୟ ପାଣ୍ଡ୍ୟା, ଶିବମ ଦୁବେ ଏବଂ ଫର୍ମରେ ଥିବା ୱାଶିଂଟନ ସୁନ୍ଦରଙ୍କ ଭଳି ଖେଳାଳି ରହିଛନ୍ତି। ଯଶପ୍ରୀତ ବୁମ୍‌ରାଙ୍କୁ ବିଶ୍ରାମ ଦିଆଯାଇଥିବା ବେଳେ ଦଳରେ ଅର୍ଶଦୀପ ସିଂ ଓ ମହମ୍ମଦ ସିରାଜ ଯୋଡ଼ିଙ୍କୁ ନିଆଯାଇଛି। ପାଲିକେଲ ଇଣ୍ଟରନ୍ୟାଶନାଲ ଷ୍ଟାଡିୟମର ପେସ୍ ଓ ବାଉନ୍ସ ପିଚ୍ ଉଭୟଙ୍କୁ ବେଶ୍ ସୁହାଇବ ବୋଲି ଆଶା କରାଯାଉଛି। ଅନ୍ୟପକ୍ଷରେ ୨୦୧୪ ଟି୨୦ ବିଶ୍ୱକପ୍ ବିଜେତା ଶ୍ରୀଲଙ୍କା ଦଳ ବର୍ତ୍ତମାନ ଏକ ଖରାପ ସମୟ ଦେଇ ଗତି କରୁଛି। ଗତ ସଂସ୍କରଣରେ ଦଳ ପ୍ରଥମ ରାଉଣ୍ଡରୁ ବିଦାୟ ନେଇଥିଲା। ଫଳତଃ ଅଧିନାୟକ ୱାନିନ୍ଦୁ ହସରଙ୍ଗା, କୋଚ୍ କ୍ରିସ ସିଲ୍‌ଭରଉଡ୍ ଏବଂ ପରାମର୍ଶଦାତା ମାହେଲା ଜୟବର୍ଦ୍ଧନେ ପ୍ରମୁଖଙ୍କୁ ସେମାନଙ୍କ ପଦବୀରୁ ଇସ୍ତଫା ଦେବାକୁ ହୋଇଛି। ଶ୍ରୀଲଙ୍କା ବର୍ତ୍ତମାନ ପାଇଁ ପୂର୍ବତନ ଅଧିନାୟକ ତଥା ବିସ୍ଫୋରକ ବ୍ୟାଟର ସନଥ ଜୟସୁରିୟାଙ୍କୁ କାମଚଳା କୋଚ ଭାବେ ନିଯୁକ୍ତି ଦେଇଛି।

ଟ୍ରଫି ସହ ଦୁଇ ଦଳର ଅଧିନାୟକ ଚରିଥ ଅସଲଙ୍କା ଓ ସୂର୍ଯ୍ୟକୁମାର ଯାଦବ।

ମ୍ୟାଚ ଆରମ୍ଭ: ସନ୍ଧ୍ୟା ୭ଟା, ପ୍ରସାରଣ- ସୋନି ସ୍ପୋର୍ଟ୍ସ ଟେନ୍

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ